ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମହାନଦୀ ଜଳ ବିବାଦ ସମାଧାନ ଉଦ୍ୟମ |୬



ମୁଖ୍ୟ କୋଚ୍ ପଦରୁ ରାହୁଲଙ୍କ ଇସ୍ତଫା |୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com
ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୧ Vol. 22 No-151 31 AUGUST 2025 SUNDAY, BHUBANESWAR ରବିବାର, ୩୧ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର



ଭୁବନେଶ୍ୱର,୩୦।୮(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ଶନିବାର ସାକ୍ଷାତ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଉଭୟଙ୍କ ମଧ୍ୟରେ ପ୍ରାୟ ଦେଢଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଉଭୟଙ୍କ ମଧ୍ୟରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା, ନୂତନ ଶିକ୍ଷାନୀତି ଓ ଶିକ୍ଷାରେ ସଂସ୍କାର ଆଦି ପ୍ରସଙ୍ଗ ସହ ଓଡ଼ିଶାରେ ଶିକ୍ଷା ଭିତ୍ତିଭୂମିର ଉନ୍ନତି ପାଇଁ ଆଗାମୀ ପଦକ୍ଷେପ ଉପରେ ଆଲୋଚନା ହୋଇଥିବା କୁହାଯାଉଛି। ବୈଠକ ପରେ ଉଭୟ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିଥିବା କୁହାଯାଉଛି। ବୈଠକରେ ବାଚସ୍ପତି ସୁରମା ପାଢୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହିଥିଲେ। ବୈଠକରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଆଲୋଚନା ହୋଇଥିବା ଚର୍ଚ୍ଚା ମଧ୍ୟ ଜୋର ଧରିଛି।

## ଟ୍ରମ୍ପଙ୍କୁ ଶକ୍ତ ଅଦାଲତି ଝଟ୍‌କା

# ଟାରିଫ୍ ବେଆଇନ୍





- **ଟାରିଫ ଲାଗୁ କ୍ଷମତା ରାଷ୍ଟ୍ରପତିଙ୍କର ନାହିଁ**
- **ଅକ୍ଟୋବର ୧୪ ସୁଦ୍ଧା ନିଷ୍ପତ୍ତି ନିର୍ଦ୍ଦେଶ**
- **ସୁପ୍ରିମକୋର୍ଟରେ ଅପିଲ କରିବୁ: ଟ୍ରମ୍ପ**

ନୂଆଦିଲ୍ଲୀ,୩୦।୮: ସାରା ବିଶ୍ୱରେ ଟାରିଫକୁ ନେଇ ହଇଚଇ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ଶକ୍ତ ଝଟ୍‌କା ଲାଗିଛି। ଆମେରିକାର ଅପିଲ୍ସ କୋର୍ଟ ଟ୍ରମ୍ପ ଲାଗୁ କରିଥିବା ଟାରିଫକୁ ବେଆଇନ ବୋଲି କହିଛନ୍ତି। ତେବେ ଅଦାଲତ ଟାରିଫ ଉପରେ ରୋକ ଲଗାଇ ନଥିଲେ ମଧ୍ୟ ଏ ନେଇ ନିଷ୍ପତ୍ତି ନେବାପାଇଁ ଟ୍ରମ୍ପଙ୍କୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ଟ୍ରମ୍ପ ଟାରିଫ ଉପରେ ନିଷ୍ପତ୍ତି ନେଇପାରିବେ ଓ ଏହି ଟାରିଫ ସେଯାଏ ବଳବତ୍ତର ରହିବ ବୋଲି ଅଦାଲତ କହିଛନ୍ତି। ଅଦାଲତ କହିଛନ୍ତି ଯେ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପକ୍ଷପାତପୂର୍ଣ୍ଣ। ଟ୍ରମ୍ପ ତାଙ୍କ ଜରୁରିକାଳୀନ କ୍ଷମତାର ଅପବ୍ୟବହାର କରିଛନ୍ତି। ନିଜ ଇଚ୍ଛା ଅନୁଯାୟୀ ବିଶ୍ୱର ପ୍ରତ୍ୟେକ ଦେଶ ଉପରେ ଶୁଳ୍କ ଲଗାଇବାର କୌଣସି ଆଇନଗତ ଅଧିକାର ଟ୍ରମ୍ପଙ୍କର ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପଙ୍କୁ ଶୁଳ୍କ ଲଗାଇବା ପାଇଁ ଅସୀମ କ୍ଷମତା ଦିଆଯାଇପାରିବ ନାହିଁ ବୋଲି କୋର୍ଟ ମଧ୍ୟ କହିଛନ୍ତି। ଆମେରିକା ଅର୍ଥନୀତିକୁ ଧ୍ୟାନରେ ରଖି ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ କୋର୍ଟ ତୁରନ୍ତ ରୋକ୍ ନ ଲଗାଇ ତାଙ୍କୁ ସମୟ ଦେଇଛନ୍ତି। ଏହା ଟ୍ରମ୍ପଙ୍କ ପାଇଁ ଏକ ବଡ଼ ଆଇନଗତ ଝଟ୍‌କା ବୋଲି କୁହାଯାଉଛି। ଯିଏ ଟାରିଫ ଆଳରେ ସାରା ବିଶ୍ୱକୁ ଧମକ ଦେଉଛନ୍ତି। ପୂର୍ବରୁ ନ୍ୟୁୟର୍କର ଫେଡେରାଲ ଟ୍ରେଡ୍ କୋର୍ଟ ମଧ୍ୟ ଅନୁରୂପ ପ୍ରତିକ୍ରିୟା ଦେଇଥିଲେ, ଯାହାକୁ ୟୁଏସ୍ କୋର୍ଟ ଅଫ୍ ଅପିଲ୍ସ ଫର ଫେଡେରାଲ ସର୍କିଟ ଦ୍ୱାରା ସମର୍ଥନ କରାଯାଇଛି। ଟ୍ରମ୍ପ ଏହି ରାୟ ଉପରେ ଚାଲେଞ୍ଜ ମଧ୍ୟ କରିପାରିବେ ବୋଲି ଅଦାଲତ କହିଛନ୍ତି। ତେବେ ଟ୍ରମ୍ପ କୋର୍ଟଙ୍କ ଏଭଳି ନିଷ୍ପତ୍ତିକୁ ପକ୍ଷପାତ ବୋଲି କହି ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, କୋର୍ଟଙ୍କ ଏହି ରାୟକୁ ସେ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିବେ। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଯଦି ଏହାକୁ ଏପରି ରହିବାକୁ ଦିଆଯାଏ ତେବେ ଏହି ନିଷ୍ପତ୍ତି ପ୍ରକୃତରେ ଯୁକ୍ତରାଷ୍ଟ୍ର ଆମେରିକାକୁ ଧ୍ୱଂସମୁଖୀ କରିବ। ହ୍ୱାଇଟ୍ ହାଉସ୍‌ର ଡେପୁଟି ପ୍ରେସ ସଚିବ କୁଶ ଦେଶାୟୀ ଏହି ଅସ୍ଥାୟୀ ସ୍ଥଗିତାଦେଶ ଉପରେ ମତଦେଇ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଲଗାଯାଇଥିବା ଟାରିଫ ଏପର୍ଯ୍ୟନ୍ତ ବଳବତ୍ତର ରହିବ, ଯାହାକି ସେ ସୁପ୍ରିମକୋର୍ଟରେ ବିଜୟଲାଭ କରିବେ। ଏହି ନିଷ୍ପତ୍ତି ସେହି ଟିକସ ଉପରେ ପ୍ରଯୁଜ୍ୟ, ଯାହା ଅନ୍ତର୍ଜାତୀୟ ଆର୍ଥିକ ଜରୁରିକାଳୀନ ଆଇନ ଅନୁଯାୟୀ ଲାଗୁ କରାଯାଇଥିଲା ଏବଂ ଏହା ସୁରକ୍ଷା ସମ୍ବନ୍ଧୀୟ ଟିକସ ଉପରେ ନୁହେଁ ବୋଲି କୁହାଯାଇଛି। ଯଦି ଭାରତ ଆମେରିକାର ସୁପ୍ରିମକୋର୍ଟରେ ଆଇନଗତ ଚାଲେଞ୍ଜରୁ ବର୍ତ୍ତିଯାଏ ତେବେ ଏହା ଉପରେ ଲାଗୁ ହୋଇଥିବା ୨୫ ପ୍ରତିଶତ ଶୁଳ୍କ ନିଶ୍ଚିତ ଭାବେ ହଟାଇ ଦିଆଯିବ। ତଥାପି ଏହା ସ୍ପଷ୍ଟ ନୁହେଁ ଯେ ରୁଷିଆରୁ ତେଲ କିଣିବା ଉପରେ ଲାଗୁ ହୋଇଥିବା ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ମଧ୍ୟ ଏହି ନିଷ୍ପତ୍ତିରେ ଅନ୍ତର୍ଭୁକ୍ତ କି ନାହିଁ, ତାହା ସ୍ପଷ୍ଟ ହୋଇପାରି ନାହିଁ । ସୂଚନାଯୋଗ୍ୟ ଯେ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ୫୦ ପ୍ରତିଶତ ଟାରିଫ ଲାଗୁ କରିବା ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ■ ଚୀନ୍‌ରେ ପହଞ୍ଚିଲେ ମୋଦୀ ■

# ତିଆନଜିନ୍‌ରେ ଭବ୍ୟ ସ୍ୱାଗତ



- **ଏସ୍‌ସିଓ ସମ୍ମିଳନୀରେ ଯୋଗଦେବେ**
- **ଜିନ୍‌ପିଙ୍ଗ୍‌ଙ୍କ ସହ ହେବ ଆଲୋଚନା**
- **ରୁଷ ରାଷ୍ଟ୍ରପତିଙ୍କୁ ମଧ୍ୟ ଭେଟିବେ**

ନୂଆଦିଲ୍ଲୀ,୩୦।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ତାଙ୍କର ଦୁଇଦିନିଆ ଜାପାନ ଗସ୍ତ ଶେଷ କରି ଟୋକିଓରୁ ଚୀନ୍‌ରେ ପହଞ୍ଚିଛନ୍ତି। ଚୀନ୍‌ର ତିଆନଜିନ ସହରରେ ପହଞ୍ଚିବା ପରେ ବିମାନ ବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିମାନ ବନ୍ଦରରେ ତାଙ୍କ ସ୍ୱାଗତ ପାଇଁ ରେଡ୍ କାର୍ପେଟ ବିଛା ଯାଇଥିଲା। ରବିବାର ମୋଦୀ ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଯୋଗ ଦେବେ । ଏହାପରେ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏଥିସହ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଦୀର୍ଘ ୭ ବର୍ଷ ପରେ ମୋଦୀ ଚୀନ୍‌ରେ ପହଞ୍ଚିଛନ୍ତି। ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀ ୩୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମିଳନୀ ଏପରି ଏକ ସମୟରେ ହେଉଛି, ଯେତେବେଳେ ଭାରତ ଓ ଆମେରିକା ମଧ୍ୟରେ ଟାରିଫକୁ ନେଇ ତିକ୍ତତା ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ରପ୍ତାନୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଭାରତ ରୁଷରୁ ତୈଳ କିଣୁଥିବାରୁ ଟ୍ରମ୍ପ ଏଥିରେ କ୍ଷୁବ୍ଧ ହୋଇ ଏହି ଶୁଳ୍କ ଲାଗୁ କରିଛନ୍ତି। ମୋଦୀ ରବିବାର ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ସହ ଆଲୋଚନା କରିବାକୁ ଥିବାବେଳେ ସେପ୍ଟେମ୍ବର ୧ ତାରିଖରେ ପୁତିନଙ୍କ ସହ ଆଲୋଚନା କରିବେ। ଏହି ଆଲୋଚନା ଉପରେ ସାରା ବିଶ୍ୱର ମଧ୍ୟ ନଜର ରହିଛି। କାରଣ ଭାରତ-ଚୀନ୍ ସଂପର୍କରେ ନୂଆ ସନ୍ତୁଳନ ଓ ଭାରତ-ରୁଷ ସହଯୋଗକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହେବ। ୨୦୨୦ ମସିହାରେ ଗଲୱାନ ଉପତ୍ୟକାରେ • ପୃଷ୍ଠା ୫ ଦେଖନ୍ତୁ





ପାରାଦୀପ(ଭାସ୍କର ନ୍ୟୁଜ): ବେଆଇନ ଭାବରେ ଚାଲିଥିବା ଗ୍ୟାସ ଦୋକାନରେ ଅଘଟଣ ଘଟି ଜଣେ ଗ୍ୟାସ ବ୍ୟବସାୟୀ ଗୁରୁତର ଭାବରେ ଜଳି ଯାଇଥିବା ବେଳେ ସ୍ଥାନୀୟ ବ୍ୟବସାୟୀମାନେ ତାଙ୍କୁ ଉଦ୍ଧାର କରି ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶୁ ଚିକିତ୍ସା ପରେ ଗୁରୁତର ଗ୍ୟାସ ବ୍ୟବସାୟୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାଇ ଆଜି ଅଠରବାଙ୍କୀ ବଜାରରେ ବେଆଇନ ଭାବରେ ଚୋରା ଗ୍ୟାସ ବ୍ୟବସାୟ କରୁଥିବା ମହାଦେବ ଗ୍ୟାସ ଏଣ୍ଡରେ ଗ୍ୟାସ ଲୋଡିଂ କରୁଥିବା ସମୟରେ ହଠାତ ଗ୍ୟାସ ଟାଙ୍କି ଫାଟିବା କାରଣରୁ ଗ୍ୟାସ ବ୍ୟବସାୟୀଙ୍କ ଦେହରେ ନିଆଁ ଲାଗିଯାଇଥିଲା । ଫଳରେ ଚିତ୍କାର କରି ବ୍ୟବସାୟୀ ଜଣକ ବାହାରକୁ ଦୌଡ଼ିଥିଲେ । ଘଟଣାକୁ ଦେଖି ଆଖପାଖ ବ୍ୟବସାୟୀମାନେ ତାଙ୍କୁ ଉଦ୍ଧାର କରି ଅଠରବାଙ୍କୀ ମେଡିକାଲ ନେଇଥିଲେ ମଧ୍ୟ ତାଙ୍କର ଅବସ୍ଥା ଗୁରୁତର ରହିଛି । ପାରାଦୀପର ବିଭିନ୍ନ ଅଞ୍ଚଳରେ ଅନେକ ଏହିଭଳି ଚୋରା ଗ୍ୟାସ ଦୋକାନ କରି ଖୋଲାଖୋଲି ବ୍ୟବସାୟ କରୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଯେଭଳି ଆଖି ବୁଜିଦେଇଛି । ଚୋରା ଗ୍ୟାସ ବ୍ୟବସାୟକୁ ନେଇ ଅନେକ ସମୟରେ ଅନେକ ଦୁର୍ଘଟଣା ନଜିର ରହିଥିବା ବେଳେ ଦୁର୍ଘଟଣାକୁ ନେଇ ଅଠରବାଙ୍କୀ ବଜାରର ବ୍ୟବସାୟୀମାନେ ଭୟଭୀତ ହୋଇପଡ଼ିଛନ୍ତି । ଗ୍ୟାସଟାଙ୍କି ଫାଟିବା କାରଣରୁ ଏକ ବଡ଼ ଧରଣର ଦୁର୍ଘଟଣାରୁ ଅଞ୍ଚଳ ବର୍ତ୍ତି ଯାଇଥିବା ବେଳେ ଅଠରବାଙ୍କୀ ସହିତ ପାରାଦୀପ ଅଞ୍ଚଳରେ ଚାଲୁଥିବା ସମସ୍ତ ଚୋରା ଗ୍ୟାସ ଦୋକାନକୁ ପ୍ରଶାସନ ତରଫରୁ ରୋକ ଲଗାଇବାକୁ ଅଠରବାଙ୍କୀ ବଣିକ ସଙ୍ଘର ବ୍ୟବସାୟୀ ମାନେ ଦାବି କରିଛନ୍ତି ।


"ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫" ଅବସରରେ ଯାଜପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ର ସମସ୍ତ ଜନସାଧାରଣ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଏହି ପରିଷଦକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ ।

-ନିବେଦନ-

୧. ଯାଜପୁର ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବା

୨. ଅଳିଆ ଓ ଆବର୍ଜନାକୁ ପୃଥକୀକରଣ କରି ମଇଳା ସଂଗ୍ରହିତ ଗାଡ଼ିରେ ଦିଅନ୍ତୁ ।

୩. ବ୍ୟବସାୟୀ ମାନେ Single use Plastic ର ବ୍ୟବହାର ବର୍ଜନ କରନ୍ତୁ ।

୪. ସର୍ବସାଧାରଣ ଭାବରେ ଗାଈ ଗୋରୁ ଓ ମଇଳା ପାଣି ଛାଡ଼ନ୍ତୁ ନାହିଁ ।

୫ ସହରର ପରିଷ୍କାର ଓ ପରିଚ୍ଛନ୍ନତା କୁ ଦୃଷ୍ଟିରେ ରଖି ନିୟମିତ User Fee ପୈଠ କରନ୍ତୁ ।

ଅଧ୍ୟକ୍ଷ
ଶ୍ରୀଯୁକ୍ତ ମିଠୁ ନାୟକ
ବିଜ୍ଞାପିତ ଅଞ୍ଚଳ ପରିଷଦ,ଯାଜପୁର

ଉପାଧ୍ୟକ୍ଷା
ଶ୍ରୀମତୀ ପ୍ରାପ୍ତଲୀ ସ୍ୱାଇଁ
ବିଜ୍ଞାପିତ ଅଞ୍ଚଳ ପରିଷଦ,ଯାଜପୁର



ନବରଙ୍ଗପୁର ପୌରପାଳିକା
ନବରଙ୍ଗପୁର

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ
ନିବେଦନ

"ଏକ ସ୍ୱଚ୍ଛ ଏବଂ ସୁସ୍ଥ ନବରଙ୍ଗପୁର ପୌରପାଳିକା ଗଢ଼ିବା ରେ ସହାୟକ ହୁଅନ୍ତୁ"
(ସ୍ୱଚ୍ଛ ସର୍ବେକ୍ଷଣ - ୨୦୨୫)

ଡ. ଅଶୋକ କୁମାର ଦାଶ (ଓ.ପ୍ର.ସେ)
ନିର୍ବାହୀ ଅଧିକାରୀ
ନବରଙ୍ଗପୁର ପୌରପାଳିକା

ଶ୍ରୀମତୀ ସୌମ୍ୟା ମହାପାତ୍ର
ଉପାଧ୍ୟକ୍ଷା
ନବରଙ୍ଗପୁର ପୌରପାଳିକା

ଶ୍ରୀ କୁନୁ ନାଇକ
ଅଧ୍ୟକ୍ଷ
ନବରଙ୍ଗପୁର ପୌରପାଳିକା



ବିଜ୍ଞାପିତ ଅଞ୍ଚଳ ପରିଷଦ, କୁନାଗଡ଼, କଳାହାଣ୍ଡି

ଶ୍ରୀ ପ୍ରମୋଦ କୁମାର ଷଡ଼ଙ୍ଗୀ (ଓ.ଏ.ଏସ.)
ନିର୍ବାହୀ ଅଧିକାରୀ

ପାରିଷଦ ବୃନ୍ଦ



ବିଜ୍ଞାପିତ ଅଞ୍ଚଳ ପରିଷଦ, କବିସୂର୍ଯ୍ୟନଗର

ଶ୍ରୀ ବିଶ୍ୱନାଥ ସୁବାରାଓ ସାହୁ
ଉପାଧ୍ୟକ୍ଷ


# ଚୌଦ୍ୱାରରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍ଘାଟିତ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ପୌରପାଳିକା ତରଫରୁ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର କଟକ-ବିଧାୟକ ସୌଭିକ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ୧ କୋଟି ୪୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୨ନମ୍ବର ଓ ୧୦ ନମ୍ବର ୱାର୍ଡ଼ରେ ୬ଟି ନୂତନ ଅଙ୍ଗନୱାଡ଼ି ଗୃହ ଏବଂ ୧୦ ଓ ୧୯ ନମ୍ବର ୱାର୍ଡ଼ରେ ୭ଟି ରାସ୍ତା ଓ ଡ୍ରେନ୍ର ଶୁଭ ଉଦ୍ଘାଟନ କରିଥିଲେ । ଏଥି ସହିତ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ପୌର କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର, ଝୋଟି ପ୍ରତିଯୋଗିତା ଏବଂ ମହିଳା ମାନଙ୍କର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର,ବିଧାୟକ ପ୍ରତିନିଧି ପ୍ରେମଚାନ୍ଦ ନାୟକ,ଟାଙ୍ଗୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଚନ୍ଦ୍ରିକା କୁମାରୀ ମହାପାତ୍ର, ସୁପରଭାଇଜର ଆରତୀ ମହାନ୍ତି, ପୌର ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ରଂଜନ ସାମଲ, ବିମଳ କୁମାର ବେହେରା, ସମସ୍ତ କାଉନସିଲର ଏବଂ ପୌର କର୍ମଚାରୀ ଏହି ସବୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।


ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସହର ବାସୀଙ୍କୁ ଶୁଭେଚ୍ଛା ସହ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଅଛୁ ।

୧) ବିକଶିତ ଓଡ଼ିଶା -୨୦୩୬ କୁ ସମ୍ପୂର୍ଣ୍ଣ କରିବା ପାଇଁ ଆମ ସହରକୁ ବିକଶିତ କରିବା

୨) ଆଗାମୀ ଗତ ସଫେଇ , ସୁରକ୍ଷିତ ସଫେଇ ଅଭିଯାନରେ ନିଜକୁ ସାମିଲ କରିବା ଓ କେବଳ ପରିଷଦର ପ୍ରଶିକ୍ଷିତ ସଫେଇ ମିତ୍ର ଙ୍କ ଦ୍ୱାରା ନିଜର ପାଇଖାନା ଟାଙ୍କି ସଫା କରିବା

୩) ସଫେଇ ମିତ୍ର କୁ ଯଥୋଚିତ ସମ୍ମାନ କରିବା

୪)ପ୍ରତ୍ୟେକ ବ୍ୟକ୍ତି ନିଜ ମା ଙ୍କ ନାମରେ ଗଛଟିଏ ଲଗାଇବା

୫) ପରିଷଦର କର ଠିକ ସମୟରେ ଦଖଲ କରି ଏକ ସୁ ନାଗରିକ ଭାବରେ ନିଜକୁ ପରିଚିତ କରାଇବା

ସ୍ୱଚ୍ଛତା ଆପଣାନ୍ତୁ ବେମାରିକୁ ହଟାନ୍ତୁ

ସୂର୍ଯ୍ୟ ନାରାୟଣ ନାୟକ
ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ କୋଦଳା ,

ରଞ୍ଜିତା ସେଠୀ
ଉପାଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ କୋଦଳା ,

କୃଷ୍ଣଚନ୍ଦ୍ର ରାଉ
କାର୍ଯ୍ୟନିର୍ବାହୀ ଅଧିକାରୀ
କୋଦଳା ,ବିଜ୍ଞାପିତ ଅଞ୍ଚଳ ପରିଷଦ

ଓ
ସମସ୍ତ ପାରିଷଦ ବୃନ୍ଦ



ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ନିଖିଳ ଭାରତ ସ୍ୱାୟତ୍ତଶାସନ ଦିବସ-୨୦୨୫ ପାଳନ ଅବସରରେ ଢେଙ୍କାନାଳ ପୌରପାଳିକା ତରଫରୁ
ଢେଙ୍କାନାଳ ସହରବାସୀଙ୍କୁ ନିବେଦନ
ତା.୩୧.୦୮.୨୦୨୫ (ରବିବାର)

"ଆସନ୍ତୁ, ଢେଙ୍କାନାଳ ସହରକୁ ପରିଷ୍କାର, ସ୍ୱଚ୍ଛ କରିବା ସହିତ ସ୍ୱଚ୍ଛ,
ସୁସ୍ଥ ଓ ସବୁଜ ସୁନ୍ଦର କରି ରଖି ଏକ ଦୃଷ୍ଟିକୋଣରେ ଆଗେଇ ନେବା"

ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା



ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ଼ ତରଫରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ
କୋଟପାଡ଼ ସହରବାସୀଙ୍କୁ ଶୁଭେଚ୍ଛା ଓ ଅନୁରୋଧ



ସର୍ବସାଧାରଣ ସୂଚନା

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠା



ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଜି.ଉଦୟଗିରି



ପବିତ୍ର ନିଖିଳ ଭାରତ "ସ୍ୱାୟତ୍ତ ଶାସନ ଦିବସ-୨୦୨୫" ଅବସରରେ ବ୍ୟାସନଗରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
ବ୍ୟାସନଗର ପୌର ପରିଷଦ, ବ୍ୟାସନଗର

ପୌରବାସୀଙ୍କୁ ନିବେଦନ-

୧. "ମୋ ଅଳିଆ ମୋ ଦାୟିତ୍ୱ" ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନ ପକାଇ ପୌର ପାଳିକାର ନିୟୋଜିତ ଗାଡ଼ିକୁ ହସ୍ତାନ୍ତର କରନ୍ତୁ ।

୨. ହୋଟେଲ୍ ଓ ବହୁତଳ ପ୍ରାସାଦ ଗୁଡ଼ିକ ନିଜର ଡ୍ରଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କଂପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ ।

୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡ଼ନ୍ତୁ ନାହିଁ ।

୪. ରାସ୍ତା କଡ଼ରେ ଘର ତିଆରି ଉପକରଣ ଯଥା-ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ କରନ୍ତୁ ନାହିଁ ।

୫. ପୌର ପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ ।

୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନ ମାନେ ସେମାନଙ୍କ ଟ୍ରେଡ୍ ଲାଇସେନ୍ସ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ ।

୭. ବାହ୍ୟଶୌଚରୁ ନିବୃତ୍ତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୮. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ ।

୯. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡ଼ାସୂତ୍ରରେ ସେସପୁଲ୍ ବ୍ୟବହାର କରନ୍ତୁ ।

୧୦. ଘରୋଇ ପାଇଖାନା ଗୁଡ଼ିକର ଆବର୍ଜନା ପାଣି ଡ୍ରେନକୁ ଛାଡ଼ନ୍ତୁ ନାହିଁ ।

ପ୍ରଦୀପ କୁମାର ପାଢ଼ୀ
ନିର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପରିଷଦ

ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ
ବ୍ୟାସନଗର ପୌର ପରିଷଦ

ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବଳ
ଅଧ୍ୟକ୍ଷ
ବ୍ୟାସନଗର ପୌର ପରିଷଦ



ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡ଼ା



ପୌରପରିଷଦ କାର୍ଯ୍ୟାଳୟ, ଗଡ଼ଚଉଡ଼ପୁର



ଭବାନୀପାଟଣା ପୌର ପରିଷଦ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ- ୨୦୨୫ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀଣ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି । ଆସନ୍ତୁ, ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ,ସୁନ୍ଦର,ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା ।

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢ଼ୀ
ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ
ନଗରପାଳ

ତଥା

ସମସ୍ତ ପାରିଷଦ ବୃନ୍ଦ , ଭବାନୀପାଟଣା ପୌରପାଳିକା ।



ପାରାଦ୍ୱୀପ ପୌର ପରିଷଦ , ପାରାଦ୍ୱୀପ

ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ପାରାଦ୍ୱୀପର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ପାରାଦ୍ୱୀପ ସହରର ସ୍ୱଚ୍ଛତା ଓ ସବୁଜିମା ଓ ବିକାଶ ପାଇଁ ଆମର ସଂକଳ୍ପ :-

୧. ଏକକ ବ୍ୟବହୃତ ପଲିଥିନ ଜିନିଷ, ଚିକିଷା ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ।

୨. ମା ପାଇଁ ଗଛଟିଏ ଲଗାନ୍ତୁ ଓ ଯତ୍ନ ନିଅନ୍ତୁ ।

୩. ସ୍ୱଚ୍ଛ ପରିବେଶ ପାଇଁ ଘରର ଆବର୍ଜନା ଏଣେତେଣେ ନପକାଇ, ପୃଥକୀ କରଣ କରି ପୌର ପରିଷଦ ଦ୍ୱାରା ପରିଚାଳିତ ଗାଡ଼ି ରେ ସ୍ୱଚ୍ଛ କର୍ମୀଙ୍କୁ ପ୍ରଦାନ କରନ୍ତୁ ।

୪. ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ସାଇନ୍ ବୋର୍ଡ ଓଡ଼ିଆ ଭାଷାରେ ଲେଖିବା ବାଧ୍ୟତା ମୂଳକ ଅଟେ ।

୫. ରାସ୍ତା, ଡ୍ରେନ, ପାର୍କ, ଖେଳ ପଡ଼ିଆ ନିର୍ମାଣ ପାଇଁ ଜମିକୁ କାଗଜରେ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ବିକାଶରେ ସହଯୋଗ କରନ୍ତୁ ।

୬. ମ୍ୟୁନିସିପାଲିଟିର ଦେୟ ଯଥା- ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହ ଭଡ଼ା ଠିକ୍ ସମୟରେ ପଇଠ କରନ୍ତୁ ।

ସ୍ୱଚ୍ଛତା ରଖନ୍ତୁ - ରୋଗ ହଟାନ୍ତୁ ।

ନିବେଦକ
ପାରାଦ୍ୱୀପ ପୌର ପାଳିକା, ପାରାଦ୍ୱୀପ

ଓଡ଼ିଶା ଭାସ୍କର
ORISSA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ): ମୋକିମ ଫାଉଣ୍ଡେସନ ଆନୁକୂଲ୍ୟ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର କେଶରପୁର ସ୍ଥିତ ମହାମାୟା ୟୁପି ସ୍କୁଲ କଟକରେ ଡାକ୍ତର ନୟୀମାତାଜୀମଙ୍କ ପ୍ରତେକ୍ଷ୍ୟ ତତ୍ୱାବଧାନରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥାବାରବାଟୀ କଟକର ପୂର୍ବତନ ବିଧାୟକ ଇଂ ମହମଦ ମୋକିମଙ୍କ ଦ୍ୱାରା ଉଦଘାଟନରେ ଅନୁଷ୍ଠିତ ହୋଇଯାଇଛି । ଗିରିବାଳା ବେହେରା, ଅନିତାନାୟକ, ଜୟଶ୍ରୀ ସାହୁ, ସରୱାର ହସିବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିବିରରେ କେୟାର ହସ୍ପିଟାଲର ହୃଦୟରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ମହାପାତ୍ର,ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଆକାଶ, ହୃଦରୋଗ ବିଶେଷଜ୍ଞ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନୟୀମା ତାଜେନ କେଶରପୁର ଅଞ୍ଚଳର ଶତାଧିକ ରୋଗୀଙ୍କୁ ଚିକିତ୍ସା କରିବା ସହ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଇସିଜି, ବିଭିନ୍ନ ରକ୍ତ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା । ସତ୍ୟରଞ୍ଜନ କରଙ୍କ ସଂଯୋଜନା ଶିବିର ପରିଚାଳନା କରିଥିଲେ । ମହମଦ ହସିଉଲା, ପ୍ରିୟଙ୍କା ପାଢ଼ୀ, ଶକିଲ ଖାନ, ରୌପ୍ୟ ରଞ୍ଜନ ମହାପାତ୍ର, ମୋସିନ ଖାନ, ଓ୍ୱାଜୀଡ଼ ଖାନ, ରବୀନ୍ଦ୍ର ନାଥ ସାହୁ, ରାକେଶ ମହାରଣା, ସେକ ଆବିଦ ରୂପକ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶିବିରରେ କେୟାର ହସ୍ପିଟାଲର କର୍ମଚାରୀମାନେ ଉପସ୍ଥିତ ରହି ବିଭିନ୍ନ ପରୀକ୍ଷା କରିଥିଲେ ।



### ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

# ପ୍ରକୃତ ସମୃଦ୍ଧି ସଂଖ୍ୟା ଭିତ୍ତିଭୂମିରେ ମପାଯାଏ ନାହିଁ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଶର ପ୍ରକୃତ ସମୃଦ୍ଧି ସଂଖ୍ୟା କିମ୍ବା ଭିତିଭୂମିରେ ମପାଯାଏ ନାହିଁ ବରଂ ଏହାର ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦା ଏବଂ ସୁଯୋଗ ଦ୍ୱାରା ମପାଯାଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଚଳିତ ଅଗଷ୍ଟ ୩୦ ତାରିଖ ଦିନ ଲୋକସେବା ଭବନର କନଭେନସନ ହଲ ଠାରେ ଆୟୋଜିତ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ର ଅଧ୍ୟକ୍ଷ ମାନଙ୍କର ଜାତୀୟ ସମ୍ମିଳନୀର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ସଂସଦର ଅନୁସୂଚିତ ଜାତି ଓ ଜନଜାତି କମିଟିର ଅଧ୍ୟକ୍ଷ ଡ. ଫଗନ୍ ସିଂହ କୁଲସ୍ତେ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଶାର ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ ମୁକେଶ ମହାଲିଂଗ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସଂସଦ, ରାଜ୍ୟ ବିଧାନସଭା ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ନ୍ତଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତିକରଣରେ ସଂସଦୀୟ ଏବଂ ବିଧାନ ସଭା କମିଟିର ଭୂମିକା' ବିଷୟବସ୍ତୁ ଉପରେ ଉକ୍ତ ଜାତୀୟ ସମ୍ମିଳନୀ କେନ୍ଦ୍ରିତ ଥିଲା । ଏହି ସମାରୋହରେ ରାଜ୍ୟପାଳ ଡ କମ୍ଭମପାଟି ଉଦବୋଦନ ଦେଇ କହିଥିଲେ ଯେ, ଅନୁସୂଚିତ ଜାତି ଏବଂ ଜନଜାତି କେବଳ ଭାରତର ସାମାଜିକ ସଂରଚନାର ଅବିଚ୍ଛେଦ୍ୟ ଅଂଶ ନୁହନ୍ତି ବରଂ ଦେଶର ଇତିହାସ, ସଂସ୍କୃତି ଏବଂ ଐତିହ୍ୟର ରକ୍ଷକ ମଧ୍ୟ । ସେମାନଙ୍କର କଲ୍ୟାଣ କେବଳ ନୀତିର ପ୍ରଶ୍ନ ନୁହେଁ ଏହା ସମାନତା, ମର୍ଯ୍ୟାଦା ଏବଂ ଭାଇଚାରାର ସ୍ତମ୍ଭ ଉପରେ ପ୍ରତିଷ୍ଠିତ ଗଣତନ୍ତ୍ର ଭାବରେ ଆମର ପ୍ରଗତିର ମାପକାଠି ବୋଲି ରାଜ୍ୟପାଳ କହିଥିଲେ । ଏହି ସମାରୋହରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦବୋଧନ ଦେଇ ସମସ୍ତେ ନୂତନ ଉତ୍ସାହ ଓ ଶକ୍ତି ସହିତ ସମାଜ ମଙ୍ଗଳ ପାଇଁ ପ୍ରତିବଦ୍ଧ ହେବ । ସହିତ ଅବହେଳିତ ବର୍ଗଙ୍କ ପାଇଁ କାମ କରିବାକୁ ଆହ୍ୱାନ ଜଣାଇଥିଲେ । ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଦକରଙ୍କ ଦର୍ଶନକୁ ଆଧାରକରି ଦେଶ ପାଇଁ ରୋଡମ୍ୟାପ ପ୍ରସ୍ତୁତି କରିବାରେ ଉକ୍ତ ଜାତୀୟ ସମ୍ମିଳନୀ ପ୍ରେରଣା ଯୋଗାଇବ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଥିଲେ । ରାଜ୍ୟସଭା ଉପାଧ୍ୟକ୍ଷ ହରି ବଂଶ ନାରାୟଣ ସିଂହ ନିଜ ଉଦବୋଧନରେ କହିଥିଲେ ଯେ କେବଳ କାଗଜରେ ନୀତି ନପରଖି ବାସ୍ତବ କ୍ଷେତ୍ରରେ ଯୋଜନା ତୃଣମୂଳ ସ୍ତରରେ ସଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ସମାଜ ଓ ଦେଶର ମଙ୍ଗଳ ହେବ । ଏତଦ୍ ବ୍ୟତୀତ ସେବା ଲୋକଙ୍କ ପାଖକୁ ସରଳ ଭାବେ ପହଞ୍ଚାଇବା ପାଇଁ ପ୍ରଯୁକ୍ତି ବିଦ୍ୟା ଏବଂ ସୁଶାସନର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ । ସଂସଦର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଡ଼. ଫଗନ ସିଂହ କୁଲସ୍ତେ ନିଜ ବକ୍ତବ୍ୟରେ ଏହି ସମ୍ମିଳନୀ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ଭାବେ ଉପଯୋଗି ହେବ ଏବଂ ଏ ଦିଗରେ ସମସ୍ତଙ୍କର ସହଯୋଗ ଓ ସହଭାଗିତା କାମନା କରିଥିଲେ । ଓଡ଼ିଶା ବିଧାନ ସଭାର ବାଚସ୍ପତି ସୁରମା ପାଢ଼ୀ ଏପରି ଜାତୀୟ ସ୍ତରୀୟ ସମ୍ମିଳନୀର ଆୟୋଜନ କରିବା ପାଇଁ ଓଡ଼ିଶାକୁ ସୁଯୋଗ ଦେଇଥିବାରୁ ଲୋକସଭା ବାଚସ୍ପତିଙ୍କୁ କୃତଜ୍ଞତା ଜଣାଇଥିଲେ ଏବଂ ବିଭିନ୍ନ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରତିନିଧିମାନେ ଓଡ଼ିଶାର ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ପ୍ରାକୃତିକ ବୈଭବରେ ନିଜକୁ ସାମିଲ କରିଥିବାରୁ ସାଧୁବାଦ୍ ଜଣେଇଥିଲେ । ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ବକ୍ତବ୍ୟରେ ଅମୃତ କାଳରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ବିକାଶ ଜରୁରୀ ଅଟେ ବୋଲି କହିଥିଲେ । ୨୦୩୬ ଭିଜନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସମ୍ପନ୍ନ ହେବ । ଲକ୍ଷପତି ଦିଦି ଏବଂ ସୁଭଦ୍ରା ପରି ଯୋଜନାର ସଫଳତା ଉପରେ ମଧ୍ୟ ଆଲୋକପାତ କରିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିଜ ବକ୍ତବ୍ୟରେ ଓଡ଼ିଶାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଅବତାରଣା କରି ଅନୁସୂଚିତ ଜାତି ଓ ଜନଜାତି ପାଇଁ ଉପଲବ୍ଧ ବଜେଟର ଶତ ପ୍ରତିଶତ ବିନିଯୋଗ ପାଇଁ ବଦ୍ଧ ପରିକର ହେବା ପାଇଁ କହିଥିଲେ ।

### ଭୁବନେଶ୍ୱରରୁ ହେବ ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶର ରୋଡ଼ମ୍ୟାପ୍

# ସଂସଦୀୟ କମିଟି ଲୋକତନ୍ତ୍ରର ଅନ୍ୟତମ ସ୍ତମ୍ଭ: ଓମ ବିର୍ଲା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସଂସଦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ଦୁଇ ଦିନିଆ ଜାତୀୟ ସମ୍ମିଳନୀରେ ଯୋଗ ଦେବା ପାଇଁ ଲୋକସଭାର ବାଚସ୍ପତି ଓମ ବିର୍ଲା ଭୁବନେଶର ଗସ୍ତରେ ଆସିଥିବା ବେଳେ ଶନିବାର ସମ୍ମିଳନୀର ଉଦଯାପନୀ ଉତ୍ସବ ଶେଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସମ୍ବୋଧିତ କରି କହିଲେ ଯେ ଭୁବନେଶ୍ୱରରୁ ଅନୁସୂଚିତ ଜାତି ଅନୁସୂଚିତ ଜନଜାତିଙ୍କ ବିକାଶର ରୋଡ଼ମ୍ୟାପ ଆରମ୍ଭ ହେବ । ୨୫ ବର୍ଷ ପରେ ଏବଂ ଦିଲ୍ଲୀ ବାହାରେ ପ୍ରଥମ ଥର ପାଇଁ ଓଡିଶାରେ ଏହି ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଛି । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ସକାଶେ ଅନେକ ଯୋଜନା କରାଯାଇଛି ଏବଂ ସେଗୁଡିକର ସଠିକ ପ୍ରଣୟନ ହେଲେ ଏହି ବର୍ଗ ସମାଜରେ ଅନ୍ୟମାନଙ୍କ ଭଳି ଉନ୍ନତି କରିବା ସହ ତାଳମିଳାଇ ଆଗକୁ ଅଗ୍ରସର ହେଇପାରିବେ । ସଂସଦୀୟ କମିଟି ବଜେଟ ସମୀକ୍ଷା କରିବା ସହ ଶତପ୍ରତିଶତ ଖର୍ଚ୍ଚ ପାଇଁ ଚେଷ୍ଟିତ ହେବା ଜରୁରୀ ବୋଲି କହିଥିଲେ । ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନକୁ ଗ୍ରହଣ କଲେ ବଞ୍ଚିତ ବର୍ଗ ଉନ୍ନତିରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ଏହି କର୍ମଶାଳାରେ ରାଜ୍ୟ ଏବଂ କେନ୍ଦ୍ରର କମିଟି ଗୁଡିକ ଦ୍ୱାରା ବଞ୍ଚିତ ବର୍ଗ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ବାବଦରେ ଅଲୋଚନା ହୋଇଛି । ମିଳିଥିବା ମତାମତରୁ ସଂସଦୀୟ କମିଟି ଲୋକଙ୍କ ହିତରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସେସବୁକୁ କାର୍ଯ୍ୟକାରୀ କରାଯିବ ଏବଂ ସଂସଦୀୟ କମିଟି ଲୋକତନ୍ତ୍ରର ଅନ୍ୟତମ ସ୍ତମ୍ଭ ବୋଲି ଗଣମାଧ୍ୟମକୁ ଜଣାଇଥିଲେ । ଗଣମାଧ୍ୟମର ପ୍ରତିନିଧି ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶ୍ରୀ ବିର୍ଲା କହିଲେ ଯେ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ସମସ୍ୟା, ସୁବିଧା, ସୁରକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ପ୍ରଣୟନ ସହ ଏହାକୁ କିପରି ତ୍ୱରାନ୍ୱିତ କରା ଯାଇପାରିବ ସେ ଦିଗରେ ଗୁରୁତ୍ୱ ଦିଆଯିବ । ଏହି ସମ୍ମିଳନୀରୁ ମିଳିଥିବା ନିଷ୍କର୍ଷ କାର୍ଯ୍ୟକ୍ରମ ରୂପାୟନ ସହିତ ଅଭିଜ୍ଞତା, ସର୍ବୋତ୍କୃଷ୍ଟ ପ୍ରୟୋଗ ଓ ଭାବ ବିନିମୟ ପାଇଁ ମଞ୍ଚ ଯୋଗାଇଦେବ । ଏହି ଅବସରରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡ଼ ଫଗନ ସିଂ କୁଲସ୍ତେ କହିଥିଲେ ଯେ, ବଞ୍ଚିତ ବର୍ଗ ମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ କମିଟି ପ୍ରତିଶ୍ରୁତିବଦ୍ଧ । ସେ ସମସ୍ତଙ୍କୁ ଏକଜୁଟ ହୋଇ କାମ କରି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ପାଖରେ ସରକାରଙ୍କ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ । ସମ୍ମିଳନୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସାମାଜିକ-ଆର୍ଥିକ ସଶକ୍ତିକରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ସମ୍ମିଳନୀରେ ଗ୍ରହଣ କରାଯାଇଥିବା ପ୍ରସ୍ତାବମାନ ସଂସଦ ଓ ରାଜ୍ୟ ବିଧାନସଭା ପାଇଁ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ, ଯାହା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ କଲ୍ୟାଣକାରୀ ପଦକ୍ଷେପକୁ ଆହୁରି ତ୍ୱରାନ୍ୱିତ କରିପାରିବ । ଏହି ସାମ୍ବାଦିକ ସମ୍ମିଳନୀ ପ୍ରାରମ୍ଭରେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ସ୍ୱାଗତ ସୂଚନା ଦେଇଥିବା ବେଳେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଷୀଙ୍କ କଷ୍ଟ ବୁଝିବାରେ କେନ୍ଦ୍ର ଓ ରାଜ୍ୟ ବିଫଳ: ଭକ୍ତ ଦାସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ସାର ଅଭାବ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ବର୍ଷିଛନ୍ତି ପିସିସି ସଭାପତି ଭକ୍ତ ଦାସ । ସେ କହିଛନ୍ତି ସାର ଆଣିବା ଓ ପହଂଚାଇବାରେ କେନ୍ଦ୍ର ସରକାର ବଡ଼ ଘୋଟାଲା କରିଛନ୍ତି । ସେଥିପାଇଁ ରାଜ୍ୟରେ ଏବେ ସାରର ଅଭାବୀ ବିକ୍ରି ଦେଖାଯାଉଛି । କେନ୍ଦ୍ର ଏବଂ ରାଜ୍ୟ ସରକାର ଚାଷୀମାନଙ୍କ କଷ୍ଟ ବୁଝିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ସରକାର ଅଛି କି ନାହିଁ ଜଣାନାହିଁ କିନ୍ତୁ ସୁଶାସନ ଉତ୍ସବ ମନାଉଛନ୍ତି । ସାର କଳାବଜାରୀ ହେଉଛି । ତେଣୁ ଚାଷୀ ବାଧ ହୋଇ ବଡ଼ କମ୍ପାନୀରୁ କିଣିବେ । ସମ୍ପ୍ରତି ସାରା ରାଜ୍ୟରେ ୟୁରିଆ ସାରର ଘୋର ସଂକଟ ଦେଖା ଦେଇଥିବାରୁ ଚାଷୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ।

## ଯାତ୍ରୀଙ୍କ ସୁବିଧା ପାଇଁ ଟ୍ରେନ୍ ରହଣି ସ୍ଥାନ ଗୁଡିକର ପୁନଃସ୍ଥାପନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ବିଭିନ୍ନ ଷ୍ଟେସନରେ ଅନେକ ଗୁରୁତ୍ୱପୂର୍ଣ୍ଣ ମେଲ୍/ଏକ୍ସପ୍ରେସ୍ ଟ୍ରେନର ରହଣି ସ୍ଥଳ ପୁନଃସ୍ଥାପିତ ପାଇଁ ନିଷ୍ପତ୍ତି ନେଇଛି । ପ୍ରତ୍ୟାହାର କରାଯାଇଥିବା ରହଣିସ୍ଥଳ ଯାତ୍ରୀ ଓ ଜନପ୍ରତିନିଧିଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପୁନଃସ୍ଥାପିତ କରାଯାଉଛି ।

## ଇନ୍ସପେକ୍ଟର ଓ ଏସ୍‌ଆଇଙ୍କ କ୍ଷମତା ବଢ଼ାଇଲେ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଇନ୍ସପେକ୍ଟର ଓ ଏସଆଇଙ୍କ କ୍ଷମତା ବଢ଼ାଇଛନ୍ତି ରାଜ୍ୟ ସରକାର । ଏଣିକି ଇନ୍ସପେକ୍ଟର ଓ ଏସଆଇ ଏସସି ଏସଟି ମାମଲାର ତଦନ୍ତ କରିପାରିବେ । ତଦନ୍ତ ସହ ଗିରଫ ଓ ସ୍ୱତନ୍ତ୍ର ଅଦାଲତରେ ମାମଲା କରିପାରିବେ । ପୂର୍ବରୁ ଡିଏସପି ପାହ୍ୟାର ଅଧିକାରୀଙ୍କୁ ଏହି କ୍ଷମତା ମିଳିଥିଲା । ଏନେଇ ଗୃହ ବିଭାଗ ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଚ୍‌ଆରପିସି ଏଡିଜି ଜତିନ୍ଦ୍ର କୋୟଲ ଏଥିପାଇଁ ପ୍ରସ୍ତାବ ଦେଇଥିଲେ ।

**ନୟାପଲ୍ଲୀ ଦୁର୍ଗାପୂଜା ସମିତିର ୩୮ତମ ଦୁର୍ଗୋତ୍ସବ ପ୍ରସ୍ତୁତି**

# କୁଚୁପୁଡ଼ି ଡ୍ୟାନ୍ସ ଆର୍ଟ ଥିମ୍ ତୋରଣରେ ପୂଜା ପାଇବେ ମା'



**ଚାରିଆଡ଼େ ପାର୍ବଣର ମହକ । କାଶତଣ୍ଡୀର ସୁଶୋଭିତ ପରିବେଶ ମଧ୍ୟରେ ଓହ୍ଲାଇ ଆସିବେ ମା' । ଏଥିପାଇଁ ପ୍ରସ୍ତୁତି ପର୍ବ ଜୋରଦାର ଆରମ୍ଭ ହେଉଛି । ରାଜଧାନୀର ପ୍ରତ୍ୟେକ ପୂଜା ମଣ୍ଡପରେ ଏବେ ମା'ଙ୍କୁ ଆବାହନ ପାଇଁ ଚାଲିଛି ପ୍ରସ୍ତୁତି । ଚଳିତବର୍ଷ ନୟାପଲ୍ଲୀ ଦୁର୍ଗାପୂଜା ସମିତି ୩୮ ତମ ଦୁର୍ଗୋତ୍ସବ ପାଳୁଥିବା ବେଳେ ସାଉଥ୍‌ର କୁଚୁପୁଡ଼ି ଡ୍ୟାନ୍ସ ଆର୍ଟ ଥିମ୍ ତୋରଣ ହେବ ମୁଖ୍ୟ ଆକର୍ଷଣ ବୋଲି ଏକ ସାକ୍ଷାତ୍କାରରେ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ସମିତିର ପ୍ରତିଷ୍ଠାତା ସନାତନ ବେହେରା ।**

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଶାରଦୀୟ ଦୁର୍ଗୋତ୍ସବ ପାଇଁ ଏବେ ରାଜଧାନୀ ଚଳଚଞ୍ଚଳ ହୋଇପଡ଼ିଛି । ସବୁଠି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ନୟାପଲ୍ଲୀ ଦୁର୍ଗାପୂଜା ସମିତି ଏଥର ନିଆରା ଢଙ୍ଗରେ ଦୁର୍ଗୋତ୍ସବ ପାଳିବାକୁ ପ୍ରୟାସ ଆରମ୍ଭ କରିଛି । ଚଳିତବର୍ଷ ୩୮ ତମ ଦୁର୍ଗୋତ୍ସବ ପାଳନ ହେବାକୁ ଥିବାବେଳେ ଏଥର ସାଉଥ୍‌ର କୁଚୁପୁଡ଼ି ଡ୍ୟାନ୍ସ ଆର୍ଟ ଥିମ୍‌ରେ ହେଉଥିବା ତୋରଣ ଶ୍ରଦ୍ଧାଳୁଙ୍କୁ ବେଶ୍ ଆକୃଷ୍ଟ କରିବ । ଏହି ତୋରଣର ଉଚ୍ଚତା ୭୫ ଫୁଟ୍ ଥିବାବେଳେ ପ୍ରସ୍ଥ ୧୨୦ ଫୁଟ୍ ରହିଛି । ଏହି ତୋରଣକୁ କୋଲକାତାର ୨୨ଜଣ କାରିଗର ନିର୍ମାଣ କରିବାରେ ନିମଗ୍ନ ରହିଛନ୍ତି । ଏଠାରେ ଚଳିତବର୍ଷ ଆସନ୍ତା ୧୪ତାରିଖରୁ ପିଠରେ ଷୋହଳ ପୂଜା ଆରମ୍ଭ ହେବାକୁ ଥିବାବେଳେ ୨୮ତାରିଖରୁ ଷଷ୍ଠୀ ପୂଜାରେ ମା'ଙ୍କ ବିଲ୍ୱବରଣ, ସପ୍ତମୀରେ ଚକ୍ଷୁଦାନ, ଅଷ୍ଟମୀରେ ସନ୍ଧି ପୂଜା, ନବମୀରେ କୁମାରୀ ପୂଜା ଓ ଦଶମୀରେ ଅପରାଜିତା ପୂଜା ଓ ମା'ଙ୍କୁ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି ବୋଲି ସମିତିର ପ୍ରତିଷ୍ଠାତା ସନାତନ ବେହେରା ସୂଚନା ଦେଇଛନ୍ତି । ଶ୍ରୀ ବେହେରା ଆହୁରି ମଧ୍ୟ କହିଛନ୍ତି ଯେ, ମା'ଙ୍କ ମୃଣ୍ମୟୀର ଉଚ୍ଚତା ଏଥର ୧୬ଫୁଟ୍ କରାଯାଇଥିବା ବେଳେ ବିଭିନ୍ନ ପାର୍ଶ୍ୱ ଦେବାଦେବୀ ପୂଜା ପାଇବେ । ମା'ଙ୍କୁ ଆଭୁଷିତ କରିବା ପାଇଁ ୩୦ରୁ ୪୦କେଜି ରୂପା ଅଳଙ୍କାର ବ୍ୟବହାର କରାଯିବ । ଏଥିରେ ଆଖି ଝଲସା ରୂପା ମୁକୁଟ ସାଙ୍ଗକୁ ପାଉଁଜି, ବାହୁଟି, ଅଣ୍ଟାସୂତା ଆଦି ବ୍ୟବହାର କରାଯିବ । ଏଥିସହ ୨୨ଫୁଟ୍ ଉଚ୍ଚତାର ତାରକସୀ ତୋରଣ ଶ୍ରଦ୍ଧାଳୁଙ୍କୁ ବେଶ୍ ଆକୃଷ୍ଟ କରିବ ଚଳିତବର୍ଷ କୋଲକାତାର ମୃର୍ତ୍ତିକାଶିଳ୍ପୀ ଶକ୍ତି ଦାଦା ମା'ଙ୍କ ମୃଣ୍ମୟୀ ନିର୍ମାଣରେ ନିମଗ୍ନ ରହିଛନ୍ତି । ସେହିପରି ଚଳିତବର୍ଷ ଏଠାରେ ଆଖିଝଲସା ଆଲୋକମାଳାରେ ମଣ୍ଡପ ପରିସରକୁ ଝଲସାଯିବ । ଏଥର ୯ଟି ଏଲ୍‌ଇଡି ଗେଟ୍ ଲଗାଯିବାର ବ୍ୟବସ୍ଥା ହୋଇଥିବା ବେଳେ ଏଲ୍ ଲାଇଟ୍ ୭୦ଟି, ସିଙ୍ଗଲ୍ ଲାଇଟ୍ ୭୦ଟି ଖଞ୍ଜାଯିବ । ଏହି ଲାଇଟ୍‌ସଜା କାର୍ଯ୍ୟକୁ କୋଲକାତା ଚନ୍ଦନନଗରର ଜଣେ ଡେକୋରେଟର କାର୍ଯ୍ୟଭାର ହାତକୁ ନେଇଛନ୍ତି । ସେହିପରି ସୁରକ୍ଷା ଦିଗକୁ ଦୃଷ୍ଟିରେ ରଖି ଏଠାରେ ୭୦ଟି ସିସିଟିଭି ଖଞ୍ଜାଯିବା ସହ ସୁରକ୍ଷା ବ୍ୟବସ୍ଥା ପାଇଁ ୨୦୦ରୁ ୩୦୦ ଭଲ୍ୟୁଣ୍ଟର ନିୟୋଜିତ ହେବେ । ସେହିପରି ବିଏମ୍‌ସି ପକ୍ଷରୁ ଏକ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବା ସହ ଦମକଳ ବାହିନୀର ମଧ୍ୟ ଏକ କେନ୍ଦ୍ର ରହିବ । ଏହା ବ୍ୟତୀତ କମିଶନରେଟ୍ ପୋଲିସ ପାଇଁ ଏକ ୱାଚ୍ ଟାୱାର ନିର୍ମାଣ ହେବା ସହ ଶ୍ରଦ୍ଧାଳୁଙ୍କ ପାଇଁ ଶୌଚାଳୟର ମଧ୍ୟ ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ ବିନା ଆତସବାଜୀରେ ଏଠାରେ ରାବଣପୋଡ଼ି ଆୟୋଜିତ ହେବ । ୫୫ଫୁଟ୍ ଉଚ୍ଚତା ବିଶିଷ୍ଟ ରାବଣପୋଡ଼ି ଉତ୍ସବ ରାବଣପୋଡ଼ି ପଡ଼ିଆରେ ଆୟୋଜିତ ହେବ । ସେହିପରି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ନିମନ୍ତେ ମିନା ବଜାର ହେବାର ବ୍ୟବସ୍ଥା ହୋଇଛି । ଏହି ମିନାବଜାରରେ ୧୨୦ଟି ଦୋକାନ ରହିବ ବୋଲି ସ୍ଥିର ହୋଇଥିବା ବେଳେ ଏଥିରେ ମଧ୍ୟ ରାମଦୋଳି, ଚକ୍ରିଦୋଳି, ଡିସ୍କୋଡ୍ୟାନ୍ସ ଦୋଳି ଓ ପିଲାମାନଙ୍କ ମୋନରଞ୍ଜନ ପାଇଁ ବିଭିନ୍ନ ଦୋଳି ଉପଲବ୍ଧ ହେବ । ସେହିପରି ରାଜଧାନୀ ମନ୍ଦିର ସୁରକ୍ଷା ଭଷାଣୀ କମିଟି ପକ୍ଷରୁ ଜାକଜମକରେ ଭଷାଣ ଉତ୍ସବ ଆୟୋଜିତ ହେବ । ଏଥର ଏହି ଭଷାଣ ଉତ୍ସବରେ ୨୨ଟି ମେଢ଼ ସ୍ଥାନ ପାଇବାକୁ ଥିବାବେଳେ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖାଯାଇ ଡିଜେକୁ ବ୍ୟବହାର ନକରାଯାଇ ତେଲେଙ୍ଗା ବାଜା, ସିଙ୍ଗି ବାଜା, ଛଉ ନୃତ୍ୟ, ଘୋଡ଼ା ନାଚ, ବାଘବାଘୁଣୀ ନାଚ ଓ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟରେ ମା'ଙ୍କୁ ମେଲାଣି ଦିଆଯିବ । ଷଷ୍ଠୀ ଠାରୁ ଭଷାଣି ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୫ହଜାର ଲୋକଙ୍କୁ ପ୍ରସାଦ ବିତରଣ କରାଯିବ ବୋଲି ସୂଚନା ମିଳିଛି । ପ୍ରତିଷ୍ଠାତା ଶ୍ରୀ ବେହେରାଙ୍କ କହିବା ଅନୁଯାୟୀ, ୧୯୮୭ ମସିହାରେ ପ୍ରଥମେ ଆଇଡି ମାର୍କେଟ୍ ପ୍ରତିଷ୍ଠା ହେବା ପରେ ମା'ଙ୍କ ପୂଜା ସ୍ଥଳ ଅଞ୍ଚଳରେ ବହୁ ଅଘଟଣ ମାନ ଘଟୁଥିଲା । ସେବେଠାରୁ ମାତ୍ର ୯ଜଣ ସଦସ୍ୟ ମା'ଙ୍କ ପୂଜା କରିବା ପାଇଁ ମନ ବଳାଇ ୧୯୮୮ ମସିହାରେ ମା'ଙ୍କ ପୀଠ ସ୍ଥଳ ପୌରାଣିକ ଗୁମ୍ଫା ନିକଟରେ ଏହି ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ୩୫୦୦ ଟଙ୍କାରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୧୨ବର୍ଷ ପର୍ଯ୍ୟନ୍ତ ପୂଜା କରିବା ପାଇଁ ସଦସ୍ୟମାନେ ମନସ୍ଥ କରିଥିଲେ । ହେଲେ ହଠାତ୍ ୧୯୯୧ ମସିହାରେ ପୂଜା କାର୍ଯ୍ୟରେ ଏକ ଅଘଟଣ ଘଟିଥିଲା । ହଠାତ୍ ମା'ଙ୍କ ତୋରଣରେ ଅଗ୍ନିକାଣ୍ଡ ଘଟିଥିଲା । ସେହିପରି ୨୦ବର୍ଷ ପୂର୍ବେ ରାବଣପୋଡ଼ି ଆୟୋଜିତ ହେଉଥିବା ବେଳେ ଆତସବାଜୀ ଦ୍ୱାରା ହଠାତ୍ ଏକ ବିଦ୍ୟୁତ୍ ତାର ଛିଡ଼ି ପଡ଼ିଥିଲା । ହେଲେ ଅଳ୍ପକେ ସେଠାରେ ଉପସ୍ଥିତ ଥିବା ୧୫୦ରୁ ଊର୍ଦ୍ଧ୍ୱ ଲୋକ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ । ଏହା ଥିଲା ମା'ଙ୍କ ଅଲୌକିକ ଶକ୍ତି । ଭକ୍ତି ଏବଂ ନିଷ୍ଠାର ସହିତ ସେବେଠାରୁ ସମିତି ପୂଜା କରୁଛି ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି । ଚଳିତବର୍ଷ ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଏଠାରେ ମେଲୋଡ଼ି, ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥିରେ ବହୁ ବିଶିଷ୍ଟ କଣ୍ଠଶିଳ୍ପୀ ଯୋଗଦେଇ ନିଜର କଣ୍ଠଦାନ କରିବେ ବୋଲି ଶ୍ରୀ ବେହେରା ମଧ୍ୟ ସୂଚନା ଦେଇଛନ୍ତି ।



DSPL -243





**ସ୍ୱାୟତ୍ତ ଶାସନ ଦିବସ ଅବସରରେ**
**ନିମ୍ନ ଲିଖିତ ପ୍ରକଳ୍ପଗୁଡିକର**
**ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**
**୩୧ ଅଗଷ୍ଟ ୨୦୨୫**

**ପ୍ରକଳ୍ପ ଉଦ୍‌ଘାଟନ**

**୧୫୦ ଟନ୍ ସାମଗ୍ରୀ ପୁନରୁଦ୍ଧାର ସୁବିଧା (ଏମ୍.ଆର୍.ଏଫ୍),** ପଳାଶୁଣୀ
**୧୦ ଟନ୍ ପ୍ଲାଜ୍‌ମା ପାଇରୋଲିସିସ୍ ଫ୍ୟାସିଲିଟି,** ଗାଡ଼କଣ
**ହ୍ୱାଟ୍ସଆପ୍ ବଟ୍,** ବିଏମ୍‌ସି

- **ୱାର୍ଡ କାର୍ଯ୍ୟାଳୟ ଗୃହ** - ୱାର୍ଡ ନଂ ୧, ୱାର୍ଡ ନଂ ୬, ୱାର୍ଡ ନଂ ୧୨, ୱାର୍ଡ ନଂ ୧୮, ୱାର୍ଡ ନଂ ୨୫, ୱାର୍ଡ ନଂ ୨୭, ୱାର୍ଡ ନଂ ୩୦, ୱାର୍ଡ ନଂ ୪୧, ୱାର୍ଡ ନଂ ୪୯, ୱାର୍ଡ ନଂ ୫୦, ୱାର୍ଡ ନଂ ୫୧, ୱାର୍ଡ ନଂ ୫୪, ଏବଂ ୱାର୍ଡ ନଂ ୬୩
- **ଗ୍ୟାସ୍ ମଶାଣି** (ୱାର୍ଡ ନଂ - ୪୯ )
- **ପାର୍କ** , ଜଗମୋହନ ନଗର ଲେନ୍-୧ (ୱାର୍ଡ ନଂ - ୬୩ )
- **ମିଶନ ଶକ୍ତି ଗୃହ,** ତପୋବନ ବସ୍ତି (ଜାଗମରା, ୱାର୍ଡ ନଂ- ୬୩)
- **ମିନି ପାର୍କ,** ପ୍ଲଟ ନଂ-୫୨୮, କେ-୯ ବି, ପାତ୍ରପଡ଼ା (ୱାର୍ଡ ନଂ-୬୫)
- **ମିନି ପାର୍କ,** ଉଦୟଗିରି ବିହାର, ପାତ୍ରପଡ଼ା (ସିଦ୍ଧ ମହାବୀର ମନ୍ଦିର, ୱାର୍ଡ ନଂ- ୬୫)
- **କମ୍ୟୁନିଟି ସେଣ୍ଟର,** ଭିମଟାଙ୍ଗୀ, (ୱାର୍ଡ ନଂ- ୬୧)
- **୩ଟି ଦୁଇଟିକିଆ ପାଇଖାନା,** (ୱାର୍ଡ ନଂ- ୫୭)
- **ପରିଚୟ ଗୃହ ନିର୍ମାଣ,** ସାମନ୍ତରାପୁର (ୱାର୍ଡ ନଂ- ୫୯)
- **ପାର୍କ,** ଏନ୍.ଏ.ସି. କଲୋନୀ (ଆହାର କେନ୍ଦ୍ର ନିକଟ, ୱାର୍ଡ ନଂ- ୪୧)
- **ଆରସିସି ଡ୍ରେନ ସହ କଭର ସ୍ଲାବ,** ଜାତୀୟ ରାଜପଥ - ୧୬ ପ୍ରାଚୀ ବିହାରରୁ ପାଣ୍ଡରା ଅଠରନଳା ପର୍ଯ୍ୟନ୍ତ (ୱାର୍ଡ ନଂ- ୧୮ )

**ଭିତ୍ତିପ୍ରସ୍ତର ସ୍ଥାପନ**

**ଶ୍ମଶାନ ନିର୍ମାଣ,** ପଳାଶୁଣୀ, ୱାର୍ଡ ନଂ- ୫
**ୱାର୍ଡ ଅଫିସ,** ୱାର୍ଡ ନଂ- ୩

**ଶ୍ରୀ ଚଞ୍ଚଳ ରାଣା** ଭା.ପ୍ର.ସେ
ଆୟୁକ୍ତ, ବିଏମ୍‌ସି

**ଶ୍ରୀମତୀ ମଞ୍ଜୁଲତା କହଁର**
ଡେପୁଟି ମେୟର, ବିଏମ୍‌ସି

**ଶ୍ରୀମତୀ ସୁଲୋଚନା ଦାସ**
ମେୟର, ବିଏମ୍‌ସି

**ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ/ଅଧ୍ୟକ୍ଷା ଏବଂ କର୍ପୋରେଟର ବୃନ୍ଦ**

**ଭୁବନେଶ୍ୱର ମହାନଗର ନିଗମ**

OIPR 13002/13/0244/2526

ଓଡ଼ିଶା
ଭାସ୍କର
ଦୃଷ୍ଟିପାତ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ’ ସାଙ୍ଗେ କେହି ତ’ ଯିବେ ନାହିଁ ।

- ଖଗେଶ୍ୱର ସେଠ୍



# ରାଣୀ ଲିଜୁ ଓ ରେଶମପଥର କାହାଣୀ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

**ମୁଦ୍ରା କାହାଣୀ**

ଚୀନ୍ ଦେଶର ଜିଆନ୍ ପ୍ରଦେଶରୁ ରେଶମ ଯାଇ ୟୁରୋପରେ ବିକ୍ରି ହେଉଥିଲା। ରେଶମ ବସ୍ତ୍ର ସହିତ ସୁନା, ମୂଲ୍ୟବାନ ପଥର, ଚିନାମାଟିର ପାତ୍ର, ଚା’, ଭାରତର ମସଲା, ସୁନା ଏବଂ ମଧ୍ୟପ୍ରାଚ୍ୟର ଘୋଡ଼ା, ଗାଲିଚା ଏବଂ ମଦ ଇତ୍ୟାଦିର କାରବାର ଏହି ପଥ ଦେଇ ହେଉଥିଲା। ତଥାପି ଏହି ପଥର ନାମ ରେଶମ ପଥ ଥିଲା କାରଣ ପ୍ରାଚ୍ୟରୁ ଯାଉଥିବା ସବୁ ଜିନିଷ ଭିତରେ ଇଉରୋପ ବଜାରରେ ସବୁଠାରୁ ବେଶୀ ଆକର୍ଷଣୀୟ ଥିଲା ରେଶମ ବସ୍ତ୍ର। ଚୀନ୍‌ରୁ ଆରମ୍ଭ ହୋଇ ୬୪୦୦ କିଲୋମିଟର (୪୦୦୦ ମାଇଲ୍) ଦୀର୍ଘ ଏହି ରାସ୍ତା ଶ୍ରୀଲଙ୍କା, ଭାରତର ତକ୍ଷାଶୀଳା ଓ ପେଶୱାର, ଆଫଗାନିସ୍ତାନ, ମେସୋପଟାମିଆ (ଇରାକ), ବାବିଲନ୍, ସମରକନ୍ଦ, କନ୍‌ଷ୍ଟାଣ୍ଟିନୋପଲ୍ ଦେଇ ୟୁରୋପର ଭେନିସ୍ ସହର ପର୍ଯ୍ୟନ୍ତ ଲମ୍ବି ଥିଲା। ଉଜ୍‌ବେକିସ୍ତାନର ବୁଖାରା ସହର ରେଶମ ପଥରେ ଏକ ବଡ଼ ବ୍ୟାବସାୟିକ ପେଣ୍ଠସ୍ଥଳୀରେ ପରିଣତ ହେଲା। ଏହି ପଥ ପୃଥିବୀର ଦୀର୍ଘତମ ଏବଂ ସବୁଠୁ ବିପଦଶଙ୍କୁଳ ରାସ୍ତା ଥିଲା। ଏହା ଗୋଟିଏ ଲମ୍ବା ରାସ୍ତା ନୁହେଁ ବରଂ ଅନେକ ରାସ୍ତାର ସମାହାର ଥିଲା। ରେଶମ ପଥ କେବଳ ସ୍ଥଳ ଭାଗରେ ସୀମିତ ନ ଥିଲା। ଏତେ ଦୂରରେ ଅବସ୍ଥିତ ସବୁ ସ୍ଥାନକୁ ଗମନାଗମନର ସୁବିଧା ନ ଥିବାରୁ ସ୍ଥଳଭାଗ ଦେଇ ପହଞ୍ଚିବା ସମ୍ଭବ ନ ଥିଲା। ତେଣୁ ସାମୁଦ୍ରିକ ଯାତ୍ରା ମଧ୍ୟ ଏହି ପଥର ଅଂଶ ଥିଲା।

ଚୀନ୍ ଦାର୍ଶନିକ କନ୍‌ଫୁସିଅସ୍‌ଙ୍କ କଥା ଅନୁସାରେ ଥରେ ଚୀନ୍‌ର ରାଣୀ ଲିଜୁ ବଗିଚାରେ ବସି ଚା’ ପିଉଥିଲେ। ହଠାତ୍ ତାଙ୍କ କପ୍‌ରେ ଗୋଟିଏ ପୋକ ପଡ଼ିଗଲା। ପୋକକୁ ହାତରେ ବାହାର କରିବା ସମୟରେ ତାଙ୍କ ହାତରେ ଚିକ୍‌ଚିକ୍ ସୂତା ଲାଗିଯିବାର ଦେଖି ସେ ଟାଣିବାକୁ ଲାଗିଲେ, ସୂତା ଲମ୍ବିଲା। ରାଣୀ ସେ ପୋକରୁ ସୂତା ବାହାର କରି ପିନ୍ଧିଲେ। ସେ ସୂତାକୁ ସିଲ୍କ ବା ରେଶମ କୁହାଗଲା ଏବଂ ରାଣୀ ଲିଜୁ ରେଶମର ଦେବୀ ‘ସିଏନ୍-ସାନ୍’ ଭାବରେ ପରିଚିତ ହେଲେ। ପ୍ରାୟ ଦୁଇହଜାର ବର୍ଷ ଧରି ଚୀନ୍‌ବାସୀ ରେଶମ ଉତ୍ପାଦନର କୌଶଳ ଲୁଚେଇ ରଖିଥିଲେ କାରଣ ଏହା ଅତି ମୂଲ୍ୟବାନ ଥିବାରୁ ଲାଭ ପ୍ରଚୁର ହେଉଥିଲା। ଦୀର୍ଘବର୍ଷ ପରେ ହେଲେ ବି ରେଶମ ଉତ୍ପାଦନ ଚୀନ୍‌ରୁ କୋରିଆ, ଭାରତ, ଜାପାନ ଏବଂ ଆରବଦେଶମାନଙ୍କୁ ବ୍ୟାପିଲା।

ପ୍ରଥମେ ଚୀନ୍‌ରେ ଉତ୍ପାଦନ ହୋଇଥିବା ସୂକ୍ଷ୍ମ ଉଚ୍ଚକୋଟୀର ଚିକିଚିକିଆ ହାଲକା ଆକର୍ଷଣୀୟ ରେଶମର ଖବର ୟୁରୋପରେ ପହଞ୍ଚିଲା। ସେମାନେ ଏହାକୁ ବ୍ୟବହାର କରିବାକୁ ଆଗ୍ରହ ପ୍ରକାଶ କଲେ। ଐତିହାସିକଙ୍କ ମତରେ ରାଜ ପରିବାର ଓ ସମ୍ଭ୍ରାନ୍ତଶ୍ରେଣୀର ଲୋକ ରେଶମବସ୍ତ୍ର ବ୍ୟବହାର କରିବା ସହିତ ମୃତଶିଶୁ ଦେହରେ ଗୁଡ଼େଇ ପୋତୁଥିଲେ। ଚୀନ୍ ଛଡ଼ା ରେଶମର ଅବଶେଷ ମିଶରଦେଶରେ ମଧ୍ୟ ମିଳେ। ଏହା ଖ୍ରୀଷ୍ଟ ପୂର୍ବ ଏକହଜାର ବେଳର ବୋଲି ଜଣାଯାଏ। ଖ୍ରୀଷ୍ଟଜନ୍ମର ୩୬୩୦ ବର୍ଷ ପୂର୍ବ ଭଗ୍ନାବଶେଷରୁ ସିଲ୍କବସ୍ତ୍ରର ସନ୍ଧାନ ମିଳିଛି। କୁହାଯାଏ ରେଶମ ପହଞ୍ଚିବା ପରେ ରୋମରେ ଏହାର ଚାହିଦା ଏପରି ବଢ଼ିଲା ଯେ ଶେଷରେ ସମ୍ରାଟ ଟିବେରୀୟସ୍ ରେଶମବସ୍ତ୍ର କ୍ରୟ ଏବଂ ବ୍ୟବହାର ଉପରେ ପ୍ରତିବନ୍ଧ ଲଗାଇବାକୁ ବାଧ୍ୟ ହେଲେ କାରଣ ଦେଶର ସବୁ ସୁନା ସେ ବାବଦରେ ଖର୍ଚ୍ଚ ହୋଇ ଯାଉଥିଲା।

ରେଶମ ପଥର ଭୂମିକା କେବଳ ଦ୍ରବ୍ୟ କାରବାରରେ ସୀମିତ ନ ଥିଲା। ଏହାଦ୍ୱାରା ଅନେକ ସହର ଓ ନଗର ସ୍ଥାପିତ ହୋଇଥିଲା, ସଭ୍ୟତାର ଅଭ୍ୟୁଦୟ ହୋଇଥିଲା। ଏସିଆ, ଇଉରୋପ ଏବଂ ଆଫ୍ରିକା ମହାଦେଶର ଅତିଦୂର ଦୁର୍ଗମ ଜାଗାମାନଙ୍କୁ ଯୋଡ଼ି ପାରିଥିବା ଏ ରାସ୍ତା ଥିଲା ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଆଦାନପ୍ରଦାନ ହୋଇ ଚୀନ୍ ଓ ଭାରତରୁ ବୌଦ୍ଧ ଧର୍ମ ଇଉରୋପ ପହଞ୍ଚି ଥିଲା, ଇଉରୋପରୁ ଖ୍ରୀଷ୍ଟ ଧର୍ମ ଏବଂ ଆରବରୁ ଇସଲାମ ଧର୍ମ ପୃଥିବୀରେ ବ୍ୟାପି ଯାଇଥିଲା। ଭାଷା ଓ ଭାବର ଆଦାନପ୍ରଦାନ ସାରା ବିଶ୍ୱକୁ ବାନ୍ଧି ପାରିଥିଲା। ସମୟ ଅତିକ୍ରାନ୍ତ ହେବା ସହିତ ଯେଉଁ ନୂଆ ଉଦ୍ଭାବନ ବା ଆବିଷ୍କାର ହେଲା, ବୈଷୟିକ ଅଗ୍ରଗତି ହେଲା, ତାହା ସାରା ବିଶ୍ୱ ଜାଣିପାରିଲା। ଦେଶ ମାନଙ୍କର ଅର୍ଥନୀତି ସହିତ ରେଶମ ପଥ ସେମାନଙ୍କର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା। ଏହି ପଥର ସବୁଠୁ ବଡ଼ ଲାଭ ଇଉରୋପ ପାଇଥିଲା। ମଧ୍ୟପ୍ରାଚ୍ୟରୁ ଗନ୍ ପାଉଡର ଇଉରୋପରେ ପହଞ୍ଚି ଥିଲା। ତା’ ବଳରେ ପରବର୍ତ୍ତୀ କାଳରେ ଇଉରୋପ ସାରାବିଶ୍ୱରେ ନିଜର ଗୁରୁତ୍ୱ ବୃଦ୍ଧି କରି ଶାସନ କରିବାକୁ ସକ୍ଷମ ହୋଇଥିଲା। ଏହି ପଥରେ ଭାଷା ଓ ଭାବର ଆଦାନପ୍ରଦାନ ସମ୍ଭବ ହୋଇଥିଲା। ପ୍ରଥମ ଚାରିଟି ଯାକ ସଭ୍ୟତା ଗଢ଼ି ଉଠିଥିବା ଦେଶମାନଙ୍କ ମଧ୍ୟ ଦେଇ ଯାଉଥିବାରୁ ଏହା ଶିକ୍ଷାର ବିକାଶରେ ସାହାଯ୍ୟ କରିଥିଲା।

ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ପଥ ପୃଥିବୀର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପଥ ଥିଲା। ଚୀନ୍ ଏବଂ ମଧ୍ୟ ଏସିଆରେ ମଙ୍ଗୋଲ ଶାସନ ସମୟ ତ୍ରୟୋଦଶ ଶତାବ୍ଦୀରେ ଏହାର ଗୁରୁତ୍ୱ ଶିଖରରେ ପହଞ୍ଚି ଥିଲା। ମଙ୍ଗୋଲ୍ ବ୍ୟବସାୟୀଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ। ଏହା ପରେ ଏକାଧିକ କାରଣ ଯୋଗୁ ଏହି ପଥର ପତନ ଆରମ୍ଭ ହେଲା। ଚତୁର୍ଦ୍ଦଶ ଶତାବ୍ଦୀରେ ମାଙ୍ଗୋଲ ସାମ୍ରାଜ୍ୟର ପତନ ପରେ ତାହା ଛୋଟଛୋଟ ରାଜ୍ୟରେ ବିଭାଜିତ ହୋଇଗଲା ଯେଉଁମାନେ ସବୁବେଳେ ପରସ୍ପର ଭିତରେ ଅଶାନ୍ତି ଓ କନ୍ଦଳରେ ଲିପ୍ତ ରହିଲେ। ଏହାର ସୁଯୋଗ ନେଇ ଡାକୁମାନେ ବ୍ୟବସାୟୀମାନଙ୍କୁ ଆକ୍ରମଣ କରିବା ଫଳରେ ବ୍ୟବସାୟ ପ୍ରଭାବିତ ହୋଇ ଶେଷରେ ସୀମିତ ହୋଇ ଗଲା। ୟୁରୋପରେ କ୍ରୀତଦାସ ପ୍ରଥାର ପ୍ରଚଳନ ଫଳରେ କପାଚାଷର ପ୍ରସାର ଘଟିବା ସହିତ ରେଶମ ଉତ୍ପାଦନ ଆରମ୍ଭ ହେଲା। ବହୁ ପରିମାଣରେ ବସ୍ତ୍ର ତିଆରି ହେଲା। ସୂତାବସ୍ତ୍ର ଶୀଘ୍ର ଓ ସହଜରେ ତିଆରି ହେବା ସହିତ ରେଶମ ବସ୍ତ୍ର ତୁଳନାରେ ଶସ୍ତା ଏବଂ ମଜବୁତ ଥିଲା। ଏହା ଛଡା ପଞ୍ଚଦଶ ଶତାବ୍ଦୀରେ ଫ୍ରାନ୍ସରେ ରେଶମ କୀଟରୁ ଏକପ୍ରକାର ରୋଗ ସାରା ଇଉରୋପରେ ବ୍ୟାପିଗଲା। ତେଣୁ ରେଶମର ଚାହିଦା ବହୁ ମାତ୍ରାରେ କମିଲା।

ରେଶମ ପଥ ପତନର ଅନ୍ୟତମ କାରଣ ଅଟୋମାନ୍ ସାମ୍ରାଜ୍ୟର ଉତ୍ଥାନ। ପ୍ରାୟ ୧୨୯୦ ଖ୍ରୀଷ୍ଟାବ୍ଦରେ ଅଭ୍ୟୁଦୟ ସମୟରୁ ଅଟୋମାନ୍ ସାମ୍ରାଜ୍ୟ ବାଇଜାଣ୍ଟାଇନ୍ ସାମ୍ରାଜ୍ୟର ରାଜଧାନୀ କନ୍‌ଷ୍ଟାଣ୍ଟିନୋପଲ୍ ବା ଆଜିର ଇସ୍ତାନ୍‌ବୁଲ୍ ଜୟ କରିବାକୁ ଚାହୁଁଥିଲା। ଏହି ସହର ଇଉରୋପ ବ୍ୟବସାୟୀଙ୍କ ପାଇଁ ପ୍ରବେଶ ପଥ ଏବଂ ବାଣିଜ୍ୟର ମୁଖ୍ୟ କେନ୍ଦ୍ର ଥିଲା। ତୁର୍କୀ ସାମ୍ରାଜ୍ୟ ଅନେକ ଚେଷ୍ଟା ପରେ ଏହା ଉପରେ ବିଜୟ ଲାଭ କରି ନିଜ ସାମ୍ରାଜ୍ୟକୁ ଭୂମଧ୍ୟସାଗର ସହିତ ମଧ୍ୟ ପ୍ରାଚ୍ୟ ପର୍ଯ୍ୟନ୍ତ ବିସ୍ତାର କଲେ। ଶେଷରେ ୧୪୫୩ ମସିହାରେ ମହମ୍ମଦ ଦ୍ୱିତୀୟ କନ୍‌ଷ୍ଟାଣ୍ଟିନୋପଲ୍ ଅଧିକାର କଲେ। ତେଣୁ ରେଶମ ପଥର ଅର୍ଦ୍ଧେକ ଅଂଶ ଅଟୋମନ ସାମ୍ରାଜ୍ୟ ଅଧିକାରକୁ ଚାଲିଗଲା। ଐତିହାସକ ଜର୍ଜ ଅଟନ୍‌ଙ୍କ ମତରେ ଅଟୋମାନ୍ ଶାସକ ଉଭୟ ଇଉରୋପ ଓ ଏସିଆର ବାଣିଜ୍ୟ ଉପରେ ଆଧିପତ୍ୟ ବିସ୍ତାର ପାଇଁ କେବଳ ଏହି ପଥ ଦେଇ କାରବାର ହେଉଥିବା ସବୁ ଜିନିଷ ଉପରେ ଶୁଳ୍କ ବସେଇ ନ ଥିଲେ, ରେଶମ ପଥ ଉପରେ ମଧ୍ୟ ଶୁଳ୍କ ବସେଇଥିଲେ। ୟୁରୋପୀୟ ବେପାରୀଙ୍କ ଉପରେ ଶୁଳ୍କ ଅଧିକ ଥିବାରୁ ଏହି ପଥରେ ବ୍ୟବସାୟ କରି ସେମାନେ କ୍ଷତି ସହିଲେ। ଫଳରେ ସେମାନେ ବିକଳ୍ପ ରାସ୍ତାର ସନ୍ଧାନରେ ଲାଗିଲେ। ପର୍ତ୍ତୁଗାଲ୍ ଓ ସ୍ପେନ୍ ପରି ଦେଶ ସେମାନଙ୍କର ଉନ୍ନତ ନୌ ଜାହାଜ ଓ ସରକାରୀ ପୃଷ୍ଠପୋଷକତା ବଳରେ ପ୍ରାଚ୍ୟ ଦେଶ ବିଶେଷ କରି ଭାରତକୁ ନୂଆ ରାସ୍ତା ଖୋଜିବାରେ ଲାଗିଲେ। ୧୪୯୮ ମସିହାରେ ଭାସ୍କୋଡ଼ାଗାମାଙ୍କ ଭାରତ ଆବିଷ୍କାର ସହିତ ଏକ ଶସ୍ତା, ସହଜ ଏବଂ ସୁରକ୍ଷିତ ବାଣିଜ୍ୟ ପଥ ମିଳିଗଲା। କଲମ୍ବସ୍‌ଙ୍କ ଦ୍ୱାରା ଆମେରିକାର ଆବିଷ୍କାର ପରେ ଏକ ବଡ଼ ବଜାରର ଅଭ୍ୟୁଦୟ ଘଟିଲା। ଧୀରେଧୀରେ ରେଶମ ପଥ ବନ୍ଦ ହେବାକୁ ଲାଗିଲା।

ରେଶମ ପଥର ପତନର ପ୍ରଭାବ ସୁଦୂରପ୍ରସାରୀ ଥିଲା। ଏହାର ପତନ କେବଳ ଏସିଆ ଓ ଇଉରୋପ ଭିତରେ ବାଣିଜ୍ୟ କାରବାରକୁ ପ୍ରଭାବିତ କରି ନ ଥିଲା। ଏହା ବିଶ୍ୱର ରାଜନୈତିକ ପରିସ୍ଥିତିରେ ମଧ୍ୟ ପରିବର୍ତ୍ତନ ଆଣିଥିଲା। ୟୁରୋପୀୟ ଦେଶମାନେ ରାଜନୈତିକ ପୃଷ୍ଠପୋଷକତା ଏବଂ ନୂତନ ଜ୍ଞାନ କୌଶଳ ବ୍ୟବହାର କରି ପୃଥିବୀର ସବୁ ଅଂଶକୁ ଜଳପଥରେ ପହଞ୍ଚି ପାରିଲେ। ଏହାପରେ ଆସିଲା ଶିଳ୍ପ ବିପ୍ଳବ। ଫଳରେ ସେମାନେ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକା ମହାଦେଶର ପ୍ରାୟ ସବୁ ଦେଶରେ ଉପନିବେଶ ସ୍ଥାପନ କରି ପ୍ରଥମେ ବାଣିଜ୍ୟ ଏବଂ ପରେ ଦୀର୍ଘକାଳର ଶାସନ ସ୍ଥାପନ କରିବାରେ ସଫଳ ହୋଇଥିଲେ। ଅନ୍ୟ ପଟେ ବୁଖାରା, ସମରକନ୍ଦ ପରି ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର ପତନ ଅଭିମୁଖୀ ହେଲେ। ଏସିଆ ଓ ଇଉରୋପକୁ ଯୋଡୁଥିବା ମଧ୍ୟପ୍ରାଚ୍ୟ ଦେଶ ନିଜର ଗୁରୁତ୍ୱ ହରେଇଲେ। ସମୁଦ୍ର ରାସ୍ତା ଆବିଷ୍କାର ପରେ ଦୀର୍ଘ ଓ ବିପଦପୂର୍ଣ୍ଣ ରେଶମ ପଥ ବଦଳରେ ସମୁଦ୍ର ପଥରେ କାରବାର ଚାଲିଲା। ବ୍ୟବସାୟୀ ମାନେ ସମୁଦ୍ର ପଥକୁ ବ୍ୟବହାର କଲେ, ରେଶମ ପଥର ଗୁରୁତ୍ୱ ହ୍ରାସ ପାଇଲା। ରେଶମ ପଥ ଇତିହାସରେ ଗର୍ଭରେ ଲୀନ ହୋଇଗଲା।

# ମହାପ୍ରସାଦ ଓ ଗଙ୍ଗାଜଳ



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ
କଟକ, ମୋ: ୯୪୩୭୦୩୧୨୫୩

‘ପ୍ରସାଦ’ ସବୁ ଦେବଦେବୀଙ୍କର ମନ୍ଦିରରେ ବା ପୂଜା ପାର୍ବଣରେ ହୁଏ। ପ୍ରସାଦକୁ ଭୋଗ କୁହାଯାଏ। ଭୋଗ ନ ହେବା ପୂର୍ବରୁ ସେହି ଭୋଗ୍ୟ ଉପକରଣ ଗୁଡ଼ିକୁ ଅମଣିଆଁ କୁହାଯାଏ। ମହାପ୍ରସାଦ କେବଳ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରସାଦ ହିଁ ସେହି ନାମର ଅଧିକାରୀ। ତାର ପୁଣ୍ୟପ୍ରଦ ଯମ ବି ଏକ ମୋକ୍ଷର ଉଚ୍ଚାରଣ ତାହା ହିଁ ଦିବ୍ୟ ସତ୍ୟର ‘ଶପଥ’ ହଳପାର ବିଶେଷ ପ୍ରୟୋଗ କରାଯାଉଛି।

ଏତଦ୍ ସତ୍ୟମ, ଏତଦ୍ ସତ୍ୟମ, ଏତଦ୍ ସତ୍ୟମ। ଏପରି ତିନିଥର ଉଚ୍ଚାରଣ କାହାରି ନିର୍ବନ୍ଧକର୍ମରେ କନ୍ୟାପକ୍ଷ ବରପକ୍ଷ ଏହି ମହାପ୍ରସାଦକୁ ଧରି କହିଥାନ୍ତି। ବରଯାତ୍ରୀ ବର ସହିତ ଆସି କନ୍ୟାଙ୍କ ଘରେ ବା ଉଦ୍ଦିଷ୍ଟ କଲ୍ୟାଣ ମଣ୍ଡପରେ ପହଞ୍ଚିଲେ କନ୍ୟା ପକ୍ଷର ଲୋକେ ବରଯାତ୍ରୀ ସମସ୍ତ କୁଣିଆଙ୍କୁ ଏଇ ମହାପ୍ରସାଦ ପ୍ରଥମେ ଦେଇ ଅର୍ଚ୍ଚନା କରିଥାନ୍ତି। ଏପରି ମୂଲ୍ୟବାନ ଖାଦ୍ୟ ନାହିଁ ଯାହା ଚଣ୍ଡାଳ ବା ଭିନ୍ନ ଜାତକ ହାତରୁ ବ୍ରାହ୍ମଣ ବି ଗ୍ରହଣ କରନ୍ତି। ମହାପ୍ରସାଦ ଦିବ୍ୟ ଭୋଜନରେ ଆସେ। ଭୋଜନ ୧୬ ପ୍ରକାର ସବୁଠାରୁ ଶ୍ରେଷ୍ଠ ଭୋଜନରେ ହିଁ ଏହି ଦିବ୍ୟ ଭୋଜନ ମହାପ୍ରସାଦ। ରାଜ ପ୍ରାସାଦରେ ରାଜମହଲରେ ରାଜକୀୟ ଆହାର ଠାରୁ ଏହି ମହାପ୍ରସାଦ ବହୁ ଉଚ୍ଚରେ।

ଆହାର ପ୍ରସ୍ତୁତ ଓ ପ୍ରସାଦ ବି ଦୂର ସ୍ଥାନକୁ ତାହା ଗ୍ରାହ୍ୟ ହୋଇନପାରେ, ମାତ୍ର ଶ୍ରୀ ମହାପ୍ରସାଦ ଦୂର ଦେଶକୁ ବିଭିନ୍ନ ହାତ ହୋଇଗଲେ ବି ଗ୍ରାହ୍ୟ ହୋଇଥାଏ। ମହାପ୍ରସାଦ ଏପରି ଜିନିଷ ଯେବେ ଯୋଡ଼ା ଆଷାଢ଼ ପଡ଼େ ମହାପ୍ରଭୁଙ୍କ ନବକଳେବର ହୁଏ। ଦାରୁର ସନ୍ଧାନ, ଦାରୁଙ୍କୁ ନିୟମ ବିଧିରେ ସଂଗ୍ରହ ଓ ଶ୍ରୀକ୍ଷେତ୍ରକୁ ଶଗଡ଼ିରେ ଟାଣି ଟାଣି ବହୁ ହରିବୋଲ ହୁଳହୁଳି ବାଦ୍ୟନାଦ କୀର୍ତ୍ତନାଦି ମଧ୍ୟରେ ଶ୍ରୀମନ୍ଦିରକୁ ଅଣାଯାଇ ନୂତନ ବିଗ୍ରହ କରାଯାଇ ପୁରାତନ ବିଗ୍ରହରୁ ବ୍ରହ୍ମପରିବର୍ତ୍ତନ କରାଯାଇ ପରେ ସିଂହାସନରୂଢ଼ା କରାଯାଇ ପୁନଃ ନିତ୍ୟ ନୀତିକାମ ଧାରାରେ ରଖାଯାଏ। ପ୍ରଭୁଙ୍କର ମହାପ୍ରସାଦର ଲୀଳା ଏ ମଧ୍ୟରେ ଓଡ଼ିଶାରେ ପୁର ପଲ୍ଲୀରେ ସ୍ମୃତି ରଖିବାରେ ଏହି ସମୟରେ ଅଭଡ଼ା, ନିର୍ମାଲ୍ୟ ପଦରେ ଏକ ପୁଅପିଲା ବା ଝିଅ ପିଲା ଅନ୍ୟ ଏକ ପୁଅ ବା ଝିଅ ପିଲା ସହିତ ଏକ ସମ୍ବନ୍ଧରେ ବନ୍ଧାଯାଏ।

ରକ୍ତ ସମ୍ପର୍କ ପରି ସଇସଙ୍ଗାତ ସମ୍ବନ୍ଧ ଆମର ବନ୍ଧୁତ୍ୱରେ ଆତ୍ମବନ୍ଧୁ, ପିତୃବନ୍ଧୁ, ମାତୃବନ୍ଧୁ ଜ୍ଞାତି କୁଟୁମ୍ବ ପରି ଏହି ମହାପ୍ରସାଦ ଦିଆବନ୍ଧୁ ନିବିଡ଼ ସମ୍ପର୍କରେ ରହେ। ସୂର୍ଯ୍ୟବନ୍ଧୁରେ ଏହି ସମ୍ବନ୍ଧ ବହୁ ଉଚ୍ଚରେ ରହିଥାଏ। ଏକ ଗୁରୁଙ୍କ ଠାରୁ ଦୀକ୍ଷିତ ବ୍ୟକ୍ତିମାନେ ବି ନିବିଡ଼ ସମ୍ବନ୍ଧରେ ରହନ୍ତି ମାତ୍ର ଆଦର୍ଶ ରକ୍ଷାରେ ଅନେକ ହେଳା ଲୋକେ ଏବେ କରୁଛନ୍ତି। ଗଙ୍ଗାଜଳ ମଧ୍ୟ ଏହିପରି ନାରୀମାନେ ମାସିକ ରଜସ୍ରାବ ପରେ ଗଙ୍ଗାଜଳରେ ଶୌଚ ସ୍ନାନ କରି ଶୁଦ୍ଧ ମନେକରନ୍ତି। ଗଙ୍ଗାଜଳ କେବେ ପଚେ ବା ସଢ଼ି ଦୁର୍ଗନ୍ଧ ହୁଏନାହିଁ। ଏଥିରେ ଜୀବାଣୁ ବଂଶ ବିସ୍ତାର କରିପାରନ୍ତି ନାହିଁ। ତେବେ ଗଙ୍ଗାତୀର୍ଥ ପ୍ରୟାଗରାଜରୁ ଉପରକୁ ଉପରକୁ ଗଙ୍ଗାଙ୍କ ଉପରେ ମୁଣ୍ଡକୁ ଯେତେ ବାଟ ବଦ୍ରୀବିଶାଳ ଯାଏ ବା ଗଙ୍ଗୋତ୍ରୀ ଯାଏ ଯାଇପାରିବେ ସେତେ ଶୁଦ୍ଧ ଗଙ୍ଗାଜଳ ମିଳିଥାଏ। ଗଙ୍ଗାନଦୀରେ ଏ ସମୟରେ ବିଭିନ୍ନ ସହରାଞ୍ଚଳର ଆବର୍ଜନାମିଶା ପରିତ୍ୟକ୍ତ ଜଳ, କଳକାରଖାନାର ଜଳ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗରେ ବିଭିନ୍ନ ସ୍ଥାନରେ ମିଶୁଛି ଫଳରେ ଗଙ୍ଗା ମୁହାଣ ଯାଏ ଅପେକ୍ଷାକୃତ ଶୁଦ୍ଧତା ରହୁନାହିଁ। ଏହି ଗଙ୍ଗା ବିଷ୍ଣୁଙ୍କ ପାଦ ନଖକୋଣରୁ ବାହାରିଛନ୍ତି ଓ ଶିବଙ୍କ ମସ୍ତିଷ୍କଜଟା ବାଟେ ପୃଥିବୀକୁ ଆସି ବହି ଯାଉଛନ୍ତି। ଶିବ, ବିଷ୍ଣୁ ସମ୍ବନ୍ଧ ଗଙ୍ଗାମାଆଙ୍କର ଅଛି। ଏଇ ଗଙ୍ଗାଜଳ ପ୍ରକୃତରେ କୈବଲ୍ୟ ସମତୁଲ୍ୟ ସନାତନ ଧର୍ମର ଧରାଯାଇଛି। ଲୋକେ ଭାବନ୍ତୁ ମାଆ ଗର୍ଭଧାରଣରେ ମାଆ କେତେ ଗୋଇଠା ଭ୍ରୂଣର ପରିପୃକ୍ତ ଠାରୁ ଗର୍ଭମୋକ୍ଷ ପର୍ଯ୍ୟନ୍ତ ଖାଇନାହାଁନ୍ତି। ଟିକି ପିଲା ମାଆ କୋଳରେ ଥିବା ବେଳେ ପିଲାର କେତେ ଗୋଇଠା ମାତାଙ୍କୁ ଦେଇ ନାହାନ୍ତି। ହେଲେ ମାଆ ତାକୁ ଧରି ନାହାଁନ୍ତି କି ଏ ପାଇଁ ମାଆଙ୍କର ଅଭିଶାପ ନାହିଁ। କ୍ଷମାଶୀଳା ମାଆ ସଦା କଲ୍ୟାଣ ମୁଖର। ଏପରି ଗଙ୍ଗା ସ୍ନାନ ପାଇଁ ଗଲେ ଲାକେ ଗଙ୍ଗାଜଳରେ ପାଦ ହିଁ ପ୍ରଥମେ ପକାଉଛନ୍ତି। ଯାହା ମାଆଙ୍କୁ ଗୋଇଠା ମାରିବା ସହିତ ସମାନ। ହେଲେ ସେ ଗଙ୍ଗାମାଆ ସଦା କଲ୍ୟାଣକାରୀ ଦେବୀ ମାଆ।

ମହାପ୍ରସାଦ ଓ ଗଙ୍ଗାଜଳକୁ ଆମେ ସମ୍ମାନ ଜଣାଇବା ସହିତ ଏହାର ବିଶୁଦ୍ଧତା ପାଇଁ ଓ ତାକୁ ରକ୍ଷା ପାଇଁ ଏକ ଏକ ସଂକଳ୍ପ କରି ଯୋଦ୍ଧା ରୂପରେ କାର୍ଯ୍ୟ କରିଯିବା ନିହାତି ଆବଶ୍ୟକ। ଏହା ସଦା ପବିତ୍ରକରଣରେ ଆମର ସହାୟକ।

# ବାଦଲ ଫଟା ବର୍ଷା କ’ଣ ଓ କାହିଁକି ହୁଏ



ପ୍ରଦୀପ୍ତ କୁମାର କର
ସୂର୍ଯ୍ୟ ନଗର, ଭୁବନେଶ୍ୱର
ମୋ : ୯୮୬୧୦୭୫୪୦୪

ଭଗବାନଙ୍କ ସୃଷ୍ଟିରେ ପ୍ରକୃତିର ଅନୁଭବ ଅତ୍ୟନ୍ତ ମନୋରମ। ଯେମିତିକି ସମୁଦ୍ର କୂଳ, ଆମ୍ବ ତୋଟା, ନଈର ଧାର ଓ ତାହାର ସୁନ୍ଦର ଦୃଶ୍ୟ ଦେଖିବାକୁ ଖୁବ୍ ସୁନ୍ଦର ଅନୁଭବ ଆମକୁ ଆଣିଦିଏ। ଶୀତ ଦିନରେ ଖରାର ଉଷ୍ମତା ଯେତିକି ଆନନ୍ଦ ଦାୟକ ଗ୍ରୀଷ୍ମର ଟାଣୁଆ ଖରା ସେତିକି କଷ୍ଟ ଅନୁଭବ ହୁଏ। କିନ୍ତୁ ବେଳେ ବେଳେ ସେହି ଶାନ୍ତ ପ୍ରକୃତିର ରୂପ କେବେ କେବେ ହୋଇଯାଏ ଏତେ ଅଶାନ୍ତ ଯେ ତାହା ଆମ ବର୍ଣ୍ଣନାର ବାହାରକୁ ଚାଲିଯାଏ। ବାତ୍ୟା, ବନ୍ୟା, ଭୂମିକମ୍ପ, ମରୁଡି ଏବେ ପୁଣି ତା’ସହିତ ଯୋଡି ହେଉଛି ବାଦଲ ଫଟା ବର୍ଷା। ଏହି ପ୍ରାକୃତିକ ବିପତ୍ତି ଗୁଡ଼ିକ ଆମ ସାଧାରଣ ଜୀବନ ଯାତ୍ରାକୁ ପୁରା ମାତ୍ରାରେ ପ୍ରଭାବିତ କରିଦିଏ। ସେହି ମଧ୍ୟରୁ ବାଦଲ ଫଟା ବର୍ଷା ଏକ ଅତି ସାଙ୍ଘାତିକ ବିପତ୍ତି। ଏହି ବର୍ଷା ସାଧାରଣ ବର୍ଷା ବା ଲଘୁଚାପ ଜନିତ ବର୍ଷା ଠାରୁ ସମ୍ପୂର୍ଣ୍ଣ ଅଲଗା। ଏହି ବାଦଲ ଫଟା ବର୍ଷା ଯୋଗୁଁ ଏକ ଘଣ୍ଟାରେ ୧୦୦ ମିଲିମିଟରରୁ ବର୍ଷା ଏକ ସଂକୀର୍ଣ୍ଣ ଅଞ୍ଚଳରେ ହୋଇଥାଏ ଯାହା ଫଳରେ ଅଧିକ ବର୍ଷା ବର୍ଷା ପାଣିର ତୀବ୍ରତା ଅଧିକ ହୋଇଥାଏ ଓ ସେହି ଗୋଟିଏ ଜାଗାରେ କେନ୍ଦ୍ରୀଭୂତ ହୋଇଥାଏ। ବର୍ଷା ସହିତ ଭୀଷଣ ବିଜୁଳି, ଘଡଘଡି ଓ ଅନେକ ଜାଗାରେ ହିମପାତ ମଧ୍ୟ ହୋଇଥାଏ। ଗତ ଜୁଲାଇ ମାସରେ କେରଳର ୱେନାଡରେ ଏହି ବାଦଲଫଟା ବର୍ଷା ଯୋଗୁଁ ଅନେକ ଧନଜୀବନ କ୍ଷୟକ୍ଷତି ହୋଇଥିଲା। ଚଳିତ ବର୍ଷ ମଧ୍ୟ ଉତ୍ତରାଖଣ୍ଡ ଓ ଜାମ୍ମୁ କାଶ୍ମୀରର ବିଭିନ୍ନ ସ୍ଥାନରେ ଏହି ବାଦଲଫଟା ବର୍ଷା ଯୋଗୁଁ ଅନେକ ଧନଜୀବନ ନଷ୍ଟ ହୋଇ ପୁରା ଅଞ୍ଚଳ ଗୁଡ଼ିକର ଅଶେଷ ପରିମାଣର କ୍ଷୟକ୍ଷତି ହୋଇ ଯାଇଛି। ଏହି ବାଦଲଫଟା ବର୍ଷାର ଅନେକ କାରଣ ମଧ୍ୟରୁ ଗୋଟିଏ ହେଉଛି ଭୌଗୋଳିକ ଅବସ୍ଥିତି। ଉତ୍ତର ଭାରତର ପ୍ରମୁଖ ରାଜ୍ୟ ଯଥା ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜାମ୍ମୁ କାଶ୍ମୀରରେ ଏହି ବର୍ଷା ପ୍ରାୟ ହେବାର ନଜିର ରହିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ପ୍ରବାହ ଉତ୍ତର ଭାରତର ଏହି ପ୍ରଦେଶ ଉପରେ ଅନେକ ପରିମାଣରେ ରହିଛି। କିଛିବର୍ଷ ଧରି ବିଶ୍ୱ ତାପମାତ୍ରା ବୃଦ୍ଧି ପାଉଥିବାରୁ ସମୁଦ୍ରର ଜଳରାଶି ଉପରେ ଏହାର ସିଧା ପ୍ରଭାବ ପଡୁଛି ଓ ଜଳର ଉଷ୍ମତା ବୃଦ୍ଧି ପାଇ ଜଳୀୟ ବାଷ୍ପ ସୃଷ୍ଟି ହୋଇ ବାୟୁରେ ଅଧିକ ଜଳୀୟ ବାଷ୍ପ ହୋଇ ତାହା ପର୍ବତର ଧକ୍କା ଖାଇ ସେଠାରେ ଅଧିକ ବର୍ଷା କରାଇଥାଏ। ଏହା ବାଦ ଏହି ବାୟୁ ଯେତେବେଳେ ନିମ୍ନ ଉପତ୍ୟକା ଦେଇ ଗତି କରେ ସେତେବେଳେ କିଛି ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ପର୍ବତର ଶୀର୍ଷ ଭାଗକୁ ଉଠିଯାଏ ଯାହାକୁ ଆରୋଗ୍ରଫିକ ଲିଫ୍ଟ କୁହାଯାଏ ଓ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କେନ୍ଦ୍ରୀଭୂତ ହୋଇ ପ୍ରବଳ ବର୍ଷା କରାଇଥାଏ। ଏଲିନିନୋ ଏକ ସାମୁଦ୍ରିକ ଉଷ୍ଣସ୍ରୋତ ଓ ଲା-ନିନା ହେଉଛି ଏକ ସାମୁଦ୍ରିକ ଶୀତଳ ସ୍ରୋତ। ଏହି ଦୁଇଟି ମୁଖ୍ୟ କାରଣ ଯୋଗୁଁ ଜଳବାୟୁରେ ଅସ୍ଥିରତା ଦେଖାଦିଏ। ଉତ୍ତାପ ବୃଦ୍ଧି ଘଟିଲେ ହିମାଳୟର ହିମବାହଗୁଡ଼ିକ ତରଳି ଯାଏ ଯେଉଁଥି ପାଇଁ ଜାମ୍ମୁ କାଶ୍ମୀର ଓ ଉତ୍ତରାଖଣ୍ଡର ବିଭିନ୍ନ ହିମବାହରୁ ପାଣି ନିମ୍ନଗାମୀ ହୋଇ ଜଳରାଶିର ମାତ୍ରା ବୃଦ୍ଧି ହେବା ସହିତ ବାଦଲଫଟା ବର୍ଷା ହୋଇଥାଏ। ବାଦଲ ଫଟା ବର୍ଷା, ଭୂକମ୍ପ, ତୁଷାର ସ୍ଖଳନ, ଭୂସଞ୍ଚାଳନ, ଅଂଶୁଘାତ, ମରୁଡି ଓ ଆଉ କେତେକ ବିପତ୍ତିକୁ ଯଦିଓ ପ୍ରାକୃତିକ ବିପତ୍ତି ବୋଲି ସର୍ବସାଧାରଣରେ ଆମେ ଗ୍ରହଣ କରୁଛନ୍ତି, କିନ୍ତୁ ପରୋକ୍ଷରେ ଏହା ମନୁଷ୍ୟକୃତ ମଧ୍ୟ ହୋଇଥାଏ। ବିଭିନ୍ନ ପ୍ରକାରର ପ୍ରକଳ୍ପ ନିର୍ମାଣ, ଆବାସ ଗୃହ, ରାସ୍ତା ତିଆରି କରିବା, ଜଙ୍ଗଲ କାଟି ଦେବା ଇତ୍ୟାଦି ଦ୍ୱାରା ପ୍ରାକୃତିକ ପରିବେଶକୁ ପୁରା ମାତ୍ରାରେ ଅଣଦେଖା କରୁଛନ୍ତି। ବିଭିନ୍ନ ଧାତବ ଦ୍ରବ୍ୟକୁ ପାଇବା ପାଇଁ ପାହାଡ, ଭୂତଳକୁ ବିସ୍ଫୋରଣ ଦ୍ୱାରା ଫଟାଇବାରେ ପର୍ବତ ଗୁଡ଼ିକ ବିଭାଜିତ ହୋଇ ତିଖ ଢାଲୁ ହୋଇ ପରବର୍ତ୍ତୀ ସମୟରେ ଜଳୀୟ ବାଷ୍ପପୂର୍ଣ୍ଣ ହୋଇ ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ ହୋଇ ବାଦଲଫଟା ବର୍ଷା କରାଇଥାଏ। ଯଦିଓ ଏହି ଦୈବୀ ଦୁର୍ବିପାକର ପ୍ରାକ୍ ସୂଚନା ଏ ପର୍ଯ୍ୟନ୍ତ ସଠିକ୍ ଅନୁମାନ କରାଯାଇ ପାରିନାହିଁ ତଥାପି nemeerical weather prediction modelକୁ ଅଧିକ ଆଧୁନିକୀକରଣ ଓ କ୍ରିୟାଶୀଳ କରାଗଲେ କିଛିଟା ଫଳପ୍ରଦ ହୋଇପାରିବ। ତା’ସହିତ doppler radar ଓ ସାଟେଲାଇଟ୍ ର ସତର୍କତା ଘୋଷଣା ନିକଟରେ ପହଞ୍ଚି ପାରିଲେ ଏହି ବିପତ୍ତିରୁ କିଛିଟା ରକ୍ଷା ମିଳିପାରିବ। ଯେହେତୁ ଏହି ବିପର୍ଯ୍ୟୟର ପ୍ରାକ୍ ସୂଚନା ସଠିକ୍ ସମୟରେ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରୁନାହିଁ, ତେଣୁ ପରିବେଶର ସୁରକ୍ଷା କରିବା ଆଧୁନିକ ବୈଜ୍ଞାନିକ ପଦ୍ଧତିକୁ ଆପଣେଇବାକୁ ତଥା ଜନସାଧାରଣଙ୍କ ସକାରାତ୍ମକ ମନୋଭାବ ସୁଦୃଢ଼ କରିପାରିଲେ ଏଭଳି ପ୍ରାକୃତିକ ବିପର୍ଯ୍ୟୟରୁ କିଛିଟା ଆଶ୍ୱସ୍ତି ମିଳିପାରିବ।

# ଅମା ଅନ୍ଧାର ଘେରାରେ ନିଦ୍ରାରତ ମାନବିକତା !



କିଶୋର ଚନ୍ଦ୍ର ଜେନା
ଜଗନ୍ନାଥ ନଗର, ଭୁବନେଶ୍ୱର

ଆଶା ଓ ମରିଚିକାର କୁହେଳିକା ମଧ୍ୟରେ ସୃଷ୍ଟି ହେଉଛି ନିଷ୍ପେସିତ ମଣିଷ ମନରେ ପ୍ରଶ୍ନବାଚୀ ? ଜୀବନର ସ୍ଥିତି ଏବଂ କ୍ରମଶଃ ଦ୍ରୁତ ଅବକ୍ଷୟଗାମୀ ମାନବିକତାର ଅମା ଅନ୍ଧାର ଘେରାରେ ନାକେଦମ ହୋଇ ମନରେ ଅହେତୁକ ପ୍ରଶ୍ନ ? ଆଜିର ସମାଜରେ ମଣିଷ କିଏ ? ଏହିସବୁ ପ୍ରଶ୍ନ ମଣିଷ ମନକୁ ବେଶି ଦଶଂନ କରିବାରେ ଲାଗିଛି ୨୨ ଏପ୍ରିଲ୍ ୨୦୨୫ ପହେଲଗାମ୍ ଘଟଣା ପରଠାରୁ। ଏହି ଦିନଟି ଭାରତରେ ତଥା ସାରା ବିଶ୍ୱ ପାଇଁ ଏକ କଳଙ୍କିତ ଅଧ୍ୟାୟ ଯେଉଁଦିନ ମାନବିକତା ଭୂସ୍ଖଳନର କାଳିମାମୟ କାହାଣୀକୁ ଇତିହାସ ତା’ର ପୃଷ୍ଠାରେ ଲିପିବଦ୍ଧ କରିଅଛି। ପହେଲଗାମ୍ ଠାରେ ୨୬ଜଣ ନିରିହ ଜନତାକୁ ଧର୍ମ ପଚାରି ଗୋଟିଏ ପରେ ଗୋଟିଏ ଗୁଳିବଦ୍ଧ କରି ହତ୍ୟା କରିବା କ’ଣ ମନୁଷ୍ୟତା ? ତେଣୁ ଏହିସବୁ ଘଟଣା କ୍ରମକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ କ୍ରମଶଃ ମାନବିକତା ଆଜି ଅବକ୍ଷୟଶୀଳ। ସାରା ବିଶ୍ୱରେ ଆଜି ମାନବିକତାର ମରୁଡି। ଧନ କୁବେର, ମନ କାଙ୍ଗାଳ ଓ କଥାକୁହା କପିଳାମାନଙ୍କର ଅଜସ୍ର ପଟୁଆରରେ ମେଦିନୀ ପ୍ରକମ୍ପିତ। ‘ମୁଁ’ ରୂପକ ମହିଷାସୁର ଆଜି ବ୍ୟକ୍ତି ସତ୍ତାରେ, ସମାଜ ସତ୍ତାରେ, ରାଷ୍ଟ୍ର ସତ୍ତାରେ ଏବଂ ସର୍ବୋପରି ବିଶ୍ୱସତ୍ତାରେ ନିଜର ଆସ୍ଥାନ ସୁଦୃଢ଼ କରିବାରେ ବ୍ୟସ୍ତ। ଏଠାରେ କହି ରଖେ ଯେ ବ୍ୟକ୍ତି ହିଁ ସମାଜକୁ ଗଢେ। ଉତ୍ତମ ବ୍ୟକ୍ତି ‘ସତ୍ତାର ଉତ୍ତୋରଣ- ସମାଜର ଉତ୍ତୋରଣ’ - ଓ ଉଭୟ ଗୋଟିଏ ମୁଦ୍ରାର ଦ୍ୱୟଃ ପାର୍ଶ୍ୱ। ସର୍ବୋପରି ରାଷ୍ଟ୍ର ସତ୍ତାରେ କର୍ମ ହିଁ ଧର୍ମର ସଂଜ୍ଞା ନିରୂପଣ କରେ। ଆଜି ଦେଖନ୍ତୁ ତ ଗୋଟିଏ ଦେଶର ରାଷ୍ଟ୍ରସତ୍ତାର ମୁଖ୍ୟ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କିଙ୍କର ଅବସ୍ଥା ? ‘ମୁଁ’ ର ଉପତ୍ୟାକାରେ ପରିଭ୍ରମିତ ହୋଇ ନିଜର ଜିଦ୍ ଓ ସତ୍ତାର ଲୋଭରେ ଚାଟୁକାର ଏବଂ ବିଶ୍ୱର କୁଖ୍ୟାତ ସୌଦାଗରଙ୍କ ହାତବାରିସୀ ସାଜି ସୁନ୍ଦର ସ୍ୱର୍ଗସମ ରାଜ୍ୟକୁ ଧ୍ୱଂସ ମୁଖକୁ ଠେଲିଦେଲେ। ତେଣୁ ଜଣେ ରାଷ୍ଟ୍ରନାୟକ ଭାବେ କିପରି ଭାବରେ ତାଙ୍କର ମାନବିକତା ଗୁଣର ଅବକ୍ଷୟ ହେଲା ଏବଂ ସେହି ଅବକ୍ଷୟଗାମୀ ମାନବିକତାର ପରିପ୍ରକାଶରେ ଦେଶର ନିରୀହ ଜନ ସମାଜ, ନିଷ୍ପାପ ଶିଶୁ, ମହିଳା ଏବଂ ବୃଦ୍ଧମାନେ ମୃତ୍ୟୁମୁଖକୁ ଢଳିଗଲେ। ଅନେକ ଦେଶାନ୍ତର ହେଲେ ଏବଂ ଯେଉଁମାନେ ମୃତ୍ୟୁମୁଖରୁ ଜୀବିତ ସେମାନଙ୍କର ଅବସ୍ଥା ଆଜି କ’ଣ ? ଆଜି ଦେଶରେ କିଛି ସ୍ୱେଚ୍ଛାଚାରୀ ରାଜନୀତିକ ତତ୍ତ୍ୱ ନିଜର ସଂକୀର୍ଣ୍ଣ ସ୍ୱାର୍ଥକୁ ଋଦ୍ଧିମନ୍ତ କରିବା ପାଇଁ ଯେଉଭଳି ଭାବରେ ନିଜ ନିଜର ମାନବିକତାକୁ ପଛରେ ପକାଇ ଦେଶର ସାର୍ବଭୌମତ୍ୱକୁ ବିପନ୍ନ କରିବାର ପ୍ରଚେଷ୍ଟା ଜାରି ରଖିଛନ୍ତି ସେମାନେ ଅନୁଭବ କରିବା ଉଚିତ୍ ଯେ ହୋମାଗ୍ନିରେ ଘୃତର ଆହୂତି ଦିଆସାରିବା ପରେ ସେଥିରୁ କେବଳ ଲେଲିହାନ ଅଗ୍ନିଶିଖା ହିଁ ବାହାରେ। ତେଣୁ ସେମାନେ ମନେରଖିବା ଉଚିତ୍ ଯେ ରାଷ୍ଟ୍ର ପ୍ରଥମ ଏବଂ ସର୍ବୋପରି। ତେଣୁ ମହର୍ଷି ଦଧିଚିଙ୍କ ଦୃଢ ମାନବିକତା ଏବଂ ଦେଶପ୍ରେମ ଦିନେ ଦେବତାମାନଙ୍କୁ ସେହି ଦୁଷ୍ଟ ଅସୁର ବୃତ୍ତାସୁର କବଳରୁ ଦେବତାମାନଙ୍କୁ ଉଦ୍ଧାର କରିଥିଲା। ସେ ନିଜର ଶରୀରକୁ ତ୍ୟାଗକରି ନିଜ ଅସ୍ଥିକୁ ଇନ୍ଦ୍ରଙ୍କୁ ସମର୍ପଣ କରିଥିଲେ। ସେ ଅସ୍ଥିରେ ନିର୍ମିତ ବଜ୍ରଦ୍ୱାରା ମହାଦାନବର ଅନ୍ତ ଘଟିଥିଲା। ଏହା ମାନବତାବାଦର କେତେବଡ଼ ଜ୍ୱଳନ୍ତ ଉଦାହାଣ ସତରେ !

ମହାନ ଦାର୍ଶନିକ ଡାୟୋନିସିସ୍ ଦିନର ପ୍ରଖର ଖରାରେ ଗୋଟିଏ ଲଣ୍ଠନ ଧରି କିଛି ଖୋଜୁଥିଲେ। ତାଙ୍କୁ ଦିନରେ ଏପରି ଲଣ୍ଠନ ଧରି ଖୋଜିବାର ଏହି ଦୃଶ୍ୟ ଆସ୍ତେ ଆସ୍ତେ ଜନସମୂହକୁ ଏକ ଉଦ୍ଭଦତା ଆଡକୁ ଆକର୍ଷିତ କରିସାରିଥିଲା। ସେହି ଜନ ସମୁଦ୍ରଭିତରୁ ଜଣେ ପ୍ରଶ୍ନକଲେ ସନ୍ଥ ମହାଶୟ, ଦିନର ଏହି ଉଦୀପ୍ତ ତେଜୋମୟ ଜ୍ୟୋତିରେ ଲଣ୍ଠନ ଧରି ଆପଣ କ’ଣ ଖୋଜୁଛନ୍ତି ? ସେ ଉତ୍ତର ଦେଲେ ମୁଁ ମଣିଷ ଖୋଜୁଛି। ଜଣେ ଉଦଣ୍ଡ ବ୍ୟକ୍ତି ଉତ୍ତର ଦେଲେ ଆମେ କ’ଣ ମଣିଷପରି ଆପଣଙ୍କୁ ପ୍ରତୀୟମାନ ହେଉନାହୁଁ। ତାଙ୍କର ଉତ୍ତରଥିଲା ନା ! ତୁମ୍ଭେମାନେ ମାନବ ନୁହଁ ବରଂ ମାନବ ଖୋଳପାଧାରୀ ଲୋକ। ୨୦୨୫ ହ୍ୟୁମ୍ୟାନ ଡେଭେଲପମେଣ୍ଟ ଇଣ୍ଡେକ୍ସରେ ୧୯୩ ଦେଶ ଭିତରୁ ଭାରତ ୧୩୦ ସ୍ଥାନରେ ଅଛି। ସୁଇଜରଲ୍ୟାଣ୍ଡ ପ୍ରଥମ ସ୍ଥାନରେ। ଆମର ମାନବ ସୂଚକାଙ୍କ ହେଲା ୦.୬୮୫ ଯାହା ୨୦୨୨ରେ ୧୩୩ତମ ସ୍ଥାନରେ ଥିଲା। ଏହାର ମୂଳ କାରଣ ହେଲା ମାନବିକତା ମୂଲ୍ୟବୋଧର ହ୍ରାସ। ଧନ ପ୍ରାପ୍ତିର ଅଭିଳାଷ ଏବଂ ପରିବାରରେ ବିଭିନ୍ନ ସଦସ୍ୟଙ୍କର ବିଭିନ୍ନ ଅଭିଳାଷର ନିରନ୍ତନ ଅଭିବୃଦ୍ଧି ହିଁ ବ୍ୟକ୍ତିକୁ କ୍ଷମତା ଏବଂ ଧନପ୍ରାପ୍ତିର ମାୟାଜାଲରେ ଛନ୍ଦି ଦେଇଥାଏ। କଳେବଳେ ଓ କୌଶଳେ କ୍ଷମତା ବଜାୟ ରଖିବା ପାଇଁ ବ୍ୟକ୍ତି ଆଜି ଯତୋପ୍ରର ନାସ୍ତି ଚେଷ୍ଟାରେ ଲିପ୍ତ। ଜନଷ୍ଟେଇନବେକଙ୍କ ମତରେ ‘କ୍ଷମତା ଦୁର୍ନୀତି ପରାୟଣ କରାଏ, ସମ୍ଭବତଃ କ୍ଷମତା ଚାଲିଯିବାର ଭୟ ତାକୁ ଦୂର୍ନୀତି ପରାୟଣ କରେ’। ମାତ୍ର ସବୁ କ୍ଷମତାଶୀଳ ବ୍ୟକ୍ତି ଯେ ଦୁର୍ନୀତିଗ୍ରସ୍ତ ଏହା ମୋଟେ ନୁହେଁ। ମୁଁ କହି ରଖେଯେ ଦୁର୍ନୀତଖୋର ଲୋକଙ୍କ ସଂଖ୍ୟା ସମାଜରେ ନିରନ୍ତର ଅଭିବୃଦ୍ଧି ଘଟିବାରେ ଲାଗିଛି। ଦ୍ୱିତୀୟରେ ଅସନ୍ତୋଷର ପରିଧିରେ ଲେକମାନଙ୍କର ଦ୍ରୁତ ଅଭିବୃଦ୍ଧି ବହୁମାତ୍ରାରେ ପରିଲକ୍ଷିତ ହେଉଅଛି। ଏ ପ୍ରକାର ବ୍ୟକ୍ତିଙ୍କୁ ଆମ୍ଭେ ଲୋକ ହିସାବରେ ବିବେଚନା କରିବା କି ? କିନ୍ତୁ ଜଣେ ମାନବିକତାଧାରୀ ମଣିଷକୁ ଗର୍ବ ବା ଅହଂସତ୍ତା କବଳିତ କରି ପାରେ ନାହିଁ। ସେ କବଳିତ ହୁଏ ତା’ର ଚେତନା ଶକ୍ତିରେ। ଆମର ଭାଗବତ ମଧ୍ୟ ଉଦ୍‌ଘୋଷଣା କରିଛି ଯେ ‘ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ-ଦେଖି ସନ୍ତୋଷ ଭଗବାନ’ ଏହି ଦିବ୍ୟଜ୍ଞାନ ଆହାରଣ ଯୁକ୍ତ ମନୁଷ୍ୟ କ୍ଷମତା ଏବଂ ଅସନ୍ତୋଷ ପରିଧିରୁ ବାହାରକୁ ଆସି ପାରିବ।

ବିଶିଷ୍ଟ ଦାର୍ଶନିକ ବର୍ଣ୍ଣାଡଶ୍ କହିଥିଲେ କ୍ଷମତା ବ୍ୟକ୍ତିକୁ ଦୁର୍ନୀତି ପରାୟଣ କରେ ନାହିଁ। ନିର୍ବୋଧ ମାନବ ଯଦି କ୍ଷମତାସୀନ ହୁଅନ୍ତି ସେମାନେ ହିଁ କ୍ଷମତାକୁ ଦୁର୍ନୀତିମୟ କରିପାରନ୍ତି। ମନେରଖିବା ଉଚିତ୍ ଯେ ଚେତନାର ଉତ୍ତୋରଣ ହିଁ ମାନବିକତାର ଉତ୍ତରଣ। ଆଜି ମାନବିକତା ଏତେ ପରିମାଣରେ ଅବକ୍ଷୟଶୀଳ ହେଲାଣି ଯେ ସମସ୍ୟା ପ୍ରତି ଆମ୍ଭର ସମ୍ବେଦନଶୀଳତା ଆସ୍ତେ ଆସ୍ତେ ମନରୁ ଦୂରେଇ ଯାଉଛି। ପରିଣାମ ସଦୃଶ ଆମ୍ଭେ ସମସ୍ୟା ଏବଂ ସ୍ଥିତିର ସ୍ୱଚ୍ଛ ଏବଂ ସଠିକ୍ ଆକଳନର କ୍ଷମତା ଏବଂ ଐତିହାସିକ ପୃଷ୍ଠଭୂମିର ଉଚିତ୍ ଆକଳନ କରିବାର କ୍ଷମତା ଠାରୁ ଦୂରେଇ ଯାଉଅଛୁ। ନିକଟରେ ରମାଦେବୀ ବିଶ୍ୱବିଦ୍ୟାଳୟ ସାମ୍ନା ଅପରପାର୍ଶ୍ୱରେ ଖଜା ଚା ଦୋକାନରେ ଚା ପିଉଥିବା ବେଳେ ହଠାତ୍ ସେଠାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଲା। ଦୁର୍ଘଟଣାରେ ଆକ୍ରାନ୍ତ ଥିଲେ ଜଣେ ମହିଳା। ସେ ସେଠାରେ ରକ୍ତ ଜୁଡୁବୁଡୁ ହୋଇ ଚିତ୍କାର କରୁଥାନ୍ତି। ସେହି ବାଟ ଦେଇ ଯାଉଥିବା ଯାତ୍ରୀ ଏବଂ ଅନ୍ୟମାନେ ନୀରବ ଦ୍ରଷ୍ଟା ସାଜି ଥାଆନ୍ତି। ହଠାତ୍ ଆମ ଚା ଖଟିରେ ଟୁଟୁଭାଇ ବୋଲି ଜଣେ ସହୀଦନଗରର ବାସିନ୍ଦା ଚିତ୍କାର କରି କହିଲେ ଆବେ ତୁମ୍ଭେ ସବୁ ଅସୁର ନାଁ ମଣିଷ ? ସେ ଦୌଡିବାକୁ ଲାଗିଲେ ଏବଂ ଆମ୍ଭେ ସମସ୍ତେ ତାଙ୍କର ପଶ୍ଚାତଧାବନ କଲୁ। ସେ ସଙ୍ଗେ ସଙ୍ଗେ ତାକୁ ନେଇ ଅତିଶୀଘ୍ର ଡାକ୍ତରଖାନାରେ ପହଞ୍ଚାଇ ଚିକିତ୍ସା ବ୍ୟବସ୍ଥା କଲେ। ଏଠାରେ ମୋର କହିବାର ଅର୍ଥ ହେଲା ଆଜି ଦୁର୍ଘଟଣା ଘଟିଲେ ଲୋକମାନେ ଫିଲ୍ମ ସୁଟିଂ ପରି ତା’ର ଦୃଶ୍ୟ ଉତ୍ତୋଳନରେ ବ୍ୟସ୍ତ। ପଶୁମାନଙ୍କ କ୍ଷେତ୍ରରେ କୌଣସିଠାରେ ଦୁର୍ଘଟଣା ଘଟିଲେ ସେମାନେ ସଙ୍ଗେ ସଙ୍ଗେ ଘେରିଯାଇ ତାଙ୍କର ମାନବିକତା ଗୁଣକୁ ପରିପ୍ରକାଶ କରିଥାନ୍ତି। କିନ୍ତୁ ଆମ୍ଭେ ନୀରବ। ଏହାପଛରେ ଅଛି ଅବକ୍ଷୟଶୀଳ ମାନବିକତା। ସେ ଟୁଟୁଭାଇଙ୍କ ହୃଦୟରୁ ସ୍ୱତଃ ନିର୍ଗତ ଦୁଇଟି ଶବ୍ଦ ‘ମଣିଷ’ ନା ‘ଅସୁର’ ବହୁତ ଗୁରୁତ୍ୱ ବହନ କରେ। ଆଜି ମଣିଷ ମାନଙ୍କର ଘୋର ମରୁଡି। ଲୋକମାନଙ୍କର ଗହଳି ଚହଳିରେ ଖାଲି ଅମାନବିୟତା ପଶୁତ୍ୱ ଗୁଣର ପରିପ୍ରକାଶ। ପଶୁମାନଙ୍କ ପରି ଆହାର ନିଦ୍ରା ଓ ମୈଥୁନରେ ବ୍ୟସ୍ତ ଧାରୀ ବ୍ୟକ୍ତିମାନଙ୍କୁ ଆମ୍ଭେ କ’ଣ ଲୋକ ବୋଲି କହିବା ନା ମାନବ ! ଯାହା ଠାରେ ମାନବିକତା ଆଜି ସାତ ସପନ !

ଏହା ଏକ ବିଡମ୍ବନା ମାତ୍ର। ଆଜି ମନୁଷ୍ୟର ମାନବିକତା ମୂଲ୍ୟ ଏତେ ପରିମାଣରେ ପତନ ହେଲାଣି ଯେ ଯେକୌଣସି ସମସ୍ୟା ପ୍ରତି ଆମର ସମ୍ବେଦନା ଓ ଆବେଗ କମିବାରେ ଲାଗିଛି। ଏପରି ସମସ୍ୟା ଉପୁଜିଛି ଯେ ଦେଶରେ ମାନବିକତାର ହନନ ପ୍ରତି ମୁହୂର୍ତ୍ତରେ ସଂଗଠିତ ହେଉଅଛି। ସ୍ୱାମୀ ସ୍ତ୍ରୀକୁ, ସ୍ତ୍ରୀ ସ୍ୱାମୀକୁ, ପୁତ୍ର ପିତାକୁ, ଭାଇ ଭଉଣୀକୁ, ସାଙ୍ଗ ସାଙ୍ଗକୁ ନିର୍ମମ ଭାବରେ ହତ୍ୟା ଘଟଣା ଦୂରଦର୍ଶନ, ଖବର କାଗଜ ଏବଂ ସାମାଜିକ ଗଣମାଧ୍ୟମରେ ଆଗ ଧାଡିର ଖବର ଭାବରେ ଶୋଭା ମଣ୍ଡନ କରୁଛି। ଏପରି ସମସ୍ୟା ଉପୁଜିଛି ଯେ ବ୍ୟକ୍ତି ରାଷ୍ଟ୍ରର ଏବଂ ଏହାର ଅସ୍ମିତା ପ୍ରତି କୁଠାରଘାତ କରିବାରେ ପଣ୍ଡାଦ୍‌ପଦ ହେଉନାହିଁ। ହିନ୍ଦି କବି ଦୁଷ୍ମନ୍ତଙ୍କର ଏକ କାଳଯୟୀ ପଂକ୍ତି “ଇସ୍ ସଡକ ପର ଲସ କଦର କୀଚଡ଼ ପିଛି ହେ - ହର କିସିକା ପାଓଁ ଘୁଟନେ ତକ ସମାହେ” ଆମେ କ’ଣ ନିଜପାଇଁ ପକ୍କାରାସ୍ତା ଏବଂ ଅନ୍ୟମାନଙ୍କ ପାଇଁ ଖାଲ ରାସ୍ତା ନିର୍ମାଣ କରିବାର କଥାଚିନ୍ତା କରିବା ! ଆସ ଆମେ ସମସ୍ତେ ମାନବ ସାଜିବା ଏବଂ ଦାନବର ଅହଂ ସତ୍ତାକୁ ମନରୁ ନିଷ୍କାସନ ପୂର୍ବକ ଆମର ଓଡ଼ିଆ କବି ସନ୍ଥଭୀମ ଭୋଇଙ୍କର ସେହି କାଳଜୟୀ ପଂକ୍ତିକୁ ଗାଇବା “ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।” ମାନବ ଏବଂ ମାନବତାର ଜୟ ଘୋଷ ହେଉ ଏବଂ ମାନବିକତାର ଦୁନ୍ଦୁଭି ବ୍ୟକ୍ତିସତ୍ତାରେ, ସମାଜସତ୍ତାରେ, ରାଷ୍ଟ୍ରସତ୍ତାରେ ଏବଂ ସର୍ବୋପରି ବିଶ୍ୱ ସତ୍ତାରେ ଯେ ବାଜି ଉଠୁ ଏହା ମୋର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ କିରାଣି ହରେକୃଷ୍ଣ ଧନୀଙ୍କୁ ଶନିବାର ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଦୀନବନ୍ଧୁ ଗାହାଣଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ଡ. ସୁକାନ୍ତ ଚନ୍ଦ୍ର ପାଣିଗ୍ରାହୀ, ଶ୍ରୀରାମ ଦାସ, ଜ୍ଞାନ ରଂଜନ ଭୂୟାଁ, ଜିତେନ୍ଦ୍ର କୁମାର ରାୟମହାପାତ୍ର, ଜିତେନ୍ଦ୍ର ପାଢ଼ୀ, ଜଗବନ୍ଧୁ ମିଶ୍ର, ବିଜୟ କୁମାର ପଣ୍ଡା, ରମେଶ ଚନ୍ଦ୍ର ସାହୁ, ଦିଲୀପ କୁମାର ପତି, ବିଜୟ କୁମାର ସାହୁ, ଅଧ୍ୟାପିକା ଉଷାରାଣୀ ଜେନା, ନିରୁପମା ସାହୁ, ମାନୋଲି ସାମଲ, ମନ୍ଦାକିନୀ ବଳ, ସମୀକ୍ଷା ଲେଙ୍କା, ଜ୍ୟୋସ୍ନାରାଣୀ ବିଶ୍ୱାଳ, ସ୍ୱେତାଲିନା ଦାସ, ଅଲିଭା ଜେନା, ଅଭିଲିପ୍ସା ଦାସ, ନିବେଦିତା ପଣ୍ଡା, ଅନ୍ନପୂର୍ଣ୍ଣା ରଥ, ସ୍ମରଣିକା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମୁଖ୍ୟ କିରାଣୀ ଧନୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କଲେଜର ବିପଦ ଭଂଜନ ପତି, ପଦ୍ମିନୀ ମହାନ୍ତି, ନିରଂଜନ ପାଢ଼ୀ, ସରୋଜ କୁମାର ବାରିକ, ରାଜେଶ କୁମାର ଦାସ, ପ୍ରଦୀପ କୁମାର ରାଉଳ, ଦିଲୀପ କୁମାର ସେଠୀ, ଦିବାକର ବୀର, ପୀତାମ୍ବର ପାତ୍ର, ଅନିଲ କୁମାର ବାରିକ, ରମେଶ କୁମାର ବଳ, ସବିତା ଜେନା, ବଂଶୀଧର ସେଠୀ ପ୍ରମୁଖ କିରାଣି ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ୧୫ ସମିତିରେ ୧୦୯୯୫ ଚାଷୀ ପଞ୍ଜୀକୃତ

# ନିରାଶ ହୋଇ ଫେରିଲେ ବହୁ ଚାଷୀ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନରେ ଥିବା ୧୫ଟି ସେବା ସମବାୟ ସମିତିରେ ମୋଟ ୧୦୯୯୫ ଚାଷୀ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ତାରିଖ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ପରେ ସରକାର ୨୫ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରାଯିବାକୁ ସମୟସୀମା ବୃଦ୍ଧି କରିଥିଲେ। ପୁଣି କିଛି ଚାଷୀଙ୍କ ଅଭିଯୋଗ ପରେ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ସମୟସୀମାକୁ ବୃଦ୍ଧି କରାଯାଇ ପାରେ ବୋଲି ଶୁଣା ଯାଉଥିଲା। ଏହି ଅନୁସାରେ ଚାଷୀ ମଧ୍ୟ ଅନଲାଇନ ପଞ୍ଜୀକଣର କରିବା ପାଇଁ ଆଶା ରଖିଥିଲେ। ମାତ୍ର ଅଗଷ୍ଟ ୨୫ ତାରିଖ ରାତି ୧୨ଟା ଅନଲାଇନ୍ ବନ୍ଦ କରି ଦିଆଗଲା। ଯାହାଫଳରେ ବହୁ ଚାଷୀ ପଞ୍ଜୀକରଣ କରିନପାରି ନିରାଶ ହୋଇ ଫେରିଥିବା ଜଣାପଡ଼ିଛି। ତେବେ ବ୍ଲକର ପାଳିଆବିନ୍ଧା ସମବାୟ ସମିତିରେ ୭୫୦, ଅଣ୍ଡରାଇରେ ୬୦୮, ବିଲଣାରେ ୪୬୦, ଗାନ୍ଧି ନଗରରେ ୭୩୮, ମଙ୍ଗଳପୁରରେ ୮୫୯, ଭାଟପଡ଼ାରେ ୯୯୪, ବାମନବିନ୍ଧାରେ ୭୯୦, ନିଶ୍ଚନ୍ତପୁରରେ ୮୧୭, ବାରସରରେ ୧୦୧୧, ଶ୍ୟାମସୁନ୍ଦର ପୁରରେ ୧୦୬୬, ଚାରିତରଫରେ ୭୦୭, ଜାମଯୋଡ଼ିରେ ୬୩୦, ଆରସାରେ ୫୬୦, ଅମୃତପୁରରେ ୬୪୫, ଏବଂ ନରେନ୍ଦ୍ରପୁର ସମବାୟ ସମିତିରେ ୩୬୦ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ତେବେ ଶ୍ୟାମସୁନ୍ଦରପୁର ସମିତିରେ ସର୍ବାଧିକ ଚାଷୀ ପଞ୍ଜୀକୃତ ହୋଇଥିବା ଜଣାଯାଇଛି। ତେବେ ସରକାର ଆଉ କିଛିଦିନ ପଞ୍ଜୀକରଣ ପାଇଁ ସମୟସୀମା ବୃଦ୍ଧି କଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଦାବି କରାଯାଇଛି।

# ନରଣପୁର ସରକାରୀ ଏସ୍ଏସ୍ଡ଼ି ଉଚ୍ଚ ବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ନରଣପୁରର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ସରକାରୀ (ଏସଏସଡ଼ି) ଉଚ୍ଚ ବିଦ୍ୟାଳୟ ରାସ୍ତାରେ ଗତ ରାତିର ପ୍ରବଳ ବର୍ଷା ଯୋଗୁ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିବାରୁ ଏଠାରେ ପଢୁଥିବା ଓ ଏଠାରେ ଥିବା ହଷ୍ଟେଲରେ ରହି ଅନ୍ୟ ବିଦ୍ୟାଳୟ ମାନଙ୍କରେ ପଢୁଥିବା ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସରକାରୀ ଉଚ୍ଚ ବିଦ୍ୟାଳୟରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟି ଖାଲଖମା ହୋଇ ଦୀର୍ଘଦିନ ହେବ ପଡି ରହିଥିବା ବେଳେ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ପ୍ରତି ଦୃଷ୍ଟି ଦିଆ ଯାଉ ନଥିବା ଯୋଗୁ ରାସ୍ତା ଉପରେ ଆଣ୍ଠୁଏ ଲେଖାଁଏ ପାଣି ଜମି ରହିଛି। ଛାତ୍ରାବାସ ସମ୍ମୁଖରେ ପାଣି ଜମି ରହୁଥିବାରୁ ଅନ୍ତେବାସୀମାନେ ଛାତ୍ରାବାସ ବାହାରକୁ ମଧ୍ୟ ବାହାରି ପାରୁନାହାଁନ୍ତି। କେନ୍ଦୁଝରରେ ସାପ କାମୁଡ଼ା ଜନିତ ମୃତ୍ୟୁ ଭୟଙ୍କର ସ୍ଥିତିରେ ଥିବା ବେଳେ ବିଷାକ୍ତ ସାପ ଓ ସରୀସୃପ ଭୟରେ ଅନ୍ତେବାସୀମାନେ ଭୟଭିତ ଅବସ୍ଥାରେ ହଷ୍ଟେଲ ଭିତରେ ରହୁଛନ୍ତି। ଏହି ରାସ୍ତାରେ ଗଲାବେଳେ ପ୍ରତିଦିନ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଖାଲ ଭିତରେ ପଡି ପାଣି କାଦୁଅ ସରସର ହେଉଛନ୍ତି। ଏହି ବିଦ୍ୟାଳୟଟି ଟିଆରଡବ୍ଲୁ ପରିଚାଳିତ ବହୁ ପୁରାତନ ତଥା ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗୋଟିଏ ହେଲେ କର୍ମଚାରୀ ଏବଂ ଶିକ୍ଷକମାନଙ୍କ ଆବାସ ଗୃହ ନାହିଁ। ଯେଉଁ କେତେକ ରହିଛି ତାହା ଭଗ୍ନ ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ଏହା ଆବାସିକ ବିଦ୍ୟାଳୟ ହୋଇଥିବାରୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ବିଦ୍ୟାଳୟ କ୍ୟାମ୍ପସ ପରିସର ମଧ୍ୟରେ ରହିବାର ନିୟମ ଥିବାବେଳେ ଆବାସ ଘର ନଥିବା ଯୋଗୁଁ ବାହାରେ ଭଡାରେ ରହିବା ପାଇଁ ବାଧ୍ୟ ହେଉଛନ୍ତି। ଅନ୍ତେବାସୀଙ୍କ ପାଇଁ ଛାତ୍ରାବାସ ଅଭାବ ଯୋଗୁଁ ଦଶମ ଶ୍ରେଣୀ ଛାତ୍ରମାନେ ବିଦ୍ୟାଳୟ ଶ୍ରେଣୀ ଗୃହରେ ରହୁଛନ୍ତି। ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା ନାହିଁ। ଗତ ବର୍ଷ ଏହି ଉଚ୍ଚ ବିଦ୍ୟାଳୟଟି ଉନ୍ନିତ ହୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ ହୋଇଥିବାବେଳେ ଆବଶ୍ୟକ ଶ୍ରେଣୀ ଗୃହ, କାର୍ଯ୍ୟାଳୟ ଗୃହ, ଲାବରେଟୋରୀ, ଲାଇବ୍ରେରୀ, ଛାତ୍ର ଓ ଛାତ୍ରୀନିବାସ ଭଳି ସୁବିଧା କରା ଯାଇପାରି ନାହିଁ। ଜିଲ୍ଲା ମୁଖ୍ୟାଳୟ ନିକଟରେ ଥିବାରୁ ବିଦ୍ୟାଳୟରେ ବିଭାଗର ଜିଲ୍ଲାସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ, ସରଗିଫୁଲ, ବିଜ୍ଞାନମେଳା, ଭଲିବଲ ପ୍ରତିଯୋଗିତା ଇତ୍ୟାଦି କାର୍ଯ୍ୟକ୍ରମ ହୋଇଥାଏ। ଜିଲ୍ଲା ଏବଂ କେନ୍ଦୁଝର ଜୋନର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଏହିଠାରେ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶିକ୍ଷଣରେ ଦେଇଥାନ୍ତି। କିନ୍ତୁ ଏହି ସବୁ କାର୍ଯ୍ୟକ୍ରମ ପାଇଁ ଏଠାରେ ଆବଶ୍ୟକୀୟ ଭିତ୍ତିଭୂମି ନାହିଁ। ବିଦ୍ୟାଳୟର ଏହି ସବୁ ସମସ୍ୟା ନେଇ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଜିଲ୍ଲାପାଳ ବିଶାଳ ସିଂ ଙ୍କୁ ଭେଟି ସମାଧାନ ପାଇଁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ଖୁବଶୀଘ୍ର ଏସବୁ ସମସ୍ୟା ଉପରେ ଦୃଷ୍ଟି ଦେଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

## ପୂର୍ବ ବିବାଦକୁ ନେଇ ଆକ୍ରମଣ, ଜଣେ ଗୁରୁତର

ନିମାପଡ଼ା, (ଭାସ୍କର ନ୍ୟୁଜ୍): ପୂର୍ବ ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜୀବନମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ବରିହାପଡ଼ାରେ ଘଟିଛି ଅଭାବନୀୟ ଘଟଣା। ରାଧି ପରିଡ଼ା ନାମକ ମହିଳା ଅଭିଯୋଗ କରିଛନ୍ତି, ଅଭିଯୁକ୍ତ କାଳୁ ଚରଣ ପରିଡ଼ା, ବିକାଶ ପରିଡ଼ା, ଗୁଡୁ ପରିଡ଼ା ଗତ ୨୮ତାରିଖ ମଧ୍ୟାହ୍ନ ସମୟରେ ମହିଳାଙ୍କ ପୁଅ ଗୋପିନାଥ ପରିଡ଼ା ଗ୍ରାମ ରାସ୍ତାରେ ଆସୁଥିବା ବେଳେ ଅଭିଯୁକ୍ତମାନେ ପୂର୍ବ ଯୋଜନା ମୁତାବକ ହାତରେ ଛୁରୀ, କଟୁରୀ ଧରି ଆକ୍ରମଣ କରିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଗୋପି ପରିଡ଼ାଙ୍କ କାନ ମୁଣ୍ଡାକୁ ହାଣି ଦେବାରୁ ଗୋପି ରକ୍ତ ଜୁଡୁବୁଡୁ ହୋଇ ରାସ୍ତାରେ ପଡ଼ିଥିବା ବେଳେ ମରିଗଲା ଭାବି କାଳୁ, ବିକାଶ, ଗୁନୁ ସେଠାରୁ ଆସି ଅଭିଯୋଗକାରୀଙ୍କ ଘରେ ପଶି ଟଣା ଓଟରା କରି ତାଙ୍କ ଟ୍ରଙ୍କରେ ଥିବା ସୁନା ମଙ୍ଗଳସୂତ୍ର, ବାହୁଟି ଚୋରୀ କରି ନେଇଥିଲେ। କେତେକ ବ୍ୟକ୍ତିଙ୍କ ସହାୟତାରେ ଗୋପି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ରାଧି ପରିଡ଼ାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବରିହାପଡ଼ାରେ ଚଢ଼ଉ ଜାରି ରଖିଛି।

# ଆଇଚର୍‌କୁ ପିଟିଲା ମାଲ ବୋଝେଇ ଟ୍ରକ୍



ବୋଲଗଡ଼, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ବିନୋଦପଡା ନିକଟରେ ଏକ ସଡକ ଦୃଘଟଣା ଘଟିଛି। ତେବେ ଏହି ଦୂର୍ଘଟଣାରେ କେହି ମୃତାହତ ନହେଲେ ମଧ୍ୟ ଦୃଘଟଣା ଘଟାଇଥିବା ଟ୍ରକର ଦ୍ରୁତ ବେଗ ହେତୁଦୃଘଟଣା ଘଟିଥିବା ଆଇଚର ଗାଡିର ସମ୍ମୁଖ ପଟ ଭାଙ୍ଗି ଚୁର ମାର ହୋଇଯାଇଛି। ଘଟଣାକ୍ରମେ ଜଣାପଡିଛି ଯେ ଖାଲି ଥିବା ଏକ ଧଳା ଆଇଚର ଟ୍ରକଥାଇ ଭୁବନେଶ୍ୱର ପଟୁ ନୟାଗଡ଼ ଆଡକୁ ଯାଉଥିଲା। ତେବେ ସମ୍ପୃକ୍ତ ଗାଡିର ଡ୍ରାଇଭର ବିନୋଦପଡା ଠାରେ କୌଣସି ହେତୁ ରାସ୍ତାର ବାମ ପାର୍ଶ୍ୱରେ ଗାଡି ଛିଡା କରିଥିଲା। ତେବେ ଭୁବନେଶ୍ୱର ଆଡୁ ଏକ ଗହମ ବୋଝେଇ ବିଶିଷ୍ଟ ଟ୍ରକ ରାଜ ସୁନାଖଳା ସ୍ଥିତ ଶୁଭଶ୍ରୀ ରାଇସ ମିଲକୁ ଗହମ ଅପସାରଣ କରିବା ନିମନ୍ତେ ଆସୁଥିଲା। ତେବେ ଗହମ ବୋଝେଇ ଗାଡିର ଡ୍ରାଇଭର କୌଣସି ହେତୁ ଭାରସାମ୍ୟ ହରାଇ ରାସ୍ତାରେ ଛିଡା ହୋଇଥିବା ଗାଡିର ପଛ ଭାଗକୁ ଶକ୍ତ ଭାବେ ଧକ୍କା ଦେଇଥିଲା। ତେବେ ଗହମ ବୋଝେଇ ଗାଡିଟିର ଗତିରମାତ୍ରା ଦ୍ରୁତଥିବାରେ ଆଇଚର ଗାଡିର ପଛମାଡ଼ ହୋଇଗାଡିଟି ବୁଲି ଯାଇଥିଲା ଓ ସମ୍ମୁଖ ପଟେ ମାଡ଼ ହୋଇ ଚୁରମାର ହୋଇଯାଇଛି।

# ପାଇପ୍ ଫାଟି ରାସ୍ତାରେ ବହୁଛି ପାଣି



ଉମରକୋଟ, (ଭାସ୍କର ନ୍ୟୁଜ୍): ଗୋଟିଏ ନାହିଁ ଦୁଇଟି ନାହିଁ ଚାରି ଚାରି ଟା ଜାଗାରେ ପାଇପ ଫାଟି ରାସ୍ତାରେ ବହୁଛି ପାଣି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦରେ। ରାଜ୍ୟ ସରକାର ଲୋକଙ୍କୁ ବିଶୁଦ୍ଧ ପିଇବା ପାଣିର ସୁବିଧା ପାଇଁ ଯୋଜନା ଗୁଡିକ କରିଛନ୍ତି। କିନ୍ତୁ ଉମରକୋଟ ପୌର ପରିଷଦରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉମରକୋଟ ଜନ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜନସାଧାରଣ ପାଇଁ ପିଇବା ପାଣିର ସୁବିଧା କରାଯାଇଛି। କିନ୍ତୁ ଆଜକୁ ପ୍ରାୟ ଏକ ମାସ ହେବ ମୁଖ୍ୟ ରାସ୍ତାର ଡିଏନକେ ଏଚ ଡି ଏଫ ସି ବ୍ୟାଙ୍କ ନିକଟରେ, କଲେଜ ରୋଡ ଛକ ସମ୍ମୁଖରେ ଓ ଗୁଲି ପାଟଣା ପୁରୁଣା ଏମଇ ସ୍କୁଲ୍ ସମ୍ମୁଖରେ ଏଭଳି ଚାରିଟି ଜାଗାରେ ପାଇପ୍ ଫାଟି ରାସ୍ତାରେ ବହୁଛି ପାଣି। ଏହାକୁ ଜନ ସ୍ୱାସ୍ଥ୍ୟ ବିଭାଗ ଦେଖି ନଦେଖିଲା ଭଳି ରହୁଛି। ସବୁ ପାଇପ ଫାଟି ରାସ୍ତାରେ ପାଣି ବହାରିବା ଫଳରେ ଉକ୍ତ ଜାଗାରେ ଛୋଟ ଛୋଟ ଗର୍ତ୍ତ ସୃଷ୍ଟି ହେଉଛି। ପାଣି ବହିବା ଓ ଗର୍ତ୍ତ ଫଳରେ ଛୋଟ ଛୋଟ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜରକୁ ଆସିଛି। ରାସ୍ତାରେ ପାଣି ବହିବା ଫଳରେ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଥା ଶୀଘ୍ର ଉକ୍ତ ଜାଗା ଗୁଡିକ ମରାମତି କରି ଜନସାଧାରଣଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଧର୍ମପରାୟଣାଙ୍କ ପରଲୋକ



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ବାହାରଣା ପଞ୍ଚାୟତ ବଗଲ ସାହି ଗ୍ରାମର ପ୍ରଦୀପ୍ କୁମାର ମହାନ୍ତି ଙ୍କ ପତ୍ନୀ ନିବେଦିତା ରାୟ ୫୨ ବର୍ଷ ବୟସରେ ହୃଦଘାତ ରେ ପରଲୋକ ଘଟିଛି। ସେ ଜଣେ ସ୍ଥାନୀୟ ଅଞ୍ଚଳରେ ଧର୍ମ ପରାୟଣ ମହିଳା ଥିଲେ। ତାଙ୍କର ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପାରିବେଶ ସୃଷ୍ଟି ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ପ୍ରଦୀପ, ଦିଅର ଦିଲୀପ ଙ୍କ ସହିତ ପରିବାର ର ସମସ୍ତ ସଦସ୍ୟ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷ କୃତ ସମାପ୍ତ ହୋଇଥିବା ବେଳେ ଏକ ମାତ୍ର ପୁଅ ପ୍ରଣୟ ମୁଖାଗ୍ନି ଦେଇଥିଲେ।

# ୧୯୮୨ ମହାବନ୍ୟାର ୪୩ ବର୍ଷ ପୂର୍ତ୍ତି



ବୌଦ୍ଧ, (ଭାସ୍କର ନ୍ୟୁଜ୍): ଦୀର୍ଘ ୪୩ବର୍ଷ ପରେ ବି ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିବା ମହାନଦୀର ଜଳ ସ୍ତର ବଢିଲେ, ଆତଙ୍କରେ ଶିହରି ଉଠନ୍ତି ନଇକୂଳିଆ ଗ୍ରାମବାସି। ଶୂନ୍ୟରୁ ସେମାନଙ୍କ କାନ ପର୍ଦାରେ ବାଜିଯାଏ ପାଣି ମାଡି ଆଶୁଥିବାର ଘୁ ଘୁ ଶବ୍ଦ। ଆଖିରେ ଭାସି ଉଠେ ପ୍ରଳୟଙ୍କରୀ ମହାବନ୍ୟାର ଭୟଙ୍କର ଦୃଶ୍ୟ। ୧୯୮୨ମହାବନ୍ୟା ଲୁଟି ନେଇଥିଲା ସେମାନଙ୍କର ସର୍ବସ୍ୱ, ଆଜି ବି ସେମାନଙ୍କ ସ୍ମୃତି ପଟ୍ଟରୁ ଲିଭିନାହିଁ ସେହି ଦୁଃଖଦ ସ୍ମୃତି। ୧୯୮୨ ମସିହା ଅଗଷ୍ଟ ୩୦ ତାରିଖରେ ରାଜ୍ୟରେ ହୋଇଥିଲା ଶତାବ୍ଦୀର ସବୁଠାରୁ ଭୟାଭୟ ବନ୍ୟା, ମହାନଦୀ ଅବ ବାହିକା ଅଞ୍ଚଳରେ ବନ୍ୟାର ତାଣ୍ଡବ ଯୋଗୁଁ ଘଟିଥିଲା ଅପୂରଣୀୟ କ୍ଷୟକ୍ଷତି। ଏକାକାର ହୋଇଯାଇ ଥିଲେ ମହାନଦୀ ଓ ତାର ସମସ୍ତ ଶାଖା ତଥା ଉପନଦୀ। ମହାବନ୍ୟା କୁ ନିୟନ୍ତ୍ରିତ କରି ପାରିନଥିଲା ହୀରାକୁଦ ଡ୍ୟାମ। ପ୍ରବଳ ବେଗରେ ବନ୍ୟାଜଳ ମାଡି ଆସିବା ଫଳରେ ବୌଦ୍ଧ ଜିଲ୍ଲା ରେ ଅ କଳନୀୟ କ୍ଷତି ଘଟିଥିଲା। ହଜାର ହଜାର ଘର ବନ୍ୟା ସୁଅରେ ନିଶ୍ଚିହ୍ନ ହୋଇ ଯିବା ସଙ୍ଗେ ବ୍ୟାପକ ଫସଲ ନଷ୍ଟ ହୋଇଯାଇଥିଲା। ଧନ ଜୀବନ ହାନୀରେ ରେକର୍ଡ କରିଥିଲା ୧୯୮୨ର ମହା ବନ୍ୟା। ଅନେକ ମଣିଷ ଓ ଗୃହ ପାଳିତ ପଶୁ ବନ୍ୟା ସୁଅରେ ଭାସି ଯାଉଥିଲେ। ଘର ରାସ୍ତା ଓ ବିଲ ବୁଡାଇ ପ୍ରଖର ଗତିରେ ପ୍ରବାହିତ ହୋଇଥିଲା ବନ୍ୟା ଜଳର ସ୍ରୋତ। କାଠି କୁଟା ଭଳି ଚାଳ ଛପର ଘର ନିଶ୍ଚିହ୍ନ ହୋଇଯାଇଥିବା ସଙ୍ଗେ ସଙ୍ଗେ ଉଜୁଡି ହୋଇଯାଇଥିଲା ସୁନାର ଫସଲ। ବନ୍ୟା ଘେରରେ ବିପିନ୍ନମାନଙ୍କୁ ତିନି ଦିନ ଧରି ଅନାହାର ଓ ଦୁର୍ଦ୍ଦିନରେ କାଳାତି ପାତ କରିବାକୁ ପଡିଥିଲା। ବାଲିଚର ହୋଇଯାଇ ଥିଲା ହଜାର ହଜାର ଏକର ଏକର ଉର୍ବର ଚାଷ ଜମି। ଏପର୍ଯ୍ୟନ୍ତ ବି ଅନେକ ଲୋକ ନିଜ ଜାଗା ବାଲିଚର ହୋଇ ଥିବା ଜମି ଚିହ୍ନଟ କରିପାରିନାହାନ୍ତି। ନଈର ସ୍ରୋତ ପରିବର୍ତ୍ତନ ଫଳ ରେ ଅନେକ ଜମି ବାଲିଚର ହୋଇଯାଇଅଛି। ଲୋକଙ୍କୁ ବନ୍ୟା ଦାଉରୁ ରକ୍ଷା କରିବାକୁ ରିଙ୍ଗ ବନ୍ଧ ନିର୍ମାଣ ସହିତ ବିଭିନ୍ନ ଯୋଜନା କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେ ସବୁ କାର୍ଯ୍ୟ କାରୀ ହୋଇନାହିଁ। ନଦୀ କୂଳରେ ବନ୍ଧ ନ ଥିବାରୁ ପ୍ରତି ବର୍ଷ ବନ୍ୟା ବେଳେ ଫସଲ ନଷ୍ଟ ହେଉଅଛି। ବିଲରେ ପାଣି ମାଡି ଯାଇ ତିନି ଦିନ ଧରି ଜମି ରହୁଥିବାରୁ ଧାନ ଓ ପରିବା ଫସଲ ନଷ୍ଟ ହେଉଅଛି। ଚାଷୀମାନେ ଚାଷୀମାନେ ପ୍ରାୟ ପ୍ରତି ବର୍ଷ ଘୋର କ୍ଷତି ସହୁଛନ୍ତି। ହରଭଙ୍ଗା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳରେ ବନ୍ୟା ଯୋଗୁଁରାସ୍ତା ଘାଟ କ୍ଷତି ଗ୍ରସ୍ତ ହେଉଛି। ବନ୍ୟା ଛାଡିବା ପରେ ଉପଯୁକ୍ତ ରକ୍ଷଣା ବେକ୍ଷଣ ଓ ମରାମତି କାର୍ଯ୍ୟ କରାଯାଉନାହିଁ। ବନ୍ଧବାଡ଼ର ମରାମତି ପ୍ରତି ଯଥୋଚିତ ଧ୍ୟାନ ଦିଆ ଯାଉନଥିବାର ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ମହାନଦୀ କୂଳରେ ରିଙ୍ଗ ବନ୍ଧ ନିର୍ମାଣ, ତଥା ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଯୋଜନା ବଦ୍ଧ ପ୍ରତିକାର ଉଦ୍ୟମ କରିବାକୁ ସାଧାରଣରେ ଦାବି ହେଉଅଛି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ରେଞ୍ଜ ବରପଦର ସେକ୍ସନ ଅଧୀନ ଲମ୍ବସରୀ ପଞ୍ଚାୟତ ଅନ୍ତର୍ଗତ ଗୁହିରାପାଲି ଗ୍ରାମ ନିକଟରେ ଶନିବାର ସକାଳେ ଜଣେ ବ୍ୟକ୍ତିଙ୍କୁ ଏକ ଜଙ୍ଗଲି ଭାଲୁ ଆକ୍ରମଣ କରିଥିବା ବେଳେ ସେ ଗୁରୁତର ହୋଇ ପଡିଥିଲେ। ଖବର ପାଇ ସ୍ଥାନୀୟ ଯୁବକମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଡାକ୍ତରଖାନାକୁ ପଠେଇଥିବା ଜଣାପଡିଛି। ସୂଚନା ଅନୁସାରେ, ଗୁହିରାପାଲି ଗ୍ରାମର ମେଟା ଗୁରୁ ଆଜି ସକାଳେ ଶୌଚ ପାଇଁ ନିକଟସ୍ଥ ମେହେରୁଣୀ ନାଳକୁ ଯାଇଥିବା ବେଳେ ସେଠାରେ ଏକ ଜଙ୍ଗଲୀ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କର ମୁଣ୍ଡ ଓ ଉଭୟ ହାତରେ ଭାଲୁ ଆକ୍ରମଣ କରିଥିବା ବେଳେ ହାତରୁ ମାଂସ ପୁଳା ନେଇ ଯାଇଥିବା ଦେଖିବାକୁ ମିଳିଛି। ମେଟା ଜଣେ ଗରିବ ଦିନ ମଜୁରିଆ ଯୁବକ ହୋଇଥିବା ବେଳେ ତାକୁ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପରିବାର ସହ ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ କନ୍ଧମାଳ ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକଙ୍କୁ ପଚାରିବାରୁ ଆବଶ୍ୟକୀୟ କାଗଜପତ୍ର ଦାଖଲ କଲେ ସରକାରୀ ନିୟମ ଅନୁସାରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଚୋରଙ୍କ ଟାର୍ଗେଟ୍‌ରେ ମନ୍ଦିର

# ଶିବ-ପାର୍ବତୀଙ୍କ ଗହଣା ସମେତ ତାଡ଼ି ନେଲେ ମହାବୀରଙ୍କ ଆଖି



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍ ଅଞ୍ଚଳରେ ଚୋରଙ୍କ ଟାର୍ଗେଟ୍‌ରେ ଦେବା ଦେବୀଙ୍କ ମନ୍ଦିର। ଚୋରମାନେ ଗୋଟିଏ ପରେ ଗୋଟିଏ ମନ୍ଦିରକୁ ଟାର୍ଗେଟ୍ କରି ଠାକୁରଙ୍କର ସର୍ବସ୍ୱ ଲୁଟି ନେଉଥିବା ବେଳେ ଚୋରମାନଙ୍କର ପତା ମିଳୁ ନାହିଁ। ଚାରିଛକ ଥାନା ଠାରୁ ୧ଶହ ମିଟର ଦୂରରେ ଥିବା ଏକ ମହାଦେବୀଙ୍କ ମନ୍ଦିରରେ ଚୋରମାନେ ପଶି ସମସ୍ତ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ପୋଲିସ ଓ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ଘଟଣାର ଅନୁସନ୍ଧାନ କରି ଫେରିଥିଲେ ମଧ୍ୟ ଚୋରମାନଙ୍କର କୌଣସି ସୁରାକ୍ ପୋଲିସ ପାଇପାରି ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଠାରୁ ଏକଶହ ମିଟର ଦୂରରେ ଥିବା ବ୍ରହ୍ମେଶ୍ୱର ମନ୍ଦିରରେ ପୂଜା ପାଉଥିବା ଶିବ-ପାର୍ବତୀ ମନ୍ଦିରରେ ଚୋରମାନେ ଶୁକ୍ରବାର ବିଳମ୍ବିତ ରାତ୍ରରେ ପଶି ଶିବ-ପାର୍ବତୀଙ୍କ ସୁନା ମୁକୁଟ, ଚେନ୍, ମୁଦି, ମହାବୀର ମନ୍ଦିରରୁ ମହାବୀରଙ୍କ ଆଖି ତାଡ଼ି ନେବା ସହ ମୁକୁଟ, ରାମ ଚିତା, ତାରେଣୀ ମନ୍ଦିରରୁ ସୁନା ଚିତା, ରୂପା ଆଖି, ନୋଥ, ଭଣ୍ଡାର ଘରୁ ପିତଳ ବାସନ, ଦାନବାକ୍ସ ଭାଙ୍ଗି ସମସ୍ତ ଦାନ ଟଙ୍କା ଲୁଟି ନେଇଛନ୍ତି। ଶନିବାର ସକାଳେ ପୂଜକ ମନ୍ଦିରରେ ପହଞ୍ଚି ଚୋରୀ ହୋଇଥିବା ଜାଣିପାରି ମନ୍ଦିର କମିଟିର ସଭାପତିଙ୍କୁ ଜଣାଇଥିଲେ। ମନ୍ଦିର କମିଟି ସଭାପତି ଚକ୍ରଧର ସା ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳ ଘଟଣା ସ୍ଥଳରେ ପହଂଚି ଥିବା ବେଳେ ପୁରୀ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛନ୍ତି। ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳ, ସବ୍-ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ୍ଆଇ ଇନ୍ଦୁଲତା ମିଶ୍ର, କୈଳାସ ପ୍ରଧାନ, ସାଇଣ୍ଟିଫିକ୍ ଟିମ୍‌ର ଆଦିତ୍ୟ ରଞ୍ଜନ ନାୟକ, ଫଟୋଗ୍ରାଫର ରମେଶ ଚନ୍ଦ୍ର ବାରିକ, ଲ୍ୟାବ୍ ଆଟେଣ୍ଡାଣ୍ଟ ବିଶ୍ୱଜିତ ସାହୁ, କେ. ନାଇନ୍ ସ୍କ୍ୱାର୍ଡ଼ ବିନ୍ଦୁସାଗର ପାଣି ପ୍ରମୁଖ ପହଞ୍ଚି ତଦନ୍ତ ଚଳାଇଥିଲେ ମଧ୍ୟ ଲୁଟେରାଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ଲୁଟେରାମାନେ ଗୋଟିକ ପରେ ଗୋଟିଏ ମନ୍ଦିରକୁ ଟାର୍ଗେଟ୍ କରି ଲୁଟି ନେଉଛନ୍ତି। ଯାହା ପାଇଁ ଦେବାଦେବୀ ମାନେ ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ କୁନି ଝିଅ ଅଭିଷ୍କା




ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ବ୍ଲକ ଅନ୍ତର୍ଗତ ଓଡିଶ ଗ୍ରାମର କୁନି ଝିଅ ଅଭିଷ୍କା ଷଣ୍ଢ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ହାସଲ କରିଛନ୍ତି। ମାତ୍ର ତିନିବର୍ଷ ଦୁଇମାସ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଅନ ଲାଇନ ପ୍ରତିଯୋଗିତାରେ ଭାଗ ନେଇ ବିଭିନ୍ନ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ଏଭଳି ବିରଳ କୃତିତ୍ୱ ହାସଲ କରିଛନ୍ତି। ତିନୋଟି ଶ୍ଲୋକ, ସାତଟି ବହି ଇଂରାଜୀ ଗୀତ, ଚାରି ଦିଗ, ସପ୍ତାହ, ବର୍ଷ, ମାସ, ଦଶଟି ଗାଡି ନାମ, ସାତଟି ଖେଳ, କୋଡ଼ିଏ ପ୍ରାଣୀଙ୍କ ନାମ, ତେର ଗୋଟି ସରୀସୃପ, ସାତ ନଦୀ, ପାଞ୍ଚ ପର୍ବ ପର୍ବାଣୀ, ଆଠଟି ଶରୀର ଅଙ୍ଗ ବିଷୟରେ ନିର୍ଭୁଲ ଉତ୍ତର ରଖିଥିଲେ। ଏଥିପାଇଁ ତାଙ୍କୁ ଅନ-ଲାଇନ ଇଣ୍ଡିଆ ବୁକ ଅଫ ରେକର୍ଡରେ ରେ ସ୍ଥାନିତ କରାଯାଇଛି। ଅଭିଷ୍କାଙ୍କ ପିତା ଅଭିନାଶ ଷଣ୍ଢ ଭାରତୀୟ ରେଳବାଇର କର୍ମଚାରୀ ଭାବେ ଜଖପୁରା ରେଳଷ୍ଟେସନରେ କାର୍ଯ୍ୟରତ ଥିବା ବେଳେ ମାତା ଜୟଶ୍ରୀ ସଙ୍ଗିତା ବଳ ଗୃହିଣୀ ଅଟନ୍ତି। ଅଭିଷ୍କା ବର୍ତ୍ତମାନ ଯାଜପୁର ନୃତ୍ୟାୟନ ପବ୍ଲିକ ସ୍କୁଲର ବିଦ୍ୟାର୍ଥୀ ଅଟନ୍ତି। ତାଙ୍କ ସଫଳତାରେ ପରିବାର ବନ୍ଧୁ ପରିଜନ ଓ ଗ୍ରାମବାସୀ ଖୁସି ବ୍ୟକ୍ତ କରିବା ସହିତ ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଓ ଉତ୍ତରପ୍ରଦେଶ ରାଜ୍ୟ ଫରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର ମଧ୍ୟରେ ଏମ୍ଓୟୁ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ (ଓଡିଶା ଏବଂ ଆନ୍ଧ୍ର ପ୍ରଦେଶ)ଓ ଉତ୍ତର ପ୍ରଦେଶ ରାଜ୍ୟ ଫରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର ମଧ୍ୟରେ ଏକ ସମ୍ମତିପତ୍ର ସ୍ୱାକ୍ଷର କରାଯାଇଛି। ଏହି ଏମ୍ଓୟୁ ସ୍ୱାକ୍ଷର ସମାରୋହରେ ରାଜୀବ କୃଶନା, ଆଇପିଏସ୍, ଡାଇରେକ୍ଟର ଜେନେରାଲ୍ ଅଫ୍ ପୋଲିସ୍, ଉତ୍ତରପ୍ରଦେଶ ଓ ପ୍ରଫେସର ମୁକ୍ତି କାନ୍ତ ମିଶ୍ର, ଅଧ୍ୟକ୍ଷ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟଉପସ୍ଥିତ ଥିଲେ। ଆଇପିଏସ୍ ଟିଶ୍ରୀ ନବୀନ ଅରୋରା, ଆଇପିଏସ୍, ଅତିରିକ୍ତ ଡାଇରେକ୍ଟର ଜେନେରାଲ୍ ଅଫ୍ ପୋଲିସ୍, ଟେକ୍ନିକାଲ୍ ସର୍ଭିସେସ୍ ଓ ଡା. ସୁପ୍ରିୟା ପଟ୍ଟନାୟକ, ଉପକୁଳପତି, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଓଡିଶାଦ୍ୱାରା ସାଇନ୍ ଓ ବଦଳ କରାଗଲା। ଏହି ଅବସରରେ ଡା. ସୁଧୀର କୁମାର, ଏସ୍ଏଫ୍ଏସ୍ଏଲ, ଲକ୍ଷ୍ନୌ, ସ୍ମିତା ମୋନାଲିସା ଘୋଷ, ଡାଇରେକ୍ଟର, ଇଣ୍ଟରନ୍ୟାସନାଲ ରିଲେସନସିପ୍ ଏବଂ ଗଭର୍ଣ୍ଣମେଣ୍ଟ ପାର୍ଟନରସିପ୍, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଡା. ରୀନା ସି. ଝମ୍ତାନୀ, ଏସୋସିଏଟ୍ ଡିନ୍, ସ୍କୁଲ୍ ଅଫ୍ ଫରେନ୍ସିକ୍ ସାଇନ୍ସ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଉପସ୍ଥିତ ଥିଲେ। ରାଜୀବ କୃଷ୍ଣ, ଡିଜିପି, ଉ.ପ୍. କହିଥିଲେ ଯେ, 'ଏହି ସହଯୋଗ ଏକାଡେମିକ୍ ଗବେଷଣା ଓ ପ୍ରାକ୍ଟିକ୍ ଫରେନ୍ସିକ୍ ପ୍ରୟୋଗଙ୍କୁ ସେତୁ ବନାଇବା ସହିତ, ନବୀନତା ଓ ଦକ୍ଷତା ବିକାଶ ପାଇଁ ସୁଦୃଢ଼ ମଞ୍ଚ ସୃଷ୍ଟି କରିବ।' ପ୍ରଫେସର ମୁକ୍ତି କାନ୍ତ ମିଶ୍ର, ଅଧ୍ୟକ୍ଷ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ କହିଥିଲେ ଯେ, 'ଆମ କୌଶଳ-ଆଧାରିତ ଶିକ୍ଷା ପ୍ରଦାନକୁ ଏସ୍ଏଫ୍ଏସ୍ଏଲର ପାରଦର୍ଶିତା ସହିତ ସମ୍ମିଳିତ କରି, ଆମେ ଛାତ୍ରଛାତ୍ରୀ ଏବଂ ଗବେଷକମାନଙ୍କୁ ପ୍ରାସଙ୍ଗିକ ଓ ଉପଯୋଗୀ କ୍ଷମତାରେ ସଶକ୍ତ କରିବୁ, ଯାହା ତାଙ୍କୁ ନ୍ୟାୟବିଜ୍ଞାନ ଓ ପ୍ରଯୁକ୍ତିର ଅଗ୍ରଗତିରେ ଅର୍ଥବାହୀ ଅବଦାନ ରଖିବାରେ ସହାୟ କରିବ।' ଏହି ଏମ୍ଓୟୁ ଦ୍ୱାରା ସମ୍ମିଳିତ ଶିକ୍ଷା, ପ୍ରଶିକ୍ଷଣ ଓ ଗବେଷଣା, ଗବେଷଣା ସାମଗ୍ରୀ, ପ୍ରକାଶନ ଓ ପୁସ୍ତକାଳୟ ସାଧନର ଆଦାନ-ପ୍ରଦାନ, ବୈଜ୍ଞାନିକ ସାଜୋସମାନ, ସଫ୍ଟୱେର ଓ ଲାବ୍ ସୁବିଧାର ପ୍ରବେଶ, ବୈଜ୍ଞାନିକ ଓ ଗବେଷକମାନଙ୍କ ପାଇଁ ସହ-ପରାମର୍ଶ ଓ ଅବସର ଆଦି ଲାଭ ମିଳିପାରିବ। ଏହି ସହଯୋଗରେ ଛାତ୍ରମାନେ ଭବିଷ୍ୟତର ଫରେନ୍ସିକ୍ ବୃତ୍ତିଜୀବୀମାନେ ଦ୍ରୁତ ବିକାଶଶୀଳ ଫରେନ୍ସିକ୍ ବିଜ୍ଞାନ ଖେତ୍ରରେ ପ୍ରତିସ୍ପର୍ଧୀୟ କ୍ଷମତା ହାସଲ କରିବେ, ଚାକିରି ସୁଯୋଗ ବଢ଼ିବା ସହିତ ଦେଶବ୍ୟାପୀ ଆଇନ-ଶୃଙ୍ଖଳା ଓ ନ୍ୟାୟିକ ପ୍ରଣାଳୀକୁ ସମର୍ଥନ କରୁଥିବା ଉନ୍ନତ ଗବେଷଣାରେ ଅବଦାନ ରାଖିବେ। ଏହି ସହଯୋଗ ମାଧ୍ୟମରେ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟତାହାର ଛାତ୍ରଛାତ୍ରୀଙ୍କୁ ଉଚ୍ଚମାନର ଶିକ୍ଷା ଏବଂ ଉପଯୁକ୍ତ ପାଟିଭିତି ପ୍ରଦାନ କରିବାକୁ, ସେଥିସହିତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୂରଣ କରିବାକୁ ଲକ୍ଷ୍ୟରେଇଛି।ବିଶ୍ୱବିଦ୍ୟାଳୟ ଗୁଣାତ୍ମକ ନ୍ୟାୟବିଜ୍ଞାନ ଶିକ୍ଷା ଏବଂ ପ୍ରଶିକ୍ଷଣ ମାଧ୍ୟମରେ ଏହି ଅଭାବକୁ ଦୂର କରିବାର ଯାତ୍ରାରେ ଅଗ୍ରସର ଅଛି।

# ଫାୟାର ସେଫ୍ଟି ଆସୋସିଏସନ୍‌ର ସାଧାରଣ ବୈଠକ ଏବଂ କର୍ମକର୍ତ୍ତା ନିର୍ବାଚନ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର କେଶୁରା ଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି, ଏହି ବୈଠକରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୮୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଉଦୟ ଚାନ୍ଦ ମଲ୍ଲିକଙ୍କୁ ସଭାପତି ଓ ରବୀନ୍ଦ୍ର କୁମାର ମିଶ୍ରଙ୍କୁ ସାଧାରଣ ସଚିବ ଏବଂ ଅନ୍ୟାନ୍ୟ ସଦସ୍ୟ ମାନଙ୍କୁ ନିର୍ବାଚିତ କରିଥିଲେ। ଏହାର ସଂଶୋଧନ ଓ ସରଳିକରଣ ଉପରେ ଏକ ପ୍ରତିନିଧି ମଣ୍ଡଳ ସରକାରଙ୍କୁ ସାକ୍ଷାତ କରି ଆଲୋଚନା କରିବା ନିମନ୍ତେ ସହମତି ପ୍ରକାଶ ପାଇଥିଲାସଭାପତି ଉଦୟ ଚାନ୍ଦ ମଲ୍ଲିକ ମହାଶୟ ଓଡିଶା ର ବିଭିନ୍ନ ପ୍ରାନ୍ତରେ ଫାୟାର ସେଫଟି ବିଭାଗରେ କାର୍ଯ୍ୟ କରୁଥିବା ଭାଇ ମାନଙ୍କୁ ଏହି ଆସୋସିଏସନରେ ଯୋଗ ଦେବା ନିମନ୍ତେ ଆହ୍ୱାନ ଜଣାଇଛନ୍ତିଏହି ସଭା କୁ ସୁନୀଲ କୁମାର ନାୟକ, ପ୍ରୀତିରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ ଏବଂ ସର୍ବଶେଷରେ ନରୁଲ ଇସଲାମ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।



ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକକୁ ତୁରନ୍ତ ଏନ ଏ ସି ଘୋଷଣା ପାଇଁ କଂଗ୍ରେସ ଦାବୀ କରିଛି । ସୂଚନା ଅନୁସାର ଆଜି ଆଳି ବ୍ଲକ କଂଗ୍ରେସ ତରଫରୁ ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରାଙ୍କ ନେତୃତ୍ୱରେ ପିସିସି ସମ୍ପାଦିକା ତଥା ଆଳି ନିର୍ବାଚନ ମଣ୍ଡଳୀର ନେତ୍ରୀ ଡ଼ଃ ଦେବସ୍ମିତା ଶର୍ମାଙ୍କ ଉପସ୍ଥିତିରେ ଏକ ବିଶାଳ ରାଲି ନିଆଳ ସ୍ଥିତ ଶର୍ମାଙ୍କ ବାସ ଭାବନରୁ ବାହାରି ଆଳି ବଜାର ଦେଇ ଆଳି ତହସିଲ କାର୍ଯ୍ୟାଳୟରେ ପହଁଚିଥିଲେ। ପରେ ପରେ ଆଳି ତହସିଲଦା ଶାନ୍ତି ସ୍ୱରୂପ ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟସରେ କଂଗ୍ରେସ ଦାବିପତ୍ର ପ୍ରଦାନ କରିଛି । ଡ଼ଃ ଶର୍ମାଙ୍କ କହିଛନ୍ତି ପୂର୍ବ ସରକାର ସମୟରେ ଆଳିକୁ ଏନ ଏ ସି ଘୋଷଣା କରିବା ପାଇଁ ଦାବିକରିଆସିଛୁ । ମାତ୍ର ସେତେବେଳର ସରକାର ଅନେକ ଜିଲ୍ଲା ରେ ନୂତନ ଏନ ଏ ସି ଘୋଷଣା କରିଥିଲେ ମଧ୍ୟ ଆଳି ଉପେକ୍ଷିତ କରିଥିଲେ । ବର୍ତ୍ତମାନର ସରକାର ସାତଟି ଜିଲ୍ଲା ର ୧୨ ଟି ନୂତନ ଏନଏସି ଘୋଷଣା କରିଥିଲେ ମଧ୍ୟ ପୂର୍ବ ଭଳି ଆଳି ଉପେକ୍ଷିତ କରାଯାଇଛି । ଆଳିର ଭୌଗଳିକ ଦୃଷ୍ଟି କୋଣରୁ ଲୋକସଂଖ୍ୟା, ବଜାର ଘାଟ ଯଦି ବିଚାରକୁ ନିଆଯାଏ ତାହାହେଲେ ଏଠିକାର ସାଧାରଣ ଲୋକଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ, ବଜାରଘାଟରେ ଆଲୋକୀକରଣ ଓ ପରିମଳ ବ୍ୟବସ୍ଥାର ଉନ୍ନତି ହେବାର ଆବଶ୍ୟକତା ରହିଛି । ମାତ୍ର ଆବଶ୍ୟକ ସହରୀକରଣ ର ବ୍ୟବସ୍ଥା ନାହିଁ । ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ପିସିସି ସମ୍ପାଦିକା ଡା ଦେବସ୍ମିତା ଶର୍ମା, କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ରବିନାରାୟଣ ବେହେରା, ମଙ୍ଗୁଳି ଚରଣ ବେହେରା, ମାନଗୋବିନ୍ଦ ଦାସ, ରାଜମୋହନ ସ୍ୱାଇଁ, ଦର୍ପ ନାରାୟଣ ସାହୁ, ଧନେଶ୍ୱର ରାଉତ, ସଂଗ୍ରାମ ପାତ୍ର, ହରେକୃଷ୍ଣ ବିଶ୍ୱାଳ, ରଜନୀକାନ୍ତ ସାହୁ, ମଧୁସୂଦନ ରାଉତ, ସହଦେବ ସିଂ ପ୍ରମୁଖ ଯୋଗଦେଇଥିଲେ।



## ରାଇଘରରୁ ବ୍ରହ୍ମପୁରକୁ ସରକାରୀ ବସ୍ ସେବା କେବେ ?




ରାଇଘର(ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ଠାରୁ ରାଇଘର ପର୍ଯ୍ୟନ୍ତ ବସ୍ ସେବା ନିମନ୍ତେ ବାରମ୍ବାର ବ୍ରହ୍ମପୁର ସ୍ଥିତ ଡିଟିଏମ୍ ଭୁବନେଶ୍ୱର ମୁଖ୍ୟ ଅଫିସ ତଥା ପରିବହନ ମନ୍ତ୍ରୀ , ବିଭାଗୀୟ ପଦାଧିକାରୀଙ୍କୁ ଜଣାଇବା ସହ ଗଣମାଧ୍ୟମରେ ବସ୍ ସେବା ନିମନ୍ତେ ଖବର ପ୍ରକାଶିତ ହେବା ସହ ରାଇଘର ଜନସାଧାରଣ ଲିଖିତ ଆକାରରେ ଜଣାଇବା ପରେ ମଧ୍ୟ ଚୁପ ରହିବା ଏଠାକାର ଜନସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳୁଛି। ପ୍ରକାଶ ଥାଉକି, ବ୍ରହ୍ମପୁର ସ୍ଥିତ ପୂର୍ବତନ ଡିଟିଏମ କରିବା କରିବା କହିବା ସହ ନୂଆ ବସ୍ ଆସିଲେ ନିଶ୍ଚୟ ଦିଆଯିବ କହି ବର୍ତ୍ତମାନ୍ ୬, ରୁ ୭ବର୍ଷ ବିତିଗଲାଣି। ଏପଟେ ବ୍ରହ୍ମପୁର ଠାରୁ ରାଇଘରକୁ ଗୋଟାଏ ଘରୋଇ ବସ୍ ୪ ବର୍ଷ ହେବ ଭଞ୍ଜନଗର, ବାଲିଗୁଡା,ଭବାନୀପାଟଣା ଦେଇ ଚଳାଚଳ କରୁଅଛି। ଗୋଟାଏ ବସ୍ ଚଳାଚଳ ଫଳରେ ମନମୁଖୀ କାରବାର କରୁଥିବା ପାସେଞ୍ଜର ଅଭିଯୋଗ କରୁଛନ୍ତି। ତା'ସହ କଟକରୁ ରାଇଘର ୬୭୦ କିଲୋମିଟର କୁ ନନ୍ଏସି ବସରେ ସିଟ୍ ଓ ସ୍ଲିପର ପିଛା ୮୫୦ ଟଙ୍କା ଥିବାବେଳେ ଏସି ବସ୍ ରେ ୯୦୦ ରୁ ୯୫୦ଟଙ୍କା ନେଉଛନ୍ତି । ରାଇଘର ଠାରୁ ବ୍ରହ୍ମପୁରକୁ ୫୩୦ ରୁ ୫୫୦ କିଲୋମିଟର ହେଉଥିବାବେଳେ । ଘରୋଇ ବସ୍ ସିଟ୍ ପିଛା ୬୫୦ ଟଙ୍କା ଏବଂ ସ୍ଲିପର୍ ପିଛା ୮୫୦ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ୧/୨ ସିଟ୍ ଉପଲବ୍ଧ ଥିବାବେଳେ ଚଳାଚଳ କରୁଥିବା ଘରୋଇ ବସ୍ ୨/୨ ସିଟ୍ ଅନୁଯାୟୀ ସ୍ଲିପର ପଇସା ନେଉଛି। ଏବଂ ଘରୋଇ ବସ୍‌ରେ କାର୍ଯ୍ୟରତ କଣ୍ଡକ୍ଟରଙ୍କ ବ୍ୟବହାର ଠିକ୍ ନଥିବା ଶୁଣିବାକୁ ମିଳୁଛି। ଅନ୍ୟପଟେ ଗୋଟାଏ ଘରୋଇ ବସ୍ ମଧ୍ୟ ବ୍ରହ୍ମପୁର ଠାରୁ ଉମରକୋଟ ବିନା ପରମିଟ୍‌ରେ ରାଇଘର ବୋର୍ଡ ଲଗାଇ ଉମରକୋଟରେ ଆସି ରହିଯାଉଥିବା ଜଣାଯାଇଛିଏବଂ ଯାତ୍ରୀଙ୍କୁ ମନମୁଖୀ ବ୍ୟବହାର କରିବା ଦେଖିବାକୁ ମିଳୁଛି। ଯାହା ଫଳରେ ଯାତ୍ରୀମାନେ ନାହିନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଗୋଟାଏ ବଡ ବ୍ୟବସାୟିକ କେନ୍ଦ୍ର ସ୍ଥଳ ଭାବେ ପରିଚିତ ଥିବାବେଳେ ଏହି ବ୍ଲକଟି ୨୬ଗୋଟି ପଞ୍ଚାୟତକୁ ନେଇ ଗଠିତ ହେଇଛି। ଏହି ବ୍ଲକରେ ଗଞ୍ଜାମ ଜିଲ୍ଲାର ବହୁ ଅଧିବାସୀ ବସବାସ କରୁଛନ୍ତି। ସେମାନେ ବ୍ରହ୍ମପୁର ଯିବାକୁ ହେଲେ ରାଇଘର ଠାରୁ ଚଳାଚଳ କରୁଥିବା ଘରୋଇ ବସ୍ କିମ୍ବା ୨୮ କିମି ଉମରକୋଟ ଯାଇ ବ୍ରହ୍ମପୁର ଯିବାକୁ ବାଧ ହେଉଛନ୍ତି। ତେଣୁ ଓ ଏସ୍ଆରଟିସି ବିଭାଗୀୟ ପଦାଧିକାରୀ ଏହା ଉପରେ ନଜର ଦେଇ ସହ ଏହାର ସମାଧାନ ନିମନ୍ତେ ଅଞ୍ଚଳବାସୀ ଙ୍କ ତରଫରୁ ଦାବି ହେଉଛି।

## ସରିଲାଣି ଅବଧି, ସରୁନି ବାଇପାସ୍ ରାସ୍ତାକାମ

### ଅଧାପନ୍ତରିଆ କାମ ପାଇଁ ଯାଉଛି ଗୋଟିଏ ପରେ ଗୋଟିଏ ଜୀବନ

ଗୁଣୁପୁର (ଭାସ୍କର ନ୍ୟୁଜ୍): ଅଧାପନ୍ତୁରିଆ ଗୁଣପୁର ବାଇପାସ ରାସ୍ତା ପାଇଁ ଜଣକ ପରେ ଜଣେ ବଳିପଡୁଛନ୍ତି। ତଥାପି ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗୁନି। ଶୁକ୍ରବାର ବିଳମ୍ବିତ ରାତ୍ରିରେ ଜଣେ ପୋଲିସ କର୍ମଚାରୀ ଡ୍ୟୁଟି ସାରି ନିଜ ଘରକୁ ଫେରୁଥିବା ବେଳେ ଗୁଣପୁର ବାଇପାସ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ନିର୍ମାଣ ହେଉଥିବା ବାଇପାସ୍ ରାସ୍ତା କାମର ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ଚାଲିଗଲା ପୋଲିସ୍ କର୍ମଚାରୀଙ୍କ ଜୀବନ। ଘଟଣାସ୍ଥଳର ଗୁରତର ପୋଲିସ୍ କର୍ମଚାରୀକୁ ଉଦ୍ଧାର କରି ଜନସାଧାରଣ ଓ ପୋଲିସ୍ ସହାୟତାରେ ପିସିଆର୍ ଗାଡିରେ ଗୁଣୁପୁର ଉପଖଣ୍ଡସ୍ତରିୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ବାଇପାସ୍ ରାସ୍ତାରେ ବିଳମ୍ବିତ ରାତ୍ରିରେ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ରାସ୍ତା ମଧ୍ୟ ଅବରୋଧ କରିଥିଲେ କିଛି ସ୍ଥାନୀୟ ଲୋକେ। ଘଟଣାସ୍ଥଳରେ ସ୍ଥାନୀୟ ବିଧାୟକ ସତ୍ୟଜିତ ଗମାଙ୍ଗ ଓ ପୋଲିସ୍ ପହଞ୍ଚିଥିଲେ । ସ୍ଥାନୀୟ ଲୋକେ ରାସ୍ତା କାମ ସାରିବା ପାଇଁ ବିଧାୟକଙ୍କୁ ଘେରିବା ସହ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପାଇଁ ସ୍ୱର ଉଠାଇଥିଲେ। ପୋଲିସ୍ ଆଇଆଇସି କେକେବିକେ କଁଅର ଓ ପୂର୍ତ୍ତବିଭାଗ ଯନ୍ତ୍ରୀ , ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ଯେଉଁ ପୋଲିସ୍ କର୍ମଚାରୀ ମରିଗଲେ ତା ପାଇ ଦାୟିକିଏ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଥିଲେ। ଅନେକ ସମୟ ବୁଝାସୁଝା ପରେ ରାସ୍ତା ଅବରୋଧ ହଟିଥିଲା। ମୃତକ ପୋଲିସ୍ ଜଣକ ହେଲେ ଗୁଣୁପୁର ଆଦର୍ଶଥାନାର ଏସ୍ଆି ଓ କର୍ମଚାରୀ ମାଧବ ଶବର। ତାଙ୍କ ନିଜଘର ପଦ୍ମପୁର ବ୍ଲକ୍ ନାଇରା ପଞ୍ଚାୟତ ବନ୍ଦରୁଗୁଡା ଗ୍ରାମ ବୋଲି ଜଣାପଡିଛି। ଗୁଣୁପୁର ସହରର ମୁଖ୍ୟ ବାଇପାସ୍ ରାସ୍ତା ପୂର୍ତ୍ତବିଭାଗର ହସ୍ତକ୍ଷେପର ଏକ ଠିକାସଂସ୍ଥା ନିର୍ମାଣ କରୁଛି। ତିନିବର୍ଷ ଧରି କାମ ସରୁନଥିବା ଯୋଗୁଁ ଅନେକ ଲୋକ ଦୁର୍ଘଟଣାର ଶିକାର ହେବାକୁ ପଡିଛି। ଅବଧିସମୟ ସରିବା ପରେ ମଧ୍ୟ କାମ ହୋଇପାରୁନି। ଏପରିକି ପୂର୍ତ୍ତବିଭାଗ ସହକାରୀ ନିର୍ବାହି ଯନ୍ତ୍ରୀ କହିଛନ୍ତି ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ଖୁଣ୍ଟ ରାସ୍ତା ମଝିରୁ ନହଟାଇବାରୁ କାମ ହୋଇପାରୁନଥିବା କହିଥିବା ବେଳେ ଆରୋପ ଦୋଷାରୋପ ମଧ୍ୟରେ ସ୍ଥାନୀୟ ଜନସାଧାରଣ ହରଡଘଣାରେ ପଡିଛନ୍ତି। ଆଗକୁ ଯଦି ପ୍ରଶାସନର ହସ୍ତକ୍ଷେପ ରେ କାମ ଯଥାଶିଘ୍ର ନସାରେ ତେବେ ଆଗକୁ ସ୍ଥାନୀୟ ଜନସାଧାରଣ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

କାଳିମେଳା,(ଭାସ୍କର ନ୍ୟୁଜ୍): ପଡ଼ିଆ ବ୍ଲକ ଅନ୍ତର୍ଗତ ଉଣ୍ଟୁକୋଣ୍ଡା ନିକଟରେ ଜଣେ ବାଇକ୍ ଚାଳକ ଗଛରେ ପିଟି ହୋଇ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ସେ ଏମଭି-୫୮ ଗ୍ରାମ ର ନରେଶ ସର୍ଦ୍ଦାର(୪୦) ବୋଲି ଜଣାପଡ଼ିଛି । ଶୁକ୍ରବାର ସଂଧ୍ୟାରେ କୌଣସି କାମରେ ସେ ଉଣ୍ଟୁକୋଣ୍ଡାକୁ ଆସି ଘରକୁ ଫେରୁଥିଲେ। ଉଣ୍ଟୁକୋଣ୍ଡା ରୁ କିଛି ଦୂର ଗଲା ପରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇଥିଲେ । ଫଳରେ ରକ୍ତ ଜୁଡୁବୁଡୁ ଗୁରୁତର ଆହତ ଅବସ୍ଥାରେ ସେଠାରେ ପଡିରହିଥିଲେ । ସେହି ସମୟରେ ପଡ଼ିଆ ଅଭିମୁଖେ ଯାଉଥିବା ସରକାରୀ ବସ୍ ଡ୍ରାଇଭରଙ୍କ ନଜରରେ ପଡ଼ିବାରୁ ଘଟଣା ସ୍ଥଳରେ ବସକୁ ଅଟକ ରଖିଲେ ଏବଂ ତାଙ୍କୁ ଉଦ୍ଧାର କରି ବସ୍‌ରେ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । କିନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ନ ପହଞ୍ଚିବା ପୂର୍ବରୁ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତକଙ୍କର ତିନି ଜଣ ଝିଅ, ସ୍ତ୍ରୀ, ବାପା, ମା' ରହିଥିବା ବେଳେ ଘରର ସେ ଜଣେ ମାତ୍ର ରୋଜଗାରିଆ ଥିବା ଜଣାପଡିଛି । ତେବେ ଘଟଣାଟି ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇଦେଇଛି ।

## ଆଦିବାସୀ ମହାସଂଘ କାର୍ଯ୍ୟକାରୀ ସଭାପତିଙ୍କ ଇସ୍ତଫା



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଆଦିବାସୀ ସମାଜ ମହାସଂଘର କାର୍ଯ୍ୟକାରୀ ସଭାପତି ଜରା ଶବର ମାଡ଼ି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ମହାସଂଘର ସଭାପତି ବନ୍ଧୁ ମୁଦୁଲିଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଜରା ଶବର ନିଜର ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି କି ଚାଷ କାର୍ଯ୍ୟ ଚାଲୁଥିବା ଏବଂ ନିଜର ବ୍ୟକ୍ତିଗତ ସମସ୍ୟା ରହିଥିବାରୁ ସେ ଏହି ପଦବୀରେ ରହି ବିଭିନ୍ନ କାର୍ଯ୍ୟରେ ଯୋଗ ଦେଇପାରୁ ନାହାନ୍ତି। ସେଥିପାଇଁ ସେ ପଦବୀ ଛାଡ଼ିବାକୁ ଚାହୁଁଛନ୍ତି । କିନ୍ତୁ ଅଚାନକ ଏଭଳି ଇସ୍ତଫା ଦେବା ମହାସଂଘରେ କିଛି ମତଭେଦ ରହିଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି । ଜରା ଶବର ଜଣେ ଆଗଧାଡ଼ିର ନେତା ହୋଇଥିବାରୁ ସେ କାହିଁକି ଏଭଳି ପଦକ୍ଷେପ ନେଲେ ତାକୁ ନେଇ ସାଧାରଣରେ ବହୁ ପ୍ରକାରର ପ୍ରଶ୍ନ ଉଠିଛି। ଏନେଇ ଜରା ଶବର ଙ୍କୁ ପଚାରିବାରୁ କିଛି ସଠିକ ଉତ୍ତର ମିଳି ନଥିଲେ ।

## ଗୁଣପୁର ମ୍ୟୁନିସିପାଲିଟି ପକ୍ଷରୁ ପଥ ଉତ୍ସବ




ଗୁଣପୁର (ଭାସ୍କର ନ୍ୟୁଜ୍) : ଗୁଣପୁର ପୌରସଂସ୍ଥା ପକ୍ଷରୁ ସ୍ୱାୟତ୍ତ ଶାସନ ସମାରୋହ ଅବସରରେ ଶୁକ୍ରବାର ଦିନ ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ଠାରୁ ବାଇପାସ ଛକ ମଧ୍ୟରେ ପଥଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ ଉଦ୍‌ଘାଟନ କରିଥିବା ବେଳେ ପୌର ପରିଷଦ ଅଧକ୍ଷା ମମତା ଗୌଡ, ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଉପାଧକ୍ଷ ଓ କାଉନସିଲର ଉପସ୍ଥିତ ଥିଲେ । ଏହି ରଂଗାରଂଗ କାର୍ଯ୍ୟକ୍ରମରେ ଲୋକଙ୍କ ମନୋରଞ୍ଜନ ପାଇଁ ସ୍ଥାନୀୟ ଯୁବ କଳାକାର ଆଞ୍ଚଳିକ ନୃତ୍ୟ,ଭଜନ ସଙ୍ଗୀତ କରାଟେ,ଯୋଗ,ଝୋଟି,ଓଡିଶୀ ନୃତ୍ୟ, ଆଧୁନିକ ନୃତ୍ୟ ଓ ସଂଗୀତ ସହ ଜୁମ୍ବା ନୃତ୍ୟ ପରିବେଷଣ ହୋଇଥିଲା। କଳାକାର ଙ୍କୁ ଉତ୍ସାହିତ କରିବା ପାଇଁ ଉପଜିଲ୍ଲାପାଳ ମଧ୍ୟ କଳାକାରଙ୍କ ପାଦରେ ପାଦ ମିଳାଇ ନାଚିଥିଲେ। ସହରକୁ ସବୁଜ ସୁନ୍ଦର ସହ ପରିବେଶ ସ୍ୱଚ୍ଛତା ଏବଂ ସହରର ବିକାଶରେ ଜନସାଧାରଣ ସହଯଗର ହାତ ବଢାଇବା ପାଇଁ ଉପଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ଅଶଂଗ୍ରହଣ କରିଥିଲେ।

## ଡିଭାଇଡର୍‌ରେ ପିଟିହେଲା ବାଇକ୍, ଜଣେ ମୃତ

ମାଲକାନଗିର(ଭାସ୍କର ନ୍ୟୁଜ୍) : ରାସ୍ତାରେ ଗାଈ ଗୋରୁଙ୍କୁ ବଞ୍ଚାଇବାକୁ ଯାଇ ଡିଭାଇଡରରେ ପିଟିହେଲା ବାଇକ୍ । ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଏଭଳି ଦୁଃଖଦ ଘଟଣା ଘଟିଛି ମାଲକାନଗିରି -ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ମେଡ଼ିକାଲ ନିକଟ ଏକ ପେଟ୍ରୋଲ ପମ୍ପ ନିକଟରେ। ମୃତକ ହେଲେ ସ୍ଥାନୀୟ ଜେଡଏ କଲୋନିର ସନ୍ତୋଷ କୁମାର ରାଜ(୪୨)। ଆହତ ଯୁବକ ହେଲେ କେ. ରୋହନ(୩୧)। ରୋହନଙ୍କୁ ଜିଲ୍ଲା ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ୍ ସନ୍ତୋଷଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରାଇ ତଦନ୍ତ ଚାଲୁ ରଖିଥିବା ପୋଲିସ୍ କହିଛି। ପୋଲିସ୍ ସୂଚନା ଅନୁଯାୟୀ, ଗୁରୁବାର ସ୍ଥାନୀୟ ଜେଡ୍ଏ କଲୋନିର ରୋହନ ଓ ସନ୍ତୋଷ ଏକ ବାଇକରେ କୌଣସି କାମରେ ଏମ୍‌ଭି-୭ ନମ୍ବର ଗାଁକୁ ଯାଉଥିଲେ । ଯିବା ବାଟରେ ମାଲକାନଗିରି -ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ଏକ ପେଟ୍ରୋଲ ପମ୍ପ ନିକଟରେ କେତେକ ଗୋରୁଗାଈ ହଠାତ୍ ରାସ୍ତା ଉପରକୁ ଚାଲି ଆସିଥିଲେ । ଗାଈମାନଙ୍କୁ ବଞ୍ଚାଇବାକୁ ଯାଇ ବାଇକ ଚଳାକ ଭାରସାମ୍ୟ ହରାଇ ଡିଭାଇଡ଼ରରେ ପିଟି ହୋଇଯାଇ ଉଭୟ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ସହ ମୃତଦେହ ଜବତ କରିଛି। ଏ ସମ୍ପର୍କରେ ଥାନାରେ ଏକ ମମଲା ରୁଜୁ ହୋଇଛି। ସନ୍ତୋଷଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଥାଉକି, ସହରର ବିଭିନ୍ନ ରାସ୍ତାରେ ବୁଲା ଗୋରୁଙ୍କ ସଂଖ୍ୟା ବଢିବାରେ ଲାଗିଛି । ମାଲିକମାନେ ଗାଈମାନଙ୍କୁ ରାସ୍ତାରେ ଛାଡ଼ି ଦେଉଥିବାରୁ ବିଭିନ୍ନ ସମୟରେ ଏଭଳି ଦୁର୍ଘଟଣା ଘଟୁଛି । ପୌର ପରିଷଦ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଜନ୍ମମାଟିରେ ପରିବାର ସହ 'ନୂଆଁ' ଖାଇଲେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ

ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ମାଣ୍ଡିଆପଦର ନିଜ ଗ୍ରାମରେ ପଶ୍ଚିମ ଓଡିଶାର ପୁରପଲ୍ଲୀ ନୂଆଖାଇରେ ଚଳଚଞ୍ଚଳ ଥିବା ବେଳେ ନିଜ ଜନ୍ମ ମାଟିରେ ପରିବାରଙ୍କ ସହିତ ନୂଆଁ ଖାଇଲେ ଓ ଭେଟଘାଟ ହୋଇ ନିଜ ଗ୍ରାମ ଦେବାଦେବୀ, ଚାଷ ଜମି ପୂଜା ଅର୍ଚ୍ଚନା କରି ଏକାଠି ହୋଇଥିଲେ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସ୍ୱତନ୍ତ୍ର ସଚିବ ପ୍ରସନ୍ନ କୁମାର ଷଡ଼ଙ୍ଗୀ। ବଲାଙ୍ଗୀର ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଆସି ଭେଟଘାଟରେ ସାମିଲ ଥିଲେ। ବ୍ୟସ୍ତତା ମଧ୍ୟରେ ଥାଇ ଆଜି ପରମ୍ପରାର ନୂଆଖାଇରେ ସାମିଲ ହୋଇଥିଲେ ।

## ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ବରଗଡ଼ (ଭାସ୍କର ନ୍ୟୁଜ୍): ବରଗଡ଼ ବିଇଓ ଅଧିନସ୍ଥ ଦେବଗଡ଼ ଟିକ୍ରା ବିଦ୍ୟାଳୟରେ ଏମ୍.ଏଲ୍.ଏ. ଲାଡ୍ ଅନୁଦାନରୁ ମିଳିଥିବା ଅର୍ଥରେ ବିଦ୍ୟାଳୟ ପାଇଁ ପାନୀୟ ଜଳ ପ୍ରକଳ୍ପ ପ୍ରାକ୍ତନ ପ୍ରଧାନ ଶିକ୍ଷକ/ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଶ୍ରୀ ପ୍ରଧାନ ବିଦ୍ୟାଳୟର ଉନ୍ନତି ପାଇଁ ଆର୍ଥିକ ସହାୟତ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷୟିତ୍ରୀ ତଥା ସ୍କୁଲ କମିଟୀ ସଭାପତି ପିତାମ୍ବର ଥପା ଏବଂ ସ୍କୁଲ ଶିକ୍ଷା କମିଟୀର ସଦସ୍ୟମାନେ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସିଆଇଏସ୍ଏଫ୍‌ରେ ପ୍ରଥମ ଥର ପାଇଁ ମହିଳା କମାଣ୍ଡୋ



କଣିହାଁ (ଭାସ୍କର ନ୍ୟୁଜ୍) : ସିଆଇଏସ୍ଏଫ୍ ପ୍ରଥମ ଥର ପାଇଁ ସମସ୍ତ ମହିଳା କମାଣ୍ଡୋ ୟୁନିଟ୍ ସୃଷ୍ଟି କରିଛି। ମହିଳାମାନଙ୍କୁ ଆଗ ଧାଡିର କାର୍ଯ୍ୟକ୍ଷମ ଭୂମିକାରେ ଆଣିବା ପାଇଁ ପଦକ୍ଷେପ। ବାହିନୀ ମଧ୍ୟରେ ମହିଳା ସଶକ୍ତିକରଣକୁ ଉତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ପଦକ୍ଷେପ ଭାବରେ, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ ଏହାର ପ୍ରଥମ ଥର ପାଇଁ ସମସ୍ତ ମହିଳା କମାଣ୍ଡୋ ଦଳକୁ ମୂଳ କାର୍ଯ୍ୟରେ ସାମିଲ କରିବାକୁ ପ୍ରସ୍ତୁତ। ମଧ୍ୟପ୍ରଦେଶର ବାରୱାହାରେ ଥିବା ଆଞ୍ଚଳିକ ତାଲିମ କେନ୍ଦ୍ର (ଆରଟିସି)ରେ ମହିଳା କମାଣ୍ଡୋଙ୍କ ତାଲିମ ପୂର୍ବରୁ ଆରମ୍ଭ ହୋଇସାରିଛି। ଏହି ୮ ସପ୍ତାହର ଉନ୍ନତ କମାଣ୍ଡୋ ପାଠ୍ୟକ୍ରମ ଉଚ୍ଚ-ସୁରକ୍ଷା ପ୍ରତିଷ୍ଠାନ ଏବଂ ପ୍ଲାଣ୍ଟଗୁଡ଼ିକରେ କ୍ୱିକ୍ ରିଆକ୍ସନ୍ ଟିମ୍ (କ୍ୟୁଆରଟି) ଏବଂ ସ୍ପେଶାଲ୍ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) କର୍ତ୍ତବ୍ୟ ପାଇଁ ମହିଳା କର୍ମଚାରୀମାନଙ୍କୁ ପ୍ରସ୍ତୁତ କରିବ। ଏହି କାର୍ଯ୍ୟକ୍ରମରେ ଶାରୀରିକ ସୁସ୍ଥତା ଏବଂ ଅସ୍ତ୍ରଶସ୍ତ୍ର ତାଲିମ, ଚାପ ତଳେ ଲାଇଭ୍-ଫାୟାର ଡ୍ରିଲ୍, ଦୌଡ଼, ବାଧା କୋର୍ସ, ରାପେଲିଂ, ଜଙ୍ଗଲରେ ବଞ୍ଚିବା ତାଲିମ ଭଳି ସହନଶୀଳତା-ନିର୍ମାଣ ଅଭ୍ୟାସ ଏବଂ ପ୍ରତିକୂଳ ପରିସ୍ଥିତିରେ ନିଷ୍ପତ୍ତି ଗ୍ରହଣ ଏବଂ ଦଳଗତ କାର୍ଯ୍ୟ ପରୀକ୍ଷା କରିବା ପାଇଁ ଡିଜାଇନ୍ କରାଯାଇଥିବା ୪୮ ଘଣ୍ଟାର ଆତ୍ମବିଶ୍ୱାସ-ନିର୍ମାଣ ଅଭ୍ୟାସ ଅନ୍ତର୍ଭୁକ୍ତ। ବିଭିନ୍ନ ବିମାନବନ୍ଦରରେ ନିୟୋଜିତ ହୋଇଥିବା ୩୦ ଜଣ ମହିଳାଙ୍କ ପ୍ରଥମ ବ୍ୟାଚ୍ ୧୧ ଅଗଷ୍ଟରୁ ୪ ଅକ୍ଟୋବର, ୨୦୨୫ ପର୍ଯ୍ୟନ୍ତ ତାଲିମ ନେବେ, ଏବଂ ଏହା ପରେ ୬ ଅକ୍ଟୋବରରୁ ୨୯ ନଭେମ୍ବର, ୨୦୨୫ ପର୍ଯ୍ୟନ୍ତ ଦ୍ୱିତୀୟ ବ୍ୟାଚ୍ ତାଲିମ ନେବେ। ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ, ବିଭିନ୍ନ ବିମାନ ସୁରକ୍ଷା ଗୋଷ୍ଠୀ (ଏଏସ୍‌ଜିଏସ୍) ଏବଂ ସମ୍ବେଦନଶୀଳ ସିଆଇଏସ୍ଏଫ୍ ୟୁନିଟ୍ ?ରୁ ଅତି କମରେ ୧୦୦ ଜଣ ମହିଳା ଏହି କାର୍ଯ୍ୟକ୍ରମ ସମାପ୍ତ କରିବେ। ଫୋର୍ସ ଏପରି ସମସ୍ତ ମହିଳା ପାଠ୍ୟକ୍ରମକୁ ଏହାର ତାଲିମ କ୍ୟାଲେଣ୍ଡରର ଏକ ନିୟମିତ ଅଂଶ କରିବାକୁ ପ୍ରତିବଦ୍ଧ। ତାଲିମ ପରେ ସେମାନଙ୍କୁ ମୁଖ୍ୟତଃ ବିମାନବନ୍ଦରରେ ନିୟୋଜିତ କରାଯିବ ଏବଂ ତା'ପରେ ଅନ୍ୟ ସମ୍ବେଦନଶୀଳ ସଂସ୍ଥାପନ କରାଯିବ। ଏହାର ମୂଳ କ୍ଷମତାରେ ମହିଳାମାନଙ୍କୁ ସାମିଲ କରିବା ଫୋର୍ସକୁ ଲିଙ୍ଗ ସମାନତା ଆଡ଼କୁ ଏକ ପଦକ୍ଷେପ ନେଇଛି ଏବଂ କାର୍ଯ୍ୟକ୍ଷମ କ୍ଷେତ୍ରରେ ଏକ ନୂତନ ସ୍ଥାନ ଅନୁସନ୍ଧାନ କରିଛି, ଯାହା ବର୍ତ୍ତମାନ କେବଳ ପୁରୁଷମାନଙ୍କ ପାଇଁ କାର୍ଯ୍ୟକ୍ଷେତ୍ର ଥିଲା। ଉଓଝର ଗୃହ ମନ୍ତ୍ରଣାଳୟର ୧୦% ପ୍ରତିନିଧିତ୍ୱ ଲକ୍ଷ୍ୟ ହାସଲ କରିବା ପାଇଁ ମହିଳା ନିଯୁକ୍ତି ମଧ୍ୟ ବୃଦ୍ଧି କରୁଛି। ବର୍ତ୍ତମାନ, ସିଆଇଏସ୍ଏଫ୍‌ରେ ୧୨,୪୯୧ ମହିଳା ଅଛନ୍ତି (ଏହାର ଶକ୍ତିର ୮%), ଏବଂ ୨୦୨୬ ରେ ଆହୁରି ୨,୪୦୦ ଜଣଙ୍କୁ ନିଯୁକ୍ତି ଦିଆଯିବ। ଆଗାମୀ ବର୍ଷଗୁଡ଼ିକରେ, ମହିଳାମାନେ ନିରନ୍ତର ଭାବରେ ବାହିନୀର ଅତି କମରେ ୧୦% ଯୋଗଦାନ କରିବା ପାଇଁ ନିଯୁକ୍ତି ସଂରଚନା କରାଯିବ। ଏହା ସହିତ, ସିଆଇଏସ୍ଏଫ୍ ସମସ୍ତ ସଶସ୍ତ୍ର ସଂଗଠନ ମଧ୍ୟରେ ଏକ ଅଗ୍ରଣୀ ଶକ୍ତି ହେବା ପାଇଁ ଆଗକୁ ବଢୁଛି – ସଂଖ୍ୟା ଏବଂ ଭୂମିକା ଉଭୟରେ ମହିଳାମାନଙ୍କୁ ସଶକ୍ତ କରୁଛି।

## ବିଭିନ୍ନ ଗଣେଶ ପୂଜା ମଣ୍ଡପ ବୁଲିଲେ ମନ୍ତ୍ରୀ

ଶୁଳିଆପଦା (ଭାସ୍କର ନ୍ୟୁଜ୍): ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ସହିତ ଆରମ୍ଭ ହୋଇଛି ପାର୍ବଣ ଋତୁ। ଏଥିପାଇଁ ଗାଁ ଗହଳି ଠାରୁ ଛକ ବଜାର ଉତ୍ସବମୁଖର। ଝିପିଝିପି ବର୍ଷା ସହିତ ବିଭିନ୍ନ କ୍ଲବ୍, ଶିକ୍ଷା ଅନୁଷ୍ଠାନ, କୋଚିଂ ସେଣ୍ଟରରେ ଗଣପତିଙ୍କ ପୂଜା ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଥିବା ବେଳେ ମଣ୍ଡପ ମାନଙ୍କରେ ସନ୍ଧ୍ୟାରେ ଭିଡ ଜମୁଛି। ଶୁଳିଆପଦା ବ୍ଲକ୍ ଅଧିନ ଦେଉଳି ଯୁଥ କ୍ଲବ୍‌ରେ ପୂଜା ପାଉଥିବା ପ୍ରାୟ ୧୦ ଫୁଟ୍ ଉଚ୍ଚର ଗଣେଶ ମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଶୁଳିଆପଦା, ଅଁଳାକୁଡା, ବାଙ୍କିପୋଷିର ରାଧାକୃଷ୍ଣ କ୍ଲବ, ଖଇଁଖିଆର ବାବା ତାରକେଶ୍ୱର ପୂଜା କମିଟି ପ୍ରଭୃତି ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପ ବୁଲି ଶ୍ରୀ ଗଣେଶଙ୍କ ଆଶୀର୍ବାଦ ଲାଭ କରିଥିଲେ। ପ୍ରତ୍ୟେକ ସ୍ଥାନରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ରେଡକ୍ରସ୍ ସହାୟତା ରାଶି ପ୍ରଦାନ



ଚିକିଟି (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗୋଳନ୍ଥରା ଥାନା ଅଧିନସ୍ଥ ପିତାତୋଳି ଗ୍ରାମର ପିତାମ୍ବର ସେଠୀ ନିଜ ବାଇକରେ ବ୍ରହ୍ମପୁରରୁ ଆସିଲା ବେଳେ କୃଷ୍ଣନଗର ନିକଟରେ ଦୁର୍ଘଟଣାର ଶିକାର ହୋଇ ମୃତୁବରଣ କରିଥିଲେ। ଉକ୍ତ ଘଟଣା ଘଟିବା ପରେ ପରିବାରରେ ଆର୍ଥିକ ଦୟନୀୟ ସ୍ଥିତି ଆସିଯାଇଥିଲା। ପରେ ପରେ ଏଥିରେ ପ୍ରଶାସନ ହସ୍ତକ୍ଷେପ କରି ଆଜି ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ମୃତକଙ୍କ ପରିବାରଙ୍କୁ ସ୍ଥାନୀୟ ତହସିଲଦାର ବିଶ୍ୱରଞ୍ଜନ କହଁର ୩୦,୦୦୦ ଟଙ୍କା ରେଡ଼କ୍ରସ ଟଙ୍କା ପ୍ରଦାନ କରିଥିଲେ। ଏହି କ୍ରମରେ ପିତାତୋଳି ରାଜସ୍ୱ ନିରକ୍ଷକ ଅଧିକାରୀ ଅଶ୍ୱିନୀ କୁମାର ରାଉଳ, ରାଜସ୍ୱ ନିରକ୍ଷକ ତଦାରଖ ଅଧିକାରୀ ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ରହିବା ସହ ଗ୍ରାମର କିଛି ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ।

## ଖଲିଆପାଲିରେ ନୂଆଁଖାଇ ଭେଟଘାଟ

ବୌଦ୍ଧ (ଭାସ୍କର ନ୍ୟୁଜ୍) : ବୌଦ୍ଧ ବ୍ଲକ ଖଲିଆପାଲି ଗ୍ରାମ ଠାରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ କଳା ପରିଷଦ ପକ୍ଷରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଜୁରୀ ପଡା ମହିଳା ସଂକୀର୍ତ୍ତନ ଦଳ ସହିତ ଡାଙ୍ଗମୁଣ୍ଡା ମହିଳା ସଂକୀର୍ତ୍ତନ ଦଳକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ କଳା ପରିଷଦର ରାଜ୍ୟ ସମ୍ପାଦକ ଅନନ୍ତ କୁମ୍ଭାର ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମଳୟ ରଞ୍ଜନ ଦୀପ, ବୌଦ୍ଧ ଜିଲ୍ଲା ସମ୍ପାଦକ ଅରୁଣ ବାଦି ଯୋଗ ଦେଇଥିଲେ। ହିମାଂଶୁ ଦୀପ, ଶରତ କୁମ୍ଭାର, ଜଗତରାମ ଜଗଦଲା, ଦୀନବନ୍ଧୁ ଖୁରା, ନରୋତ୍ତମ ଭବସାଗର, ଦିବ୍ୟ ରଂଜନ ଖୁରା, ସନ୍ତୋଷ ଭବ ସାଗର ,ବିଦ୍ୟା ଜାଲ, ହରେସ କୁମ୍ଭାର, ବିଜୟ ଖୁରା, ଜୟ ଖୁରା ଖଲିଆପାଲି ବୁଢୀମା କ୍ଲବ ର ସମସ୍ତ କର୍ମ କର୍ତ୍ତା ମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୦ ଜଣ ସଂକୀର୍ତ୍ତନ କଳାକାରଙ୍କୁ ସମ୍ମାନୀତ କରାଯାଇଥିଲା।

## ନାବାଳିକାକୁ ଅପହରଣ ଅଭିଯୋଗ

ଭାପୁର (ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକ ବଡସହରା ପଞ୍ଚାୟତର ଜନୈକା ନାବାଳିକା ଭାପୁର ଯୁକ୍ତଦୁଇ ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ଗତ ୨୦ ତାରିଖ ଦିନ ଛାତ୍ରୀ ଜଣଙ୍କ ମହାବିଦ୍ୟାଳୟ ଆସି ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ପକ୍ଷରୁ ଅସ୍ତବ୍ୟସ୍ତ ହୋଇ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । କିନ୍ତୁ, ତା' ପରଦିନ ଖଣ୍ଡପଡ଼ା ବ୍ଲକ ଶିଖରପୁର ଗ୍ରାମର କାଳିଆ ପଣ୍ଡାଙ୍କ ପୁଅ ବାପି ଏବଂ ତାର ଜଣେ ସହଯୋଗୀ ଭାପୁର ବ୍ଲକ ନିମାଣୀ ପଞ୍ଚାୟତ ବାଦଭୂଇଁ ଗ୍ରାମର ସାଧୁ ଦାସଙ୍କ ପୁଅ ସୁଶାନ୍ତ ଦାସ ଏକ ବାଇକ୍ (ଓଡି ୨୫ଡି ୧୫୦୬) ଯୋଗେ ଏହି ନାବାଳିକାକୁ ଅପହରଣ କରିଥିବା ନେଇ ଖବର ମିଳିଥିଲା। ଖବର ପାଇବା ପରେ ଫତେଗଡ ଥାନା ପୋଲିସ ଏକ ଅପହରଣ ମାମଲା ରୁଜୁ କରି ଉକ୍ତ ନାବାଳିକାକୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନ ଚଢ଼ାଉ ଜାରି ରଖିଛି।

## ଡେରାଡିହରେ ଗଜାନନଙ୍କ ପୂଜା



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଏଣ୍ଡର ପଂଚାୟତ ଅନ୍ତର୍ଗତ ଡେରାଡିହ ଗ୍ରାମରେ ମହାଆଡ଼ମ୍ବରେ ପ୍ରଭୁ ଗଜାନନଙ୍କ ପୂଜା ଆରମ୍ଭ ହୋଇଛି। ଗଣେଶ ଚତୁର୍ଥୀ ଉପଲକ୍ଷେ ଗ୍ରାମର ସିଦ୍ଧ ମହାପୁରୁଷ ଯୁବକ ସଂଘ କର୍ମକର୍ତ୍ତାଙ୍କ ଦ୍ୱାରା ବିଘ୍ନବିନାଶକଙ୍କୁ ପୂର୍ବାହ୍ନରୁ ଶୋଡ଼ଷ ଉପଚାରରେ ପୂଜା କରାଯାଇଛି । ଏହି ପୂଜା ପାଞ୍ଚଦିନ ଧରି ଚାଲିବାକୁ ଥିବା ବେଳେ ପୂଜା ମଣ୍ଡପକୁ ସୁସଜ୍ଜିତ ଓ ଆଲୋମାଳା ବେଶ ଆକର୍ଷିତ କରୁଛି। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଅଛି। ଏଥିସହିତ ପୂଜାମଣ୍ଡପକୁ ସନ୍ଧ୍ୟାରେ ଗଜାନନଙ୍କ ଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲ ସନ୍ନିକଟ ସୁଭଦ୍ରା ପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମଲଙ୍କ ଅବସରରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଧର୍ମଶାଳା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆର୍ତ୍ତତ୍ରାଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ଶିକ୍ଷା ମଣ୍ଡଳ ଅଧିକାରୀ ଅଭୟ କୁମାର ବେହେରା ଯୋଗଦେଇ ବିଦ୍ୟାଳୟର ଚାରି କାନ୍ଥ ମଧ୍ୟରେ ଗଢ଼ା ଯାଉଥିବା ଦେଶର ଭବିଷ୍ୟତ ନାଗରିକ ମାନେ ହେଲେ ଦେଶ ଗଠନର ମୂଳଦୁଆ। ଶିକ୍ଷା ଅଜ୍ଞାନ ରୂପକ ଅନ୍ଧକାର ଦୂର କରି ଆଲୋକ ରୂପକ ଜ୍ଞାନ ସଂଚାର କରେ। ପିଲାମାନେ ତୁମେମାନେ ବଡ଼ ମଣିଷ ନ ହୋଇ ଭଲ ମଣିଷ ହେବାକୁ ଚେଷ୍ଟା କରିବା ସହିତ ମାଆ, ମାଟି, ମାତୃଭାଷା, ମାତୃଭୂମିର ଉନ୍ନତି କରିବା ସହିତ ବାପା ମାଆ, ଗୁରୁଜନଙ୍କୁ ଶ୍ରଦ୍ଧା ଭକ୍ତି, ଓ ସମ୍ମାନ କହିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ, ପୂର୍ବତନ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ଦାସ, ହରିଦାସ ପୁର ସରପଞ୍ଚ ବିକ୍ରମ ବିଶ୍ୱାଳ, ସିଆରସି ଶ୍ୟାମ ସୁନ୍ଦିନ, କୈଳାଶ ଚନ୍ଦ୍ର ସାହୁ, ବିଷ୍ଣୁ ଚନ୍ଦ୍ର ପୃଷ୍ଟି ରୋଜାଲିନ ବିଶ୍ୱାଳ, ସଞ୍ଜୟ କୁମାର ସିଂହ, ସ୍କୁଲ ପରିଚାଳନା କମିଟି ସଭାପତି ଜୟନ୍ତ ସାହୁ, ନରହରି ସ୍ୱାଇଁ, ବନମାଳୀ ମହାରଣା, ଅରୁଣ କୁମାର ସାହୁ, ବ୍ରଜ କିଶୋର ପଣ୍ଡା ପ୍ରମୁଖ ଯୋଗଦେଇ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ମଂଜୁଲତା ସାମଲ ଙ୍କୁ ଜଣେ ଛାତ୍ର ବାତ୍ସାଲକ୍ଷ, ଆଦର୍ଶ ଶିକ୍ଷୟିତ୍ରୀ, ସମୟାନୁବର୍ତ୍ତି, ଶିକ୍ଷା ପ୍ରତି ଉତ୍ସର୍ଗୀକୃତ ଶିକ୍ଷୟିତ୍ରୀ ଭାବରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଜାତୀୟ ସଙ୍ଗୀତ, ସ୍ୱାଗତ ସଂଗୀତ, ବିଦାୟକାଳୀନ ସଙ୍ଗୀତ ଗାନ କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମଲ ନିଜର ୩୫ବର୍ଷ ଶିକ୍ଷକତା ଜୀବନର ଅନୁଭୂତି, ଛାତ୍ରଛାତ୍ରୀ ମାନଙ୍କ ସ୍ନେହଶ୍ରଦ୍ଧା, ଭକ୍ତି ଆଦର ସହ ସ୍କୁଲ ପରିଚନା କମିଟି ଓ ଗ୍ରାମବାସୀ, ଅଭିଭାବକମାନଙ୍କ ସହଯୋଗର ପ୍ରଶଂସା କରିବା ସହିତ ଜୀବନରେ ଭଲ ମଣିଷ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୋନାଲିକା ପରିଡ଼ା, ରୋଜାଲିନ ବିଶ୍ୱାଳ, ପ୍ରଜ୍ଞା ପାରମିତା ପରିଡା, ସ୍ମିତାଞ୍ଜଳି ପଣ୍ଡା, ସ୍ୱର୍ଣ୍ଣଲତା ରାଉତ ପ୍ରମୁଖ ସମ୍ବର୍ଦ୍ଧନା ସଭା ପରିଚାଳନା କରିଥିଲେ। ଶେଷରେ ସିଆର୍‌ସିସି ତୃପ୍ତିମୟୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପହାର, ମାନପତ୍ର, ଉପଢୌକନ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇଥିଲା। ଶେଷରେ ଏକ ଶୋଭାଯାତ୍ରାରେ ତାଙ୍କୁ ନିଜ ଘର ପର୍ଯ୍ୟନ୍ତ ନିଆ ଯାଇଥିଲା।



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : କଳା, ସାହିତ୍ୟ ଓ ସଂସ୍କୃତି ଗୋଟିଏ ଜାତିର ପରିଚାଳନା ଓ ଏହି କ୍ଷେତ୍ରରେ ସମର୍ପିତ ଭାବେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ସର୍ବଦା ସ୍ମରଣୀୟ ବୋଲି ତେସିଙ୍ଗା ଗଣେଶ ପୂଜା କମିଟି ପକ୍ଷରୁ ଆୟୋଜିତ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ପ୍ରତିଭା ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ 'ଅଞ୍ଜଳି' ପତ୍ରିକାର ସମ୍ପାଦକ ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ ପଞ୍ଚାନନ ନାୟକ, ମୁଖ୍ୟ ବକ୍ତା ଭାବେ ଭଦ୍ରକ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ବିଜୟ କୁମାର ଦାସ ଯୋଗଦେଇ ଓଡ଼ିଆ ଜାତିର ପର୍ବ ପର୍ବାଣୀ, ପ୍ରତିଭା ପୂଜା ଓ ସାମ୍ପ୍ରତିକ ସମୟର ସାମାଜିକ ଅବକ୍ଷୟ ରୋକିବା ପାଇଁ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳର କବି, ସାହିତ୍ୟିକ ମନୋଜ କୁମାର ରାଉତରାୟ, ପ୍ରାଣକୃଷ୍ଣ ସାହୁ, ଉମାଶଶୀ ପଣ୍ଡା, ବୈଲୋଚନ ଜେନା, ପ୍ରକାଶ ମହାପାତ୍ର, ନଟବର ଦଳେଇ, ସଙ୍ଗୀତଜ୍ଞ ସୁବାସ ଚନ୍ଦ୍ର ନାୟକ, କ୍ରୀଡ଼ାବିତ ରାଖାଲ ସେଠୀ, ଆର୍ଯ୍ୟସୃଷ୍ଟି ପଟ୍ଟନାୟକ, ନେଇଶୋଟ ସାମାଜିକ ସଙ୍ଗଠନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗଣେଶ ପୂଜା କମିଟିର ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ଅତିଥି ପରିଚୟ, ବିଶ୍ୱନାଥ ବାରିକ ସ୍ୱାଗତ ଭାଷଣ ଓ ଅନିଲ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଯୋଗଦେଲେ ନୂତନ ଆର୍‌ଟିଓ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : ଆଜି କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ନୂତନ ଆର୍‌ଟିଓ ଭାବେ ଲୋକନାଥ ମେହେର ଯୋଗଦାନ କରିଛନ୍ତି। ପୂର୍ବରୁ ଶ୍ରୀଯୁକ୍ତ ମେହେର ଝାରସୁଗୁଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏମ.ଭି.ଆଇ ଭାବେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ



ସୁଚାରୁ ରୂପେ ଦୀର୍ଘ ୪ ବର୍ଷକାଳ ତୁଲାଇବା ପରେ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି। ସମସ୍ତ କର୍ମଚାରୀଙ୍କ ପକ୍ଷରୁ ମଧ୍ୟ ଶ୍ରୀଯୁକ୍ତ ମେହେରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶ୍ରୀଯୁକ୍ତ ମେହେର ମଧ୍ୟ ସମସ୍ତ କର୍ମଚାରୀ ମାନଙ୍କୁ ସଠିକ ସମୟରେ କାର୍ଯ୍ୟାଳୟକୁ ଆସି ସଠିକ ସମୟରେ ଯିବା ପାଇଁ ଉଚିତ୍ ପରାମର୍ଶ ଦେଇଥିଲେ। ସମୟ ନଷ୍ଟ ନକରି ନିଜ ପରିବାର ପାଇଁ ମଧ୍ୟ ଦୁଇ ଘଣ୍ଟା ସମୟ ଦେବା ପାଇଁ ସମସ୍ତ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପାରାଦୀପରେ କ୍ରୀଡ଼ା ଦିବସ ପାଳିତ

ପାରାଦୀପ (ଭାସ୍କର ନ୍ୟୁଜ୍) : ଅଗଷ୍ଟ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସ ଅବସରରେ ପାରାଦୀପସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟି ପରପୋଜ ଇଣ୍ଡୋର ଷ୍ଟାଡିୟମ ପରିସରରେ ଶୁକ୍ରବାର କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷିକା ସ୍ୱାଗତିକା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଭଲିବଲ ପ୍ରଶିକ୍ଷକ ସଞ୍ଜୟ ଦାସ, ଗୋପବନ୍ଧୁ କ୍ରୀଡ଼ା ସଂସଦର ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ, ବିଜେପି ନେତ୍ରୀ ମିନାକ୍ଷୀ ବେହେରା, ସାମ୍ବାଦିକ ସୁଧାଂଶୁ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହକି ଖେଳର ମହାନାୟକ ମେଜର ଧ୍ୟାନଚାନ୍ଦଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରି କ୍ରୀଡ଼ା ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଶେଷରେ ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷିକା ସ୍ୱାଗତିକା ମହାପାତ୍ର ଉପସ୍ଥିତ ଯୁବ କ୍ରୀଡ଼ାବିତ୍ ମାନଙ୍କୁ ବିଭିନ୍ନ କ୍ରୀଡ଼ା ବର୍ଗରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

# ସେପ୍ଟେମ୍ବର ୯ରେ କୁଜଙ୍ଗ ବନ୍ଦ ଡାକରା



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ବର୍ତ୍ତମାନ ରାଜ୍ୟରେ ୧୨ ଏନ୍‌ଏସି (ବିଜ୍ଞପିତ ଅଞ୍ଚଳ ପରିଷଦ) ଘୋଷଣା ହୋଇଥିବା ବେଳେ କୁଜଙ୍ଗକୁ ରାଜ୍ୟ ସରକାର ଏନ୍‌ଏସି ଘୋଷଣା କରି ନଥିବାରୁ ଜନ ଆକ୍ରୋଶ ଧୀରେ ଧୀରେ ବଢ଼ିବାକୁ ଲାଗିଛି। ଗତ ମଙ୍ଗଳବାର ଅଞ୍ଚଳର ଶହ ଶହ ଜନତା କୁଜଙ୍ଗ ସଚେତନ ନାଗରିକ ମଞ୍ଚ ନେତୃତ୍ୱରେ କୁଜଙ୍ଗ ତହସିଲ ଘେରାଉ କରି ଏନ୍‌ଏସି ଘୋଷଣା କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଆସନ୍ତା ୩୧ ତାରିଖରେ ଅବଶିଷ୍ଟ ଏନ୍‌ଏସି ଘୋଷଣା କରିବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ଚାଲିଥିବାରୁ କୁଜଙ୍ଗବାସୀଙ୍କ ମନରେ ଆଶା ସଂଚାର ହୋଇଛି। ଘଟଣା ଉପରେ ଦୃଷ୍ଟି ରଖି କୁଜଙ୍ଗ ସଚେତନ ନାଗରିକ ମଞ୍ଚ ଆବାହକ ରଘୁ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ଓ ପ୍ରଶାସନକୁ ଅଚଳ କରିବା ନେଇ ନିଷ୍ପତ୍ତି ନିଆଯାଇଥିବା ମଞ୍ଚ ଉପଦେଷ୍ଟା କବି ପିତାମ୍ବର ତରାଇ, ବାବୁରାମ ଚୌଧୁରୀ, ବରିଷ୍ଠ ସଦସ୍ୟା ଜିନମୟୀ ସାହାଣୀ, ପ୍ରିୟମ୍ବଦା ପାଣି, ମନୋଜ ପାତ୍ର ଓ କୈଳାଶ ଷଡଙ୍ଗୀ ପ୍ରମୁଖ ଗଣମାଧ୍ୟମକୁ କହିଛନ୍ତି। ୩୧ ତାରିଖରେ କୁଜଙ୍ଗକୁ ଏନ୍‌ଏସି ଘୋଷଣା କରାନଗଲେ, ଆଇନ ଅମାନ୍ୟ ଆନ୍ଦୋଳନ ହେବ ଓ ସେପ୍ଟମ୍ବର ୯ (ନଅ) ତାରିଖରେ କୁଜଙ୍ଗକୁ ୧୨ ଘଣ୍ଟିଆ ବନ୍ଦ କରାଯାଇ ପ୍ରଶାସନକୁ ଅଚଳ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନିନ୍ଦ୍ର ଗୁରୁ, ସୌଭାଗ୍ୟ ବିଶ୍ୱାଳ, ଦୁଷ୍ମନ୍ତ ମାଝୀ, ରଂଜିତ ପଣ୍ଡା, ଅଭୟ ବାରିକ, ରାମଦାସ ମହାନ୍ତି, ବିବେକାନନ୍ଦ ଦାସ, ଅରୁ ପ୍ରସାଦ ମହାନ୍ତି ଓ ରବୀନ୍ଦ୍ର ନାଥ ପ୍ରମୁଖଙ୍କ ସହିତ ପଚାଶରୁ ଊର୍ଦ୍ଧ୍ୱ ମଞ୍ଚ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୨୦୨୪ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଜଙ୍ଗକୁ ଏନ୍‌ଏସି ଘୋଷଣା କରିଥିଲେ।

## ମାଥିଲି ଲ୍ୟାମ୍ପସରେ ମହାଦୁର୍ନୀତି ଅଭିଯୋଗ ଆଣିଲେ ସମାଜସେବୀ ଶରତ



ମାଥିଲି (ଭାସ୍କର ନ୍ୟୁଜ୍) ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମାରେ ଥିବା ବହୁମୁଖୀ ସମବାୟ ସମିତିରେ ମହାଦୁର୍ନୀତି ହୋଇଥିବା ସମାଜସେବୀ ଶରତ ଚନ୍ଦ୍ର ବୁରୁଦା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସମବାୟ ନିୟମ ଅନୁସାରେ ଲ୍ୟାମ୍ପସ ନିର୍ଦ୍ଦେଶକଙ୍କର କୌଣସି ସମ୍ପର୍କୀୟ ଲ୍ୟାମ୍ପସରେ ଚାକିରି କରିପାରିବେ ନାହିଁ। ଏହା ଆଇନର ଧାରା ୨୮, ୨୮-ଇ, ୩୧, ୧୦୯ ଏବଂ ନିୟମର ନିୟମ ୨୩ ଏବଂ ୨୫କୁ ଉଲ୍ଲଂଘନ କରେ। ଏହା ବ୍ୟତୀତ, ସମବାୟ ନିର୍ବାଚନ ନୀତି ଅନୁଯାୟୀ ଯଦି ସଭାପତି ପୁରୁଷ, ତେବେ ଉପ-ସଭାପତି ମହିଳା ହେବା ଉଚିତ୍ ଏବଂ ଏହାର ବିପରୀତ ମଧ୍ୟ, କିନ୍ତୁ ମାଥିଲି ଲ୍ୟାମ୍ପସ୍‌ରେ, ଉଭୟ ପଦବୀକୁ ପୁରୁଷ ନିର୍ଦ୍ଦେଶକଙ୍କ ପତ୍ନୀମାନଙ୍କ ଦ୍ୱାରା ଧାରଣ କରିବା ପାଇଁ ପରିଚାଳନା କରାଯାଇଛି, ଯାହା ଗଣତାନ୍ତ୍ରିକ ସନ୍ତୁଳନକୁ ନଷ୍ଟ କରୁଛି। ଆର୍ଥିକ ଦୁରୁପଯୋଗ ହୋଇଥିବା ମଧ୍ୟ ଅଭିଯୋଗ ହୋଇଅଛି। ଓଡ଼ିଶା ସମବାୟ ସମିତି ଆଇନର ଧାରା ୬୫ ଏବଂ ୬୭ ଅନୁଯାୟୀ ଏକ ସ୍ୱତନ୍ତ୍ର ଅଡିଟ୍ ଏବଂ ବୈଧାନିକ ତଦନ୍ତ ନିର୍ଦ୍ଦେଶ ଓ ନିର୍ଦ୍ଦେଶକ ମାନଙ୍କ ବିରୁଦ୍ଧରେ ଧାରା ୧୦୯ ଏବଂ ୧୧୦ ଅନୁଯାୟୀ ଅଯୋଗ୍ୟତା ପ୍ରକ୍ରିୟା ଆରମ୍ଭ କରିବାକୁ ଏବଂ ସେମାନଙ୍କ ଠାରୁ ସିଧାସଳଖ ଆତ୍ମସାତ ହୋଇଥିବା ପାଣ୍ଠିର ପୁନରୁଦ୍ଧାର ପାଇଁ ଧାରା ୧୧୫ ଅନୁଯାୟୀ ସରଚାର୍ଜ ପ୍ରକ୍ରିୟା ଆରମ୍ଭ କରିବାକୁ ରେଜିଷ୍ଟ୍ରାର ସମବାୟ ସମିତି, ଓଡିଶାଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣରେ ଚର୍ଚ୍ଚା।

## ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତ୍ରୀ କୌଶଲ୍ୟା ରାଉତଙ୍କ ପରଲୋକ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଦେଓପଦାସ୍ଥିତ କୌଶଲ୍ୟା ରାଉତ ଉଚ୍ଚ ବିଦ୍ୟାପୀଠର ପ୍ରତିଷ୍ଠାତ୍ରୀ ତଥା ମଞ୍ଜୁରୀରୋଡ଼ ଅଞ୍ଚଳର ଧର୍ମପ୍ରାଣା ମହିଳା କୌଶଲ୍ୟା ରାଉତଙ୍କର ଗଣେଶ ଚତୁର୍ଥୀ ଦିନ ସକାଳ ୮ଟା ୪୦ ମିନିଟ ସମୟରେ ୯୦ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ତଥା ବଲାଙ୍ଗିରର ପୂର୍ବତନ ଜିଲ୍ଲା ଶିକ୍ଷାଅଧିକାରୀ ସ୍ୱର୍ଗତ ଗୋପୀନାଥ ରାଉତଙ୍କ ପତ୍ନୀ କୌଶଲ୍ୟା ଦେବୀ ବାର୍ଦ୍ଧକ୍ୟ ଜନିତ କାରଣରୁ ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ଅନ୍ତିମ ଶଯ୍ୟା ନିକଟରେ ପରିବାର ଲୋକ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ନାଆମୀ ଓ ରାଜେନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବଡ଼ ବ୍ରାହ୍ମଣ ତଥା ବିଜେବି କଲେଜ ଓ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଡ଼ଃ ପ୍ରସନ୍ନ କୁମାର ମହାନ୍ତି ଓ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଅନ୍ତିମ ଦର୍ଶନ କରିବା ସହ ଶୋକ ପ୍ରକାଶ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ମଧ୍ୟମ ପୁତ୍ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ରାଉତ ମୁଖାଗ୍ନି ପ୍ରଦାନ କରିଥିଲେ।

### ଗାଁକୁ ନାହିଁ ରାସ୍ତା, ଦହଗଞ୍ଜ ହେଉଛନ୍ତି ଲୋକେ

# ପଶି ପାରୁନି ଆମ୍ବୁଲାନ୍ସ କି ଦମକଳ

ଆଳି (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନଦୀ ପାର ଏକମାଣିଆ ପଞ୍ଚାୟତ। ଯାହାକୁ ଚତୁଃପାର୍ଶ୍ୱରୁ ନଦୀ ଘେରି ରହିଛି। ଯାତାୟତ ପାଇଁ ଭରସା ଥିଲା ଡ଼ଙ୍ଗା। ଲୋକେ ଡ଼ଙ୍ଗା ସାହାଯ୍ୟରେ ନଦୀ ପାର ହୋଇ ଅପରପାର୍ଶ୍ୱ ରାଜନଗର ବ୍ଲକ କେରେଡାଗଡ଼କୁ ଆସିଥାନ୍ତି। କାହାର ଯଦି ଦେହ ଅସୁସ୍ଥ ହୁଏ ତେବେ ସେହି ଡ଼ଙ୍ଗା ହିଁ ସାହାଭରଷା ଥିଲା। ଦୀର୍ଘଦିନ ଧରି ପଞ୍ଚାୟତବାସୀଙ୍କ ଆନ୍ଦୋଳନ ଓ ଦାବି ପରେ ଏକମାଣିଆରୁ କେରେଡାଗଡ଼କୁ ଏକ ସେତୁ ନିର୍ମାଣାଧୀନ ଅଛି। ଯାହାକୁ ନେଇ ଲୋକେ ଆଶା ପୂରଣ ନେଇ ଖୁସି ବ୍ୟକ୍ତ କରିଥିବା ବେଳେ ଏକମାଣିଆ ପଞ୍ଚାୟତର ଦକ୍ଷିଣଡିହା ଗ୍ରାମକୁ ସ୍ୱାଧୀନତାର ୭୯ବର୍ଷ ପରେ ମଧ୍ୟ ପ୍ରବେଶ କରିବା ପାଇଁ ରାସ୍ତା ନାହିଁ। ସୂଚନା ସୂତ୍ରରୁ ପ୍ରକାଶ ଏକମାଣିଆ ପଞ୍ଚାୟତଟି ନଦୀ କୂଳବର୍ତ୍ତୀ ଗ୍ରାମ ହୋଇଥିବାରୁ ଏହି ପଞ୍ଚାୟତ ଅଧୀନରେ ଥିବା ତିନିଟି ଗାଁର ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାର୍ଥରେ ରାସ୍ତା ପାଇଁ ସରକାରୀ ଜାଗା ନଥିବାରୁ ଲୋକମାନେ ନିଜ ସ୍ଥିତିବାନ ଜାଗାକୁ ରାସ୍ତା ନିର୍ମାଣ ପାଇଁ ଦେବା ସହ ଏହି ପ୍ରସ୍ତାବରେ ରାଜି ହୋଇଥିଲେ। ଏହା ପରେ ନଳପାହୀ, ଏକମାଣିଆ ଗ୍ରାମକୁ ରାସ୍ତା ହୋଇ ସାରିଥିବା ବେଳେ ଦକ୍ଷିଣଡିହା ଗ୍ରାମକୁ ଆଜିଯାଏଁ ରାସ୍ତା ହୋଇପାରିଲା ନାହିଁ।



କିଛି ଖଳ ପ୍ରକୃତିର ଲୋକ ରାଜନୈତିକ ବଳକୁ ଢାଲ କରି ବିଭିନ୍ନ ଆଳ ଦେଖାଇ ଗ୍ରାମ ରାସ୍ତା କାର୍ଯ୍ୟକୁ ବନ୍ଦ କରିବା ସହ ସାଧାରଣ ଲୋକଙ୍କୁ ମରଣ ମୁହଁକୁ ଠେଲି ଦେଉଛନ୍ତି। ଗାଁକୁ ରାସ୍ତା ନଥିବାରୁ ତିନି ଖଣ୍ଡ ଗାଁର ଲୋକେ ଚାଷ କାର୍ଯ୍ୟ ପାଇଁ ନଦୀ ପଠାକୁ ଯାଇପାରୁ ନାହାନ୍ତି। ସ୍କୁଲ, କଲେଜ ପିଲାମାନେ ପାଠ ପଢ଼ିବା ପାଇଁ ଯାଇ ପାରୁନାହାନ୍ତି। ସେଥିରେ ସେହି ରାସ୍ତାର ଅପରପାର୍ଶ୍ୱରେ ଅଙ୍ଗନବାଡି ଥିବାରୁ କୁନି କୁନି ପିଲାମାନେ ମଧ୍ୟ ଅଙ୍ଗନବାଡି ଯାଇ ପାରୁନାହାନ୍ତି। ଦୁଇ ଚକିଆ କି ତିନି ଚକିଆ ଯାନ ତ ଦୂରର କଥା ଲୋକେ ପାଦ ଚାଲିକି ମଧ୍ୟ ଗାଁ ଭିତରକୁ ପ୍ରବେଶ କରି ପାରୁ ନାହାନ୍ତି। ଯଦି ଗାଁରେ ଅଗ୍ନିକାଣ୍ଡ ଘଟେ କିମ୍ବା କାହାର ସ୍ୱାସ୍ଥ୍ୟବସ୍ଥା ଖରାପ ହୁଏ ତେବେ ଆମ୍ବୁଲାନ୍ସ କିମ୍ବା ଦମକଳ ବାହିନୀ ଗାଁ ଭିତରକୁ ପ୍ରବେଶ କରି ପାରିବ ନାହିଁ। ଫଳରେ ଯଦି ଅଗ୍ନିକାଣ୍ଡ ଘଟେ ତେବେ ଗୋଟେ ବଡ଼ ଅଘଟଣ ଘଟିବା ସହ ଯଦି କାହା ଦେହ ଖରାପ ହୁଏ ତେବେ ପ୍ରାଣହାନି ମଧ୍ୟ ହୋଇପାରେ ବୋଲି ଲୋକେ ଆଶଙ୍କାରେ ଅଛନ୍ତି। ଏ ନେଇ ଗ୍ରାମବାସୀ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ, ତହସିଲ ଦୌଡ଼ି ଦୌଡ଼ି ହତାଶ ହେବା ପରେ ଜିଲ୍ଲାପାଳଙ୍କୁ ମଧ୍ୟ ଜଣାଇଛନ୍ତି। ଯଦି ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ଦିଗରେ ସରକାର କିମ୍ବା ପ୍ରଶାସନ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଗ୍ରାମବାସୀ ଏକାଠି ହୋଇ ତାଙ୍କର ଶେଷ ଆଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଆଳି ବ୍ଲକ ନିକଟରେ ଧାରଣାରେ ବସିବେ ବୋଲି ଶରତ ନାୟକ, ଖଗେଶ୍ୱର କରଣ, ଅନନ୍ତ କରଣ, ମଙ୍ଗୁଳି ଚରଣ ରାଉତ, ଜଗବନ୍ଧୁ କରଣ, କମଳାକାନ୍ତ କରଣ, ଉମାକାନ୍ତ ରାଉତ, ସୁଶାନ୍ତ କରଣ, ଆଦିକନ୍ଦ ଦାସ, ମାନସ ଦାସ, ଗଣେଶ ମଲିକ, କ୍ଷୀରୋଦ ମଲିକ, ଜୟରାମ ମଲିକ, ସଞ୍ଜୟ କୁଅଁର, ଅଜୟ ବେହେରା, ନୀଳମଣି ବେହେରା, ବାସୁଦେବ ମଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠିଙ୍କୁ ପଚାରିବାରୁ ସେ କହିଛନ୍ତି କି ସେ ଏ ସମସ୍ୟା ବିଷୟରେ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରିବା ସହ ଘଟଣାକୁ ତର୍ଜମା କରିବା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ।

## ମହିମା ଆଶ୍ରମ ନିକଟରେ ହାତୀପଲ, ଲୋକେ ଆତଙ୍କିତ

ବୌଦ୍ଧ (ଭାସ୍କର ନ୍ୟୁଜ୍) : ବୌଦ୍ଧ ବ୍ଲକ ବଢ଼ିଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଲାସିଙ୍ଗା ଗ୍ରାମ ନିକଟରେ ଥିବା ମହୁଲ ମୂଳ ମହିମା ଆଶ୍ରମ ନିକଟରେ ଅଟକି ରହିଛନ୍ତି ୮ ଟିକିଆ ହାତୀପଲ। ଗୁରୁବାର ବିଳମ୍ବିତ ରାତିରେ ବନ ବିଭାଗ ଖୁଣ୍ଟବନ୍ଧ ପଞ୍ଚାୟତ ଚଣ୍ଡିଗଡ ମହାନଦୀ ନିକଟ ଗ୍ରାମର ଡିମ୍ବଲ (ଦେବୀ ପୀଠ) ଠାରେ ଥିବା ହାତୀ ପଲଙ୍କୁ ଘଉଡ଼ାଇବା ଫଳରେ ଜଗତି ମୁହାଁ ହୋଇଥିଲେ ଏବଂ ବିଳମ୍ବିତ ରାତିରେ ମହାନଦୀ କୂଳେ କୂଳେ ସାଲୁଙ୍କି ନଦୀ ଡେଇଁ ବଲାସିଙ୍ଗା ମହୁଲ ମୂଳ ମହିମା ଆଶ୍ରମ ନିକଟରେ ଡେରା ପକାଇଛନ୍ତି। ଫଳରେ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସେହିପରି ଉକ୍ତ ଅଞ୍ଚଳରେ ହାତୀ ଅବସ୍ଥାନ କରିଥିବା ହେତୁ ବନ ବିଭାଗ ସୂଚନା



କ୍ରମେ ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରିଥିବାରୁ ଲୋକେ ଅସୁବିଧା ଭୋଗ କରୁଥିବା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳକୁ ଡ଼ିଏଫଓ ରାଜେନ୍ଦ୍ର ଗୋଛାୟତ, ଏସିଏଫ୍ ମିନାକ୍ଷୀ କୁମୁରା, ରେଞ୍ଜର ଅର୍ଚ୍ଚନା ଗମାଙ୍ଗ ପହଞ୍ଚି ହାତୀପଲଙ୍କ ଗତିବିଧି ଉପରେ ତୀକ୍ଷଣ ନଜର ରଖିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାସ୍ଥଳରେ ବୌଦ୍ଧ ବନପାଳ ପ୍ରସନ୍ନ ପ୍ରଧାନ, ବନ ବିଭାଗ ସ୍କ୍ୱାର୍ଡ଼, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସ୍ୱରାଜ କହଁର, ପୋଲିସ କର୍ମଚାରୀମାନେ ହାତୀକୁ ଜଗି ରହିଥିବା ଦେଖିବାକୁ ମିଳିଛି ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନତା କରାଯାଉଛି।

## ବୁଝାମଣା ପରେ ସ୍ୱାଭାବିକ ହେଲା ଗ୍ରାମୀଣ ଯାତ୍ରୀବାହୀ ବସ୍ ଚଳାଚଳ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ଚାଲୁଥିବା ପାଞ୍ଚଟି ଯାକ ଗ୍ରାମୀଣ ଯାତ୍ରୀବାହୀ ବସ୍ ଗୁଡ଼ିକର ଦାୟିତ୍ୱ ନିର୍ବାହ କରୁଥିବା ବ୍ଲକ ସୁପରଭାଇଜର ଓ ବସ୍ କର୍ମଚାରୀ ମାନଙ୍କ ମଧ୍ୟରେ ବିଭିନ୍ନ କାରଣ ନେଇ କର୍ମଚାରୀ ମାନଙ୍କର କେତେକ ସମସ୍ୟା ଉପରେ ଦାବି ପୂରଣ ପାଇଁ ବସ୍ ଗୁଡ଼ିକ ଚଳାଚଳ ବନ୍ଦ କରିଦେଇଥିଲେ। ଚାରି ଦିନ ଧରି ବ୍ଲକ କାର୍ଯ୍ୟାଳୟ ପରିସରରେ କର୍ମଚାରୀ ମାନେ ବସ୍ ଚଳାଚଳ ବନ୍ଦ କରିଦେଇଥିବା ବେଳେ କିପରି ଏହାର ସମାଧାନ ହୋଇପାରିବ ସେଥି ପାଇଁ ପରିବହନ ବିଭାଗର ଦୁଇଜଣ ଅଧିକାରୀ ଆସି କର୍ମଚାରୀ ମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ କୌଣସି ସୁଫଳ ମିଳିନଥିଲା। ପୁନର୍ବାର ଶୁକ୍ରବାର ଅପରାହ୍ନ ସମୟରେ ପରିବହନ ବିଭାଗ ଅଧିକାରୀଙ୍କ ବୁଝାମଣାରେ କର୍ମଚାରୀ ମାନେ ଜାରି ରଖିଥିବା ଧର୍ମଘଟରୁ ଓହରି ଯାଇଥିଲେ। ବ୍ଲକ ସୁପରଭାଇଜର ଓ କର୍ମଚାରୀ ପରସ୍ପର ଉତ୍ତମ ବୁଝାମଣାରେ ଯାତ୍ରୀବାହୀ ବସ୍ ଗୁଡ଼ିକ ଚଳାଚଳ କରିବା ଓ କର୍ମଚାରୀ ମାନଙ୍କର ରହିଥିବା ଅନ୍ୟ ଦାବି ଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ପ୍ରତିଶ୍ରୁତି ପାଇ ଶନିବାର ସକାଳେ ସମସ୍ତ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ରାୟଗଡା ଜିଲ୍ଲାପାଳଙ୍କ ଗୁଣପୁର ଗସ୍ତ

### ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

ଗୁଣୁପୁର (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲାପାଳ ଭାବେ ଆଶୁତୋଷ କୁଲକର୍ଣ୍ଣି ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ କରି ଶନିବାର ଦିନ ଗୁଣୁପୁର ଗସ୍ତ କରିଥିଲେ। ଗସ୍ତ ସମୟରେ ସେ ବିଭିନ୍ନ ବିଭାଗର କାର୍ଯ୍ୟାଳୟକୁ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଗସ୍ତ ସମୟରେ ତାଙ୍କ ସହ ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ ଉପସ୍ଥିତ ଥିଲେ। ଗୁଣୁପୁର ବାଇପାସ୍ ରାସ୍ତା କାମ ତୁରନ୍ତ ସାରିବା ପାଇଁ ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଅବଧି ସମୟ ସରିବା ପରେ ବିଳମ୍ବ ହୋଇଥିବାରୁ କାମ ସାରିବା ପାଇଁ ତାଗିଦ୍ କରିଥିଲେ।



ଏହାପରେ ଗୁଣୁପୁର ପୌରପରିଷଦର ସଦ୍‌ଭାବନା ଗୃହରେ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକୁ ନେଇ ସମୀକ୍ଷା କରିଥିଲେ। ଅଞ୍ଚଳର ଡ୍ରେନେଜ ବ୍ୟବସ୍ଥା, ରାସ୍ତାଘାଟ ନିର୍ମାଣ, ସଫେଇ, ଏକ୍‌ଜିଷ୍ଟିଂ ଡମ୍‌ସେଡ୍‌ର ବାୟୋ ରେମିଡିଏସନ ଚାଲୁଛି ତା'ର ପ୍ରୋସେସିଂ କେମିତି ବଢାଇବା, ନୂଆ ବଡ ପ୍ରୋଜେକ୍ଟ କରିବା ଉପରେ ଗୁରତ୍ୱ ଦେଇଥିଲେ। ଆଲୋଚନା ବେଳେ ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହାପରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ନିର୍ମାଣ ଚାଲିଥିବା ଶହେ ଶର୍ଯ୍ୟା ବିଶିଷ୍ଟ ପାଞ୍ଚ ମହଲା କୋଠାକୁ ବୁଲି ଦେଖିଥିଲେ। ୫ ମାସ ଭିତରେ କୋଠାକାମ ସାରିବା ପାଇଁ ଠିକାଦାରଙ୍କୁ ତାଗିଦ୍ କରିଥିଲେ। ମେଡିକାଲର ସଫେଇ, ରୋଗୀସେବା, ଉପରେ ପଚାରି ବୁଝିଥିଲେ। ଏହାପରେ ଗୁଣୁପୁର ଆଦିବାସୀ ଉନ୍ନୟନ ସଂସ୍ଥାକୁ ଯାଇ ଆଶ୍ରମ ବିଦ୍ୟାଳୟ ଗୁଡିକରେ ହଷ୍ଟେଲ, କ୍ଲାସରୁମ୍, ଛାତ୍ରଛାତ୍ରୀଙ୍କୁ ସଠିକ ଖାଦ୍ୟପେୟ, ଆଦିବାସୀଙ୍କ ଜୀବିକାକୁ ନେଇ ଚାଲିଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

## ଷଣ୍ଢକୁଦ ବସ୍ତିରେ 'ସଫେଇ ଆପଣାନ୍ତୁ ରୋଗ ହଟାନ୍ତୁ' କାର୍ଯ୍ୟକ୍ରମ

ପାରାଦୀପ(ଭାସ୍କର ନ୍ୟୁଜ୍) : ପାରାଦୀପ ପୌରପାଳିକା ସ୍ୱଚ୍ଛ ଅଭିଯାନ ଏବଂ ସ୍ୱାୟତ୍ତ ଦିବସ ପରିପ୍ରେକ୍ଷୀରେ ପୌରାଞ୍ଚଳର ସମସ୍ତ ୱାର୍ଡ ମାନଙ୍କରେ 'ସଫେଇ ଆପଣାନ୍ତୁ ଓ ରୋଗ ହଟାନ୍ତୁ' ସ୍ୱଚ୍ଛତା କାର୍ଯ୍ୟକ୍ରମ ପୂର୍ଣ୍ଣ ମାତ୍ରାରେ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଷଣ୍ଢକୁଦ ବସ୍ତିର ୧୭,୧୮ ଓ ୧୯ ନମ୍ବର ୱାର୍ଡକୁ ନେଇ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଶୁକ୍ରବାର ଦିନ 'ସଫେଇ ଆପଣାନ୍ତୁ ରୋଗ ହଟାନ୍ତୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ ନିଜ ପରିବେଶ ତଥା ବସ୍ତି ଅଞ୍ଚଳରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରିଷଦ ସୁବ୍ରତ ପ୍ରଧାନ, କମ୍ବଳା ଜଗନ୍ନାଥ ରାଓ, ନବ କୁମାର ବେହେରା






### କପଡା ବ୍ୟାଗ ଓ ଚାରା ବଣ୍ଟନ

ପ୍ରମୁଖ ଉପସ୍ଥିତ ହୋଇ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏତଦବ୍ୟତୀତ ପଲିଥିନ ମୁକ୍ତ ପାରାଦୀପ ଅଭିଯାନ ପରିପ୍ରେକ୍ଷୀରେ ଉପସ୍ଥିତ ସମସ୍ତ ବସ୍ତି ବାସିନ୍ଦାଙ୍କୁ କପଡା ବ୍ୟାଗ ବଣ୍ଟନ କରାଯିବା ସହିତ 'ଏକ ପେଡ ମା' କି ନାମ' ଅଭିଯାନ ଅନ୍ତର୍ଗତ ଚାରା ବଣ୍ଟନ କରାଯାଇଥିଲା। ତେବେ ପାରାଦୀପ ପୌରାଞ୍ଚଳରେ ଏହି ଅଭିଯାନ ଗୁଡିକର ସଫଳ ରୂପାୟନ ପାଇଁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଆନ୍ତରିକ ଉଦ୍ୟମ ଓ ପ୍ରଚେଷ୍ଟାକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

## ରାଶିଫଳ


ରବିବାର, ୩୧ ଅଗଷ୍ଟ ୨୦୨୫



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।



**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।




**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ।



**କର୍କଟ:** ଆଜି ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ। ଆପଣଙ୍କର କାମ ଆଗକୁ ବଢ଼ିବ।




**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। କିଛି କାମକୁ ନେଇ ଟେନସନ ହେବ। ଛାତ୍ରମାନେ ସଫଳତା ପାଇବେ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୌଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନୋନିବେଶ କରିବେ ନାହିଁ। ଅଳସୁଆ ପଣ ଦେଖାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢ଼ିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ। ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ। ଶରୀର ସୁସ୍ଥ ରହିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନ ଦେବେ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ୍): ସାରା ଦେଶରେ ଅତି ଧୁମ୍ଧାମରେ ପୂଜା ପାଉଛନ୍ତି ଅଗ୍ରପୂଜ୍ୟ ଗଣେଶ। ନୂତନ ଗୃହ ପ୍ରବେଶ ହେଉ କି ଅଫିସ୍ ଶୁଭାରମ୍ଭ ହେଉ ଗଣେଶ ପୂଜା କରିବା ଦ୍ୱାରା ଶୁଭ ହୁଏ । ଏହି ଅବସରରେ ଗଣେଶ ପୂଜା ପାଇଁ ଚଳଚଞ୍ଚଳ ସମଗ୍ର ଉମରକୋଟ ସହର ତାହାରି ଭିତରେ ଚଳିତ ବର୍ଷ ଗାନ୍ଧୀ ଛକ ଟାଉନ ଗଣେଶ ପୂଜା କମିଟି ପକ୍ଷରୁ ପାଳିତ ହେଉଛି ୫୦ ତମ ବର୍ଷ। ଏଇଥିପାଇଁ ଉତ୍ସବ ମୁଖର ଉମରକୋଟ ସହର। ତେଣୁ ଗାନ୍ଧୀ ଛକ ଠାରେ ଦେଖିବାକୁ ମିଳିଛି ଉତ୍ସବର ମାହୋଲ । ଉମରକୋଟ ସହରରେ ୧୦ ଦିନ ଧରି ଧୁମ୍ଧାମରେ ପାଳନ ହୁଏ ଗଣେଶ ପୂଜା । ସହରର ଟାଉନ ଗଣେଶ ପୂଜା କମିଟି ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ କରୁଥିବାରୁ ପୂଜା ମଣ୍ଡପରେ ଲୋକଙ୍କ ଭିଡ ଜମିଛି । ଗଣପତିଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏଥର ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗାନ୍ଧୀ ଛକ ଟାଉନ ପୂଜା କମିଟି ତରଫରୁ ବାହାର ଜିଲ୍ଲାରୁ ମୂର୍ତ୍ତି କାରିଗରଙ୍କୁ ଆଣି ବହୁତ ସୁନ୍ଦର ଭାବେ ଲାଲବାଗ ଭଳି ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇଛି । ପୁରା ଗାନ୍ଧୀ ଛକକୁ ଲାଇଟ ତୋରଣରେ ସଜା ଯାଇଛି। ଉମରକୋଟ ସହର ସର୍ବ ପୁରାତନ ଗଣେଶ ପୂଜା ଏଠାରେ ନିରବିଚ୍ଛିନ୍ନ ଭାବରେ ୫୦ ବର୍ଷ ଧରି ପାଳନ କରାଯାଇଥିବାରୁ ସମସ୍ତ ସଦସ୍ୟଙ୍କ ମନରେ ଖୁସି ଅନୁଭୂତ ହୋଇଛି । ପୂଜା ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ହେଉଥିବାବେଳେ ଶ୍ରଦ୍ଧାଳୁଙ୍କର ପୂଜା ଦେଖିବାକୁ ଭିଡ଼ ଜମୁଛି। ଟାଉଗଣେଶ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଦର୍ଶକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ମନୋରଞ୍ଜନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

# ଗୋଟିଏ କୋଠରୀରେ ପାଠ ପଢ଼ାଉଛନ୍ତି ତିନି ଶିକ୍ଷକ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ସରକାର ଶିକ୍ଷାକୁ ଗୁରୁତ୍ୱ ନେଇ ବିଭିନ୍ନ ଯୋଜନା ମାନ କରି ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଯାଉଛି। କିନ୍ତୁ ଭିତ୍ତି ଭୂମିର ଅଭାବ ହେତୁ ଉତ୍ତମ ଶିକ୍ଷା ଦାନ ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଇଛି। ଏହା ହେଉଛି ଗୁମ୍ମା ବ୍ଲକ ଅନ୍ତର୍ଗତ ତରଙ୍ଗଡ଼ା ପଞ୍ଚାୟତର କୋଣ୍ଡା ପାର୍ସମ୍ବା ପ୍ରାଥମିକ ବିଦ୍ୟାଳୟର ଦୃଶ୍ୟ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିଲାବେଳେ ଏଥିରେ ମୋଟ ୩୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ତିନି ଜଣ ଶିକ୍ଷକ ନିଯୋଜିତ ଅଛନ୍ତି। ବିଡମ୍ବନାର ବିଷୟ ଗୋଟିଏ କଠୋରୀରେ ତିନିଜଣ ଶିକ୍ଷକ ଏକା ସମୟରେ କିପ୍ରକାର ଭାବରେ ଶିକ୍ଷା ଦାନ କରୁଛନ୍ତି ତାହା ସଠିକ ଅନୁମେୟ କରାଯାଉଛି। ସେଥିସଙ୍ଗେ ପାନୀୟ ଜଳର ଅଭାବ ଦେଖାଯାଇଛି। ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ଅନ୍ୟ ଜାଗାରୁ ପାଣି ଆଣୁଥିବା ରୋଷେୟା କହିଛନ୍ତି। ଶୌଚାଳୟରେ ପାଣିର ବ୍ୟବସ୍ଥା ହୋଇନଥିବା ଯୋଗୁଁ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ ପାଚେରୀ ମଧ୍ୟ ନାହିଁ। ଶିକ୍ଷକମାନେ ନିୟମିତ ଆସୁଥିଲେ ମଧ୍ୟ ଆବଶ୍ୟକୀୟ ଭିତ୍ତିଭୂମି ନଥିବା ହେତୁ ଶିକ୍ଷାଦାନରେ ବ୍ୟାଘାତ ହେଉଥିବା ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦଳାଇ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଶ୍ରେଣୀ ଗୃହ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ନିମନ୍ତେ ଦାୟିତ୍ୱରେ ଥିବା ସିଆରସିସି କେ. ଭାଗ୍ୟରାଜ ଲିଖିତ ଭାବରେ ଦେଇଥିବା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଆବଶ୍ୟକୀୟ ଭିତ୍ତିଭୂମି ତୁରନ୍ତ ପୂରଣ ନକଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସମସ୍ତ ଅଭିଭାବକ ମାନେ ଚେତାବନୀ ଦେଇଛନ୍ତି।

# ଅସୁରକ୍ଷିତ ପୋଟେରୁ ପୋଲ, ବିପଦପୂର୍ଣ୍ଣ ଯାତ୍ରା



କାଳିମେଳା(ଭାସ୍କର ନ୍ୟୁଜ୍): କାଳିମେଳା ଠାରୁ ମାଲକାନଗିରି ସଂଯୋଗ କରୁଥିବା ୩୨୬ ଜାତୀୟ ରାଜପଥର ପୋଟେରୁ ପୋଲ ଉପରେ ବିପଦପୂର୍ଣ୍ଣ ଯାତାୟାତ ନେଇ ଅଭିଯୋଗ ହୋଇଛି । ଚଳିତ ବର୍ଷାରେ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଉପର ଅଂଶ ଧୋଇ ହୋଇଯାଇଛି । ଯାହାଫଳରେ ଉପର ଅଂଶ ଆବୁଡା ଖାବୁଡା ହୋଇଯାଇଛି । ଦୁଇ ଏବଂ ଚାରିଚକିଆ ଯାନବାହନ ଠିକ୍ ଭାବେ ଯାଇପାରୁ ନାହିଁ । ନିକଟସ୍ଥ ଲୋକେ ଅନେକ ଖାଲୁଆ ସ୍ଥାନରେ ବାଲି ବସ୍ତା ରଖି ଯାତାୟାତ କରୁଛନ୍ତି। ପୋଲର ଦୁଇ ପାର୍ଶ୍ୱରେ ଥିବା ସୁରକ୍ଷା ୱାଲ ବନ୍ୟାଜଳରେ ଧୋଇ ହୋଇଯାଇଛି । ନିକଟରେ ବିଦ୍ୟାଳୟ ଥିବାରୁ ଛାତ୍ରଛାତ୍ରୀ ମାନେ ନିତ୍ୟ ଏହି ପୋଲ ଉପର ଦେଇ ଯିବାଆସିବା କରୁଛନ୍ତି । ଅସୁରକ୍ଷିତ ଏହି ପୋଲ ଉପରେ ବିପଦପୂର୍ଣ୍ଣ ଯାତାୟାତକୁ ରୋକିବା ପାଇଁ ତୁରନ୍ତ ମରାମତିର ଆବଶ୍ୟକତା ପଡୁଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି ।

# ନେହେନା ଦଣ୍ଡସେନା ପରିବାରରେ ଧୁମ୍ଧାମ୍‌ରେ ପାଳିତ ହେଲା ନୂଆଖାଇ



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଦଣ୍ଡସେନା ପରିବାରର ଏକ ହଜାରରୁ ଅଧିକ ସଦସ୍ୟ ଗୋଟିଏ ସ୍ଥାନରେ ନୂଆଖାଇ ପର୍ବ ପାଳନ କରିଥିଲେ। ଏହି ଅବସରରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଜୋରଦାର ଚଳାଇଥିବା ବେଳେ ନୂଆଖାଇରେ କୌଣସି ପ୍ଲାଷ୍ଟିକ ଜିନିଷ ବ୍ୟବହାର ନକରି, କେବଳ ପତ୍ର ଖଲି ଦାନା ଓ କାଗଜ ଗ୍ଲାସ ବ୍ୟବହାର କରି ପ୍ଲାଷ୍ଟିକ ବର୍ଜନ କରିବାକୁ ସଚେତନ କରି ନୂଆ ଖାଇଥିଲେ। ଏହି ଦଣ୍ଡସେନା ପରିବାର ସମ୍ପୂର୍ଣ୍ଣ କୃଷି କାର୍ଯ୍ୟ ଉପରେ ନିର୍ଭର କରୁଥିବା ବେଳେ କୃଷି ଭିତ୍ତିକ ପର୍ବ ନୂଆଖାଇକୁ ମହାସମାରୋହରେ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ପାଳନ କରି ଆସୁଛନ୍ତି। ଚଳିତ ୨୦୨୫ ମସିହାରେ ପରିବାରର ସମସ୍ତ ସଦସ୍ୟ ଗୋଟିଏ ସ୍ଥାନରେ ନୂଆଖାଇ ପର୍ବ ପାଳନ କରି ଏକତାର ଓ ଭାଇ ଚାରାର ନିଦର୍ଶନ ଦେଇଛନ୍ତି। ଏହି ପରିବାରର ବିଶେଷତ୍ୱ ହେଲା ସମସ୍ତେ ଭାଇଚାରା ସୃଷ୍ଟି କରି ଏକତା ସୂତ୍ରରେ ବାନ୍ଧିବା। ପ୍ରଥମେ ପରିବାରର ଇଷ୍ଟ ଦେବୀ ମା' ମଙ୍ଗଳାଙ୍କୁ ନୂଆ ଚୁଡା ଅର୍ପଣ କରିବା ପରେ ସମସ୍ତ ଦେବା ଦେବୀଙ୍କୁ ନୂଆ ଅର୍ପଣ କରି ନୂଆ ଖାଇଥିଲେ। ନୂଆଖାଇ ସାରିବା ପରେ ନୂଆଖାଇ ଭେଟ କାର୍ଯ୍ୟକ୍ରମରେ ଜ୍ୟେଷ୍ଠମାନଙ୍କୁ ନୂଆଖାଇ ଜୁହାର କରି ଆଶୀର୍ବାଦ ନେଇଥିଲେ। ଏହି ଦଣ୍ଡସେନା ପରିବାର ଗୋଟିଏ ବିଶାଳ ପରିବାର ହୋଇଥିବାବେଳେ ଏହି ପରିବାରର ଅନେକ ସଦସ୍ୟ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ନୂଆଖାଇରେ ସାମିଲ ହୋଇଥିଲେ। ନୂଆଖାଇ ପ୍ରସ୍ତୁତିରେ ଯୁବଗୋଷ୍ଠୀ ପ୍ରମୁଖ ଭୂମିକା ନିଭାଉ ଥିବାବେଳେ ବରିଷ୍ଠମାନେ କଣ କରାଯିବ ସେନେଇ ଦିଗଦର୍ଶନ ଦିଅନ୍ତି। ନୂଆଖାଇ ପରେ ଛାତ୍ରଛାତ୍ରୀ ଓ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିବା ବେଳେ ରାତ୍ରରେ ସଂସ୍କୃତି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କେବଳ ପରିବାରର ସଦସ୍ୟ ମାନେ ଭାଗ ନେଇଥିଲେ। ନୂଆଖାଇକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ଅଶୋକ ଦଣ୍ଡସେନା, ବିରେନ୍ଦ୍ର ଦଣ୍ଡସେନା, ଯୁଗଲ, ଆଶୁତୋଷ, ବିଶ୍ୱରଞ୍ଜନ, ସନ୍ତୋଷ, ଅଜୟ, ରାଜୁ, ପିଣ୍ଟୁ, ଲାଲଟୁ, ପପୁ, ନାନୁ ରାଜା ସମେତ ପରିବାରର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଏଭଳି ଭାବେ ଖଡ଼ିଆଳ ଅଂଚଳ ର ଘରେ ଘରେ ଧୁମଧାମରେ ନୂଆଖାଇ ପର୍ବ ପାଳନ ହୋଇଥିବା ଦେଖିବାକୁ ମିଳିଥିଲା।

# ଦୁର୍ଘଟଣାରେ ୨ ଆହତ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରାୟଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିପଦର ଛକ ନିକଟରେ ଘଟିଛି ସଡ଼କ ଦୁର୍ଘଟଣା। ଉକ୍ତ ସଡ଼କ ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଆହତ ହୋଇଥିବା ସୂଚନା ମିଳିଛି।



ପ୍ରାଥମିକ ସୂଚନା ଅନୁସାରେ ଗତ ରାତି ପ୍ରାୟ ଆଠଟାବେଳେ କିପରି ଏହି ଦୁର୍ଘଟଣା ଟି ଘଟିଲା ତାହା ଅସ୍ପଷ୍ଟ ଥିବା ବେଳେ ଦୁଇ ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଗ୍ନିଶମ ବାହିନୀ ଉଦ୍ଧାର କରି ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ରାୟଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣଙ୍କ ଚିକିତ୍ସା ଚାଲିଥିବାବେଳେ ଅନ୍ୟ ଜଣଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ସୂଚନା ରହିଛି। ଘଟଣା ସ୍ଥଳରେ ରାୟଗଡ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଚାରିଦିବସୀୟ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆରମ୍ଭ

# ପ୍ରଥମ ଦିନରେ ନାଟକ 'ନିଶା' ମଞ୍ଚସ୍ଥ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ଭାରତୀ କଳା ନିକେତନ, ଉମରକୋଟ ଦ୍ୱାରା ଚାରି ଦିବସୀୟ ତଥା ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ କୋଣ୍ଡାଗାଁ ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଆଇନଜୀବୀ ସଂଘର ସଭାପତି ପ୍ରଶାନ୍ତ ସାହୁ ଉପସ୍ଥିତ ରହିଥିଲେ। ଆଜିର ଏହି ପ୍ରଥମ ସନ୍ଧ୍ୟାରେ ନାଟକ 'ନିଶା' ଭାରତୀ କଳା ନିକେତନର କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଆଜିର ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ସମୟ ଚକ୍ରରେ ପଡି ମଦ, ଗଂଜେଇ, ବିଡି, ସିଗାରେଟ ଭଳି ନିଶାକୁ କିପରି ନିଜର ଶ୍ରେଷ୍ଠ ମିତ୍ର ମାନି ନିଅନ୍ତି ଏବଂ ଶେଷରେ ସେମାନଙ୍କ ସ୍ୱପ୍ନ ସହ ସୁନା ଭଳି ସଂସାର କିପରି ଧୂଳିସାତ ହୁଏ ଏମିତି ଏକ ସମ୍ବେଦନଶୀଳ କଥାବସ୍ତୁକୁ ନେଇ ପରିବେଷିତ ନାଟକ ଦର୍ଶକଙ୍କୁ ଭାବ ବିହ୍ୱଳ କରିଥିଲା। ଅଧ୍ୟାପକ ଗୋପାଳ ମହାରଣାଙ୍କ ରଚିତ, ଅଧ୍ୟାପିକା ମଧୁସ୍ମିତା ଙ୍କ ବଳିଷ୍ଠ ନିର୍ଦ୍ଦେଶନା ଏବଂ ଏମ. ମାଧବ ପାତ୍ରଙ୍କ ଚମତ୍କାର ସଂଗୀତ ପରିଚାଳନା ନାଟକକୁ ଜୀବନ୍ତ କରିଥିଲା। ନାଟକକୁ ସହ ନିର୍ଦ୍ଦେଶନା ରବୀନ୍ଦ୍ର ନାଥ ମହାରଣା ଦେଇଥିବା ସ୍ଥଳେ ଧନେଶ୍ୱର ପୁହାଣ ଶାନ୍ତିଲତା ମହାନ୍ତି, ନଳିନୀ ରଞ୍ଜନ ମିଶ୍ର, ବିବେକାନନ୍ଦ ପଟ୍ଟନାୟକ, ସାଗର କୁମାର ପରିଡା, ପ୍ରକାଶ ଚନ୍ଦ୍ର ବେହେରା, ଅମୀୟ କୁମାର ତ୍ରିପାଠୀ, ସିଲୁ ସାହୁ, ସନ୍ତୋଷ କୁମାର ପରିଡା, ରବୀନ୍ଦ୍ର ସାହୁ, ଦୀପ ଶିଖା ନାୟକ ଏବଂ ଶିଶୁ କଳାକାର ଭାବେ ସାଇ ଅନୁଷ୍କା ମହାରଣା ଅଭିନୟ କରିଥିଲେ। ମଞ୍ଚ ନାଟକ କ୍ଷେତ୍ରରେ ଅବଦାନ ପାଇଁ ରାଉରକେଲାର ପଞ୍ଚାନନ ପାତ୍ରଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ମା ରାଧା ଦେବୀ କଳାଶ୍ରୀ ସମ୍ମାନ ୨୦୨୫'ରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ଏମ. ମଧୁଛନ୍ଦା, ବିଦ୍ୟୁତ କୁମାର ପାତ୍ର, ସ୍ୱାଗତିକା ସାହୁ, ଗଣେଶ ପ୍ରସାଦ ରଣା, ଏନ୍ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ସହଯୋଗ କରିଥିଲେ। ବସନ୍ତ କୁମାର ସାହୁ ମଞ୍ଚ ଓ ରୂପସଜା କାର୍ଯ୍ୟ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମୁଖ୍ୟ ଅତିଥି କହିଛନ୍ତି କଳା ଓ ସଂସ୍କୃତି ମାଟିରେ ଏହିଭଳି କଳା ପ୍ରଦର୍ଶନକୁ ପୁନର୍ଜୀବିତ କରିବା ସହ ନାଟକ ନିଶା ମାଧ୍ୟମରେ ଲୋକଙ୍କୁ ଯେଉଁ ବାର୍ତ୍ତା ଦିଆଯାଉଛି ତାହା ଏକ ସୁନ୍ଦର ବାର୍ତ୍ତା। ତେଣୁ ଅନୁଷ୍ଠାନର ମୁଖ୍ୟଙ୍କ ପ୍ରଚେଷ୍ଟାକୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ୩ ଦିନ ପରେ ମିଳିଲା ନଦୀ ସୁଅରେ ଭାସିଯାଇଥିବା ବୃଦ୍ଧଙ୍କ ଶବ

ଉମରକୋଟ(ଭାସ୍କର ନ୍ୟୁଜ୍): ନଦୀ ସୁଅରେ ଜଣେ ବୃଦ୍ଧ ଭାସି ଯାଇ ମୃତ୍ୟୁବରଣ କରିବା ସହ ୩ ଦିନ ପରେ ମିଳିଲା ଶବ। ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ନେଉରା ଗ୍ରାମ ପଞ୍ଚାୟତର ବାଉଁଶ ବେଡ଼ା। ଗ୍ରାମଠାରେ। ବାଉଁଶ ବେଡ଼ା। ଗ୍ରାମର ଜିତ୍ରୁ ଗୌଡ଼ ୬୭ ବର୍ଷ ରବିବାର ଦିନ ଛତିଶଗଡ଼ର କଂଗରା ଗ୍ରାମ ଠାରେ ରହୁଥିବା ଶଳା ଘରକୁ ବୁଲିବା ପାଇଁ ଯାଇଥିଲେ। ଯାହାକି ବାଉଁଶବେଡ଼ା ଠାରୁ ୩୫ କିଲୋମିଟର୍ ଦୂରରେ ଅବସ୍ଥିତ। ତେବେ ସେଠାରୁ ମଙ୍ଗଳବାର ଦିନ ଘରକୁ ଫେରିବା ପାଇଁ ବାହାରିଥିଲେ। ତେବେ ଜିତ୍ରୁ ଛତିଶଗଡ ଓ ବାଉଁଶବେଡ଼ା। ସନ୍ଧିରେ ଥିବା କୁରାବେଡ଼ା ଠାରେ ଥିବା ତେଲ ନଦୀ ପାର କରୁଥିବା ସମୟରେ ପ୍ରଖର ସୁଅରେ ଭାସି ଯାଇଥିଲେ। ତେବେ ଜିତ୍ରୁ ଘରକୁ ନ ଫେରିବାରୁ ବୁଧବାର ଠାରୁ ପରିବାର ଲୋକେ ଖୋଜାଖୋଜି କରିବା ଆରମ୍ଭ କରି ଦେଇଥିଲେ। କିନ୍ତୁ ନଦୀରେ ପାଣି ଥିବାରୁ ଖୋଜିବା ସମ୍ଭବ ହେଇ ପାରି ନଥିଲା। କିନ୍ତୁ ଆଜି ନଦୀର ପାଣିର ସୁଅ କମିବା ପରେ ଆଟିଗାଁ ଓ ବାଲାଗୁଡା ଗ୍ରାମ ମଝିରେ ଥିବ। ନଦୀ ନିକଟ ରେ ଶବ ଭାସୁଥିବା ଦେଖିବାକୁ ମିଳିଥିଲା। ଯାହାକି ବାଉଁଶ ବେଡା। ଗ୍ରାମଠାରୁ ୫ କିଲୋ ମିଟର ଦୂରରେ ଅବସ୍ଥିତ । ଆଜି ସନ୍ଧ୍ୟାରେ ପରିବାର ଲୋକେ ଉମରକୋଟ ଆସି ଥାନାରେ ଲିଖିତ ଭାବେ ସୂଚନା ପ୍ରଦାନ କରିଛନ୍ତି।

# ଗଣପତି ମହୋତ୍ସବରେ ପାରଳା ବିଧାୟକ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍):ପୁରୀ ଗ୍ରାଣ୍ଡ ରୋଡ଼ ଠାରେ ୨୫ତମ ଗଣପତି ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବରେ ମୁଖ୍ୟ ଅତିଥିଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଏଥିରେ ବିଧାୟକ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରିଥିବା କଳାକାରକୁ ପାରଳାଖେମୁଣ୍ଡି ବିଧାୟକ ଆର୍ଥିକ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଧାୟକଙ୍କ ସମେତ ସଭାପତି ନିତ୍ୟ ପ୍ରସାଦ ପଟନାୟକ, ସମ୍ପାଦକ ନିମାଇଁ ଚରଣ ମହାନ୍ତି ଏବଂ ପୂର୍ବତନ ସମ୍ପାଦକ କେଶବ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ।

# କେବେ ମିଳିବ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ?

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିମନ୍ତେ ଦୀର୍ଘ ଦିନ ଧରି ଦାବି ହୋଇଆସୁଥିଲେ ସୁଦ୍ଧା ମାନ୍ୟତା ନ ମିଳିବା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏପଟେ ଓପିଡି ସମୟ ଚାଲିଯିବା ପରେ ସାଧାରଣତ ସଦର ମହକୁମା ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ରୋଗୀ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ତା'ସହ ପାଖାପାଖି ୧୫୦ ରୋଗୀ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ର କୁ ଆସିଥାନ୍ତି। ଏବଂ ରାଇଘର ବ୍ଲକ ୨୬ ଗୋଟି ପଞ୍ଚାୟତକୁ ନେଇ ଗଠିତ ହୋଇଅଛି। ବ୍ଲକରେ ସଦର ମହକୁମା ସ୍ଥିତ ରାଇଘର, ଯୋଡ଼ିଙ୍ଗା, ତୁରୁଡି, କୁରାବେଡା, ଗୋନା, ଡୁମୁରିମୁଣ୍ଡା ଆଦି ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ସୀମାନ୍ତ ହାଟଭରାଣ୍ଡି ଠାରେ ଗୋଟାଏ ସ୍ୱାସ୍ଥ୍ୟକେନ୍ଦ୍ର ରହିଅଛି। ତା'ସହ ଡୁମୁରି ମୁଣ୍ଡା ଏବଂ ଗୋନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବର୍ତ୍ତମାନ ଏନ୍‌ଜିଓ ସଂସ୍ଥା ଦ୍ୱାରା ପରିଚାଳିତ ହେଉଅଛି। ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରେ ୮ ଜଣ ଡାକ୍ତର ରହିବା ପରିବର୍ତ୍ତେ ଅଛନ୍ତି ମାତ୍ର ୪ ଜଣ ଏମ୍‌ବିବିଏସ ଆଉ ଜଣେ ଆୟୁଷ୍ ଡାକ୍ତର, ରହିଛନ୍ତି। ଜଣେ ଫାର୍ମାସିଷ୍ଟ ଥିବାବେଳେ ସେ ଷ୍ଟୋର ଦାୟିତ୍ୱ ରେ ରହିଛନ୍ତି। ମେଲ୍ ୱାର୍କର ଫିଲ୍ଡ କାମ କରିବା ପରିବର୍ତ୍ତେ ଫାର୍ମାସିଷ୍ଟ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଯାହାଫଳରେ ଫିଲ୍ଡ କାମ ଠିକ୍ ସେ ହେଉନଥିବା ଅଭିଯୋଗ ହେଉଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଜଣେ ଜଣେ ଡକ୍ଟର ରହିଥିବାବେଳେ ଯୋଡିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନ ଧରି ଆୟୁଷ ଡକ୍ଟର ରହିଛନ୍ତି ସଦର ମହକୁମା ସ୍ଥିତ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇଜଣ ଫାର୍ମାସିଷ୍ଟ ରହିବା ସ୍ଥଳେ ଜଣେ ରହିଛନ୍ତି ଏବଂ ତାଙ୍କର ଅବସର ସମୟ ମାତ୍ର ୬ ମାସ ଥିବା ଜଣାଯାଇଛି। ଅନ୍ୟାନ୍ୟ କର୍ମଚାରୀ କହିଲେ ବହୁ ପଦବୀ ଖାଲି ପଡ଼ିଛି। ସେଥିରେ ଷ୍ଟାଫ୍ ନ ଥିବା ସତ୍ତ୍ୱେ କାହାକୁ କେଉଁଠି ଡେପୁଟେସନ କରାଯାଉଛି ଯାହାଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଏପଟେ ଯୋଡ଼ିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ନ ଥିବାବେଳେ ମେଲ୍ ୱାର୍କର ଫାର୍ମାସିଷ୍ଟ କାର୍ଯ୍ୟ ସମ୍ପାଦନ କରୁଥିବା ଦେଖିବାକୁ ମିଳିଛି। ତୁରୁଡ଼ିରେ କେହି ଡକ୍ଟର ନ ଥିବାବେଳେ ସେଠାରେ ଜଣେ ଫାର୍ମାସିଷ୍ଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସମ୍ଭାଳିଛନ୍ତି। ଏପଟେ ସରକାରଙ୍କ ତରଫରୁ ୧୪୦ ପ୍ରକାରରୁ ଉର୍ଦ୍ଧ୍ୱ ମେଡ଼ିସିନ ନିରାମୟ କେନ୍ଦ୍ରକୁ ଆସୁଥିଲେ ସୁଦ୍ଧା କିଛି ଡକ୍ଟର ମେଡ଼ିସିନ ବାହାରୁ କିଣିକରି ଆଣିବାକୁ କହୁଥିବା ଅଭିଯୋଗ ହେଉଛି। ଯାହାଫଳରେ ନିରୀହ ରୋଗୀ ବାହାରୁ ମେଡ଼ିସିନ କିଣିବାକୁ ବାଧ ହେଉଛି। ରାଇଘର ସଦର ମହକୁମା ଠାରେ ଥିବା ପୋଷ୍ଟମର୍ଟମ ଗୃହ ଶୋଚନୀୟ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ପୋଷ୍ଟମର୍ଟମ୍ ପରେ ଡ଼ାକ୍ତର ହାତ ଧୋଇବାକୁ ମଧ୍ୟ ପାଣି ଟୋପାଏ ନାହିଁ।ତେଣୁ ଜିଲ୍ଲା ବିଭାଗୀୟ ଅଧିକାରୀ ତଥା ସ୍ଥାନୀୟ ଲୋକ ପ୍ରତିନିଧି ଏହା ଉପରେ ଗୁରୁତ୍ୱ ଦେଇ ଏହାର ସମାଧାନ ନିମନ୍ତେ ସାଧାରଣରେ ଦାବି ହେଉଛି।

# ରାଉରକେଲାବାସୀଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଲା ପଥ ଉତ୍ସବ

ରାଉରକେଲା( ଭାସ୍କର ନ୍ୟୁଜ) ଦୀର୍ଘ ଦୁଇ ବର୍ଷ ପରେ ପୁଣି ରାଉରକେଲାକୁ ପଥ ଉତ୍ସବ ଫେରିଥିବା ବେଳେ ଏହାକୁ ମନ ଭରି ଉପଭୋଗ କରିଥିଲେ। ରାଉରକେଲାବାସୀଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବା ପାଇଁ ସ୍ୱାୟତ୍ତ ଶାସନ ଦିବସର ଅବ୍ୟବହିତ ପୂର୍ବରୁ ରାଉରକେଲା ମହାନଗର ନିଗମ ତରଫରୁ ଅନୁଷ୍ଠିତ ଏହି ପଥ ଉତ୍ସବରେ ପ୍ରବଳ ଜନସମାଗମ ହୋଇଥିଲା। ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇଥିବା ଏହି ପଥ ଉତ୍ସବ ହନୁମାନ ବାଟିକା ଛକ ପର୍ଯ୍ୟନ୍ତ ଚାଲିଥିଲା। ବିଧାୟକ ରାଉରକେଲା ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନି, ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ଆଇଏଏସ ଶିକ୍ଷାନବିସ ଫାବି ରସିଦ, ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ପ୍ରତିନିଧି ପ୍ରକାଶ ପାଶୱାନ ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏଠାରେ ସ୍ଥାନୀୟ କଳାକାରଙ୍କ ନିମନ୍ତେ ଏକ ମଂଚ ହୋଇଥିବାବେଳେ ସେମାନେ ଏଥିରେ ଭାଗ ନେଇ ସେମାନଙ୍କ କଳା କୌଶଳ ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ। ରାଉରକେଲାକୁ ସ୍ୱଚ୍ଛ, ଶ୍ରେଷ୍ଠ ଓ ବିକଶିତ କରିବା ପାଇଁ ଜନ ଭାଗୀଦାରୀ ମୁଖ୍ୟ ହୋଇଥିବାବେଳେ ସମସ୍ତେ ଏଥିପାଇଁ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଓଲିଉଡର ନାମକରା କଣ୍ଠଶିଳ୍ପୀଙ୍କ ଦ୍ୱାରା ସୁମଧୁର ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ପ୍ରସିଦ୍ଧ ଓଡ଼ିଆ କଣ୍ଠଶିଳ୍ପୀ ଟି.ସୌରୀଙ୍କ ସହ ଲୋକପ୍ରିୟ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ, ଲିପ୍ସା ମହାପାତ୍ର, ବର୍ଣ୍ଣାଳୀ ହୋତାଙ୍କ ସହ ସୁପରିଚିତ ଉପସ୍ଥାପକ ଓ ଅଭିନେତା କେପି, ଉପସ୍ଥାପିକା ଓ ଅଭିନେତ୍ରୀ ଗୁଡ଼ି ଓ ଅଙ୍କିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

# ଜାତୀୟ କ୍ରୀଡା ଦିବସ ପାଳିତ



ଫୁଲବାଣୀ(ଭାସ୍କର ନ୍ୟୁଜ୍): ସ୍ୱର୍ଗତ ଧାନ ଚାନ୍ଦ ସ୍ମୃତି ସ୍ମରଣରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଖେଳ ଅଧିକାରୀ ସମୀର କୁମାର ନାୟକ ଙ୍କ ଚେଷ୍ଟା ରେ ଜାତୀୟ କ୍ରୀଡା ଦିବସ ଫୁଲବାଣୀ କୋରନେସ ପଡିଆଠାରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମ୍ୟାଚ ଗୁଡିକରେ ୪୦ ବର୍ଷରୁ ଉର୍ଦ୍ଧ ସମସ୍ତ ଫୁଟବଲ ଖେଳାଳୀ ମାନେ ଭାଗ ନେଇଥିଲେ। ପୋଲିସ ବରିଷ୍ଠ ଏକାଦଶ ଓ ଫୁଲବାଣୀ ବରିଷ୍ଠ ଏକାଦଶ, ଭଞ୍ଜନଗର ଏକାଦଶ,ଜିଲ୍ଲା ଖେଳ ଅଧିକାରୀ ଏକାଦଶ ପ୍ରମୁଖ ଦଳ ଭାଗ ନେଇଥିଲେ। ଏହି ଚାରୋଟି ଦଳ ଭିତରୁ ଜିଲ୍ଲା ଖେଳ ଅଧିକାରୀ ଏକାଦଶ ଚାମ୍ପିଆନ ହୋଇଥିଲା ବେଳେ ପୋଲିସ ବରିଷ୍ଠ ଏକାଦଶ ରନର୍ସପ ହୋଇଥିଲେ। ବିଜେତା ଓ ରନର୍ସ ଟିମକୁ ପୂର୍ବତନ ଖେଳାଳି ଅଶୋକ ପଟ୍ଟନାୟକ, ଫୁଟବଲ ଖେଳାଳି ବିପିନ ବିହାରୀ ପଟ୍ଟନାୟକ, ଫୁଟବଲ, ହକି,କ୍ରିକେଟ ଖେଳାଳି ରଂଜନ କୁମାର ଦାସ ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ ଜାତୀୟ ଖେଳ ଦିବସରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିବା ରେଫରି ମାନଙ୍କୁ ଓ ବେଷ୍ଟ ଭଲୁଏଣ୍ଟାରୁଙ୍କୁ ପୁରସ୍କୃତ କରାଯାଇଛି। ଏହା ସହିତ ପୂର୍ବତନ ବିଧାୟକ ଦେବେନ୍ଦ୍ର କଂହର ଏହି ଖେଳ କୁ ପୂର୍ଣ୍ଣ ମାତ୍ରାରେ କମେଣ୍ଟ୍ରି କରି ଖେଳପ୍ରେମୀ ମାନଙ୍କୁ ଆକୃଷ୍ଟ କରିଥିଲେ।

# ସତ୍ୟାନନ୍ଦ ଯୁବକ ସଂଘ ପକ୍ଷରୁ 'ନୂଆଖାଇ ଭେଟ୍‌ଘାଟ୍'



ବରଗଡ(ଭାସ୍କର ନ୍ୟୁଜ୍): ଗୁରୁବାର ଅପରାହ୍ନ ୪ଘଣ୍ଟା ସମୟରେ ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପଣ୍ଡରିପାଣି ଗ୍ରାମସ୍ଥିତ ସତ୍ୟାନନ୍ଦ ଯୁବକ ସଂଘ ଆନୁକୂଲ୍ୟରେ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା ।ସଂଘ ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗୌନ୍ତିଆ ସୁଶୀଲ ଚାନ୍ଦ ଯୋଗଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ଟଙ୍କଧର ବିଶି, ୱାର୍ଡ ମେମ୍ବର ଚୂଡ଼ାମଣି ସାହୁ, ୱାର୍ଡ ମେମ୍ବର ପାକୟନ କଲେତ, ନର ସାହୁ, ଗଣେଶ ବାରିକ, ପ୍ରସନ୍ନ ବିଶି, ଜୟଦେବ ମେହେର, ପ୍ରସନ୍ନ କଲେତ ଆଦି ଯୋଗଦେଇଥିଲେ । ସଭା ଆରମ୍ଭରେ ସଂଘ ପ୍ରତିଷ୍ଠାତା ସ୍ୱର୍ଗତ ଦିଲ୍ଲୀପ କୁମାର ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସମସ୍ତ ଅତିଥି ସ୍ୱର୍ଗତ ପଣ୍ଡାଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଶ୍ରୀଯୁକ୍ତ ବାଞ୍ଛାନିଧି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । ସଂଘ କଳାକାରମାନଙ୍କ ଦ୍ୱାରା ପ୍ରଦୀପ ପଣ୍ଡାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ପରିବେଶ ସୁରକ୍ଷା' ପ୍ରଦର୍ଶିତ ହୋଇଥିଲା। ଉକ୍ତ ଉତ୍ସବରେ ବୀର ରଣା, ମୁନା, ଅଂଶୁ, ଅଶୋକ, ଦୟା, ରାଜୁ, ଜିତୁ, ଆଶୀଷ, ରାକେଶ, ପୁରନ, ଯୁଧିଷ୍ଠିର, ସତ୍ୟ, ଖଏନୁ, ଶିବ, ରଘୁ,ଦୀପକ, ଅଲେଖ, ଶରତ, ପବିତ୍ର, ପ୍ରଶାନ୍ତ, ଚନ୍ଦ୍ର, ବସୁଦେବ ଓ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ନୂଆଖାଇ ପାଳନ ଉତ୍ସବର ଗୁରୁତ୍ୱ ଉପରେ ପ୍ରଦୀପ ପଣ୍ଡା ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ସଂଘ ଉପ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବହୁ ବାଦବିବାଦ ପରେ ନୂତନ ଏମ୍‌ଡିଙ୍କୁ ଦାୟିତ୍ୱ ହସ୍ତାନ୍ତର

ମାଥିଲି (ଭାସ୍କର ନ୍ୟୁଜ୍ ):ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପସ ଠାରେ ପୂର୍ବରୁ ବହୁ ବାଦ ବିବାଦ ଲାଗି ରହିଥିଲା । ସେହି ଦୃଷ୍ଟିରୁ ଗତ ୨୦ ତାରିଖରେ ପରିଚାଳନା କମିଟିକୁ ଏକ ଜରୁରୀ କାଳୀନ ବୈଠକ ସଭାପତି ମୁନିବତି ବୁଡ଼ବାଡେ ଡାକିଥିଲେ। ଏହି ବୈଠକରେ ଲ୍ୟାମ୍ପସର ପ୍ରାୟ ଡାଇରେକ୍ଟର ଉପସ୍ଥିତ ରହି ପୂର୍ବତନ ଏମଡି ସନ୍ତୋଷୀନି ପରିଡା ଜଣେ ଲେଡିସ ହୋଇଥିବା ଯୋଗୁଁ ସଠିକ ରୂପେ କାର୍ଯ୍ୟ ତୁଲାଇ ପାରୁନଥିଲେ ତେଣୁ ସମସ୍ତ ଡାଇରେକ୍ଟର ପୂର୍ବତନ ଏମଡିକୁ ଦାୟିତ୍ୱରୁ ଓହରି ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଡାଇରେକ୍ଟରଙ୍କ କଥାକୁ ମାନି ନିଜ ଇଚ୍ଛାରେ ଇସ୍ତଫା ପ୍ରଦାନ କରିଥିଲେ । ଆଜି ମାଥିଲି ଲ୍ୟାମ୍ପସ ସଭାପତି ମୁନିବତି ବୁଡ଼ବାଡେଙ୍କ ସମେତ ଉପସଭାପତି ଡମ୍ବୁଣି ପୂଜାରୀ ଡିରେକ୍ଟର ହଳଧର ପୂଜାରୀ, ଉଦୟନାଥ ମାଦ୍ରୀ, ସୁବାସ ଚନ୍ଦ୍ର ଖୁଡୁପିଆ, ତ୍ରିନାଥ ଭୂମିଆ, ସମାରୁ ନାୟକଙ୍କ ସମେତ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ର ଶାଖା ପରିଚାଳକ ମନୋଜ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଡାଇରେକ୍ଟର ଉପସ୍ଥିତିରେ ନୂତନ ଏମଡି ଚୟନ କରାଯାଇଥିଲା। ନୂତନ ଏମଡି ଭାବରେ ଅନନ୍ତ ବିଷୋୟୀଙ୍କୁ ଚୟନ କରାଯାଇଥିଲା । ନୂତନ ଏମଡ଼ିଙ୍କୁ ଆଦିବାସୀ ନେତା ହଳଧର ପୂଜାରୀ ଏବଂ ଅନ୍ୟମାନେ ପୂଜା ଅର୍ଚ୍ଚନା କରି ଲ୍ୟାମ୍ପସର ଦାୟିତ୍ୱ ପ୍ରଦାନ କରାଇଥିଲେ। ସମସ୍ତ କର୍ମଚାରୀ ପ୍ରଶାନ୍ତ କୁମାର ନାୟକ, ଧନୁର୍ଯ୍ୟୟ ଭୂମିଆ, ସନ୍ତୋଷ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ନୂତନ ଏମଡ଼ି ଅନନ୍ତ ବିଷୋୟୀ ଯୋଗ ଦେଲା ପରେ ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟାରେ ସମସ୍ତ ସମସ୍ୟାକୁ କେମିତି ସୁରୁଖୁରୁରେ ତୁଲାଇ ହବ ସେଥିପ୍ରତି ଆମେ କାର୍ଯ୍ୟ କରିବା। ବିନା ଦ୍ୱିଧାରେ କାମ କରିବାକୁ କର୍ମଚାରୀମାନଙ୍କୁ ବୁଝାଇଥିଲେ। ଚାଷୀମାନଙ୍କ ଯେତେ ସବୁ ସମସ୍ୟା ଅଛି ତୁରନ୍ତ ସମାଧାନ କରାଯିବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଛନ୍ତି।





ଭୁବନେଶ୍ୱର (ଭାସ୍କର ନ୍ୟୁଜ) ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା କ୍ଷେତ୍ର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ତଥା ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଆଜି ପୁରୀ ଗସ୍ତ କରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ପୁରୀଠାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ସାମ୍ବାଦିକମାନେ ଯୋଗ ଦେଇ ସେମାନଙ୍କର ଗଣମାଧ୍ୟମଗୁଡ଼ିକର କାର୍ଯ୍ୟଧାରା, ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗରେ ବିସ୍ତୃତ ଭାବେ ବିଚାର ରଖିଥିଲେ। ବୈଠକରେ ଏଡିଜି ଶ୍ରୀ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କର ମତାମତ ଶୁଣିବା ପରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ନୀତି ସମ୍ପର୍କରେ ପ୍ରଚାରପ୍ରସାରକୁ ସୁଦୃଢ଼ କରିବା ଲାଗି ସେମାନଙ୍କ ସହ ବିଚାରବିମର୍ଶ କରିଥିଲେ। ସରକାରୀ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ଫଳପ୍ରଦ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ହେଲେ ସେ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଜରୁରୀ। ଏଥିରେ ସ୍ଥାନୀୟ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମିଶ୍ର ମତ ରଖିଥିଲେ। ସୂଚନାର ଉନ୍ନତ ପ୍ରବାହ ସୁନିଶ୍ଚିତ କରିବା ଲାଗି ପିଆଇବି ଏବଂ ସ୍ଥାନୀୟ ସାମ୍ବାଦିକମାନଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ନେଇ ମଧ୍ୟ ପିଆଇବି ଏଡିଜି ଆଲୋଚନା କରିଥିଲେ ଏବଂ ଏ ଦିଗରେ ସ୍ଥାନୀୟ ସାମ୍ବାଦିକମାନଙ୍କର ସହଯୋଗ କାମନା କରିଥିଲେ । ଶ୍ରୀ ମିଶ୍ର ସାମ୍ବାଦିକଙ୍କ ସମସ୍ୟା ଏବଂ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ବୈଠକକୁ ପିଆଇବିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ଏବଂ ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ପରିଚାଳନା କରିଥିଲେ ।

---


## ପୌରପରିଷଦ ବାଲେଶ୍ୱର
### ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ -୨୦୨୫

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ତା. ୩୧.୦୮.୨୦୨୫ ରିଖ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି ଏବଂ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ ଆଶା କରୁଅଛି।

ନିବେଦନ :-

୦୧- ପୌର ସମ୍ପତ୍ତି ଆପଣଙ୍କର, ଏହାର ରକ୍ଷଣାବେକ୍ଷଣ ଆପଣଙ୍କର ଦାୟିତ୍ୱ ।
୦୨- ସହରର ରାସ୍ତା ଏବଂ ଡ୍ରେନ ଅବରୋଧ କରନ୍ତୁ ନାହିଁ ଏବଂ ଏଥିରେ ଅଳିଆ ପକାଇ ପରିବେଶ ଦୂଷିତ କରନ୍ତୁ ନାହିଁ।
୦୩- ସର୍ବ ସାଧାରଣ ସ୍ଥାନରେ ଏବଂ ରାସ୍ତାରେ ଗୃହ ପାଳିତ ପଶୁ ମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ଏବଂ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ।
୦୪- ନୂତନ ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୦୫- ଜଳ ନିଷ୍କାସନ ସୁରକ୍ଷିତ ଭାବେ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୦୬- ଗୃହର ବର୍ଜ୍ୟବସ୍ତୁକୁ ପୃଥକ ଭାବେ ରଖି ପୌରପାଳିକାରେ BOV ଗାଡିକୁ ପ୍ରଦାନ କରନ୍ତୁ ।
୦୭- ନିୟମିତ ଭାବେ ଘର ଟିକସ, ଦୋକାନ ଲାଇସେନ୍ସ ଟିକସ, ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକାର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୦୮- ନିଜ ବାସଗୃହ ଏବଂ ବ୍ୟବସାୟ ପ୍ରତିଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ସଫଳ ପରିଚାଳନା କରିବାରେ ସହାୟକ ହୁଅନ୍ତୁ ଏବଂ ଏକ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରନ୍ତୁ ।
୯- ଯଥା ସମୟରେ ଜନ୍ମ, ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ ।
୧୦- ଜନସାଧାରଣଙ୍କ ପାଇଖାନା ଟାଙ୍କି ପ୍ରତି ୩ ବର୍ଷରେ ପୌରପାଳିକାର ସେସପୁଲ ଗାଡି ଦ୍ୱାରା ନିୟମ ଅନୁଯାୟୀ ସଫେଇ କରନ୍ତୁ ।
୧୧- ବାଲେଶ୍ୱର ସହରକୁ ସ୍ୱଚ୍ଛ, ନିର୍ମଳ,ସ୍ୱାସ୍ଥ୍ୟକର ସୁନ୍ଦର ଓ ସୁରକ୍ଷିତ କରି ଗଢି ତୋଳିବା ପାଇଁ ପୌରପାଳିକାକୁ ସହଯୋଗ କରନ୍ତୁ ।





| ଶ୍ରୀମତୀ ନିଳିପ୍ତା ମହାନ୍ତି, ଓ.ପ୍ର.ସେ -୧(ଏସ.ବି ) କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଲେଶ୍ୱର ପୌରପାଳିକା | ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠୀ ଉପାଧ୍ୟକ୍ଷ ବାଲେଶ୍ୱର ପୌରପାଳିକା | ଶ୍ରୀମତୀ ସବିତା ସାହୁ ପୌରାଧ୍ୟକ୍ଷା ବାଲେଶ୍ୱର ପୌରପାଳିକା |
|---|---|---|


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତିଆନଜିନ୍‌ରେ...

ଦୁଇଦେଶର ସେନା ମଧ୍ୟରେ ହୋଇଥିବା ସଂଘର୍ଷ ପରେ ଭାରତ ଓ ଚୀନ୍ ମଧ୍ୟରେ ସୀମା ବିବାଦ ସମାଧାନ ଦିଗରେ ଅଗ୍ରଗତି ଘଟିଛି। ଏହି ବୈଠକରେ ଆହୁରି ଅଧିକ ଆଲୋଚନା ହେବାର ସମ୍ଭାବନା ରହିଛି। ଏସସିଓ ସମ୍ମିଳନୀରେ ମଧ୍ୟ ଏସିଆ, ଦକ୍ଷିଣ ଏସିଆ, ମଧ୍ୟପୂର୍ବ ଓ ଦକ୍ଷିଣ-ପୂର୍ବ ଏସିଆର ୨୦ରୁ ଅଧିକ ନେତା ସାମିଲ ହେବେ। ଚୀନ୍ ଏହି ସମ୍ମିଳନୀ ମାଧ୍ୟମରେ ଦକ୍ଷିଣ ଏସିଆର ନେତୃତ୍ୱ ଓ ରୁଷକୁ କୂଟନୈତିକ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛି।


### AFFIDAVIT

By virtue of an affidavit Sl.No. 681 sworn before Notary Public, Bhubaneswar on dated: 26.08.2025, I Kalakar Barick, S/o- Ratnakar Barick, resident of At/Po- Barundiha, Ps- Rajkanika, Dist- Kendrapara, declares that I have changed my minor daughter's name from Ronali Barick to Donali Barick. Henceforth, she shall be known as Donali Barick for all purposes.

**Sd/- Kalakar Barick**



### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-M-KUR-EnHM-CAP-311-25

**କାର୍ଯ୍ୟର ନାମ :** ଛତ୍ରପୁର ରେଳ ଷ୍ଟେସନ ଏବଂ କଲୋନୀରେ ଦୈନିକ ସଫା କରିବା ଓ ଝାଡୁ ଲଗାଇବା ତଥା ନଗରପାଳିକା ପ୍ରାଧିକାର ଅନୁଯାୟୀ 01 ବର୍ଷର ଅବଧି ନିମନ୍ତେ ଷ୍ଟେସନ ଏବଂ କଲୋନୀ ଠାରୁ ଡମ୍ପିଂ ୟାର୍ଡ ପର୍ଯ୍ୟନ୍ତ ଅଳିଆ ଆବର୍ଜନାକୁ ଖାଲି କରିବା।

**ବିଜ୍ଞାପିତ ମୂଲ୍ୟ (₹):** 90,37,972.87, EMD (₹): 1,80,800.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹): 5,900/-, ଶେଷ ହେବା ଅବଧି : 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.02.09.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.09.2025 ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର୍ ଡିଭିଜନାଲ ମେକାନିକାଲ ଇଂଜିନିୟର, ଖୋର୍ଦ୍ଧା ରୋଡ଼

PR-537/Q/25-26



### ପୌର ପରିଷଦ କାର୍ଯ୍ୟାଳୟ,ଫୁଲବାଣୀ

ଫୁଲବାଣୀ ପୌର ପରିଷଦ ପ୍ରଗତିପଥେ ଆଗକୁ ବଢେଇ ନେବା ପାଇଁ , ଆପଣମାନଙ୍କୁ ଅନୁରୋଧ କରାଯାଉଅଛି ଯେ , ଆପଣ ମାନେ

- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ ।
- ରାସ୍ତା ଡ୍ରେନ ନାଳ ଉପରେ ଛୋଟ ଦୋକାନ ବା ବ୍ୟାନର ପକାଇ ଜବର ଦଖଲ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ଗାଡିରେ ଦିଅନ୍ତୁ ।
- ରାସ୍ତା ଏବଂ ଡ୍ରେନ ଉପରେ ନିର୍ମାଣାଧୀନ ସାମଗ୍ରୀ ଯଥା ବାଲି, ଗୋଡ଼ି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ ।
- ଗାଈ ଗୋରୁ ଓ ଅନ୍ୟ ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡି ନିଜ ହେପାଜତରେ ରଖନ୍ତୁ ।
- ଫୁଲବାଣୀ ପୌରପରିଷଦ ଦ୍ୱାରା ନିର୍ଦ୍ଧାରିତ ଟିକସ ସଠିକ ସମୟରେ ପଇଠ କରନ୍ତୁ ।
- ସର୍ବସାଧାରଣ ରାସ୍ତା ଉପରେ କୌଣସି ସାର୍ବଜନୀନ ସ୍ଥାନରେ ବିନା ଅନୁମତିରେ ଖୋଳ କରିବା କିମ୍ବା ତୋରଣ ନିର୍ମାଣ କାମରୁ ନିବୃତ ରୁହନ୍ତୁ ।
- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋର୍ଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦ ବିଧିବଦ୍ଧ ଅନୁମତି ନିଅନ୍ତୁ ।
- ପ୍ରତ୍ୟେକ ଶନିବାର ଦିନ ଘରୁ ବାହାରୁ ଥିବା ଇଲେକ୍ଟ୍ରିକ ବର୍ଜ୍ୟବସ୍ତୁ ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ଗାଡି ମାନଙ୍କରେ ଦିଅନ୍ତୁ ।
- ଫୁଲବାଣୀ ପୌରପରିଷଦରେ ଫେକାଲ୍ ସ୍ଲେଜ୍ ମ୍ୟାନେଜମେଣ୍ଟର ଅପରେସନ୍ ମଡେଲ୍ ନିର୍ମାଣ ହୋଇଅଛି, ଯେଉଁଠି ସହରର ପରିମଳ ସଂଗ୍ରହ ହେବା ସେଟା ସହ ପରିମଳକୁ ଖତ ରୂପେ ପରିବର୍ତ୍ତିତ କରାଯାଉଅଛି ।
- ଘରେ ରହି ପୌର ପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ, ସମ୍ପତ୍ତି କର, ଜଳ ଏବଂ ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇବା ପାଇଁ https://sujog.odisha.gov.in/ ୱେବ ସାଇଟ ଯାଇ ସେବା ନିଅନ୍ତୁ ।

| ନିର୍ବାହୀ ଅଧିକାରୀ, ଫୁଲବାଣୀ ପୌରପରିଷଦ | ସମସ୍ତ ପାରିଷଦ ବୃନ୍ଦ, ଫୁଲବାଣୀ ପୌରପରିଷଦ | ଅଧ୍ୟକ୍ଷ, ଫୁଲବାଣୀ ପୌରପରିଷଦ |
|---|---|---|



### ପୌର ପରିଷଦ କାର୍ଯ୍ୟାଳୟ,ଗୁଣପୁର
### ସ୍ୱାୟତ୍ତ ଶାସନ ଦିବସ
୩୧ ଅଗଷ୍ଟ ୨୦୨୫

ମହଶୟା/ମହାଶୟ,

ଆସନ୍ତା ତା ୩୧.୦୮. ୨୦୨୫ ରିଖ ରବିବାର ଦିନ ଗୁଣୁପୁର ପୌର ପରିଷଦ ତରଫରୁ "ସ୍ୱାୟତ୍ତ ଶାସନ ଦିବସ – ୨୦୨୫ " ପାଳିତ ହେବାକୁ ଯାଉଅଛି | ଏହି ଅବସରରେ ପୌର ପରିଷଦ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି | ପରିଷଦକୁ ସ୍ୱଚ୍ଛ, ସୁନ୍ଦର, ବିକାଶଶୀଳ ଓ ସୁବ୍ୟବସ୍ଥିତ କରିବା ଲାଗି ସହଯୋଗ କରନ୍ତୁ | ପୌର ପରିଷଦ ଗୁଣପୁର ସର୍ବଦା ଆପଣଙ୍କ ସେବାରେ |

ବାର୍ତ୍ତା

୧. "ମାଙ୍କ ପାଇ ଗଛ ଟିଏ" - ଆସନ୍ତୁ ଗଛ ଲଗାଇବା ଗୁଣପୁର ସହରକୁ ସୁସ୍ଥ, ସବୁଜ ଓ ସୁନ୍ଦର ରଖିବା |
୨. ଗୃହର ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦର ଆବର୍ଜନା ସଂଗ୍ରହ ଗାଡ଼ିରେ ଦିଅନ୍ତୁ |
୩. ଗୃହ ପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁର ଗୁଡିକୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ |
୪. ବାହାରେ ମଳତ୍ୟାଗ ନକରି ନିଜେ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ |
୫. ଘରର ଲାଟିନ ଟାଙ୍କି ସଫା କରିବା ପାଇଁ ପରିଷଦର ସେସପୂଲ୍ ଗାଡ଼ି କୁ ବ୍ୟବହାର କରନ୍ତୁ |

|| ଶ୍ରଦ୍ଧାର ସହ ||
ଆପଣଙ୍କ ଗୁଣମୁଗ୍ଧ

| ଶ୍ରୀଯୁକ୍ତ ଶିବ ପ୍ରସାଦ ଗୌଡ଼ ଉପାଧ୍ୟକ୍ଷ ପୌର ପରିଷଦ, ଗୁଣପୁର | ଶ୍ରୀମତୀ ମମତା ଗୌଡ଼ ଅଧ୍ୟକ୍ଷା ପୌର ପରିଷଦ, ଗୁଣପୁର | ଶ୍ରୀଯୁକ୍ତ ସନ୍ତୋଷ କୁମାର ନାୟକ କାର୍ଯ୍ୟନିର୍ବାହୀ ଅଧିକାରୀ ପୌର ପରିଷଦ, ଗୁଣପୁର |
|---|---|---|

ପୌର ପରିଷଦର ସମସ୍ତ ପାରିଷଦ ବୃନ୍ଦ



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା
### ବାର୍ତ୍ତା

ପରିଷଦର ଟିକସ, ଗୃହଟିକସ, ସଫେଇ କର ଦୋକାନ ଯଥା ସମୟରେ ଜମାକରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜିକରଣ କରାଇ ନିଅନ୍ତୁ।
୨. ପରିଷଦରୁ ଗୃହ ନକ୍ସା ମଞ୍ଜୁର ହେଲାପରେ ଘର ତିଆରି କରନ୍ତୁ ଏବଂ ତିଆରି ହୋଇଯାଇଥିବା ଗୃହର ନକ୍ସା ଅତିଶିଘ୍ର ମଞ୍ଜୁର କରାଇ ନିଅନ୍ତୁ।
୩. ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ୍ ପୃଥକ୍ କରି ରଖି ପରିଷଦ ତରଫରୁ ନିଯୁକ୍ତ ଗାଡ଼ିରେ ପକାନ୍ତୁ ଓ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୁଅନ୍ତୁ।
୫. ରାସ୍ତାର ପରେ ଘର ତିଆରି ସାମଗ୍ରୀ ଯଥା- ଗୋଡ଼ି, ବାଲି, ଇଟା ଓ ପଥର ଇତ୍ୟାଦି ଜମା କରନ୍ତୁ ନାହିଁ।
୬. ଗୃହପାଳିତ ପଶୁ ଯଥା ଗାଇଗୋରୁ, ଛେଳି, ଘୁଷୁରୀ ଇତ୍ୟାଦିକୁ ଖୋଲାରେ ଛାଡ଼ନ୍ତୁ ନାହିଁ।
୭. ପଲିଥିନ ବ୍ୟବହାର କରନ୍ତୁ ନାହିଁ ଓ ପରିବେଶ ପ୍ରଦୂଷଣରୁ ବଞ୍ଚିତ ହୁଅନ୍ତୁ।
ବିଶୁଦ୍ଧ ପାନୀୟଜଳ ବ୍ୟବହାର କରନ୍ତୁ।
୮. ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଅତିକମ୍‌ରେ ୫ମିଟର ପରିଧି ଅଞ୍ଚଳକୁ ସଫାରଖନ୍ତୁ ଓ ଡଷ୍ଟବିନ୍‌କୁ ବ୍ୟବହାର କରନ୍ତୁ।

ସ୍ୱା/–
କାର୍ଯ୍ୟନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା



### ସର୍ବସାଧାରଣ ନିମନ୍ତେ ସୂଚନା

ଏତଦ୍ ଦ୍ୱାରା ଜଟଣୀ ପୌରାଞ୍ଚଳ ସମସ୍ତ ଜନସାଧାରଣମାନଙ୍କୁ ଜଣାଇ ଦିଆଯାଉଛି କି,
୧.ଜଟଣୀ ସହରକୁ ସରଶ ସୁନ୍ଦର କରିବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
୨. ଘରର ସମସ୍ତ ଓଦା ଓ ସୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡ଼ିରେ ଦିଅନ୍ତୁ।
୩. ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ। ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।
୪. ଆପଣମାନଙ୍କଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍କୃଷ୍ଟମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି। ଏହାର ଉପଯୋଗ କରନ୍ତୁ।
୫. ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ୍ ପରିଷଦଠାରୁ ମଞ୍ଜୁର କରାଇ ନିଅନ୍ତୁ। ଏବଂ ଗୃହ ସମାପ୍ତପରେ ତାହାକୁ ପଞ୍ଜିକରଣ କରାଇନିଅନ୍ତୁ।
୬. ବ୍ୟବସାୟୀମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ୍ ଲାଇସେନ୍ସ ଓ ନବିକରଣ ନିମନ୍ତେ ସୁଜୋଗ ପୋର୍ଟାଲରେ ଅନ୍‌ଲାଇନରେ ଆବେଦନ କରାଇନିଅନ୍ତୁ ଓ ବିଭିନ୍ନ ଟିକସ ଯଥା **Hllding Tax, User Fee** ଓ ଅନ୍ୟାନ୍ୟ ଟ୍ୟାକ୍ସ ଠିକ୍ ସସୟରେ ପୈଠ କରନ୍ତୁ।
୭.ଭୂମି ଅଧିକାର ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ।
୮. ବାଣିଜ୍ୟିକ ପ୍ରତିଷ୍ଠାନର ସୂଚନା ଫଳକ (**Display Board**) ୬୦ଭାଗ ଲାଭ ଓଡ଼ିଆ ଭାଷାରେ ସେପ୍ଟେମ୍ବର ମାସ ତା ୩୦.୦୯.୨୦୨୫ରିଖ ସୁଧା ଲେଖନ୍ତୁ। ନଚେତ୍ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନସରିବା ପର୍ଯ୍ୟନ୍ତ ପ୍ରତିଦିନ ୫୦୦ଶହ ଟଙ୍କା ଜୋରିମାନା ରାଶି ଆଦାୟ କରିବେ।
୯.ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ଶେସ୍‌ପୁଲ ଗାଡ଼ି ପାଇଁ ଟୋଲ୍ ନଂ ୧୪୪୨୦ରେ ଯୋଗାଯୋଗ କରନ୍ତୁ।
୧୦. ରାସ୍ତାକଡ଼ ଡ୍ରେନକୁ ଜବର ଦଖଲ କରନ୍ତୁ ନାହିଁ। ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲକୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ।
୧୧. ପରିଷଦ ଇଲାକାରେ ଥିବା ସୈରାତ (ପୋଖରୀ)ଗୁଡ଼ିକୁ ପରିଷ୍କାର ରଖନ୍ତୁ।
ନିଖିଳ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

| ଶ୍ରୀମତୀ ଆରତୀ ରାଉତ ଉପାଧ୍ୟକ୍ଷା ଜଟଣୀ ପୌର ପରିଷଦ | ଶ୍ରୀମତୀ ଆକ୍ରିତୀ ଗୋଏଙ୍କା ନିର୍ବାହୀ ଅଧୀକାରୀ ଜଟଣୀ ପୌର ପରିଷଦ | ଶ୍ରୀଯୁକ୍ତ ଅନନ୍ତ ବେହେରା ଅଧ୍ୟକ୍ଷ ଜଟଣୀ ପୌର ପରିଷଦ |
|---|---|---|



### ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

**ଆମ ପଦକ୍ଷେପ**

- ସହରକୁ ସମ୍ପୂର୍ଣ୍ଣ ରୂପେ ଟ୍ରାଫିକ୍ ନିୟନ୍ତ୍ରଣମୁକ୍ତ କରିବା ନିମନ୍ତେ ରାସ୍ତାକଡ଼ରେ ଥିବା ଉଠା ଦୋକାନୀମାନଙ୍କୁ ଭେଣ୍ଡିଂ ଯୋଜନା ମାଧ୍ୟମରେ ୪ଗୋଟି ନୂତନ ଭେଣ୍ଡିଂ ଜୋନ୍ ଓ ପିଣ୍ଡି ନିର୍ମାଣ କରାଯାଇ ଥଇଥାନ କରାଯିବା ପାଇଁ ପ୍ରୟାସ ।
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଯୋଜନାରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ ।
- ସହଯୋଗ ଯୋଜନାରେ ସମସ୍ତ ସରକାରୀ ଯୋଜନାର ଉପଯୋଗୀତା ଓ ସହଭାଗୀତା ହେବା ନିମନ୍ତେ ସହରର ସମସ୍ତ ଜନସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ପ୍ରୟାସ ।
- ଖୋରଧା ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

**ପୌରବାସୀଙ୍କୁ ଅନୁରୋଧ**

- ଆସନ୍ତୁ ଏକ ଶାନ୍ତ, ସମୃଦ୍ଧ, ବିକଶିତ ଓ ସୌହାର୍ଦ୍ଦପୂର୍ଣ୍ଣ ଖୋରଧା ଗଢିବା ।
- ନିର୍ଦ୍ଧାରିତ ସମୟରେ ପରିଷଦର ସମସ୍ତ ଟିକସ ଦାଖଲ କରି ସହରର ଉନ୍ନତିରେ ସହାୟକ ହୁଅନ୍ତୁ ।
- ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
- ପଲିଥିନ୍ ମୁକ୍ତ ଖୋରଧା ସହର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ ।
- ହର ଘର ସ୍ୱଚ୍ଛତା ସମୂହ ସଫେଇ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ ।
- ଆସନ୍ତୁ ଖୋରଧା ସହରକୁ ସବୁଜ ସ୍ୱଚ୍ଛ ରୂପେ ଗଢିତୋଳିବା ।

| ରିଜ୍‌ୱାନା କଅକବ୍, (ଓ.ପ୍ର.ସେ.) ନିର୍ବାହୀ ଅଧିକାରୀ ପୌର ପରିଷଦ, ଖୋରଧା | ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି ପୌରାଧ୍ୟକ୍ଷା ପୌର ପରିଷଦ, ଖୋରଧା |
|---|---|

ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧ୍ୟକ୍ଷ
ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା

DSPL-244
OIPR 13082/13/0035/2526



### "ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଏହି ପବିତ୍ର ନିଖିଳ ଭାରତ ସାୟତ ଶାସନ ଦିବସ-୨୦୨୫-ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ"

- ଆମେ ସମସ୍ତେ ମିଳିମିଶି ସଙ୍କଳ୍ପ ନେବା, ପରିଷଦର ଟିକସ ଠିକ୍ ସମୟରେ ପୈଠ କରିବା, ଘର ଓ ପରିବେଶକୁ ସଫା ରଖିବା, ଆବର୍ଜନା ପାଣି ଘର ପାର୍ଶ୍ୱରେ ଜମା ନରଖିବା ତେବେ ଯାଇ ଆମେ ମଶା ମାଛିଙ୍କ ଦାଉରୁ ରକ୍ଷା ପାଇବା ।
- ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ପରିମଳ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
- ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଓ ପଲିଥିନ୍ କୁ ସମ୍ପୂର୍ଣ୍ଣ ବର୍ଜନ କରନ୍ତୁ ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ନିର୍ମାଣାଧୀନ ଘରର ନକ୍ସାକୁ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ ।
- ସରକାରୀ ନାଳ, ନର୍ଦ୍ଦମା ଓ ରାସ୍ତାଘାଟକୁ ଅବରୋଧ କରନ୍ତୁ ନାହିଁ ।
- ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତାଘାଟକୁ ଛାଡ଼ନ୍ତୁ ନାହିଁ ।
- ଦୋକାନ ଘରର ଟ୍ରେଡ୍ ଲାଇସେନ୍ସ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ ।
- ଠିକ୍ ସମୟରେ ଘରର ହୋଲ୍ଡିଂ ଟିକସ ପୈଠ କରନ୍ତୁ ।
- ପରିବେଶ ସଫା ସୁତୁରା ପାଇଁ ପ୍ରତିମାସରେ ୟୁଜର ଫି ପୈଠ କରନ୍ତୁ ।
- ରାସ୍ତା ଉପରେ ଘର ତିଆରି ସାମଗ୍ରୀ (ବାଲି, ଗୋଡ଼ି, ଇଟା ଓ ପଥର) ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ଦୋକାନ ଆଗରେ ଓଡ଼ିଆରେ ନାମ ଫଳକ ଲେଖି ଟ୍ରେଡ୍ ଲାଇସେନ୍ସରେ ରିହାତି ପାଆନ୍ତୁ ।

(ପ୍ରତ୍ୟେକ ଟିକସ ଦାତା ଜଣେ ରାଷ୍ଟ୍ର ନିର୍ମାତା)

| ପ୍ରାଣନାଥ ସେଠ, ଓ.ରା.ସେ. ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ | ଭଗବାନ ପ୍ରଧାନ ଉପାଧ୍ୟକ୍ଷ ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ | ଶ୍ରୀମତୀ ସୁକାନ୍ତି ପାଇକରାୟ ଅଧ୍ୟକ୍ଷା ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ |
|---|---|---|



C-976

Email-kesinganac@gmail.com

### OFFICE OF THE NOTIFIED AREA COUNCIL, KESINGA

No. **2283** /NAC(K) Dated **26.08.2025**

**2nd corrigendum notice to tender call notice No. 2394/NAC(K) dated 12.08.2025 and Tender Call Notice No. 2413/NAC(K) dated 16.08.2025**

Due to upcoming public holidays for the local festival Nuakhai, the deadline/period has been extended accordingly. The revised dates will be as follows:

1. **Online bidding of Tender up to date: 03.09.2025 up to 05:00 pm**
2. **Opening of the tender bid on date: 04.09.2025 at 11:00 am**

This extension has been made to ensure smooth participation and accommodate the festive schedule.

Further this is regarding tender call notice no. **2413/NAC(K) dated 16.08.2025**, the following works name mentioned in the BoQ are hereby modified as detailed below:

1. Sl. No. 16, read as "Repairing of road near relocation area in Ward No- 8"
2. Sl. No. 19, read as "Construction of drain and road near Jishu Agrawal house, Gadadhar Deo house, Amodh Bagarty house and Chhala Sahu in Ward No- 11"
3. Sl. No. 22, read as "Construction of Cement Concrete road from Babaji Suna house to Jaga Suna house in Ward No- 12"

All other terms and condition unaltered.

**Sd/- Executive Officer**
**NAC Kesinga**

OIPR 13109/11/0041/2526



GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, ANGUL FOREST DIVISION - 759122
E-mail ID- dfoangul@gmail.com, dfo.angul@odisha.gov.in
Phone No- 9938022883

MM-170

Corrigendum Notice No. 2 DFO, ANG 03 /2025-26 dated. 19.08.2025

Office Order No 312 /1F, Dated, Angul the 30th August - 2025

**CORRIGENDUM**

The date has been modified as follows in respect of tender call notice for Procurement of various items for the Angul Forest Division during 2025-2026, in the Tender Notice published vide Bid Identification No. DFO/ANG-03/ 2025-26, Dtd. 19.08.2025 in the same tender process as per the modification mentioned below.

| Availability of Tender | | Date & Time of opening of the Tender |
|---|---|---|
| From | To | |
| 1 | 2 | 3 |
| 20.08.2025 at 10.00 A.M | 08.09.2025 upto 5.30 PM | 09.09.2025 at 11.30 AM |

Others can see the details from Notice inviting Tenders, available in website- https://angul.odisha.gov.in. Corrigendum if any, shall only be published in the above website

All other terms and conditions will remain same as published in the above referred tender notice. Inconvenience, if any is highly regretted.

Sd/- Divisional Forest Officer
Angul Forest Division

OIPR 08027/11/0027/2526



### ପୌର ପରିଷଦ, ବେଲପାହାଡ଼

ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ ।

ପୌରବାସୀଙ୍କୁ ନିବେଦନ:-

- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ନାମଫଳକ ଗୁଡ଼ିକୁ ଓଡ଼ିଆ ଭାଷାରେ ଲେଖନ୍ତୁ ।
- ପୌର ପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ ।
- ସର୍ବସାଧାରଣ ରାସ୍ତା ଏବଂ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା: ଇଟା, ବାଲି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
- ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତା ଉପରେ ଏଣେ ତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ ।
- ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌର ପରିଷଦକୁ ସହଯୋଗ କରନ୍ତୁ ।
- ଏକକାଳୀନ ବ୍ୟବହାର ହେଉଥିବା ପଲିଥିନ ର ବ୍ୟବହାର ବର୍ଜନ କରନ୍ତୁ ।
- ପୌର ପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ ।

| ଶ୍ରୀ ଗୌରବ ପ୍ରଧାନ (ଓ.ଆର.ଏସ) ନିର୍ବାହୀ ଅଧିକାରୀ ପୌର ପରିଷଦ,ବେଲପାହାଡ଼ | ଶ୍ରୀମତୀ ଗୀତା ସୁନା, ଉପାଧ୍ୟକ୍ଷା | ଶ୍ରୀ ନିମାଇଁ ଚରଣ ପଣ୍ଡା (ବୁଲୁ) ଅଧ୍ୟକ୍ଷ ପୌର ପରିଷଦ,ବେଲପାହାଡ଼ |
|---|---|---|

ଏବଂ ସମସ୍ତ ପୌର କର୍ମଚାରୀ ବୃନ୍ଦ ଏବଂ ପରିଷଦର ସମସ୍ତ ସଭ୍ୟ,ସଭ୍ୟା ବୃନ୍ଦ



GOVERNMENT OF ODISHA
Office of the Superintending Engineer
Bhanjanagar (R&B) Division, Bhanjanagar.
(Phone/Fax: (06821) 241133 / E -mail: eernbbngr@yahoo.in)

Ltr. No.8576 // Dtd.25.08.2025.

B-464

INVITATTIONS FOR BIDS (IFB)

E-Procurement Bid Identification No. S.E –BNJ-R&B- 10 / 2025-26.

| | | | |
|---|---|---|---|
| 1. | Name of work | :- | Road works |
| 2. | No. of works | :- | 7 Nos. Road work |
| 3. | No. of Covers | :- | Single Cover |
| 4. | Estimated cost | :- | Rs.4.93 lakhs to Rs.32.98 Lakhs |
| 5. | Period of Completion | : | One Calendar Months. |
| 6. | Date of time of availability of bid document in the portal | :- | From 12.00 Noon of dated 30.08.2025 to 5.00 P.M. of dated 06.09.2025 |
| 7. | Last date/time for receipt of bids in the portal | :- | Up to 5.00 PM. of dated 06.09.2025. |
| 8. | Date of opening of bid documents | :- | At 11.00 A.M. of dated 08.09.2025. |
| 9. | Class of Contractor | :- | "D", "C" & "B" Class Contractor |
| 10. | Name and address of officer inviting Bid | :- | Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

Sd/-Superintending Engineer
Bhanjanagar (R&B) Division

OIPR 34015/11/0030/2526



### ଚୌଦ୍ୱାର ପୌରପରିଷଦ, ଚୌଦ୍ୱାର




ଚୌଦ୍ୱାର ପୌରପରିଷଦ ଅଂଚଳର ଗୋଡ଼ିପାଟଣା ସ୍ଥିତ ଇନ୍ଦ୍ରପୂର୍ଣ୍ଣିମା ମହୋତ୍ସବ ଅବସରରେ ନଗରବାସୀଙ୍କର ସର୍ବଦା ଉନ୍ନତି କାମନା କରି ଶୁଭେଚ୍ଛା ଜଣାଇବା ସହିତ ନିମ୍ନ ପଦକ୍ଷେପ ନେବା ନିମନ୍ତେ ପୌରବାସୀଙ୍କ ସହଯୋଗ କାମନା କରୁଅଛୁ । ସମସ୍ତ ୱାର୍ଡ଼ର ଜନସାଧାରଣଙ୍କ ସୁବିଧା ଅନୁଯାୟୀ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ଆମେ ସଙ୍କଳ୍ପବଦ୍ଧ । ଆସନ୍ତୁ ଆମେ ସମସ୍ତେ ମଳିମିଶି ଏକ ବିକାଶଶୀଳ ଓ ସମୃଦ୍ଧ ଚୌଦ୍ୱାର ଗଠନ କରିବାରେ ସହାୟକ ହେବା ଏବଂ ଚୌଦ୍ୱାରକୁ ଏକ ସୁନ୍ଦର ଓ ପ୍ରଗତିଶୀଳ ପରିଷଦ ଭାବେ ଗଢିତୋଳିବା ।

ନିମ୍ନଲିଖିତ ଯୋଜନା ଗୁଡ଼ିକୁ ଆମ ସହରର ଉନ୍ନତି ପାଇଁ ଆମେ ସେବା ପ୍ରଦାନ କରିଆସୁଅଛୁ ।

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ସଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନ ଘର ଭଡ଼ା, ଲାଇସେନ୍ସ ଫି, ୟୁଜର୍ସ ଫି ପଇଠ କରନ୍ତୁ ।
୨. ଚୌଦ୍ୱାର ପୌରପରିଷଦର ସମସ୍ତ ବକେୟା କର ପୈଠ କରନ୍ତୁ ଓ ସରକାରଙ୍କ ସମସ୍ତ ସୁବିଧାକୁ ଉପଭୋଗ କରନ୍ତୁ ।
୩. ଚୌଦ୍ୱାର ପୌରପରିଷଦର ମୂଲ୍ୟବାନ ସରକାରୀ ଜମିଗୁଡ଼ିକୁ ବେଆଇନ ଭାବରେ ଜବରଦଖଲ କରନ୍ତୁ ନାହିଁ ।
୪. ପୌରାଂଚଳର ବିଭିନ୍ନ ରାସ୍ତାରେ ନିଜର ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ଏବଂ ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
୫. ରାସ୍ତା ଗୁଡିକ ଉପରେ ନିଜ ନିଜ ଘରର ନିର୍ମାଣ ସାମଗ୍ରୀ ଯଥା-ବାଲି, ଗୋଡ଼ି, ଇଟା, ପଥର, ଚିପ୍ସ ଇତ୍ୟାଦି ଗଦା କରି ରଖନ୍ତୁ ନାହିଁ କିମ୍ବା ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୬. ଚୌଦ୍ୱାର ପୌରପରିଷଦର ବିଭିନ୍ନ ୱାର୍ଡ଼ରେ ଥିବା ସମ୍ପଦ କେନ୍ଦ୍ର (MCC & MRF) କୁ ବିଭିନ୍ନ ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ କର୍ମୀଙ୍କ ଜରିଆରେ ନିଜ ଗୃହର (ଓଦା ଓ ଶୁଖିଲା) ବର୍ଜ୍ୟବସ୍ତୁକୁ ଅଲଗା ଅଲଗା କରି ଦିଅନ୍ତୁ ଏବଂ ଏକ ସ୍ୱଚ୍ଛ ଓ ସୁସ୍ଥ ଚୌଦ୍ୱାର ଗଠନ କରିବାରେ ସହଯୋଗ କରନ୍ତୁ ।
୭. ଚୌଦ୍ୱାର ପୌରପରିଷଦର ୦୩ (ତିନି) ଗୋଟି ଖତ ଉତ୍ପାଦନ କେନ୍ଦ୍ରରେ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା "ମୋ ଖତ" କୁ ନିଜ ନିଜ ଘରେ ବ୍ୟବହାର କରନ୍ତୁ ।

ଆମ ସଙ୍କଳ୍ପ ଓ ପରିକଳ୍ପନା :-

୧. ୱାର୍ଡ଼ ନଂ.୧ ରେ ବିରୂପା ନଦୀ କୂଳର ମାଗୁରାଠାରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ନିମନ୍ତେ ୧୦ କୋଟି ଟଙ୍କା ବ୍ୟୟରେ ଏକ ସୁନ୍ଦର ବୋଟିଂ କମ୍ପ୍ଲେକ୍ସ ଓ ସ୍ମାର୍ଟ ପାର୍କ ନିର୍ମାଣ ।
୨. ଚୌଦ୍ୱାର ପୌରପରିଷଦର ୱାର୍ଡ଼ ନଂ.୦୨ ର ଗଙ୍ଗେଶ୍ୱର ଠାରେ ଏକ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ଏକ ଅତ୍ୟାଧୁନିକ ମଡେଲ୍ ଶବଦାହ କେନ୍ଦ୍ର ନିର୍ମାଣ ।
୩. ଚୌଦ୍ୱାରର ସମସ୍ତ ୱାର୍ଡ଼ରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଜରିଆରେ ପାଖାପାଖି ୧୦ କୋଟି ଟଙ୍କା ବ୍ୟୟରେ ନୂତନ ଭାବେ ଅତ୍ୟାଧୁନିକ Park, Multi Gym, Open Space Beautification, Jogging Track, କାନ୍ଥ ଚିତ୍ରକଳା ଇତ୍ୟାଦିର ନିର୍ମାଣ ।
୪. ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ସମସ୍ତ ୱାର୍ଡ଼ରେ ପାଖାପାଖି ୨୦ କୋଟି ଟଙ୍କା ବ୍ୟୟରେ ନୂତନ Paver Road & Covered Drain ନିର୍ମାଣ ।
୫. ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୱାର୍ଡ଼ ନଂ.୦୭, ୧୦, ୧୪ ଏବଂ ୧୭ ରେ ୪ ଗୋଟି ଅତ୍ୟାଧୁନିକ ବହୁମୁଖୀ କେନ୍ଦ୍ର (Multi-Purpose Centre) ନିର୍ମାଣ ଓ ୱାର୍ଡ଼ ନଂ.୦୧, ୦୪, ୦୯, ୧୦, ୧୨, ୧୭, ୧୮ ଏବଂ ୧୯ ରେ ୦୮ ଗୋଟି ବୃହତ LED Web-Board ନିର୍ମାଣ କରାଯାଇଅଛି ।
୬. ଚୌଦ୍ୱାର ପୌରାଂଚଳର ବିଭିନ୍ନ ୱାର୍ଡ଼ରେ (୦୯) ନଅ ଗୋଟି ପର୍ଯ୍ୟାୟରେ **ଆବାସ ଯୋଜନା ୧.୦** ଜରିଆରେ ପାଖାପାଖି ୧୧୫୦ ଜଣ ଏବଂ **ଆବାସ ଯୋଜନା ୨.୦** ଜରିଆରେ ୧୩୭ ଜଣ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ନୂତନ ଗୃହ ନିର୍ମାଣ ନିମନ୍ତେ ସହାୟତା ରାଶି ପ୍ରଦାନ କରାଯାଇଅଛି ।

| ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ମିଶ୍ର ନିର୍ବାହୀ ଅଧିକାରୀ, ଚୌଦ୍ୱାର ପୌରପାଳିକା | ଶ୍ରୀଯୁକ୍ତ ଶୁଭେନ୍ଦୁ ସାମଲ ଉପାଧ୍ୟକ୍ଷ, ଚୌଦ୍ୱାର ପୌରପରିଷଦ | ଶ୍ରୀମତୀ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଅଧ୍ୟକ୍ଷା, ଚୌଦ୍ୱାର ପୌରପରିଷଦ |
|---|---|---|

ଓ
ସମସ୍ତ ପାରିଷଦ ବୃନ୍ଦ

DSPL-231
OIPR 13138/13/0048/2526

"ସ୍ୱଚ୍ଛ ଚୌଦ୍ୱାର" "ସୁସ୍ଥ ଚୌଦ୍ୱାର" "ଆପଣଙ୍କ ସହଯୋଗ, ଆମର କାମନା"



GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, ANGUL FOREST DIVISION - 759122
E-mail ID- dfoangul@gmail.com, dfo.angul@odisha.gov.in
Phone No- 9938022883

MM-175

Corrigendum Notice No. 1 DFO, ANG 03 /2025-26 dated. 19.08.2025

Office Order No 309/1F, Dated, Angul the 25th August - 2025

**CORRIGENDUM**

The items and specification has been modified as follows in respect of tender call notice for Procurement of various items for the Angul Forest Division during 2025-2026, in the Tender Notice published vide Bid Identification No. DFO/ANG-03/ 2025-26, Dtd. 19.08.2024 in the same tender process as per the modification mentioned below.

| SI No. | Items | Modification Details | Remarks |
|---|---|---|---|
| 14 | Item no. 14 | Add DEVELOPMENT OF ECO-TOURISM 14. "Science and Play equipment for the park" | Attached in Annexure - I |
| 15 | Item no. 15 | 15. FRP/MN/CI Garden Gazebo | |
| 16 | Item no. 16 | 16. FRP Dust bins | |

Others can see the details from Notice inviting Tenders, available in website- https://angul.odisha.gov.in. Corrigendum if any, shall only be published in the above website

All other terms and conditions will remain same as published in the above referred tender notice. Inconvenience, if any is highly regretted.

Divisional Forest Officer
Angul Forest Division

OIPR 08027/11/0029/2526



OFFICE OF THE MUNICIPAL COUNCIL, MALKANGIRI
Odisha, Pin -764045 Ph: - 06861-230244 e-Mail: - eomalkangiri@gmail.com

### ନିବେଦନ

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାପାଇଁ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ ।

୦୧ || ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ ( ଓଦା ଓ ଶୁଖିଲା ) ସଂଗୃହିତ କରି ରଖିବେ ଏବଂ ତତ ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ ।
୦୨ || ସେହିଭଳି ସହରର ସମସ୍ତ ନାଗରିକ ମଧ ନିଜ ଗୃହରେ ଉପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ ( ଓଦା ଓ ଶୁଖିଲା ) ଆବର୍ଜନା ବାହନରେ ପକାଇବେ ।
୦୩ || କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :-ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ ।
୦୪ || ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License ) ପୌର ପରିଷଦ ମାଲକାନଗିରିଙ୍କ ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ ।
୦୫ || ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ ।
୦୬ || ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ ।
୦୭ || ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନ କୁ ସାକାର କରିବା ।

| ଅଧ୍ୟକ୍ଷ ପୌର ପରିଷଦ, ମାଲକାନଗିରି | କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌର ପରିଷଦ, ମାଲକାନଗିରି |
|---|---|



ନୂଆଦିଲ୍ଲୀ: ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ପର୍ଣ୍ଣ ସାଇଟରେ ନିଜର ଏବଂ ଅନ୍ୟ ମହିଳାଙ୍କ ଫଟୋ ସେୟାରକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଦୋଷୀ ମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ୱେବସାଇଟର ନାମ ଫିକା ଥିବା ଜଣାପଡିଛି। ଯେଉଁଥିରେ ମହିଳାଙ୍କ ଫଟୋକୁ ବିକୃତ କରି ପୋଷ୍ଟ କରାଯାଉଥିଲା। ଏହାକୁ ନେଇ ଅନେକ ମହିଳା ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିଲା। ତେବେ ଏଥିରେ ମେଲୋନିଙ୍କ ଭଉଣୀ ଆରିଆନା, ବିରୋଧୀ ଦଳ ନେତା ଏଲି ସ୍କ୍ଲେନ୍, ଜଣେ ଜଣାଶୁଣା ନାମ ଚିଆରା ଫେରାଗ୍ନି ଏବଂ ରଟ ସାଂସଦ ଆଲେସାଣ୍ଡ୍ରା ମୋରେଟିଙ୍କ ନାମ ସାମିଲ ଥିବା ଜଣାପଡିଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ପ୍ଲାଟଫର୍ମରେ ପ୍ରାୟ ୭ ଲକ୍ଷ ଉପଭୋକ୍ତା ଅଛନ୍ତି। କେବଳ ଏତିକି ନୁହେଁ ଏଥିରେ ହାଇ-ପ୍ରୋଫାଇଲ୍ ମହିଳାଙ୍କ ଫଟୋ ପାଇଁ ଏକ ପୃଥକ ଭିଆଇପି ବିଭାଗ ମଧ୍ୟ ସୃଷ୍ଟି କରାଯାଇଥିଲା।

## ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ରାଷ୍ଟ୍ରପତି ଜେଲେନସ୍କି ୟୁକ୍ରେନର ସାମ୍ପ୍ରତିକ ସ୍ଥିତି ଉପରେ ନିଜର ଦୃଷ୍ଟିକୋଣ ବିଷୟରେ କହିଥିଲେ। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଜଣାଇବା ସହ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ତଥା ଯଥାଶୀଘ୍ର ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ପ୍ରୟାସକୁ ସମର୍ଥନ କରିବା ଲାଗି ଭାରତର ଦୃଢ଼ ଏବଂ ନିରନ୍ତର ଆଭିମୁଖ୍ୟକୁ ଦୋହରାଇଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବା ଲାଗି ଭାରତର ପ୍ରତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ଦୁଇ ନେତା ଭାରତ-ୟୁକ୍ରେନ୍ ଦ୍ୱିପାକ୍ଷିକ ଭାଗିଦାରୀର ଅଗ୍ରଗତିର ମଧ୍ୟ ସମୀକ୍ଷା କରିଥିଲେ ଏବଂ ପାରସ୍ପରିକ ସ୍ୱାର୍ଥ ସହ ଜଡ଼ିତ ସମସ୍ତ କ୍ଷେତ୍ରରେ ସହଯୋଗକୁ ଆହୁରି ବୃଦ୍ଧି କରିବାର ଉପାୟ ଉପରେ ଆଲୋଚନା କରିଥିଲେ। ଉଭୟ ନେତା ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ।

## ଜାପାନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଉପହାର ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନ ମନ୍ତ୍ରୀ ମୋଦୀ, ଜାପାନର ପ୍ରଧାନମନ୍ତ୍ରୀ ଇଶିବା ସିଗେରୁଙ୍କ ପତ୍ନୀଙ୍କୁ ପ୍ରସିଦ୍ଧ ପଶ୍ମିନା ଶାଲ ଉପହାର ଦେଇଛନ୍ତି। ଲଦାଖର ଚାଙ୍ଗଥାଙ୍ଗି ଛେଳିର ସୂକ୍ଷ୍ମ ପଶମରୁ ତିଆରି ଏହି ପଶ୍ମିନା ଶାଲ ହାଲୁକା, ନରମ ଏବଂ ଉଷ୍ମ ହୋଇଥିବାରୁ ସାରା ବିଶ୍ୱରେ ବେଶ ଲୋକପ୍ରିୟ। କାଶ୍ମୀରୀ କାରିଗରମାନଙ୍କ ଦ୍ୱାରା ହାତରେ ବୁଣାଯାଇଥିବା ଏହି ଶାଲଟି ଏକ ଶତାବ୍ଦୀ ପୁରୁଣା ପରମ୍ପରା ବହନ କରେ, ଯାହାକୁ ଏକଦା ରାଜାରାଜୁଡାମାନେ ଅନୁସରଣ କରୁଥିଲେ। ଶାଲଟିରେ ଆଇଭୋରୀ ରଂଗର ଭିତ୍ତି ଅଛି ଯେଉଁଥିରେ ଧୂସର, ଗୋଲାପୀ ଏବଂ ଲାଲ୍ ରଙ୍ଗରେ ସୂକ୍ଷ୍ମ ଫୁଲ ଏବଂ ପେସଲି ପ୍ୟାଟର୍ଣ୍ଣ ରହିଛି, ଯାହା କାଶ୍ମୀରୀ ଡିଜାଇନ୍ ଏବଂ କାରୁକାର୍ଯ୍ୟର ସମୃଦ୍ଧ ପରମ୍ପରାକୁ ଦର୍ଶାଏ। ଏହା ଏକ ହାତ-ଚିତ୍ରିତ ପେପିଅର-ମାଚେ ବାକ୍ସରେ ରଖାଯାଇଛି ଯାହା ଫୁଲ ଏବଂ ପକ୍ଷୀ ଡିଜାଇନ ସହିତ ସଜାଯାଇଥାଏ, ଯାହା କି ଏହାର ସୌନ୍ଦର୍ଯ୍ୟ ଏବଂ ସାଂସ୍କୃତିକ ମୂଲ୍ୟକୁ ବହୁଗୁଣିତ କରିଥାଏ। ବାକ୍ସ ସହ ଏହି ଶାଲଟି କାଶ୍ମୀରର କଳାକୃତି, ଐତିହ୍ୟ ଏବଂ କାଳଜୟୀ ସୁନ୍ଦରତାକୁ ଦର୍ଶାଏ

## ପେନ୍‌ସନ୍ ପାଇଁ ଆବେଦନ କଲେ ଜଗଦୀପ ଧନକର

ନୂଆଦିଲ୍ଲୀ: ଦେଶର ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖର ଜୁଲାଇ ୨୨ରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଏବେ ସେ ରାଜସ୍ଥାନ ବିଧାନସଭାରେ ପେନସନ ପାଇଁ ଆବେଦନ କରିଛନ୍ତି। ବିଧାନସଭା ସଚିବାଳୟ ଧନକରଙ୍କ ଆବେଦନର ଅନୁମୋଦନ ପ୍ରକ୍ରିୟାକୁ ଆଗକୁ ବଢାଇଛି। ଧନକର ରାଜସ୍ଥାନର ଦଶମ ବିଧାନସଭାର ସଦସ୍ୟ ଥିଲେ। ୧୯୯୩ ମସିହାରେ, ସେ କଂଗ୍ରେସ ଟିକେଟରେ ଆଜମେର ଜିଲାର କିଶନଗଡ଼ ଆସନରୁ ନିର୍ବାଚନ ଜିତି ବିଧାୟକ ହୋଇଥିଲେ। ବିଧାନସଭା ବାଚସ୍ପତି ବାସୁଦେବ ଦେବନାନୀ କହିଛନ୍ତି, ପୂର୍ବତନ ଉପରାଷ୍ଟ୍ରପତିଙ୍କ ପେନସନ ପାଇଁ ଆବେଦନ ଆସିଛି, କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଚାଲିଛି।

### ମହାନଦୀ ଜଳ ବିବାଦ ସମାଧାନ ପାଇଁ ଉଦ୍ୟମ

# ଡିସେମ୍ବରରେ ମୋହନ-ବିଷ୍ଣୁଦେବ ଭେଟ



ରାୟପୁର/ଭୁବନେଶ୍ୱର (ବ୍ୟୁରୋ) ମହାନଦୀ ଜଳ ବିବାଦ ଦୂର ପାଇଁ ଆଗକୁ ବଢ଼ିଛନ୍ତି ଓଡ଼ିଶା ଓ ଛତିଶଗଡ଼। ଆସନ୍ତା ଡିସେମ୍ବରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବଙ୍କ ମଧ୍ୟରେ ବୈଠକ ହୋଇପାରେ। ବୈଠକରେ ସୌହାର୍ଦ୍ଦପୂର୍ଣ୍ଣ, ଦୀର୍ଘକାଳୀନ ସମାଧାନ ଅନୁସନ୍ଧାନ କରିବା ପାଇଁ ଉଦ୍ୟମ ହେବ ବୋଲି ମୁଖ୍ୟମନ୍ତ୍ରୀ ଶନିବାର ଏକ୍ସରେ ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି ମହାନଦୀ ସମସ୍ୟାର ସମାଧାନ ଦିଗରେ ଆମେ ଆଉ ଏକ ପାଦ ଆଗକୁ ବଢ଼ିଛୁ। ଓଡ଼ିଶା ସରକାର ଓ ଛତିଶଗଡ଼ ସରକାର ଦୀର୍ଘ ଦିନର ବିବାଦର ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଆଜି ଅନୁଷ୍ଠିତ ଏକ ଫଳପ୍ରଦ ବୈଠକରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ଜଳ ସମ୍ପଦ ବିଭାଗୀୟ ଅଧିକାରୀମାନେ ମିଳିତ ଭାବେ ସହଯୋଗୀ ସମାଧାନ ପାଇଁ ଆଲୋଚନା କରିଛନ୍ତି। ଉଭୟ ରାଜ୍ୟ ଆପୋଷ ବୁଝାମଣାରେ ଲୋକମାନଙ୍କ ହିତରେ ଉଚିତ ସମାଧାନ ଖୋଜିବାକୁ ସହମତ ହୋଇଛନ୍ତି। ଏଥିପାଇଁ ସେପ୍ଟେମ୍ବର ମାସରେ ପ୍ରତ୍ୟେକ ରାଜ୍ୟର ଇଆଇସିଙ୍କ ନେତୃତ୍ୱରେ ଗଠିତ ବୈଷୟିକ କମିଟିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ସପ୍ତାହକୁ ଥରେ ବୈଠକ କରିବେ। ଏହି କମିଟି ଦ୍ୱାରା ମହାନଦୀ ଜଳ ବଂଟନରେ ଦୁଇ ରାଜ୍ୟରେ ଅଧିକ ସମନ୍ୱୟ ପାଇଁ ଏକ ସଂସ୍ଥାଗତ ଢାଂଚା ପ୍ରସ୍ତୁତ କରିବା ନେଇ ମଧ୍ୟ ଆଲୋଚନା କରାଯିବ। ଏହାପରେ ଅକ୍ଟୋବର ମାସରେ ଆଉ ଏକ ମୁଖ୍ୟ ସଚିବ ଓ ଜଳସମ୍ପଦ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଡିସେମ୍ବର ମାସରେ, ସୁବିଧାନୁସାରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ, କାମଗୁଡ଼ିକର ତଦାରଖ କରି ମହାନଦୀ ଜଳ ବିବାଦକୁ ଉଭୟ ରାଜ୍ୟର ଲୋକମାନଙ୍କ ହିତରେ ଦୀର୍ଘକାଳୀନ ଓ ସମ୍ମତିମୂଳକ ଭାବରେ ସମାଧାନ କରିବାର ପଥକୁ ନିର୍ଣ୍ଣୟ କରିବେ। ଓଡ଼ିଶା ସରକାର ସମସ୍ତଙ୍କ ପାଇଁ ଏକ ସମାବେଶୀ ତଥା ପାରସ୍ପରିକ ହିତକାରୀ ସମାଧାନ ପାଇଁ ଖୋଲା ମନରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ।

## ଖିମ୍‌ଜୀ ଜୁଏଲର୍ସର ଖୋଲିଲା ନୂତନ ଶୋରୁମ୍



ଅନୁଗୁଳ (ଭାସ୍କର ନ୍ୟୁଜ୍) : ଖିମଜୀ ଜୁଏଲର୍ସର ୨୦୨୫ ଅଗଷ୍ଟ ୩୧ରେ ଅନୁଗୁଳରେ ୬୦୦୦ ବର୍ଗ ଫୁଟର ଶୋରୁମ୍‌ର ଶୁଭାରମ୍ଭ ହୋଇଛି। ଏହି ଶୋରୁମ୍ ଅନୁଗୁଳର ସବୁଠାରୁ ବଡ଼ ଅଳଙ୍କାର ଶୋରୁମ୍ ଏବଂ ଓଡ଼ିଶାରେ ଏହା ବ୍ରାଣ୍ଡର ଦଶମ ଶୋରୁମ୍ ଅଟେ, ଯାହି ସୁନା, ହୀରା, ପ୍ଲାଟିନମ୍ ଏବଂ ରୂପା ଅଳଙ୍କାରର ଏକ ବିସ୍ତୃତ ଏବଂ ବ୍ୟାପକ ସଂଗ୍ରହ ସହିତ ଫ୍ୟାଶନ୍ ଜୁଏଲାରି ଏବଂ କର୍ପୋରେଟ୍ ଉପହାରର ବ୍ୟାପକ ସମ୍ଭାରକୁ ପ୍ରଦର୍ଶିତ କରିବ। ଏହି ଉଦଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ, ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ସୁମିତ ଖିମଜୀ, ଖିମଜୀ ପରିବାରର ସଦସ୍ୟଗଣ ଏବଂ ଅନେକ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ରହିବେ। ମିତେଶ ଖିମଜୀ ଏବଂ ସୁମିତ ଖିମଜୀ ଓଡ଼ିଶାରେ ଖିମ୍‌ଜୀର ଉପସ୍ଥିତିକୁ ଆହୁରି ସମ୍ପ୍ରସାରିତ କରି ଖୁସି ପ୍ରକାଶ କରିଛନ୍ତି। ଆଧୁନିକ ଡିଜାଇନ୍ ଏବଂ ଭବ୍ୟ ପରିବେଶ ସହିତ ଏହି ଶୋରୁମ୍ ଏକ ଅବିସ୍ମରଣୀୟ ଅଳଙ୍କାର କ୍ରୟ ଅନୁଭୂତି ପ୍ରଦାନ କରିବାକୁ ସୁନ୍ଦର ଭାବରେ ପରିକଳ୍ପିତ। ଷ୍ଟୋର୍ ଲେଆଉଟ୍ ଗ୍ରାହକଙ୍କୁ ଖିମଜୀ ଜୁଏଲର୍ସର ଅନନ୍ୟ କାରିଗରୀକୁ ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିବ ଯାହା କାଳଜୟୀ ସୁନା ଏବଂ ହୀରା ଅଳଙ୍କାରରୁ ଆରମ୍ଭ କରି ସ୍ୱତନ୍ତ୍ର ପ୍ଲାଟିନମ୍ ଏବଂ ରୂପା ଏବଂ ଫ୍ୟାଶନ୍ ଜୁଏଲାରି ପର୍ଯ୍ୟନ୍ତ ବ୍ୟାପ୍ତ। ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ନିଜର କୃତଜ୍ଞତା ପ୍ରକାଶ କରି କହିଛନ୍ତି ଯେ, ଅନୁଗୁଳ ବହୁଦିନ ଧରି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପାୱାରହାଉସ ହୋଇରହିଛି ଏବଂ ବର୍ତ୍ତମାନ ଏହା ବର୍ଦ୍ଧିତ ଆକାଂକ୍ଷା ଓ ଉଦୀୟମାନ ଜୀବନଶୈଳୀର ଜିଲ୍ଲା ଅଟେ। ଖିମଜୀ ଜୁଏଲର୍ସରେ ଆମେ ବର୍ତ୍ତମାନ ସମୟକୁ ଅନୁଗୁଳର ପ୍ରଗତି ଯାତ୍ରାରେ ସାମିଲ ହେବାର ଉପଯୁକ୍ତ ମୁହୂର୍ତ୍ତ ଭାବେ ଦେଖୁଛୁ। ଆମର ନୂତନ ସୋ'ରୁମ ଜରିଆରେ ଆମେ ଗ୍ରାହକମାନଙ୍କ ନିକଟରେ କେବଳ ଆମର ବିଶ୍ୱାସ ଓ କାରିଗରୀର ଐତିହ୍ୟ ନୁହେଁ, ବରଂ ଡିଜାଇନ ପହଂଚାଇବାକୁ ଲକ୍ଷ୍ୟ ରଖିଛୁ ଯାହା ଏକ ଆଧୁନିକ ଓ ପ୍ରିମିୟମ ଜୀବନ ପାଇଁ ସେମାନଙ୍କ ଆକାଂକ୍ଷାର କଥା କହୁଛି। ନୂତନ ଶୋରୁମ୍ ଖୋଲିବାକୁ ଉତ୍ସବ ପାଳନ କରିବା ପାଇଁ ବିଶେଷ ଉଦଘାଟନୀ ଅଫର୍ ଘୋଷଣା କରାଯାଇଛି, ଯେଉଁଥିରେ ଗ୍ରାହକମାନେ ସୁନା ଅଳଙ୍କାରରେ ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୂପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୂପା ଏବଂ ଫ୍ୟାଶନ୍ ଜୁଏଲାରି ଏମଆରପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ।

## ଦିଲ୍ଲୀରେ ପୁଣି ଚାଲିବ ଡବଲ ଡେକର ବସ୍

ନୂଆଦିଲ୍ଲୀ : ପ୍ରାୟ ୩୫ ବର୍ଷ ପରେ ପୁଣି ଥରେ ଦିଲ୍ଲୀ ସଡ଼କରେ ଡବଲ ଡେକର ବସ୍ ଫେରିବାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥି ପାଇଁ ଦିଲ୍ଲୀ ଟ୍ରାନ୍ସପୋର୍ଟ କର୍ପୋରେସନ ପାୟଲଟ ରନ୍ ଯୋଜନା କରୁଛି। ଏହା ଦ୍ୱାରା ଜଣାପଡିବ ଦିଲ୍ଲୀ ସଡ଼କରେ ଦୁଇ ଥାକିଆ ବସ୍ କେତେ ସୁରକ୍ଷିତ ଓ ସଫଳ। ଦିଲ୍ଲୀ ପରିବହନ ନିଗମ (ଡିଟିସି) ରାଜଧାନୀରେ ଡବଲ ଡେକର ବସ୍ ଚଳାଇବାର ବ୍ୟବହାରିକତା ପାଇଁ ଏକ ପରୀକ୍ଷା ମୂଳକ ପ୍ରୋଜେକ୍ଟ ହାତକୁ ନେଇଛି। କର୍ପୋରେଟ ସୋସିଆଲ ରେସପନସବିଲିଟି (ସିଏସଆର)ରେ ଅଶୋକ ଲେଲାଣ୍ଡ ଏକ ଡବଲ ଡେକର ଇଲେକ୍ଟ୍ରିକ ବସ୍ ନିର୍ମାଣ କରିଛି। ଏହି ବସ୍ ଟି ଏବେ ଓଖଲା ଡିପୋରେ ଛିଡା ହୋଇ ରହିଛି। ଖୁବ୍ ଶୀଘ୍ର ଏହାକୁ ଚୟନିତ ସଡ଼କରେ ଟ୍ରାୟଲ ରନ ପାଇଁ ଚଳାଯିବ। ପରିବହନ ମନ୍ତ୍ରୀ ପଙ୍କଜ ସିଂହ କହିଛନ୍ତି ଯେ ସହରରେ ଏପରି ବସର ସୁରକ୍ଷିତ ଓ ପ୍ରଭାବୀ ଢଙ୍ଗରେ ସଞ୍ଚାଳନ ହୋଇ ପାରିବ କି ନା ସରକାର ଏହା ପ୍ରଥମେ ଯାଞ୍ଚ କରିବେ। ପଙ୍କଜ ସିଂହ କହିଛନ୍ତି ଯେ ଏବେ ଏଥି ପାଇଁ ଗୋଟିଏ ବସ୍ ଆମ ପାଖରେ ମହଜୁଦ ଅଛି ଓ ଖୁବ୍ ଶୀଘ୍ର ଆଉ ଦୁଇଟି ନୂଆ ବସ୍ ମିଳିବ। ହେଲେ ଏହାକୁ ଏବେ ସଞ୍ଚାଳନକୁ ଅଣାଯିବ ନାହିଁ। ସେ କହିଛନ୍ତି ଅଫିସରମାନେ ଏବେ ରୁଟ ମ୍ୟାପ୍ ତିଆରି କରୁଛନ୍ତି ଓ ଦିଲ୍ଲୀ ଟ୍ରାଫିକରେ ଏପରି ବସ୍ ଚଳାଇବା ସହଜ କି କଷ୍ଟକର ହେବ ଏହା ଯାଞ୍ଚ କରାଯିବ। ଏଥି ଲାଗି ଜାତୀୟ ରାଜଧାନୀ ରାଜମାର୍ଗରେ ଗଛଗୁଡିକର ଉଚ୍ଚତା, ଫ୍ଲାଇଓଭର ଏବଂ ଓଭର ବ୍ରିଜ କ୍ଲିୟରାନ୍ସ, ମଧ୍ୟ ଦେଖାଯାଉଛି। ନୂଆ ଡବଲ ଡେକର ବସ୍ ୯.୮ ମିଟର ଲମ୍ବ ହୋଇଥିବା ବେଳେ ଏହା ୪.୭୫ ମିଟର ଉଚ୍ଚ। ଏଥିରେ ଚାଳକଙ୍କ ବ୍ୟତୀତ ୬୩ରୁ ଅଧିକ ଯାତ୍ରୀ ବସି ପାରିବେ। ଅର୍ଥାତ ଏହା ସାଧାରଣ ଡିଟିସି ବସ୍ ଠାରୁ ୩ ଗୁଣା ଅଧିକ ଯାତ୍ରୀଙ୍କୁ ପରିବହନ କରିପାରିବ। ତେବେ ବସ୍ ର ଉଚ୍ଚତା ଏବଂ ଓଜନ ଏବେବି ଚିନ୍ତାର ବିଷୟ ହୋଇ ରହିଛି। ଅଧିକାରୀଙ୍କ ଅନୁସାରେ ବସ୍ କୁ ସେହି ରୁଟରେ ଚଳାଯାଇ ପାରିବନି ଯେଉଁ ରୁଟରେ ଗଛର ଉଚ୍ଚତା କମ, ତାର ଝୁଲି ରହିଛି ଓ ଫ୍ଲାଇଓଭରର ଉଚ୍ଚତା କମ୍। ଏଣୁ ଆରମ୍ଭରେ ଏହି ବସକୁ କମ ଦୂରତାର ରୁଟରେ ପରୀକ୍ଷଣ କରାଯିବ। ଅତୀତରେ ଦିଲ୍ଲୀରେ ଡବଲ ଡେକର ବସ୍ 'ସୁବିଧା ବସ୍' ନାମରେ ବେସ୍ ଜଣାଶୁଣା ଥିଲା। ତେବେ ୧୯୮୯ ମସିହାରେ ଏହି ବସ୍ ଗୁଡିକୁ ସଡ଼କରୁ ହଟାଇବାକୁ ପଡିଥିଲା।





### ପୌରପରିଷଦ ପାରଳାଖେମୁଣ୍ଡି
### ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୫

**ଆମର ନିବେଦନ:**
୧. ଘର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ରାସ୍ତା ଓ ନାଳକୁ ବେଆଇନ୍ ଭାବେ ଦଖଲ କରି ଗମନାଗମନରେ ଅବରୋଧ ସୃଷ୍ଟି କରନ୍ତୁ ନାହିଁ।
୩. ଦୋକାନ ଲାଇସେନସ୍ ଫି ଠିକ୍ ସମୟରେ ପୈଠ କରନ୍ତୁ।
୪. ଗୃହରୁ ବାହାରୁଥିବା ଅଳିଆ ଆବର୍ଜନା ନାଳରେ ନ ପକାଇ ତାହାକୁ ଅଲଗା ଅଲଗା କରି ପୌରପରିଷଦର ଅଳିଆ ସଂଗ୍ରହକାରୀଙ୍କୁ ପ୍ରଦାନ କରନ୍ତୁ।
୫. ଗୃହ ପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁର ଗୁଡିକୁ ସହର ମଧରାସ୍ତାକୁ ଛାଡନ୍ତୁ ନାହିଁ।
୬. ବାହାରେ ମଳତ୍ୟାଗ ନକରି ନିଜ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୭. ପାରଳା ପୌରପରିଷଦକୁ ସବୁଜ ଓ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।
୮. ପଲିଥିନ୍ ମୁକ୍ତ ପାରଳା ସହର ଗଠନ କରିବାରେ ଆମକୁ ସହାୟତା କରନ୍ତୁ।
୯. ନିଜ ପାଇଖାନା ଟାଙ୍କିରୁ ନିର୍ଗତ ମଳକୁ ଏଣେ ତେଣେ ନ ପକାଇ ପରିଷଦ ଦ୍ୱାରା ଯୋଗାଇ ଦିଆଯାଉଥିବା ସେସ୍‌ପୁଲ ମାଧ୍ୟମରେ ସଫାକରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ।

ଶ୍ରୀମତୀ ନିର୍ମଳା ସେଠୀ, ପୌରାଧକ୍ଷ୍ୟା, ପାରଳାଖେମୁଣ୍ଡି ପୌରପରିଷଦ
ଶ୍ରୀ ଲେଙ୍କା ମଧୁ, ଉପାଧକ୍ଷ୍ୟ, ପାରଳାଖେମୁଣ୍ଡି ପୌରପରିଷଦ

### ପୌର ପରିଷଦ କାର୍ଯ୍ୟାଳୟ, ଉମରକୋଟ

ପୌର ପରିଷଦ ଉମରକୋଟ ଚଳିତ ବର୍ଷ ୨୦୨୫ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ଉମରକୋଟ ସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛି।

୧. ପୌର ପାଳିକାର ଦେୟ ଠିକ୍ ସମୟରେ ପୈଠ କରି ପରିଷଦକୁ ନିଜର କର୍ତ୍ତବ୍ୟ ପାଳନରେ ସାହାଯ୍ୟ କରନ୍ତୁ।
୨. ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ଘଟାଇ ସୁସ୍ଥ ପରିବେଶ ଗଠନ କରନ୍ତୁ।
୩. ନୂତନ ଘର ନିର୍ମାଣ ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୪. ରାସ୍ତା ଉପରେ ଗୃହ ପାଳିତ ପଶୁଗୁଡ଼ିକୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ।
୫. ପ୍ଲାଷ୍ଟିକ୍ ଗ୍ଲାସ ଏବଂ ପଲିଥିନ ବ୍ୟାଗର ବ୍ୟବହାର ବନ୍ଦ କରନ୍ତୁ।
୬. ପୌର ପରିଷଦ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୟୁଜର ଫି ବ୍ୟବସାୟୀକ ପ୍ରତିଷ୍ଠାନ ଲାଇସେନ୍ସ ଫି ଦେୟ ଠିକ୍ ସମୟରେ ପୈଠକରି ପୌର ପରିଷଦର ନିଜସ୍ୱ ଆୟ ବୃଦ୍ଧିରେ ସହଯୋଗ କରନ୍ତୁ।

ଏ ସହର ଆପଣଙ୍କର। ଏ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ଏକ ସୁସ୍ଥ ପରିବେଶ ଗଠନ କରନ୍ତୁ।

ଶ୍ରୀମତୀ ରାଧା ଭଦ୍ରା, ଅଧ୍ୟକ୍ଷା, ପୌର ପରିଷ, ଉମରକୋଟ
ଶ୍ରୀ ସୁଧାଂଶୁ ଦାସ, ଉପାଧ୍ୟକ୍ଷା, ପୌର ପରିଷଦ, ଉମରକୋଟ
ଶ୍ରୀ ଆଲୋକ କୁମାର ଅନୁଗୁଳିଆ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ଉମରକୋଟ

### ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଅବସରରେ "ଆମ ପରିଷଦ" ତାର ପ୍ରିୟ ସହରବାସୀଙ୍କୁ ହାର୍ଦିକ ଅଭିନନ୍ଦନ ଜଣାଇବା ସହିତ ଶାନ୍ତି, ମୈତ୍ରୀ, ଭାଇଚାରା ର ବାର୍ତ୍ତା ବହନ କରୁଥିବା ଆମ ଗଞ୍ଜାମ ସହର କୁ ସ୍ୱଚ୍ଛ, ସବୁଜ, ସୁନ୍ଦର, ଖୋଲା ଶୌଚ ମୁକ୍ତ, ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଏବଂ ଶୃଙ୍ଖଳିତ ରଖି ଆମ ପରିଷଦ ର ମୂଳ ଲକ୍ଷ୍ୟ "ଆପଣଙ୍କ ସମସ୍ୟା ଆମର ସମାଧାନ" କୁ ସଫଳ କରିବା ପାଇଁ ପରିଷଦର ସମସ୍ତ କାର୍ଯ୍ୟରେ ସହର ବାସୀଙ୍କର ଗଠନ ମୂଳକ ସହଯୋଗ କାମନା କରୁଅଛୁ।

ଆପଣଙ୍କ ସହଯୋଗ:
୧. Swachh Survekshan-2025 ଅଭିଯାନରେ ନିଜକୁ ନିୟୋଜିତ କରି ଆମ ସହର କୁ ସ୍ୱଚ୍ଛ ଓ ନିର୍ମଳ ରଖନ୍ତୁ ଏବଂ ନିୟମିତ ପାଇଖାନା ବ୍ୟବହାର କରନ୍ତୁ। ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହ କରି ପରିଷଦର ସଫେଇ ଗାଡିରେ ଦିଅନ୍ତୁ। ଭଙ୍ଗା ଟିଭି, କମ୍ପୁଟର, ଫ୍ରିଜ ଆଦି e-Waste ଗୁଡିକୁ ପରିଷଦର ବୁଲୁଥିବା D/D BOV ଗାଡିରେ ଦିଅନ୍ତୁ।
୨. ରାସ୍ତାକଡ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ ରୁହନ୍ତୁ ଓ ପରିଷଦର ବିନା ଅନୁମତି ରେ ନୂତନ ଗୃହ କରନ୍ତୁ ନାହିଁ।
୩. ଗଞ୍ଜାମ ଏନଏସି ର ପ୍ରତ୍ୟେକ ବ୍ୟବସାୟୀ ପରିଷଦ ଠାରୁ ନିଜର ଟ୍ରେଡ ଲାଇସେନ୍ସ (Trade License) କରାଇ ନିଅନ୍ତୁ।
୪. ପୌର ପରିଷଦ ର e-Website ଏବଂ Social media Pages କୁ ଅନୁସରଣ କରନ୍ତୁ।
୫. ମୋ ଖତ (ଜୈବିକ ଖତ) ମାତ୍ର ୧୦/- ଟଙ୍କାରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉପଲବ୍ଧ। ଇଚ୍ଛୁକ ବ୍ୟକ୍ତିମାନେ ଯୋଗାଯୋଗ କରିପାରିବେ।

"ଆମ ପରିଷଦ ବିକଶିତ ପଥରେ..."

ଶ୍ରୀମତୀ ଅପର୍ଣ୍ଣା ଡାଙ୍ଗୁଆ, କାର୍ଯ୍ୟ ନିର୍ବାହୀ ଅଧିକାରୀ
ଶ୍ରୀମତୀ ପ୍ରତିଭା ପାଢୀ, ଅଧକ୍ଷା

### ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ପାଳନ କରାଯିବା ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା ପରିଷଦର ସମସ୍ତ ସଭ୍ୟ/ସଭ୍ୟା ଏବଂ କର୍ମଚାରୀ ବୃନ୍ଦଙ୍କ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛୁ.

ନଗରପାଳ, ଶ୍ରୀ ପ୍ରଦ୍ୟୁତ କୁମାର ମହାନ୍ତି, ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା
ଉପ- ନଗରପାଳ, ଶ୍ରୀମତୀ ଦେବଜାନୀ କାଲୋ, ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା
ନିର୍ବାହୀ ଅଧିକାରୀ, ଶ୍ରୀ ମନରଞ୍ଜନ ସୁନା,(ଓ.ରା.ସେ) ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା




### ଅନୁଗୋଳ ପୌରପାଳିକା, ଅନୁଗୋଳ

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ
ଅନୁଗୋଳ ପୌରପାଳିକା
ତରଫରୁ ସହରବାସିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ଶ୍ରୀଯୁକ୍ତ ସତ୍ୟ ପ୍ରକାଶ ତ୍ରିପାଠୀ, ନିର୍ବାହୀ ଅଧିକାରୀ, ଅନୁଗୋଳ ପୌରପାଳିକା
ଶ୍ରୀମତୀ ଅନୁପମା ସାହୁ, ଉପାଧ୍ୟକ୍ଷ ଏବଂ ପାରିଷଦ ବର୍ଗ, ଅନୁଗୋଳ ପୌରପାଳିକା
ଶ୍ରୀ ଅକ୍ଷୟ କୁମାର ସାମନ୍ତ, ଅଧ୍ୟକ୍ଷ, ଅନୁଗୋଳ ପୌରପାଳିକା

### ପୌର ପରିଷଦ, ନୟାଗଡ଼

"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ
ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"

ଉପାଧ୍ୟକ୍ଷ ଅଧ୍ୟକ୍ଷା
ସମସ୍ତ ପାରିଷଦ ବର୍ଗ, ପୌର ପରିଷଦ, ନୟାଗଡ଼
ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ ବୃନ୍ଦ
ପୌର ପରିଷଦ, ନୟାଗଡ଼

### ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ

ପୁରୁଷୋତ୍ତମପୁର, (ଗଞ୍ଜାମ) ପିନ୍- ୭୬୧୦୧୮
ଇ. ମେଲ୍: eo-nacpurushottampur@gov.in / purushottampurnac@gmail.com
ଫୋନ୍ ନଂ - ୦୬୮୧୧-୨୯୪୨୨୨

**ପବିତ୍ର ସ୍ୱାୟତ୍ତ ଶାସନ ଦିବସ - ୨୦୨୫ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା**

*ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୫* ପାଳନ ଅବସରରେ, ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଆମ ଦେଶର ସହରାଞ୍ଚଳ ଉନ୍ନତିରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ପରମ୍ପରାକୁ ଅନୁସରି, ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସହରବାସୀଙ୍କ ସହଯୋଗ ସହିତ ସର୍ବାଙ୍ଗୀନ ଉନ୍ନତି ପାଇଁ ନିରବିଚ୍ଛିନ୍ନ ସେବା ପ୍ରଦାନ କରି ଆସୁଛି।

ପବିତ୍ର ସ୍ୱାୟତ୍ତ ଶାସନ ଦିବସ କେବଳ ଏକ ସ୍ମୃତି ଦିବସ ନୁହେଁ; ଏହା ହେଉଛି ଜନସାଧାରଣଙ୍କ ସ୍ୱରକୁ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହିତ ସିଧାସଳଖ ଯୋଗାଯୋଗ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଏକ ବିଶ୍ୱସନୀୟ ପ୍ରତିଷ୍ଠାନ।

ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ମାଧ୍ୟମରେ ଲୋକଙ୍କର ମତ, ମତାମତ, ନ୍ୟାୟପୂର୍ଣ୍ଣ ଆକାଂକ୍ଷା ଓ ପ୍ରୟାସଗୁଡ଼ିକୁ ସିଧାସଳଖ ଭାବରେ ନଗର ପରିଚାଳନାରେ ଲାଗୁ କରିବାର ସୁଯୋଗ ମିଳେ। ଏହା ହେଉଛି ***"ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା, ଲୋକଙ୍କ ଶାସନ"*** ର ଆଧାର।

ଏଣୁ, ସମସ୍ତ ପୁରୁଷୋତ୍ତମପୁର ସହରବାସୀ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ପ୍ରକୃତ ଅର୍ଥକୁ ହୃଦୟଙ୍ଗମ କରି, ଜନସହଭାଗୀତା ମାଧ୍ୟମରେ ସହରକୁ ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତିର ଶିଖରରେ ପହଞ୍ଚାଇପାରିବା। କେବଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଶାସନର ପ୍ରୟାସରେ ସହରର ଉନ୍ନତି ସମ୍ଭବ ନୁହେଁ; ସେଥିପାଇଁ ପ୍ରତ୍ୟେକ ବର୍ଗର ନାଗରିକଙ୍କ ଦାୟିତ୍ୱଶୀଳତା, ସଚେତନତା ଓ କାର୍ଯ୍ୟାଳୟର ନିୟମ-କାନୁନ ପାଳନ ସହିତ ସକ୍ରିୟ ସହଭାଗୀତା ଅତ୍ୟାବଶ୍ୟକ।

ଆସନ୍ତୁ, ଏହି ପବିତ୍ର ସ୍ୱାୟତ୍ତ ଶାସନ ଦିବସରେ ଆମେ ସମସ୍ତେ ସଂକଳ୍ପ କରିବା - ଏକତ୍ର ହୋଇ ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଗଠନମୂଳକ କାର୍ଯ୍ୟରେ ସହଯୋଗ କରି, ସହରକୁ ***ସୁଚିତ୍ର, ସୁନ୍ଦର, ସୁସ୍ଥ, ସବୁଜ ଓ ଉନ୍ନୟନମୂଳକ*** ସହରରେ ପରିଣତ କରି, ଏକ ନମ୍ବର ସହର ଭାବେ ଗଢ଼ିତ କରିବା।

ଶ୍ରୀ ଗୋବିନ୍ଦ ଡ଼ନସେନା, ଓ.ପ୍ର.ସେ.- ୧ (ଜେ.ବି), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର
ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା, ଅଧକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର
ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ

### ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ : ୨୦୨୫ ଅବସରରେ ବାରିପଦାବାସୀଙ୍କୁ ପୌରପାଳିକାର

## ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା

ସୀମା ଦାସ, ଉପନଗରପାଳ, ବାରିପଦା ପୌରପାଳିକା ଓ ସମସ୍ତ କାଉନ୍‌ସିଲର ବୃନ୍ଦ
ସପନ କୁମାର ସାହୁ, ଓ.ପ୍ର.ସେ - ଏ (ଜେ.ବି), ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା
କୃଷ୍ଣାନନ୍ଦ ମହାନ୍ତି, ନଗରପାଳ, ବାରିପଦା ପୌରପାଳିକା

### ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି

ନିଖିଳ ଭାରତ
ସ୍ୱାୟତ୍ତ ଶାସନ ଦିବସ
ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
(୩୧ ଅଗଷ୍ଟ, ୨୦୨୫)

ନଗରପାଳ, ଚାନ୍ଦବାଲି ଏନ୍.ଏ.ସି
ନିର୍ବାହୀ ଅଧିକାରୀ, ଚାନ୍ଦବାଲି ଏନ୍.ଏ.ସି

# ଖେଳ ଖବର



ନୂଆଦିଲ୍ଲୀ: ରାଜସ୍ଥାନ ରୟାଲ୍ସକୁ ବଡ଼ ଝଟକା। ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ ପଦରୁ ରାହୁଲ ଦ୍ରାବିଡ ଇସ୍ତଫା। ଫ୍ରାଞ୍ଚାଇଜ୍ ରାହୁଲ ଦ୍ରାବିଡଙ୍କ ସମ୍ପର୍କରେ ଏକ ବିବୃତ୍ତି ଜାରି କରିଛି। ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପାଇଁ ୪୬ଟି ମ୍ୟାଚ୍ ଖେଳିଥିବା ଦ୍ରାବିଡ ଗତ ବର୍ଷ ଦଳର ହେଡ୍ କୋଚ୍ ହୋଇଥିଲେ। ତାଙ୍କ ପ୍ରଶିକ୍ଷଣରେ ଓଟଖ ୨୦୨୫ରେ ରାଜସ୍ଥାନ ରୟାଲ୍ସର ପ୍ରଦର୍ଶନ ଏତେ ଭଲ ନଥିଲା। ରାଜସ୍ଥାନ ରୟାଲ୍ସର ସରକାରୀ ବିବୃତ୍ତିରେ କୁହାଯାଇଛି, 'ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଆଇପିଏଲ୍ ୨୦୨୬ ପୂର୍ବରୁ ରାଜସ୍ଥାନ ରୟାଲ୍ସ ସହିତ ତାଙ୍କର କାର୍ଯ୍ୟକାଳ ଶେଷ କରିବେ। ରାହୁଲ ବହୁ ବର୍ଷ ଧରି ରୟାଲ୍ସର ଯାତ୍ରାରେ ଜଣେ ପ୍ରମୁଖ ଖେଳାଳି ରହିଆସିଛନ୍ତି। ତାଙ୍କ ନେତୃତ୍ୱ ଖେଳାଳିଙ୍କ ଏକ ପିଢ଼ିକୁ ପ୍ରଭାବିତ କରିଛି। ସେ ଦଳରେ ଦୃଢ଼ ମୂଲ୍ୟବୋଧ ସୃଷ୍ଟି କରିଛନ୍ତି ଏବଂ ଫ୍ରାଞ୍ଚାଇଜ ସଂସ୍କୃତିରେ ଏକ ଅସୀମ ଛାପ ଛାଡିଛନ୍ତି।' ବିବୃତ୍ତିରେ ଆହୁରି କୁହାଯାଇଛି, 'ଫ୍ରାଞ୍ଚାଇଜର ଗଠନ ସମୀକ୍ଷାର ଅଂଶ ସ୍ୱରୂପ ରାହୁଲ ଦ୍ରାବିଡଙ୍କୁ ଏକ ବ୍ୟାପକ ପଦବୀ ପ୍ରଦାନ କରାଯାଇଥିଲା, କିନ୍ତୁ ସେ ଏହାକୁ ଗ୍ରହଣ କରି ନଥିଲେ। ରାଜସ୍ଥାନ ରୟାଲ୍ସ, ଏହାର ଖେଳାଳି ଏବଂ ବିଶ୍ୱର ଲକ୍ଷ ଲକ୍ଷ ପ୍ରଶଂସକ ରାହୁଲ ଦ୍ରାବିଡଙ୍କୁ ତାଙ୍କର ଉତ୍କୃଷ୍ଟ ସେବା ପାଇଁ ଧନ୍ୟବାଦ ଦେଇଛନ୍ତି।' ରାଜସ୍ଥାନ ରୟାଲ୍ସ ମଧ୍ୟ ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ ରାହୁଲ ଦ୍ରାବିଡଙ୍କ ବିଷୟରେ ଏକ ଭାବପ୍ରବଣ ପୋଷ୍ଟ ସେୟାର କରିଥିଲେ। ପୋଷ୍ଟରେ ଲେଖାଥିଲା, 'ଗୋଲାପୀ ରଙ୍ଗରେ ତୁମର ଉପସ୍ଥିତି ଯୁବ ଏବଂ ଅଭିଜ୍ଞ ଉଭୟଙ୍କୁ ପ୍ରେରଣା ଦେଇଛି। ସର୍ବଦା ରାଜକୀୟ। ସର୍ବଦା କୃତଜ୍ଞ।' ରାହୁଲ ଦ୍ରାବିଡଙ୍କ ପ୍ରଶିକ୍ଷଣରେ, ରାଜସ୍ଥାନ ରୟାଲ୍ସ ଆଇପିଏଲ୍ ୨୦୨୫ ସମୟରେ ୧୪ ମ୍ୟାଚ୍ ମଧ୍ୟରୁ କେବଳ ୪ଟି ଜିତିପାରିଲା। ଏହି କାରଣରୁ, ସେମାନେ ପଏଣ୍ଟ ଟେବୁଲରେ ନବମ ସ୍ଥାନରେ ରହିଥିଲେ।


## कार्यपालक अभियंता का कार्यालय, लघु सिंचाई प्रमण्डल,चाईबासा

**अल्पकालीन ई०–निविदा आमंत्रण सूचना संख्या–**
**WRD/MID/CHAIBASA/ SBD-01/2025-26(DMFT)**

1. कार्य का नाम :–

| ग्रुप संख्या | योजना का नाम | जिला | प्रखण्ड | प्राक्कलित राशि (लाख में) | परिमाण विपत्र का मूल्य (रूपये में) | अग्रधन की राशि (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | पड़सा पंचायत के जामकोजोड़ी से पड़सा होते हुए पंड्रासाली तक पी०सी०सी० पथ निर्माण। | पश्चिमी सिंहभूम। | मंझारी | 290.317 | 10,000.00 | 291000.00 | 11 माह |
| 2. | बड़ातोरलो पंचायत के सान रूंझु पुलिया बासा से उपर टोला जांगीउला होते हुए नीचे टोली सान रूंझु तक पी०सी०सी० पथ निर्माण। | पश्चिमी सिंहभूम। | मंझारी | 338.386 | 10,000.00 | 339000.00 | 11 माह |
| 3. | अंधारी पंचायत में ग्राम गंडकीदा मध्य विद्यालय कुंकलपी स्कूल सामने से गोटसेरेंग जाने वाली पथ पर पी०सी०सी० पथ निर्माण। | पश्चिमी सिंहभूम। | कुमारडुंगी | 297.099 | 10,000.00 | 297500.00 | 11 माह |
| 4. | छोटारायकमान पंचायत के ग्राम–कोकरकाटा में साईन बोर्ड मुख्य सड़क से कालीकरण सड़क अन्त तक पी०सी०सी० पथ निर्माण। | पश्चिमी सिंहभूम। | कुमारडुंगी | 301.796 | 10,000.00 | 302000.00 | 11 माह |
| 5. | घोड़ाबांधा पंचायत के ग्राम–घोड़ाबांधा पुण्डीबाई चौक से बाईपी तक पी०सी०सी० पथ निर्माण। | पश्चिमी सिंहभूम। | मझगाँव | 268.179 | 10,000.00 | 269000.00 | 11 माह |
| 6. | पदमपुर पंचायत के ग्राम कोटुवां में चेकडैम निर्माण। | पश्चिमी सिंहभूम। | चक्रधरपुर | 256.519 | 10,000.00 | 257000.00 | 11 माह |
| 7. | नकटी पंचायत के ग्राम बारंगासाई में पी०सी०सी० पथ निर्माण। | पश्चिमी सिंहभूम। | बन्दगांव | 309.548 | 10,000.00 | 310000.00 | 11 माह |
| 8. | हुडांगदा पंचायत के ग्राम भारंडिया में चार मोड़ से नकटी नदी तक पी०सी०सी० एवं नदी में पुलिया निर्माण। | पश्चिमी सिंहभूम। | बन्दगांव | 272.900 | 10,000.00 | 273000.00 | 11 माह |

नोट :– केवल ई०–निविदा(Online Mode) ही स्वीकार होगा।
2. विस्तृत जानकारी के लिए वेबसाईट WWW.jharkhandtenders.gov.in पर देखें।
3. बेवसाईट पर निविदा प्रकाशन की तिथि एवं समय :– 12.09.2025 के 11:00 बजे पूर्वाहन् से।
4. ई०–निविदा में भाग लेने की अंतिम तिथि एवं समय :– 19.09.2025 अपराह्न 05:00 बजे तक।
5. ई०–निविदा खोलने की तिथि एवं समय :– 20.09.2025 को 05:00 बजे अपराह्न ।
6. परिमाण विपत्र का मूल्य एवं अग्रधन की राशि सूचना प्रौद्योगिकी एवं ई–गवर्नेंस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120, दिनांक 03.10.2023 के अनुरूप (Online) प्राप्त की जायेगी।
7. निविदा आमंत्रित करनेवाले पदाधिकारी का नाम, पता , दूरभाष सं0 एवं ई0मेल आई डी0– कार्यपालक अभियंता , लघु सिंचाई प्रमण्डल, चाईबासा/9471742851 ई0मेल – eemidchaibasa@gmail.com, eemidchai-cemr-jhr@nic.in
8. निविदा के B.O.Q की राशि घट–बढ़ सकती है तदानुसार B.O.Q के मूल्य एवं अग्रधन की राशि में बदलाव होगा ।
9. प्राक्कलित राशि का 10 प्रतिशत से नीचे के दर से निविदित (Quoted rate is more than 10% below the schedule rate) के परिपेक्ष में पथ निर्माण विभाग झारखण्ड रॉची के पत्रांक 2146(S) दिनांक 09.09.2020 के शर्तावली के अनुसार अतिरिक्त जमानत की राशि एकरारनामा करने के समय जमा करना अनिवार्य होगा ।
10. निविदा निश्पादन Duuble Bid Envelope पद्धति से किया जाएगा Technical Bid में सफल निविदादाता का ही Financial Bid खोला जाएगा। उपायुक्त, पश्चिमी सिंहभूम का पत्रांक 1679, दिनांक 23.12.2022 के आलोक में निविदा डालने के समय चाईबासा जिलान्तर्गत किसी भी ize.My@foHkkx द्वारा आवंटित कार्य एकरारित अवधि बीत जाने के बाद लंबित नही होने संबंधी शपथ–पत्र Affidavit देना होगा। निविदा के एक NIT में एक निबंधन पर दो से अधिक कार्य आवंटित नहीं किया जाएगा। वैसे संवेदक जो एकरारनामा में अंकित कार्य पूर्ण करने की तिथि तक योजनाओं का कार्य अधूरा रखे हुए हैं। उन्हें जिला अन्तर्गत चलने वाली किसी भी योजना में तब तक कार्य आबंटित नहीं किया जाएगा जब तक अपने पूर्व के कार्य को समाप्त न कर दें। जिला अन्तर्गत किसी भी विभाग का कार्य लम्बित होने की सूचना यदि इस कार्यालय को प्राप्त होती है तो संबंधित संवेदक को कार्य आवंटित नहीं किया जाएगा।
11- Technical Bid में Qualify करने वाले संवेदकों/फर्म का ही Financial Bid खोला जाएगा।
12. निविदा शुल्क एवं अग्रधन की राशि का ई०–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाबदेही सम्वेदक की होगी।
13. निविदा खोलने के की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति/दावा मान्य नहीं होगा।
14. बिना कारण बताये किसी भी समय निविदा को रद्द करने का अधिकारी अधोहस्ताक्षरी को सुरक्षित रहेगा।

ह०/–
कार्यपालक अभियंता
लघु सिंचाई प्रमण्डल, चाईबासा

PR 360830 West Singhbhum(25-26)#D

## OFFICE OF THE NOTIFIED AREA COUNCIL, BALIMEA
Odisha, Pin-764051, E-mail : conachalimela@gmail.com

### ନିବେଦନ

ପବିତ୍ର ସ୍ୱାୟତ୍ତ ସାସନ ଦିବସ ଅବସରରେ ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।
୧. ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୨. କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ।
୩. କୌଣସି ନାଗରିକା ନିଜ ଗୃହପାଳିତ ପ୍ରାଣୀ ଯଥା : ଗାଇ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade licence) ବିଜ୍ଞାପିତ ଅଞ୍ଚଳ ବାଲିମେଳା ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ।
୫. ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।
୬. ପଲିଥିନ୍ ବ୍ୟାଗ ବ୍ୟବହାରଠାରୁ ଦୁରେଇ ରୁହନ୍ତୁ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କର ସ୍ୱପ୍ନକୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ବାଲିମେଳା
ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା

## OFFICE OF THE NOTIFIED AREA COUNCIL POLASARA , GANJAM
Email ID – nacpolasara72@gmail.com Ph. No. - 06810 – 291235

### ବିଜ୍ଞାପିତ ଅଂଚଳ ପରିଷଦ, ପୋଲସରା, ଗଂଜାମ

୧. ପରିଷଦର ଦେୟ ଯଥା ହୋଲଡିଂଟିକସ, ଦୋକାନଗୃହ ଟିକସ ଓ ୟୁଜର ଫି ଠିକ ସମୟରେ ପୈଠ କରନ୍ତୁ। ନକ୍ସା ଅନୁମୋଦନ କରି ନୂତନ ଓ ପୁରାତନ ଗୃହ ନିର୍ମାଣ କରନ୍ତୁ।
୨. ନିଜ ଘରର ଅଳିଆ ଓଦା ଓ ଶୁଖିଲା ରୂପରେ ଅଳିଆ ଗାଡ଼ିରେ ଦିଅନ୍ତୁ। ନିଜର ପାଇଖାନା ଟାଙ୍କି ପ୍ରତି ତିନି ବର୍ଷରେ ସେସପୁଲ ଗାଡି ଦ୍ୱାରା ସଫା କରନ୍ତୁ।ରାସ୍ତା ଉପରେ ଅଳିଆ ଫିଙ୍ଗନ୍ତୁ ନାହିଁ ଏବଂ ଗୃହ ପାଳିତ ପଶୁ ଛାଡ଼ନ୍ତୁ ନାହିଁ ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ। ପଲିଥିନ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାରରୁ ଦୂରେଇ ରୁହନ୍ତୁ। ସହରକୁ ପ୍ଲାଷ୍ଟିକ ମୁକ୍ତ କରନ୍ତୁ ଓ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ କରନ୍ତୁ।
୩. ଟ୍ରେଡ଼ ଲାଇସେନ୍ସ କରି ବ୍ୟବସାୟ କରନ୍ତୁ ଓ ପ୍ରତି ବର୍ଷ ନବୀକରଣ କରାଇ ନିଅନ୍ତୁ।ଦୋକାନ ସାଇନ ବୋର୍ଡ ୬୦% ଓଡ଼ିଆରେ ଲେଖିବା ବାଧ୍ୟତା ମୂଳକ ଅଟେ।ଡ୍ରେନ ଅବରୋଧ କରି ତା ଉପରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।

କୈଳାଶ ଚନ୍ଦ୍ର ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ
ସନ୍ତୋଷ କୁମାର ବେହେରା, ଉପାଧ୍ୟକ୍ଷ
ସଙ୍ଗିତା ବେହେରା, ଅଧ୍ୟକ୍ଷା

## ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ସହରର ଉନ୍ନତି ପାଇଁ
୧. ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି। ଏଣୁ ଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକନଘର ଭଡ଼ା, ଲାଇସେନ୍ସ ଫି ୟୁଜର୍ସ ଫି ପୈଠ କରନ୍ତୁ।
୨. ଜନ୍ମମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ।
୩. ରାସ୍ତାକଡ଼ କିମ୍ବା ୱାର୍ଡମାନଙ୍କରେ ଲାଗିଥିବା ବିଜୁଳିବତୀ ଓ ପାଣିକଳକୁ ଭାଙ୍ଗନ୍ତୁ ନାହିଁ।
୪. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୫. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୬. ପଲିଥିନ୍ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ।
୭. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗୃହିତ ରଖି ପରିଷଦର କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ।
୮. ଗାଇଗୋରୁମାନଙ୍କୁ ରାସ୍ତାଉପରେ ବାନ୍ଧି ଅବରୋଧ କରନ୍ତୁ ନାହିଁ ଓ ନିଜସ୍ୱ ଗୋଶାଳାରେ ବାନ୍ଧି ରଖନ୍ତୁ।
୯. ସର୍ବସାଧାରଣ ରାସ୍ତା ଉପରେ ପଥର, ଇଟା, ବାଲି, ଗୋଡ଼ି ଇତ୍ୟାଦି ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ। ଆପଣମାନଙ୍କର ଅକୁଣ୍ଠ ସାହାର୍ଯ୍ୟ , ସଦିଚ୍ଛା, ଓ ସହଯୋଗ ଆମର ଏକାନ୍ତ କାମ୍ୟ।

ବଳୟ ଦେହୁରୀ, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼
ବି. ଶୁଭ୍ର ଶଙ୍କର ଜ୍ୟୋତି, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନ୍‌ସିଲ୍‌ର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼
ସସ୍ମିତା ରାଉତ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼

## जिला परिषद् कार्यालय, जामताड़ा
Email Id: zilaparishad_jamtara@yahoo.com

### शुद्धि–पत्र

एतद् द्वारा सूचित किया जाता है कि इस कार्यालय के अल्पकालीन ई0–निविदा आमंत्रण सूचना सं0–ZILA/PARISHAD/ JAMTARA/05/2025-26, PR-360565 Rural Development (25-26)D में टंकक भूलवश ई0–निविदा आमंत्रण सूचना सं0–05/2025-26 अंकित हो गया है। उसके स्थान पर ई0–निविदा आमंत्रण सूचना सं0–ZILA/PARISHAD/ JAMTARA/05A/2025-26 समझा जाय।

निविदा की अन्य शेष शर्तें यथावत् रहेंगे।

ह0/–
जिला अभियंता
जिला परिषद्, जामताड़ा।

PR 360853 Rural Development(25-26)D

## ବିଜ୍ଞାପିତ ଅଂଚଳ ପରିଷଦ, ରେଢାଖୋଲ

ସ୍ୱାୟତ ଶାସନ ୨୦୨୫ ଉପଲକ୍ଷେ ରେଢାଖୋଲ ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

"ରେଢାଖୋଲ ବିଜ୍ଞାପିତ ଅଂଚଳ ପରିଷଦ ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସର୍ବଦା ଚେଷ୍ଟିତ" ସାରା ଭାରତରେ ପାଳନ ହେଉଥିବା ସ୍ୱାଧିନତାର ଅମୃତ ମହୋତ୍ସବ ଉପଲକ୍ଷେ ରେଢାଖୋଲ ସହରବାସୀଙ୍କୁ ଅଭିନନ୍ଦନ ।

ରେଢାଖୋଲ ସହର ଆପଣଙ୍କର, ଏହାକୁ ସୁରକ୍ଷା ଏବଂ ସ୍ୱଚ୍ଛ ସହର ଭାବେ ଗଢି ତୋଳିବା ଦାୟିତ୍ୱ ଆମ ସମସ୍ତଙ୍କର । ଗୃହପାଳିତ ପଶୁମାନଙ୍କୁ ରାସ୍ତା ଘାଟକୁ ଛାଡନ୍ତୁ ନାହିଁ ଏବଂ ପରିଷଦର ଟିକସ ଠିକ ସମୟରେ ପରିଷଦରେ ପଇଠ କରନ୍ତୁ । ଥରେ ମାତ୍ର ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରନ୍ତୁ । ଅଯଥା ଜୋରିମାନାରୁ ବଂଚିତ ହୁଅନ୍ତୁ । ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ ।

ଶ୍ରୀ ରଞ୍ଜନ କୁମାର ମାର୍ଥା, ନିର୍ବାହୀ ଅଧିକାରୀ
ଶ୍ରୀମତି ଅନୁସୂୟା ପ୍ରଧାନ, ଉପାଧ୍ୟକ୍ଷ
ଶ୍ରୀ ଶିବରାମ ସାହୁ, ଅଧ୍ୟକ୍ଷ
ଓ ସମସ୍ତ କାଉନସିଲର ଏବଂ କର୍ମଚାରୀ ବୃନ୍ଦ

## ପୌରପରିଷଦ କାର୍ଯ୍ୟାଳୟ : ଜୟପୁର
OFFICE OF THE MUNICIPAL COUNCIL: JEYPORE

Letter No................ /JM Date: ...... August 2025

ସ୍ୱାୟତ୍ତ ଶାସନ ପାଳନ ଅବସରରେ
ଜୟପୁର ପୌରପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**କାର୍ଯ୍ୟସୂଚୀ**

ତାରିଖ- ୩୧/୦୮/୨୦୨୫
ସକାଳ ୦୮.୦୦ ଘଣ୍ଟା - ପୌର କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ
ସକାଳ ୧୦.୦୦ ଘଣ୍ଟା ଠାରୁ ନିମ୍ନଲିଖିତ ନୂତନ ପ୍ରକଳ୍ପ ଗୁଡିକର ଶୁଭ ଉଦ୍‌ଘାଟନ
୧) ସୁନାନଗର (କୁନ୍ତରଖାଲ) ରେ ନିର୍ମିତ ଗୋଶାଳା
୨) ଦ୍ୱିତୀୟ ଦୈନିକ ବଜାରରେ ଭେଣ୍ଡିଙ୍ଗ ଜୋନ
୩) ମେଘମାଳତୋଟା ଠାରେ ନୂତନ ପାର୍କ
୪) ମକାପୁଟ ଠାରେ ଏଫ୍.ଏସ୍.ଟି ପ୍ଲାଣ୍ଟ ର ନୂତନ ଗୃହ
୫) ସନ୍ଧ୍ୟା ୫.୦୦ ଘଣ୍ଟା ଠାରୁ - ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ମୁଖ୍ୟ ଅତିଥି**
ଶ୍ରୀଯୁକ୍ତ ସପ୍ତଗିରି ଶଙ୍କର ଉଲାକା, ମାନ୍ୟବର ସାଂସଦ, କୋରାପୁଟ
ଶ୍ରୀଯୁକ୍ତ ତାରାପ୍ରସାଦ ବାହିନୀପତି, ମାନ୍ୟବର ବିଧାୟକ, ଜୟପୁର

ଜୟପୁର ଜନସାଧାରଣଙ୍କୁ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦେବା ନିମନ୍ତେ ଜୟପୁର ପୌରପରିଷଦ ଅନୁରୋଧ କରୁଛି ।

**ନିବେଦନ**
- ରାସ୍ତା କିମ୍ବା ନାଳ ନର୍ଦ୍ଦମାରେ ଘରର ଅଳିଆ ଅବର୍ଜନା ପକାନ୍ତୁ ନାହିଁ । ଏହାକୁ ସଂଗ୍ରହ କରିବା ପାଇଁ ଆପଣଙ୍କ ଘର ନିକଟକୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ପକାନ୍ତୁ ।
- ଟ୍ରାଫିକ ନିୟମ ପାଳନ କରନ୍ତୁ । ପାର୍କିଂ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
- ପରିଷଦର ଦେୟ ଯଥା ଗୃହ, ଟିକସ ଦୋକାନ ଭଡା, ଲାଇସେନ୍ସ ଫି ତଥା ଅନ୍ୟାନ୍ୟ ଟିକସ ଠିକ ସମୟରେ ପୈଠ କରନ୍ତୁ ।
- ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ବ୍ୟସ୍ତୁ ବର୍ଜନ କରନ୍ତୁ ।
- ରାସ୍ତା କଡରେ ବ୍ୟବସାୟ କରନ୍ତୁ ନାହିଁ । ବ୍ୟବସାୟ କରିବା ପାଇଁ ପୌରସଂସ୍ଥା ଦ୍ୱାରା ନିର୍ଦ୍ଦିଷ୍ଟ କରିଥିବା ସ୍ଥାନ ତଥା ପ୍ରଥମ ଓ ଦ୍ୱିତୀୟ ଦୈନିକ ବଜାରରେ ବ୍ୟବସାୟ କରନ୍ତୁ ।

ବି.ସୁନୀତା, ଉପାଧ୍ୟକ୍ଷା, ଜୟପୁର ପୌରପରିଷଦ
ଏ. ସନ୍ଧ୍ୟା ରେଣ୍ଟା, ଓଡ଼ିପ୍ରସେ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପରିଷଦ
ନରେନ୍ଦ୍ର କୁମାର ମହାନ୍ତି, ଅଧ୍ୟକ୍ଷ, ଜୟପୁର ପୌରପରିଷଦ

Main Road, Jeypore Dist. Koraput, Odisha Phone No. 06854-231098e-Mail :ulbjeypore@gmail.com

## "ସ୍ୱଚ୍ଛ ସୁନାବେଡ଼ା ସୁସ୍ଥ ସୁନାବେଡ଼ା"
### ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡା

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ–୨୦୨୫ ଉପଲକ୍ଷେ ସୁନାବେଡ଼ା ପୌରପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜିବୀ ଓ ଅନ୍ୟାନ୍ୟ ସମସ୍ତ ଭାଇ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣା ବେକ୍ଷଣ ନିମନ୍ତେ ସହଯୋଗର ହାତ ବଢାନ୍ତୁ । ଆସନ୍ତୁ ; ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା ।

ଶ୍ରୀଯୁକ୍ତ ସୁଜିତ କୁମାର ଚଉଧୁରୀ, ନିର୍ବାହୀ ଅଧିକାରୀ, ପୌରପରିଷଦ . ସୁନାବେଡା
ଡ଼. ରାଜେନ୍ଦ୍ର କୁମାର ପାତ୍ର, ନଗରପାଳ, ପୌରପରିଷଦ . ସୁନାବେଡା
ଶ୍ରୀମତୀ ରିତୁ ଜଣ୍ଡା, ଉପନଗର ପାଳ, ପୌରପରିଷଦ, ସୁନାବେଡା
ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ସୁନାବେଡ

## ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର, ଜିଲ୍ଲା-ଗଜପତି

ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ (ସ୍ୱର୍ଣ୍ଣ ଜୟନ୍ତି) ଅବସରରେ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରୁଅଛୁ। ସହରର ସମସ୍ତ ନାଗରିକମାନଙ୍କୁ ମୌଳିକ ସେବା ଯୋଗାଇ ଦେବା ସହ ସହରକୁ ନିର୍ମଳ ସବୁଜ ଓ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ। ଜନସାଧାରଣ ନିଜର ଘର ଟିକସ ଦୋକାନ ଓ ବ୍ୟବସାୟ ଲାଇସେନ୍ସ ଫି ବିବାହ ପଞ୍ଜିକରଣ ପତ୍ର ଏବଂ ଘର ନକ୍ସା ଅନୁମୋଦନ ଇତ୍ୟାଦି ନିମନ୍ତେ ଅନଲାଇନ୍ ସେବା ଗୁଡ଼ିକର ସୁବିଧା ନିଅନ୍ତୁ। (www.sujogodisha.gov.in)ଜନସାଧାରଣ ନିଜର ଅଭିଯୋଗ ଓ ମତାମତ ସଠିକ୍ ଠିକଣା ସହ ଆମକୁ ମୋବାଇଲ୍ ନଂ - ୮୮୯୫୯୫୮୧୩୩ ମାଧ୍ୟମରେ ଜଣାଇବା ପାଇଁ ଅନୁରୋଧ।

**ଆପଣଙ୍କ ଶୁଭାକାଂକ୍ଷୀ**

ସ୍ୱା/-
ଶ୍ରୀ ଭାଗବତ ସାହୁ, ଓ.ପ୍ର.ସେ
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶିନଗର

ସ୍ୱା/-
ଶ୍ରୀମତୀ ଏମ୍.ସୁଧାରାଣୀ
ଅଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶିନଗର

## ପୌର ପରିଷଦ, କୋରାପୁଟ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ କୋରାପୁଟ ପୌର ପରିଷଦ ତରଫରୁ ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

*ସ୍ୱଚ୍ଛ କୋରାପୁଟ ସୁନ୍ଦର କୋରାପୁଟ*

| | | |
|---|---|---|
| ❁ | | ନିଜ ଦୋକାନ/ ବାଣିଜ୍ୟିକ ପ୍ରତିଷ୍ଠାନର ନାମ ଫଳକରେ ଓଡିଆ ଭାଷା ଲିପି ବ୍ୟବହାର କରନ୍ତୁ । |
| ❁ | | ଗୃହ ନିର୍ମାଣ ପୂର୍ବରୁ ଗୃହ ନକ୍ସାକୁ ପରିଷଦ ଠାରୁ ଅନୁମୋଦନ କରାଇ ନିଅନ୍ତୁ । |
| ❁ | | ପରିଷଦର ଗୃହ ଟିକସ, ଦୋକାନ ଭଡା, ବ୍ୟବସାୟୀକ ବିଜ୍ଞାପନ ଫଳକ ଓ ଅନ୍ୟାନ୍ୟ ଟିକସ ଠିକ୍ ସମୟରେ ପୈଠ କରନ୍ତୁ । |
| ❁ | | ନିଜ ନିଜ ବ୍ୟବସାୟର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ । |
| ❁ | | ଘରୁ ବାହାରୁଥିବା ଅଳିଆ ଓ ଆବର୍ଜନା ନାଳ/ରାସ୍ତା କଡରେ ପକାନ୍ତୁ ନାହିଁ । ସେଗୁଡିକୁ ପରିଷଦର ଆବର୍ଜନା ସଂଗ୍ରହ ଗାଡିରେ ଦିଅନ୍ତୁ । |
| ❁ | | ପରିଷଦର ନାଳ/ରାସ୍ତା/ସରକାରୀ ଜମିକୁ ଜବର ଦଖଲ କରନ୍ତୁ ନାହିଁ । |
| ❁ | | ରାସ୍ତା କଡରେ ଗୃହ ନିର୍ମାଣ ସାମଗ୍ରୀ ଯଥା– ବାଲି, ଇଟା, ପଥର, ଗୋଡି ଏବଂ ଗୃହ ନିର୍ମାଣ ଭଗ୍ନାବଶେଷ ଗୁଡିକ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ । |
| ❁ | | ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ । |
| ❁ | | ଯଥା ସମୟରେ ବିବାହ ପଞ୍ଜୀକରଣ କରନ୍ତୁ । |
| ❁ | | ନିଜନିଜ ଘର ବାଡିରେ, ଖାଲି ଜାଗାରେ ଗଛ ଲଗାଇ ପରିବେଶର ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ସହରକୁ ସବୁଜ ସୁନ୍ଦର ଗଢ଼ିତୋଳନ୍ତୁ । |
| ❁ | | ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ମଧ୍ୟ ଆପଣଙ୍କର । |

*ଆସନ୍ତୁ ଆମେ ସମସ୍ତେ ଏକତ୍ର ହୋଇ କୋରାପୁଟ ସହରକୁ ପ୍ରଗତି ପଥେ ଆଗେଇ ନେବା*

ଶ୍ରୀ ଜ୍ଞାନଜିତ୍ ତ୍ରିପାଠୀ, ନୀର୍ବାହୀ ଅଧିକାରୀ, ପୌର ପରିଷଦ, କୋରାପୁଟ
ଶ୍ରୀମତୀ ସବିତା ପଣ୍ଡା, ଉପାଧ୍ୟକ୍ଷା, ପୌର ପରିଷଦ, କୋରାପୁଟ
ଶ୍ରୀ ଇଲାଟ ରଞ୍ଜନ ସେଠୀ, ଅଧ୍ୟକ୍ଷ, ପୌର ପରିଷଦ, କୋରାପୁଟ

## ରାଉରକେଲା ମହାନଗର ନିଗମ
### ରାଉରକେଲା

**ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା**
**ସ୍ୱଚ୍ଛ ସୁସ୍ଥ ଓ ପ୍ଲାଷ୍ଟିକ ମୁକ୍ତ ରାଉରକେଲା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ**

ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଅବସରରେ ସମସ୍ତ ରାଉରକେଲା ବାସିଙ୍କୁ ରାଉରକେଲା ମହାନଗର ନିଗମ ତରଫରୁ ଶୁଭେଚ୍ଛା ଏବଂ ଅଭିନନ୍ଦନ । ଏତତ ବ୍ୟତୀତ ଆପଣମାନଙ୍କୁ ଆମ୍ଭେମାନେ ହାର୍ଦ୍ଦିକ ଧନ୍ୟବାଦ ଜ୍ଞାପନ କରୁଛୁ କାରଣ କେବଳ ଆପଣମାନଙ୍କ ପ୍ରଚେଷ୍ଟା ଏବଂ ସହଯୋଗ ଯୋଗୁଁ ଆମ୍ଭେମାନେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ରେ ରାଉରକେଲା ସହରକୁ ଜାତୀୟ ସ୍ତରରେ ୧୧୯ ତମ ସ୍ଥାନରୁ ୧୫ତମ ସ୍ଥାନରେ ସ୍ଥାନିତ କରିବାରେ ସକ୍ଷମ ହୋଇପାରିଛୁ ।

ଆସନ୍ତୁ ଏହି ଧାରାକୁ ବଜାୟରଖିବା ପାଇଁ ସଂକଳ୍ପ ନେବା । ଏଥି ନିମନ୍ତେ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ । ଏଣୁ ଘରୋଇ ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ ପୃଥକ କରି ରାଉରକେଲା ମହାନଗର ନିଗମ ଦ୍ୱାରା ପରିଚାଳିତ ଆବର୍ଜନା ଯାନରେ ଦିଅନ୍ତୁ । ସମସ୍ତ କର ଧାର୍ଯ୍ୟ ସମୟରେ ପଇଠ କରନ୍ତୁ । ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରନ୍ତୁ । ହୋଲଡିଂ ଟିକସକୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପଇଠ କରନ୍ତୁ । ମହାନଗର ନିଗମ ସମ୍ପର୍କିତ ଯେକୌଣସି ଅଭିଯୋଗ ପାଇଁ ନିଗମର ଟୋଲ ଫ୍ରି ନଂ ୧୮୦୦-୩୪୫-୭୪୬୮ (1800-345-7468) ରେ ଯୋଗାଯୋଗ କରନ୍ତୁ ।

ରାଉରକେଲା ମହାନଗର ନିଗମ ଅଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ଏବଂ ସରକାରୀ ସମ୍ପତ୍ତିର ରକ୍ଷଣା ବେକ୍ଷଣ କରନ୍ତୁ ।

ଆସନ୍ତୁ ଆମ ପ୍ରିୟ ରାଉରକେଲା ସହରକୁ ଏକତ୍ରିତ ହୋଇ ସ୍ୱଚ୍ଛ, ସବୁଜ, ସୁନ୍ଦର ତଥା ପ୍ଲାଷ୍ଟିକ ମୁକ୍ତ ସହର କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

## ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନ ସାଧାରଣଙ୍କୁ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ନିବେଦନ
- ପରିଷଦ ଅଞ୍ଚଳରେ ନୂତନ ବାସଗୃହ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ନକ୍‌ସା ଅନୁମୋଦନ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତୁ ।
- ସର୍ବସାଧାରଣଙ୍କ ରାସ୍ତା ଉପରେ ବାଲି, ମାଟି, ଗୃହ ନିର୍ମାଣ ସାମଗ୍ରୀ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ପରିଷଦ ମଧ୍ୟରେ ଥିବା ଜାତୀୟ ରାଜପଥ ଓ ପରିଷଦ ରାସ୍ତା ଉପରେ ଯାନବାହାନ ରଖି ସର୍ବସାଧାରଣ ଲୋକ ମାନଙ୍କ ଗମନା ଗମନରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
- ଜାତୀୟ ରାଜପଥ ଉପରେ ଠେଲା, ଅସ୍ଥାୟୀ ଦୋକାନ ଓ ପସରା ମେଲେଇ ବ୍ୟବସାୟ କରନ୍ତୁ ନାହିଁ , ଦୁର୍ଘଟଣା ହେବାର ସମ୍ଭାବନାକୁ ଏଡାନ୍ତୁ ।
- ଗୃହ ନିର୍ମାଣ କାର୍ଯ୍ୟ ସମାପନ ପରେ ଗୃହ ନିର୍ମାଣ ସାମଗ୍ରୀ ଉଠେଇ ନିଅନ୍ତୁ ଓ ରାସ୍ତା ଘାଟକୁ ଅବରୋଧ ମୁକ୍ତ କରନ୍ତୁ ଏବଂ ପରିଷଦ ଗୃହ ତିଆରି ସମ୍ପୂର୍ଣ୍ଣ ପ୍ରମାଣ ପତ୍ର ପ୍ରଦାନ କରନ୍ତୁ ।

ଶ୍ରୀମତୀ ସରସ୍ୱତୀ ସାହୁ, ଉପାଧ୍ୟକ୍ଷା
ଶ୍ରୀଯୁକ୍ତ ନୃପରାଜ ଯାଦବ, ଅଧ୍ୟକ୍ଷ

ପାରିଷଦ ବୃନ୍ଦ
ଶ୍ରୀମତୀ ମଞ୍ଜୁଲା ସାହୁ, ୱା.ନଂ.୧ | ଶ୍ରୀଯୁକ୍ତ ନୃସିଂହ ପିଟେଲା,ୱା.ନଂ.୨ | ଶ୍ରୀଯୁକ୍ତ ରୋହିତ କୁମାର ଜୈନ, ୱା.ନଂ.୩ | ଶ୍ରୀଯୁକ୍ତ ଧରଣୀ ନାଏକ, ୱା.ନଂ.୪
ଶ୍ରୀମତୀ ମଞ୍ଜୁ ମାଝୀ, ୱା.ନଂ.୫ | ଶ୍ରୀଯୁକ୍ତ ଶମ୍ଭୁ ବଗର୍ତ୍ତା, ୱା.ନଂ.୬ | ଶ୍ରୀଯୁକ୍ତ ପ୍ରକାଶ ବନଛୋର,ୱା.ନଂ.୭ | ଶ୍ରୀମତୀ କବିତା ମାଝୀ, ୱା.ନଂ.୯
ଶ୍ରୀମତୀ ପ୍ରେମା ନାଏକ, ୱା.ନଂ.୧୦ | ଶ୍ରୀଯୁକ୍ତ ରମାକାନ୍ତ ଜେନା, ୱା.ନଂ.୧୧ | ଶ୍ରୀମତୀ ହେମ ସୁନା, ୱା.ନଂ.୧୨

## ପୌରପରିଷଦ କାର୍ଯ୍ୟାଳୟ, ରାୟଗଡ
### ଜିଲ୍ଲା-ରାୟଗଡ
ପିନ୍‌କୋଡ୍-୭୬୫୦୦୧, ଓଡ଼ିଶା
E-mail ID : raygadam.hud@gov.in

### ପ୍ରେସ୍ ବିଜ୍ଞପ୍ତି

୧. ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶ ମୂଳକ କାର୍ଯ୍ୟରେ ଲଗାଯାଇଥାଏ ଏଣୁ ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ମ୍ୟାଲେରିଆ, ଡେଙ୍ଗୁ, ଡ଼ାଇରିଆ ଆଦିରୋଗରୁ ରକ୍ଷା ପାଇବା ପାଇଁ ନିଜ ଅଞ୍ଚଳର ପରିବେଶକୁ ସଫା ରଖିବା ସଙ୍ଗେ ସଙ୍ଗେ ନିଜର ଘର ଘରିପଟ ସଫାରଖନ୍ତୁ।
୩. ସହରର ଅଭ୍ୟନ୍ତର ରାସ୍ତା ଗୁଡ଼ିକ ଉପରେ ଗୃହପାଳିତ ପଶୁଗୁଡ଼ିକୁ ଅନାଧିକାର ରୂପେ ଛାଡ଼ନ୍ତୁ ନାହିଁ।
୪. ରାସ୍ତାକଡ଼ ଜମି ତଥା ସରକାରୀ ଜମି ଜବର ଦଖଲରୁ ନିବୃତ୍ତ ରଖନ୍ତୁ।
୫. ପରିମଳ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପୃଥକକରି ଗାଡ଼ିରେ ଦିଅନ୍ତୁ।
୬. ନାଳ ଉପରକୁ ଅତିକ୍ରମଣ କରନ୍ତୁ ନାହିଁ ଏବଂ ବର୍ଜ୍ୟବସ୍ତୁ ନାଳ ଭିତରେ ପକାନ୍ତୁ ନାହିଁ।
୭. ପଲିଥିନ୍ ବ୍ୟବହାର ନକରି ପ୍ରଦୂଷଣମୁକ୍ତ ସହର ଗଠନରେ ସହାୟକ ହୁଅନ୍ତୁ।
୮. ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ
୯. ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇନଥିବା ଖାଲିସ୍ଥାନ କ୍ରୟ ବିକ୍ରୟ କରନ୍ତୁ ନାହିଁ ନିର୍ମାଣ ପୂର୍ବରୁ ଗୃହ ପ୍ଲାନ ଅନୁମୋଦନ କରାଇ ନିଅନ୍ତୁ।
୧୦. ବିନା ବ୍ୟବସାୟ ପରିଚୟ ପତ୍ରରେ କୌଣସି ବ୍ୟବସାୟ କରାନ୍ତୁ ନାହିଁ।

ଶ୍ରୀ କୁଳଦୀପ କୁମାର, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ରାୟଗଡ
ଶ୍ରୀମତୀ ଶୁଭ୍ରା ପଣ୍ଡା, ଉପାଧ୍ୟକ୍ଷା, ପୌରପରିଷଦ, ରାୟଗଡ
ଶ୍ରୀଯୁକ୍ତ ପି ମହେଶ ପଟ୍ଟନାୟକ, ଅଧ୍ୟକ୍ଷ, ପୌରପରିଷଦ, ରାୟଗଡ

## NOTIFIED AREA COUNCIL CHATRAPUR

ଛତ୍ରପୁର , ଗଞ୍ଜାମ ଜିଲ୍ଲା, ୭୬୧୦୨୦
Chatrapur, Dist-Ganjam, 761020
E-mail-nacchatrapur@rediffmail.com / chatrapur@gmail.com
Web :- www.chatrapurnac.in
Contact No. - (06811) 263975

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ତରଫରୁ ସହରବାସୀଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏହି ସହରକୁ ସବୁଜ ସୁନ୍ଦର ସହରରେ ପରିଣତ କରିବା ପାଇଁ ଆପଣମାନଙ୍କ ବ୍ୟକ୍ତିଗତ ସହଯୋଗ କାମନା କରିବା ସହ ପରିଷଦର ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରୁଅଛୁ ।
କ. ପରିଷଦର ବକେୟା କର / ହୋଲଡିଙ୍ଗ ଟ୍ୟାକ୍ସ ନିର୍ଦ୍ଧାରିତ ସମୟରେ ମଧ୍ୟରେ ପୈଠ କରନ୍ତୁ ।
ଖ. ଘରର ଅଳିଆ ଆବର୍ଜନା କୁ ଓଦା ଏବଂ ଶୁଖିଲା ଭାବରେ ପୃଥକ କରି ପରିଷଦର ଗାଡିରେ ପ୍ରତ୍ୟହ ଦିଅନ୍ତୁ ।
ଗ. ନିଜ ଘରର ଚତୁପାର୍ଶ୍ୱକୁ ପ୍ରଦୂଷଣ ମୁକ୍ତ ରଖନ୍ତୁ ।
ଘ. ସମସ୍ତ ଜନସାଧାରଣ ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଅନୁରୋଧ କରାଯାଉଅଛି ଯେ, କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ନିୟମାନୁଯାୟୀ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର କରନ୍ତୁ ନାହିଁ ।
ଙ. ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଲଡିଙ୍ଗ Approval ପ୍ଲାନ ଏନ.ଏ.ସି. କାର୍ଯ୍ୟାଳୟ ଠାରୁ କରାଇ ନିଅନ୍ତୁ ।
ଚ . ସମସ୍ତ ଜନସାଧାରଣମାନେ ନିଜ ନିଜର ଗୃହପାଳିତ ପଶୁଗୁଡିକୁ ନିଜ ଯତ୍ନରେ ରଖନ୍ତୁ । ଏଣେତେଣେ ରାସ୍ତା ଉପରକୁ ଛାଡନ୍ତୁ ନାହିଁ ।
ଛ . ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଟ୍ରେଡ ଲାଇସନସ ଓ ପରିମଳ ୟୁଜର ଫୀଜ୍ କାର୍ଯ୍ୟାଳୟରେ ଦାଖଲ କରି ବ୍ୟବସାୟ ପ୍ରମାଣ ପତ୍ର ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଉଛି ।
ଜ. ଏହି ପରିଷଦର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଛତ୍ରପୁର ସହରକୁ ସବୁଜ ଓ ସୁନ୍ଦର ସହର ରୂପେ ଗଠନ କରିବାରେ ସହଯୋଗ କରନ୍ତୁ ।

ଶ୍ରୀ ପ୍ରସନ୍ନ କୁମାର ଦାଶ,(ଓ.ମ.ମ.ସ), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର
ଜି . ପାପା ରାଓ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର
ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର

Executive Officer
NAC Chatrapur



## ଶୂନ୍ୟତା

✶ ରମାକାନ୍ତ ଦାସ

ରାତି ବାକିଅଛି
ସ୍ୱପ୍ନ ଭାଙ୍ଗିଛି
ମନରେ ଶୂନ୍ୟତା ଭରିଛି

ରାତିର ଶିଶିରେ
ଭିଜା କାକର ବିନ୍ଦୁରେ
ତୁମ ସ୍ମୃତି ମତେ ଜାଳୁଛି ।।

ରାତି ଫିକା ଲାଗେ
ଜହ୍ନ ଫିକା ଲାଗେ
ନିସ୍ତେଜ ଲାଗେ ଶେଫାଳୀ

ଅନ୍ଧାରୀ ମୁଲକର ନିଶବ୍ଦ ପ୍ରହରେ
ତୁମକୁ ମୁଁ ହୁଏ ଅଣ୍ଡାଳି ।।


ଅତୀତ ଜଳଇ ଶିରା ପ୍ରଶିରାରେ
ତୁମ ସ୍ୱର ଶୁଭେ ନିଶବ୍ଦରେ
ଶୂନ୍ୟତା ସହରେ ମନକୁ ହଜେଇ
ଜିଏଁ କ୍ଷଣ କ୍ଷଣ କଳ୍ପନାରେ ।।

ଅଥୟ ଅଧିର ହୃଦୟ ମୋର
ଖୋଜେ ତୁମକୁ ନିଶବ୍ଦ ରଜନୀରେ
ଅଜସ୍ର ଲୁହକୁ ପଲକେ ଶୁଖେଇ
ତୁମକୁ ଝୁରେ ପ୍ରତି ମୁହୂର୍ତ୍ତରେ ।।

*ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର*
*ମୋ - ୯୬୬୮୮୧୫୩୬୯*



# ଭୁଲାମନ



**ରତ୍ନକାନ୍ତି ମିଶ୍ର**

ନାଁ ସହିତ ଯତିପାତ ପଡୁନଥଲା ମୋ ଅପାର। 'ଭାରତୀ' ବିଦ୍ୟାର ଦେବୀ ବୋଲି ବାପା କୁଆଡେ ଅପାର ସେଇ ନାଁ ହିଁ ବାଛିଥିଲେ। ହେଲେ ପାଠପଢ଼ାରେ ସେମିତି କିଛି ବିଚକ୍ଷଣ ନଥିଲା ଅପା।

ଖାସ ଏଇ ପାଠପଢ଼ା ପାଇଁ ଅପା ବୋଉ ଠାରୁ ବହୁତ ଗାଳି ଖାଉଥିଲା। ପ୍ରତିଥର ପରୀକ୍ଷା ଫଳ ବାହାରିଲା ବେଳକୁ 'ମୋର ତ ପାଠ ମନେ ରହୁନାହିଁ, ମୁଁ କ'ଣ କରିବି?' ବୋଲି ବୋଉକୁ କହି ବୁଝାଇବାକୁ ଚେଷ୍ଟା କରୁଥିଲା ଅପା।

ଅପାର ଏଇ ଭୁଲାମନର ଦୋଷ କାଟିବା ପାଇଁ ବୋଉ ଆମ ଗାଁ ମୁଣ୍ଡରେ କ୍ଲିନିକ୍ କରିଥିବା ହୋମିଓପାଥିକ ଡାକ୍ତରଙ୍କ ପାଖକୁ ମଧ ଯାଇଥିଲା। ଡାକ୍ତର ଅପାର ସ୍ମରଣ ଶକ୍ତି ବଢାଇବା ପାଇଁ ଆଲଫାଲ୍ଫା ଟନିକ ଖାଇବାକୁ ପରାମର୍ଶ ଦେଇଥିଲେ। ରୀତିମତ ସେଇ ଟନିକ ଛଅ ମାସ ଖାଇବା ପରେ ମଧ ବାର୍ଷିକ ପରୀକ୍ଷାରେ ଅପା ଠିକ୍ ଆଗଭଳି କୌଣସି ମତେ ଶ୍ରେଣୀ ଡେଇଁ ଯାଇଥିଲା। ସେଇ ଡାକ୍ତରଙ୍କ ଉପରେ ଅଶାନ୍ତି ଝାଡି ବୋଉର ବିମର୍ଷ ଭାବ ତକ କଟିଥିଲା।

ଅପା କିନ୍ତୁ ସଂସ୍କୃତ ଶ୍ଳୋକ, ଅମରକୋଷ, ପ୍ରାର୍ଥନା ସବୁ ସୁଲଳିତ କଣ୍ଠରେ ଗାଇ ପାରୁଥିଲା। ତେଣୁ ମୁଁ ଭାବୁଥିଲି ଅପା ମୋର ସାକ୍ଷାତ ସରସ୍ୱତୀ; ଭାରତୀ... ! !

ଅପାର ସେଇ ଭୁଲାମନକୁ ସୁଧାରିବା ପାଇଁ ବୋଉ ଥରେ ଜ୍ୟୋତିଷ ଡକାଇ ଗ୍ରହ ବିଚାର ପୂର୍ବକ ପ୍ରତିକାର କରିଥିଲା ଏବଂ ଅପା ହାତରେ ଡେଉଁରିଆଟିଏ ବାନ୍ଧି ଦେଇଥିଲା। ମା' ଶାରଳାଙ୍କ ଆଶୀର୍ବାଦ ପାଇଁ ଯେତେ ଦୂର ସମ୍ଭବ ଭୋଗରାଗ କରିଥିଲା।

ଏମିତି ଏମିତି ଅପା ଏକାଦଶ ଶ୍ରେଣୀ ପାସ କରିଥିଲା। ଆଇ.ଏ ଘରୋଇ ଭାବରେ ପଢିଥିଲା ଏବଂ ତା'ପରେ ତା'ର ବାହାଘର ହୋଇଯାଇଥିଲା।

ଏମିତି କଥା ପ୍ରସଙ୍ଗରେ ମୁଁ ଥରେ ରାଜୁ ଭାଇ( ଅପାର ସ୍ୱାମୀ)ଙ୍କ ଆଗରେ ଅପାର ଭୁଲାମନ ବିଷୟରେ କହି ଦେଇଥିଲି ତ ପରବର୍ତ୍ତୀ ସମୟରେ ସେ ଅପାକୁ ବହୁତ ଥର ସେଇ କଥା କହି ଚିଡଉଥିଲେ। ଯେମିତି ବଜାରରୁ କୌଣସି ଦରକାରୀ ଜିନିଷ ଜିନିଷ ଆଣିବାକୁ କହିବାକୁ ଭୁଲିଗଲା ତ ସେଇଟା ଅପାର ଭୁଲାମନର ଦୋଷ ବୋଲି ଚେତେଇଦେବେ ଭାଇ। କୌଣସି ବିବାହ ରିସେପସନରେ ଯୋଗ ଦେବାକୁ ନିର୍ଦ୍ଦିଷ୍ଟ ଦିନ ଅପା କହିବାକୁ ଭୁଲିଗଲା ତ ସେଇଟା ତା'ର ଭୁଲାମନର ନମୁନା ବୋଲି କହୁଥିଲେ ଭାଇ।

ଏସବୁ ବିଷୟରେ ଶୁଣି ଶୁଣି ତା'ର ଭୁଲାମନ ପାଇଁ ଖୁବ ଅନୁତାପ କରେ ଅପା। ଏଥିପାଇଁ ଥରେ ମୁଁ ନିଜକୁ ଦୋଷୀ ମାନିଥିଲି ଏବଂ ଅପାକୁ କ୍ଷମା ମାଗିଥିଲି ତ ସେ ଫିକକିନା ହସି ଦେଇଥିଲା। 'ସତକଥା ତ କହିଚୁ, ଭୁଲ୍ ତୋର କେଉଁଠି ?' ବୋଲି କହି ସେ ବିଷୟରୁ ବାହାରି ଯାଇଥିଲା ଅପା। ଏ ପ୍ରକାର ଭୁଲିବା ସମସ୍ତଙ୍କ ଭିତରେ ଅଛି ବୋଲି ଅପାକୁ କେତେଥର ବୁଝାଇବାକୁ ଚେଷ୍ଟା କରି ମଧ ତା'ର ନିଜ ମନରେ ଥିବା କ୍ଷୋଭକୁ ଦୂରେଇ ପାରିନଥିଲି।

ଏମିତି ଏମିତି ଅପାର ପୁଅ ଝିଅ ଦୁଇ ଜଣ ବଡ ହୋଇ ନିଜ ନିଜ ପରିବାର ସହ ବାହାରେ ରହୁଥିଲେ। ଘରେ ଥିଲେ ଅପା ଆଉ ଭାଇ।

ଅପା କିନ୍ତୁ ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ ମୋ ପାଖକୁ ଫୋନ୍ କରିବାକୁ ଭୁଲୁ ନଥିଲା। ଖାଲି ମୁଁ ନୁହେଁ, ମୋ ବଡ଼ ଭାଇ, ନିଜ ନଣନ୍ଦ ପାଖକୁ ମଧ ଅପା ରୀତିମତ ଫୋନ୍ କରେ। କେବେ ଭୁଲୁ ନଥିଲା ଏସବୁ.. !

ଏଇ ପ୍ରାୟ ଚାରିମାସ ତଳେ ଦିନେ ମୋତେ ସତକୁ ସତ ଲାଗିଲା ଅପାର ଭୁଲାମନ ବୋଲି। ସେଦିନ ଥିଲା ସାବିତ୍ରୀ ବ୍ରତ। ତା'ର ପୂର୍ବଦିନ ଭାଇ ଅପା ଘରକୁ ଯାଇ ଫେରିଥିଲେ। ଅଥଚ ଅପାର ମନେ ନଥିଲା। ମୁଁ ଆଶ୍ଚର୍ଯ୍ୟ ହେଲି। ପରେ ଅବଶ୍ୟ ତା'ର ମନେ ପଡିଲା। ତାକୁ ଜାଣିଶୁଣି ପୁଣି ପଚାରିଲି 'ଭାଇ ତୋ ପାଇଁ ଯେଉଁ ଛେନାପୋଡ଼ ନେଇଥିଲେ ଭଲ ଲାଗୁଥିଲା କି ନାହିଁ ?' ହଁ ବୋଲି ଥତମତ ହୋଇ କହିଲା ଅପା। ଯଦିଓ ଅପା ଭଲପାଏ ବୋଲି ଭାଇ ପାହାଳରୁ ରସଗୋଲା ନେଇ ଯାଇଥିଲେ ବୋଲି ମୁଁ ଜାଣେ।

ଏ ଘଟଣାର ଦୁଇ ଦିନ ପରେ କୌଣସି ପ୍ରସଙ୍ଗରେ କଥା ହେଲା ଭିତରେ ବୁଧବାର, ଗୁରୁବାର ପରେ ଆସୁଥିବା ବାରର ନାଁ ଅପା କହି ପାରୁନଥିଲା।

ଏସବୁ ବିଷୟରେ ରାଜୁଭାଇଙ୍କୁ କହିଲି ତ ସେ ମୋତେ 'ତୋ ଅପାର ତ ଭୁଲାମନ । ବୁଢ଼ୀ ହେଲାଣି ତ ଆହୁରି ଭୁଲି ଯାଉଛି। କ'ଣ ଆଉ କରିବା ? ଏଇ ଦେଖୁନୁ ଗ୍ୟାସ୍‌ରେ ଆଜି ଭଜା ବସେଇ ଦେଇ ଭୁଲି ଯାଇଛି ଯେ ସବୁ ପୋଡିଗଲା।' କହିଲେ ସେ। ଏସବୁ କଥାକୁ ରାଜୁଭାଇ ଗୁରୁତ୍ୱ ଦେଲେନି ବୋଲି ମୁଁ ବୁଝି ପାରିଲି।

ଇତି ମଧରେ ଆଉ ଗୋଟିଏ ମାସ ବିତି ଯାଇଥିଲା। ଅପା ଦିନକୁ ଦିନ ଆହୁରି ଭୁଲୁଛି ବୋଲି ମୋର ପ୍ରତ୍ୟୟ ହେଲା। ଦିନେ ହଠାତ୍ ପହଞ୍ଚି ଅପାକୁ ନେଇଗଲି ଡାକ୍ତରଙ୍କ ପାଖକୁ।

ଡାକ୍ତରଙ୍କ କଥାରେ ମୋ ଦେହ ଯେମିତି ଥରିବାକୁ ଲାଗିଲା। ସତେ ପାଦ ତଳର ମାଟି ଧସି ପଡିବ କି ?

ରିପୋର୍ଟ୍ ଅନୁସାରେ ଅପା ମୁଣ୍ଡରେ ଚାରି ପାଞ୍ଚଟି ଛୋଟ ଛୋଟ ଟ୍ୟୁମର କ୍ୟାନ୍ସର ରୂପ ନେଇସାରିଥିଲା। ଦୁଃଖରେ ଭାଙ୍ଗିପଡିଲୁ ସମସ୍ତେ।

ହତବାକ ହୋଇଗଲି ମୁଁ। ଅବହେଳାରୁ ଯେ ଅପାର କ୍ୟାନ୍ସର ତୃତୀୟ ସୋପାନ ଅତିକ୍ରମ କରି ସାରିଲାଣି ଭାବି ରାଜୁ ଭାଇ ମର୍ମାହତ ହେଲେ।

ସେଇ ରାତିରେ ଅପାର ଅପରେସନ ହେଲା। ହେଲେ ଅପରେସନର କୌଣସି ସଫଳ ମିଳିଲା ନାହିଁ। ଅପା ଚାଲାଗଲା କୋମାକୁ। ଏ ପରିସ୍ଥିତିରେ କେମୋଥେରାପି ସମ୍ଭବ ନୁହେଁ ବୋଲି କହିଲେ ନ୍ୟୁରସର୍ଜନ। ଅତଏବ ତାଙ୍କରି କଥା ଅନୁଯାୟୀ ଅପାର ଆୟୁଷ ଆଉ ଅତିବେଶୀରେ ସାତ ଆଠ ମାସ।

ଏଇ ଟିକିଏ ଆଗରୁ ଆମେ ଠିଆ ହୋଇ ଥିଲୁ ଅପା ବେଡ ପାଖରେ।

'ଅପା ସତକୁ ସତ ଭୁଲିଯାଇଛି ଏବେ ସାରା ଦୁନିଆକୁ। ଅଥଚ ଆମକୁ ପଶ୍ଚାତାପରେ ଘାରି ହେବାକୁ ବାଧ କରିଛି। 'କହିଲି ମୁଁ। ରାଜୁଭାଇ କହିଲେ -'ତୋ ନାନୀର ସିନା ଭୁଲାମନ। ମୁଁ କିନ୍ତୁ ତା ପାଇଁ ଦାୟିତ୍ୱ ଶୂନ୍ୟ.. ସବୁଦିନ। ମୋ ପାଇଁ ତୋ ଅପାର ଆଜି ଏ ଦୁର୍ଦ୍ଦଶା।'

ରାଜୁ ଭାଇଙ୍କ ଆଖିରେ ଦେଖିଲି ଲୁହ ଭର୍ତ୍ତି। ମୁଁ ଅପା ଆଡକୁ ଚାହିଁଲି। ମୋତେ ଲାଗିଲା ଅପା ଓଠରେ ଖେଳିଯାଉଛି ହସର ତଡିତ ଧାରେ... !

*ଆଳି ,କେନ୍ଦ୍ରାପଡା*
*ମୋ-୮୨୪୯୭୯୯୯୬୧*

## କବିତା ଗୁଚ୍ଛ

### ବୁଝାଇବା ଗୁରୁ ସାଜି...

✶ ରାମଚନ୍ଦ୍ର ବେହେରା



ଗୁରୁ ବ୍ରହ୍ମା ବିଷ୍ଣୁ ଗୁରୁ ମହେଶ୍ୱର
ଗୁରୁ ଅସାମାନ୍ୟ ନର
ଗୁରୁ ଅନ୍ଧାରରେ ଆଲୋକର ଶିଖା
ଗୁରୁ ହିଁ ପରମେଶ୍ୱର।

ଜନକ ଜନନୀ ଗୁରୁ ରୂପେ ପୂଜା
ପାଇଥାନ୍ତି ଘରେ ଘରେ
ତାଙ୍କ ସ୍ନେହ ଶ୍ରଦ୍ଧା ଦିଅଇ ଶକତି
ଜ୍ଞାନ ଜାଗେ ହୃଦୟରେ।

ଭାରତ ଭୂଇଁରେ ଜନ୍ମ ନେଇଥିଲେ
ସୁପୁତ୍ର ରାଧାକ୍ରୀଷ୍ଣନ
ତାଙ୍କରି ଆଦର୍ଶ ସଭିଙ୍କ ହୃଦୟେ
ଭରିଛି ଶିକ୍ଷାର ମାନ।

ସେଥିପାଇଁ ସର୍ବେ ତାଙ୍କ ଜନ୍ମଦିନେ
ପାଳନ୍ତି ଗୁରୁଦିବସ
ଶିକ୍ଷାର ମହାନ ଅମ୍ଳାନ ନାୟକ
ସେ ଆମ ଚିର ନମସ୍ୟ।

ଗୁରୁ ଉପଦେଶ ଯିଏ ମାନିଥାଏ
ସଦା ହୁଅଇ ସଫଳ
ଅଜ୍ଞନତା ତା'ର ଦୂର ହୋଇଥାଏ
ଖୁସିରେ କାଟଇ କାଳ।

ଗୁରୁଙ୍କ ଆଶିଷ ହାତର ପରଶ
ଦିଅଇ ମନେ ସାହସ
ତାଙ୍କ କୃପା ବଳେ ଆମରି ମୁଖରେ
ଝରେ ସଫଳତା ହସ।

କାୟ ମନ ବାକ୍ୟେ ଗୁରୁ ପାଦେ ଭକ୍ତି
କର୍ମ ଯିଏ କରିଥାଏ
ଜ୍ଞାନ ଗାରିମାରେ ଆଭୂଷିତ ହୋଇ
ବିଜୟ ପଥରେ ଧାଏଁ।

ସେପ୍ଟେମ୍ବର ମାସ ପାଞ୍ଚ ତାରିଖରେ
ଆସ ସର୍ବେ ଯିବା ମଜି
ଗାଆଁ ଗାଆଁ ବୁଲି ଶିକ୍ଷାର ମହତ୍ତ୍ୱ
ବୁଝାଇବା ଗୁରୁ ସାଜି।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



### ମୁଁ ଅଭିଶପ୍ତା ଅହଲ୍ୟା କହୁଛି

✶ ଭାର୍ଗବୀ ସାହୁ

ମୁଁ କେବେ କୋଉ ଜନ୍ମରେ ଛଡେଇ ନେଇଛି
ତୁମ ଆଖିରୁ ସ୍ୱପ୍ନ,
ରକ୍ତାକ୍ତ କରିଛି ତୁମ ଛାତି ?
କେବେ ସାହସ କରିଛି ଡେଇଁବାକୁ ;
ତୁମ ହୃଦୟ ଏରୁଣ୍ଡି ବନ୍ଧ ?
ନାଁ କେବେ ଅଳି କରିଛି ;
ଛୋଟ ଖଣ୍ଡକବିତାରୁ ମୋତେ ନେଇ
ମହାକାବ୍ୟରେ ସଜେଇ ଦେବାକୁ ?
ମୋ ଅପ୍ରତିରୋଧ ଆକର୍ଷଣରେ
କେବେ କ'ଣ ନିକଟତର କରି ପାରିଛି ତୁମକୁ ?
ତୁମେ ତ ସ୍ୱୟଂ ସମ୍ପୂର୍ଣ୍ଣ ଉତ୍ତମ ପୁରୁଷଟିଏ,
ମୁଁ ବା କେମିତି ହର୍ଜି ପାରନ୍ତି
ତୁମ ଅମାପ ଐଶ୍ୱରୀୟ ହୃଦୟ ଭିତରେ ?
ମୁଁ ଯେ ଅହଲ୍ୟା .....
ମୁଁ ଯେ ଚିରକାଳ ଅନେଇ ଥାଏ କେବଳ
ତୁମ ପାଦର ରେଣୁଏ ଅନୁକମ୍ପାକୁ ତ
ତୃଷିତ ମରୁବାଲି ଭଳି ଭିଜୁ ଥାଏ;
ବିନ୍ଦୁ ବିନ୍ଦୁ ବର୍ଷାର ଭାବନା ଭିତରେ ।

ଜାଣିଛ .....
ଦୁନିଆର କୋଳାହଳ ଭିତରେ ,
ମୁଁ ଏକ ପ୍ରାଣହୀନ ସତ୍ତା;
ଅପେକ୍ଷା କରିଛି ମିଳନ ଋତୁକୁ ।

ଅଭିଶପ୍ତା ବୋଲି ତ ଅଛୁଆଁ ମୁଁ ,
ଛୁଅଁନ୍ତି ନି କେହି ମୋତେ
ଅଭିଶାପକୁ ଡରି।
ତୁମେ ବି ଚାଲି ଯିବନି ତ ମୋତେ ଆଡ କରି ?
ମୁଁ ଜାଣେ ପ୍ରତୀକ୍ଷା କରିବାକୁ ହେବ ମୋତେ ;
ପ୍ରଲମ୍ବିତ କାଳର ଶେଷ ଯାଏଁ ।

ଛୁଇଁବାକୁ ନ ହେଲେ ନାହିଁ
ସତରେ କଣ ତୁମେ ଥରୁଟିଏ ଆସିବନି
ଦେଖିବାକୁ -
ମୋର ଏଇ ଅହଲ୍ୟା ରୂପକୁ ?

*ଓୟୁଏଟି କୃଷି ମହାବିଦ୍ୟାଳୟ*
*ଭବାନୀପାଟଣା, କଳାହାଣ୍ଡି*

### ଏଠି ନିଜର କିଏ ଯେ...

✶ ଲକ୍ଷ୍ମୀକାନ୍ତ ଦାସ

ଏବେ ଏବେ ମୁଁ କାହିଁ
ନିଜର ଲୋକଙ୍କ ଠାରୁ
ନିଜ ବୋଇଲେ ନିଜର ଲାଗୁଥିବା
ଅବା ନିଜ ସମ୍ପର୍କୀୟମାନଙ୍କ ଠାରୁ
ନିଜର ସମ୍ପର୍କ ତୁଟାଇବା
ଆରମ୍ଭ କରିଛି...
କାହିଁକି କେଜାଣି ଜାଣେନା
ତେବେ ମନ କୁ ଯେବେ ପଚାରେ ଲାଗେ ...
ଏଠି ନିଜର କିଏ ଯେ?
କେହି ଜଣେ ଜଣଙ୍କ ଠାରୁ
ବିଚ୍ୟୁତ ହେଲା ପରେ ହିଁ ତ
ଆଉ ଜଣଙ୍କ ସହିତ ମିଶିଯାଏ
ଯଦି ମିଶ୍ରଣ ନାହିଁ ତେବେ ବିଚ୍ୟୁତ କାହିଁ
ମୋ ଜୀବନରେ ଏବେ
ଏହାକୁ ନେଇ ବଡ ସଂଘର୍ଷ
ଜୀବନ ର ମାନେ ଏଠି କଣ
ହାତୀ ଘୋଡା ,ତୋର ମୋର
ଏସବୁତ କିଛି ନୁହଁ
ସବୁ ଜାଣିକି ବି କାହିଁ
ଏ ମଣିଷ ପୁଣି ସେହି ମାୟାରେ ପଡ଼ିଯାଏ
ସେ ମାୟା ରୁ ବୋଧ ହୁଏ ବାହାରି
ଆଉ ଏକ ମାୟାରେ ଯୋଡ଼ି ହେବା ଯାଏଁ
ମୋ ଭିତରେ ଅହରହ ସଂଘର୍ଷ
ଆଉ ସେ ସଂଘର୍ଷର ଫଳ ଏକ ବଡ ଶୂନ୍
ସେ ଶୁନ ରେ ପଶିଗଲେ
ଅକଳ ଗୁଡୁମ୍
ସେ ଶୁନ କୁ ଲେଉଟାଣି ବାଟ
ଯିଏ ସେ ବୁଝିଛି
ସିଏ ମହାଶାନ୍ତି ରେ
ଆଉ ଯିଏ ବୁଝିବାର ଉପକ୍ରମ କରିଛି
ମୋ ଭଳି ଏ ମାୟାରୁ ସମ୍ପର୍କ ତୁଟାଇ
ସେହି ଶୂନ୍ୟ ମାୟା ସହ
ନୂଆ ସମ୍ପର୍କ ଯୋଡ଼ିବାକୁ ପ୍ରୟାସ କରୁଛି
ଆଜି କାଲି ଏବେ ଏବେ ମୁଁ କାହିଁ
ନିଜର ଲୋକଙ୍କ ଠାରୁ
ସମ୍ପର୍କ ତୁଟାଇବା ଆରମ୍ଭ କରିଛି....

*ନହାଳ ପୁର, ବେଣୀରାମ ପୁର,କଟକ*
*ମୋ - ୯୪୩୯୬୧୪୬୭୭*

### ଏକ ଅବିସ୍ମରଣୀୟ କାହାଣୀ

✶ ସୁଜାତା ରାଣୀ ଶତପଥୀ

ଏକ ଅବିସ୍ମରଣୀୟ କାହାଣୀକୁ
ସ୍ମରି ଦେଲା ଯେବେ ମନ
ଭାବ ବିହ୍ୱଳରେ ଜାଣି ନ ପାରିଲି
ରହି ଅଛି କି ମୁଁ ବନ ।
ମନେ ମନେ ଭାବି ବିସ୍ମିତ ହୋଇଲି
ତୁମକୁ ମନ ପକାଇ
ବାରମ୍ବାର ଆସି ରୂପକୁ ତୁମର
ଯାଉଛ ମନେ ଦେଖାଇ ।
ଅପୂର୍ବ ଅପରୂପା ନିକଟେ ହେବେ
ତୁମ ପାଖେ ଅସୁନ୍ଦରୀ
ସବୁଜ ରଙ୍ଗର ଆସରକୁ ଦେଖି
ଆସିବେ ବନ ସୁନ୍ଦରୀ ।
କୁଳୁକୁଳୁ ସ୍ୱରେ କହେ ମୋତେ ଆସି
ତିଳେ ନ ରହୁଛି ମନ
ଜଳଦ ଜଳଧି ମିଶି ଚାହୁଁଛନ୍ତି
ରହିବାକୁ ମୋ ସ୍ପନ୍ଦନ ।
ଜଳଦ ବଢାଏ ଶରୀର ମୋହର
ଦେଖିବାକୁ ମୋର ରୂପ
ମାୟାରେ ମୋହିତ ହୋଇଯାଉଅଛି
ଜଳଧି ଭାବ ସ୍ୱରୂପ ।
କେତେ ବୁଝାଉଛି ମୋ ରାଜକୁମାର
ରହିବାକୁ ତାଙ୍କ ପାଖ
ମନ ଶାନ୍ତି ପାଇଁ ଅମୃତ ଯୋଗାଇ
ଯାଉଛି ଦେଇଣ ସୁଖ ।
ଏତେ ଆଶା ଭରସା ବିଶ୍ୱାସ ଥିଲେ
ମଧ ଯାଉଛି ଦୂରେଇ
ଆକାର ପ୍ରକାର ଆୟତନ ନ୍ୟୁନ
ମୋର ସମାନ ନୁହଁଇ।
ଚାଲିଗଲା ପରେ ସୃଷ୍ଟି କର୍ତ୍ତା ମୋର
ବିକଳେ ରହନ୍ତି ଚାହିଁ
ଆବେଗକୁ ଦେଖି କିଏ ନ ରହନ୍ତି
କେବଳ ଦିଅନ୍ତି କହି ।
ସାଗର କୂଳରୁ ଅଭିଯାନ ଶେଷ
ହୋଇଯାଉଛି ମୋହର
ସଂସାର ନିମନ୍ତେ ଜଳଦ ଜୀବନ
ସୃଷ୍ଟି କରୁଛି ତାହାର ।
ହେ ! ଜଳଦ ମୋର ସରଗ ସାଥୀ ହେ
ସାଗର ମର୍ତ୍ତ୍ୟ ସାରଥୀ
ଆତ୍ମା ପରମାତ୍ମା ମିଳନେ ଉଭୟ
ଜୀବନ ଚକ୍ରର ସାଥୀ ।
ଭାବ ଦେଇ ମୋତେ କରୁଛ ନିଜର
ଯାହାକୁ ଯେଉଁଠି ଲୋଡ଼ା
ଏମିତି ଜୀବନେ ଦୁଇ ବନ୍ଧୁ ମୋର
କିଏ ନୁହଁନ୍ତି ଅଲୋଡ଼ା ।

*ଶିକ୍ଷୟିତ୍ରୀ, ଦିଗପହଣ୍ଡି, ଗଞ୍ଜାମ*

### ବାଟୋଇ

✶ ତପସ୍ୱିନୀ ପଣ୍ଡା

କେମିତି କେଜାଣି ନିରବୀ ଯାଇଛି ପୃଥିବୀଟା
ଖାଁ ଖାଁ ରାସ୍ତା ବିଲ ବାଡ଼ି ସବୁ
ଧୁ ଧୁ ନିଦାଘ ଖରାର ତାତିଲା ପବନ
ଆଉ ତା ଭିତରେ ଛଟଛଟ ନିରୀହ ମନ
ଆଖି ରେ ଆଖିଏ ସ୍ୱପ୍ନ ନେଇ
ଦୁଆର ଖଟ ଖଟ କଲା ବେଳକୁ
ଭିତର ଟା କିଟି କିଟି ଅନ୍ଧାର
ନୀରବ ଶୂନଶାନ ସବୁ ଆଡ
ଥକି ଯାଉଛି ବାଟୋଇ ଟା
ମନ ଭିତର ଟା ଖାଲି
ଧଇଁ ସଇଁ ଛାତି
ତତଲା ବାଲି ରେ ଚାଲି ଚାଲି
ପାଦ ପୋଡିଯିବାର ଯନ୍ତ୍ରଣା
ହତାଶିଆ ମନ
ଗଛମୂଳର ଛାଇ ଖୋଜୁଛି ଆଖି
ଦଣ୍ଡେ ବସିଯାଇ ଥକା ମେଣ୍ଟି ଯାନ୍ତା ହେଲେ
ଟିକେ ସୁଲୁସୁଲିଆ ପବନ
ଦିପଦ କୋଇଲିର ଗୀତ
ଝାଳ ଭିଜା ଗାମୁଛାରେ ମୁହଁ ପୋଛି
ପେଜୁଆ ଆଖିରେ
ଆଗକୁ ଯିବାର ଆଶା ହେଲେ ଦିଶନ୍ତା !

ଗଛ ତ ଦିଶୁଛି ହେଲେ ଥୁଣ୍ଟା ଶୁଖିଲା
ନା ଦିଶୁଛି ପତ୍ର ନାହିଁ ଛାଇ
ଗୁଳୁଗୁଳିଆ ଗରମ ବାମ୍ଫ
ଅସହ୍ୟ ତତଲା ଚଟାଣ
ଗାମୁଛା ପାରି ଗଡିବାର ପ୍ରଶ୍ନ ନାହିଁ
ଅବେଳରେ ଚୁଟି ସବୁ ପାଉଁଶ
ମୁହଁ ସାରା ଦିଶୁଥିବା ଶିରା ପ୍ରଶିରା
ଶୁଖିଲା ଓଠ ଆଉ ପେଜୁଆ ଆଖି
ଚମ ଧୁଡୁ ଧୁଡୁ ଆଉ ଶୁଖିଲା ରୁକ୍ଷ
ମନ ଟା ସତେ ଯେମିତି ପୋଡି ଜଳି ଯାଇଛି
କେତେ ଆଉ ଶୂନ୍ୟ ରେ ଦୌଡିବ
ନିରାଶା ର ଅନ୍ଧକାର ରେ ହଜିଯାଇଥିବା
ଆଶାବାଡି ଖୋଜି ଖୋଜି ନୟାନ୍ତ
କାହିଁ ମିଳୁନି ତ ?

କିଏ ଆଣିଦେବ ଖୋଜି
କିଏ ଦେଖେଇବ ଆଗକୁ ଯିବାର ରାସ୍ତା
କିଏ ପୋଛି ଦେବ ଝାଳ
ପଣତ କାନି ରେ
କିଏ ପୁଣି ଆଖିରେ ଭରିଦେବ ସ୍ୱପ୍ନ
କିଏ ଆଣିଦେବ ଶୁଖିଲା ଗଛରେ ପତ୍ର
ଶୀତଳ ପବନ କୋଇଲି ର କୁହୁତାନ ?

ନା ସେଇ ଶୁଖିଲା ଗଛର
ଭଙ୍ଗା ଶୁଖିଲା ଛ ଖଣ୍ଡ ଡାଳରେ
କୋକେଇ ବନ୍ଧା ହବ
ଖଇ କଉଡ଼ି ବିଂଚୁଥିବା
ଆବୁଡା ଖାବୁଡା ରାସ୍ତାରେ ଯାଇ
ପାଉଁଶ ହେଇଜିବାର ବେଳ ଆସିଗଲା....
କିଏ ଜାଣେ...........
ବିଧିର ବିଧାନ ବଡ ବିଚିତ୍ର ପରା !

*କମଳା ବିହାର ଆପାର୍ଟମେଣ୍ଟ, ରସୁଲଗଡ*

### ସ୍ମୃତି ଝରକା

**ନିରଞ୍ଜନ ସାହୁ**

ସ୍ମୃତି ଝରକାରେ କେତେ ଦୃଶ୍ୟ ଦିଶେ
ଆଖି ପାଏନାହିଁ ଚାହିଁ
ହାତ ବଢ଼ାଇଲେ ସେ ଦୃଶ୍ୟ ପାଖକୁ
ହାତ ଆଦୌ ପାଏନାହିଁ ।
କେତେକେତେ ଦୃଶ୍ୟ ଦେଖିବା ପାଇଁକି
ମନରେ ଆଗ୍ରହ ଲାଗେ
କେତେକେତେ ଦୃଶ୍ୟ ଭାସି ଯାଉଥିଲେ
ନିଜ ଉପରେ ମୁଁ ରାଗେ
ଦୃଶ୍ୟ ସିନା ଦିଶେ ଚରିତ୍ରମାନଙ୍କୁ
ଖୋଜିଲେ ମିଳନ୍ତି କାହିଁ ?
ସୁଖ ଦୃଶ୍ୟ ସବୁ ଆନନ୍ଦ ଭରଇ
ଦୁଃଖ ଦୃଶ୍ୟେ ଭରେ ଲୁହ
ସୁଖ ଏବେ ସାତସପନ ହୋଇଛି
ଦୁଃଖ କେ ' ବୁଝିବ କୁହ
ବେଳେବେଳେ ଭାବେ ଜୀବନ ଧରିଛି
ତାହେଲେ ମୁଁ କ'ଣ ପାଇଁ ?
ହେ ସମୟ ମୋତେ ଫେରାଇ ଦିଅନ୍ତୁ
ମୋର ସେ ହଜିଲା ଦିନ
ଏ ସମୟେ ମୁହିଁ ବଞ୍ଚି ପାରୁନାହିଁ
ହୋଇଗଲିଣି ମୁଁ ହୀନ
ଭାବିଭାବି ଖାଲି ଦିନଗୁଡା ଗଲା
ମରୀଚିକା ପଛେ ଧାଇଁ ।

*ନିହଲ ପ୍ରସାଦ , ଗଁଦିଆ ପାଟଣା, ଢେଙ୍କାନାଳ*
*ମୋ : ୯୯୩୮୭୪୧୫୮୩*

### ହେବୁ ସଂସାରୁ ଲୀନ

✶ ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

କାହିଁକି କରୁଛୁ ବାବୁରେ
କୁଉ କରମ ନିତି,
ଭାବୁନୁ କ୍ଷଣିକେ ଜୀବନ
ତୋର ହୋଇବ ଇତି।
ମାନୁନାହୁଁ ବଡ଼ ସାନ ତୁ
କରୁ ସଭିଙ୍କ ନିନ୍ଦା,
ଅଧର୍ମ ପଥକୁ ବାଛିଚୁ
ଭାବି ମହତ ଧନ୍ଦା।
ମଣିଷ ପଣିଆ ହଜେଇ
ଦେଉ ମନରୁ ତୁହି,
ବଡ଼ ମଣିଷଟେ ଗରବେ
ବୁଲୁ ନିଜକୁ କହି ।
ମିଛ କହି ଠକୁ ଅନ୍ୟକୁ
ଭଲେ ରହିବୁ ବୋଲି,
ଭୁଲିଯାଉ ଏ ସମୟ ବି
ତୋର ଆସିବ କାଲି।
ଗୁରୁ ଗୁରୁଜନମାନଙ୍କୁ
ସଦା ମଣୁଛୁ ହୀନ,
ଅଭିଶାପ ତାଙ୍କ ପଡ଼ିଲେ
ହେବୁ ସଂସାରୁ ଲୀନ।
ମିଛରେ ସଭିଙ୍କ ସାଥିରେ
ସ୍ୱାର୍ଥ ରଖି ତୁ ମିଶୁ,
ଭିତରେ ମନ୍ଦ ପାଞ୍ଚକିରି
ପୁଣି ଉପରେ ହସୁ।
ପର ର ଖୁସିଟି ଦେଖିଲେ
ଫାଟେ ତୋହର ଛାତି,
ତେଣୁ ଦୁଃଖ ତାଙ୍କୁ ଦେବାକୁ
ଯାଉ ସଅଳ ମାତି।
ଗରଳ ଭରା ତୋ ହୃଦୟ
ନାହିଁ ସେନେହ ପ୍ରେମ,
ଶ୍ରେଷ୍ଠ ଏ ମଣିଷ ଜାତିକୁ
କରୁ ତୁ ବଦନାମ ।
ସୁଧୁରି ଯା' ବାବୁ ତୁହିରେ
ଅଛି ବହୁତ ବେଳ,
ନୋହିଲେ ପାଇବୁ ଯନ୍ତ୍ରଣା
ବେଗି ହୋଇବ କାଳ ।।

*ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର*
*ସମ୍ପାଦକ: ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର*
*ଫୋନ-୭୯୦୪୩୯୨୬୮୬*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରବୋଧ ପଟ୍ଟନାୟକ
Chief Editor: Pradosh Pattanaik



ଝାରସୁଗୁଡ଼ା /ବେଲପାହାଡ଼, (ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ସହରର ଚତୁର୍ଦ୍ଦିଗରେ କାରଖାନା ନିର୍ଗତ ବିଷାକ୍ତ ପାଉଁଶ ଗାଡ଼ି ଚଳାଚଳ ଏବଂ ବେଆଇନ ପାର୍କିଂ ସମ୍ପର୍କରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ଝାରସୁଗୁଡ଼ା ଜିଲ୍ଲାରେ ପାଉଁଶ ବୋଝେଇ ଭାରୀ ଯାନ ଗୁଡ଼ିକ ଜାତୀୟ ରାଜପଥ ୪୯ ଦେଇ ଯାତାୟାତ କରୁଛି। ଯାହା ଜନସାଧାରଣଙ୍କ ଗମନାଗମନ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେଣୁ ଏନ୍ ଏଚ୍ ୪୯ ବାଇପାସ୍ ଏବଂ କୋଲାବିରା ବାଇପାସ୍ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଏହି ଭାରି ଯାନଗୁଡ଼ିକର ଗତି ବଦଳାଇବାକୁ ଚିଠି ରେ ବିଧାୟକ ଉଲ୍ଲେଖ କରିଛନ୍ତି। ତାହା ସହିତ ପାଉଁଶ ପରିବହନ କରୁଥିବା ଗାଡ଼ିଗୁଡ଼ିକ ସମସ୍ତ ନିୟମ ମାନି ରାସ୍ତାରେ ଯିବା ସମୟରେ ପରିବହନ କରୁଥିବା ପଦାର୍ଥକୁ ସମ୍ପୂର୍ଣ୍ଣ ଢ଼ାଙ୍କି ଏବଂ ଲିକ୍ ପ୍ରୁଫ୍ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବାପାଇଁ ଚିଠି ରେ ଉଲ୍ଲେଖ କରାଯାଇଛି। ଅନେକ ଭାରୀ ଯାନ ଗୁଡ଼ିକ ରାସ୍ତା କଡ଼ରେ ଚିଠିମତ ପାର୍କିଂ କରୁଥିବା ହେତୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି, ରାସ୍ତା କଡରେ ଚାଲିବାରେ ବାଧା ସୃଷ୍ଟି କରୁଛି ଏବଂ ଡ୍ରାଇଭ ଓ୍ୱେ ଅବରୋଧ କରୁଛି ଯାହା ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ବୋଲି ଉଲେଖ କରାଯାଇଛି। ପ୍ରସନ୍ନ ପଣ୍ଡା ଛକରୁ ଖେରୁଆଲ୍ ସେତୁ,ବଡ଼ମାଲ ଛକରୁ ସରବାହାଲ୍ ରାସ୍ତା ଓ ଏଲ.ଏନ. କଲେଜରୁ କୁରେଇବାଗା ଆଦି ରାସ୍ତା ଗୁଡ଼ିକ ରାସ୍ତା ରୁ ଗାଡ଼ି ଅବରୋଧ ହଟାଇବା ସହ ଗାଡ଼ି ଗୁଡ଼ିକ ଉପରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ କରିବା ସହ ଏଥିପାଇଁ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଉ ବୋଲି ବିଧାୟକ ଟଙ୍କଧର ତ୍ରିପାଠୀ ଦାବି କରିଛନ୍ତି ।



## ମୃତ ହିତାଧିକାରୀଙ୍କ ନାଁରେ ଉଠୁଛି ରାସନ

# ଜନଶୁଣାଣୀ ଶିବିରରେ ତାଗିଦ କରି ବର୍ଷିଲେ ଅତିରିକ୍ତ ଜିଲ୍ଲାପାଳ





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭାଗୃହ ମଧ୍ୟରେ ଶନିବାର ଦିନ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସାମାଜିକ ସମୀକ୍ଷା ରେ ମାଳ ମାଳ ଅଭିଯୋଗ ଓ ଅନିୟମିତତା ଚିତ୍ର ସାମ୍ନାକୁ ଆସିଛି। ସାମାଜିକ ସମୀକ୍ଷା ଜନ ଶୁଣାଣୀ ଶିବିରରେ ଜଣେ ହେଲେ ବି ଜବକାର୍ଡ ହିତାଧିକାରୀଙ୍କୁ ଦେଖିବାକୁ ମିଳିନଥିଲା। କେବଳ ପ୍ରଶାସନିକ ଅଧିକାରୀ, ନିର୍ବାଚିତ କିଛି ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ଅଧିକାରିଣୀ ଓ କର୍ମଚାରୀ ଙ୍କ ଉପସ୍ଥିତି ପରିଲିଖିତ ହୋଇଥିଲା। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆରଜିଏସ)ର ବ୍ଲକ ସ୍ତରୀୟ ଅନୁଦାନର ସାମାଜିକ ସମୀକ୍ଷାରେ ସଂରକ୍ଷଣ ବିଭାଗ ଓ ଉଦ୍ୟାନ ବିଭାଗ ସମ୍ପର୍କିତ ଆଲୋଚନା ପ୍ରାରମ୍ଭ ରୁ ହୋଇଥିଲା। ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ନିୟୋଜିତ ଥିବା ଭି.ଆର.ପିମାନଙ୍କ ତଦନ୍ତ ତଥ୍ୟ ଆଧାରରେ ଉଦ୍ୟାନ ବିଭାଗ ତରଫରୁ ପାଟଳଦା ପଞ୍ଚାୟତ ସମେତ ଅନ୍ୟ କିଛି ପଞ୍ଚାୟତରେ ଲାଗିଥିବା ନଡ଼ିଆ ଗଛ ନାହିଁ, ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ଉଦ୍ୟାନ ବିଭାଗ ଅଧିକାରୀ ଯୁଗଲ କିଶୋର ବାର୍ଲାଙ୍କୁ ପଚାରିବାରୁ ବିଭିନ୍ନ ବାହାନା ଦେଖାଇବା ସହ ନଡ଼ିଆ ଗଛ ସମ୍ପୂର୍ଣ୍ଣ ମରିଯାଇଛି, ସେଥିପାଇଁ କୌଣସି ଗଛ ନାହିଁ। ଯାହାକୁ ନେଇ ମହାପାତ୍ର ଉଦ୍ୟାନ ବିଭାଗ ଅଧିକାରୀଙ୍କୁ କଡା ତାଗିଦ କରିବା ସହ ନିଜ ପାଣ୍ଠିରୁ ଖର୍ଚ୍ଚ କରି ଗଛ ଲଗାଇବା ନିର୍ଦ୍ଦେଶ ଦେଇଥିଲେ। ଏହା ସହ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରାଙ୍କୁ ଉଦ୍ୟାନ ବିଭାଗ ହୋଇଥିବା ନଡ଼ିଆ ଗଛ ରୋପଣ ମନରେଗା କାର୍ଯ୍ୟ ଯାଞ୍ଚ କରିବା ସହ ସାତ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସରିପୁର ପଞ୍ଚାୟତ ବିଭିନ୍ନ ସ୍ଥାନରେ ମନରେଗା ରେ କାମ ହୋଇଥିବା ବେଳେ ଅନେକ ସ୍ଥାନରେ ଫଳକ ନଥିବାରୁ ତୁରନ୍ତ ୭ଦିନ ମଧ୍ୟରେ ଫଳକ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନଗର ଗ୍ରାମ ପଞ୍ଚାୟତରେ ଅଙ୍ଗନବାଡି କାମ ସହ ବିଭିନ୍ନ କାମ ହୋଇଥିବା ଫଳକ ନଥିବାରୁ ଅତିରିକ୍ତ ଜିଲ୍ଲାପାଳ ନଗର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ପ୍ରଶ୍ନ କରିବାରୁ ବିଭାଗୀୟ ଅଧିକାରିଣୀ ଉତ୍ତର ରଖିଥିଲେ ନୂଆ ଚାର୍ଜରେ ରହିଛନ୍ତି। ଯାହାକୁ ନେଇ ଅତିରିକ୍ତ ଜିଲ୍ଲାପାଳ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଥିବା ରବୀନ୍ଦ୍ର ମହାପାତ୍ରଙ୍କୁ କାରଣ ଦର୍ଶାଅ ନୋଟିସ ଜାରୀ କରିବା ସହ ୧୫ଦିନ ମଧ୍ୟରେ କେଉଁ କାର୍ଯ୍ୟରେ କେତେ ଅର୍ଥ ଖର୍ଚ୍ଚ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ଦାଖଲ କରିବାକୁ। ମାଣ୍ଡୁକି ପଞ୍ଚାୟତରେ ନଡ଼ିଆ ଗଛ ଲାଗିଥିଲେ ମଧ୍ୟ କୌଣସି ଗଛ ନାହିଁ ବୋଲି ପ୍ରଶ୍ନ ହୋଇଥିବା ବେଳେ ତାହାର ଉତ୍ତର ରଖି ପାରିନଥିଲେ ବିଭାଗୀୟ ଅଧିକାରୀ। ଆଳସାହି ପଞ୍ଚାୟତରେ ହୋଇଥିବା ଅମୃତ ସରୋବର (୨୦୨୨-୨୩) କାର୍ଯ୍ୟ ନ ହୋଇ ୭ଲକ୍ଷ ଟଙ୍କା ବିଲ ହୋଇଥିବା ବେଳେ ଏହାର ଉତ୍ତର ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଦେଇ ପାରିନଥିଲେ ଯାହାକି ୧ମାସର ସମୟ ମହଲତ ନେଇଥିଲେ। ନଚେତ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ କରିବେ, ନଚେତ ଆଇନି ଅନୁଯାୟୀ ଅର୍ଥ ତୋଷରପାତ ଅଭିଯୋଗରେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିର୍ଦ୍ଦେଶ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ ମହାପାତ୍ର। ତାଳଦା, ଝାଡ଼ଲିଙ୍ଗ, ଆଳଙ୍ଗପୁର ପଞ୍ଚାୟତରେ ହୋଇଥିବା ମନରେଗା କାର୍ଯ୍ୟର ରେକର୍ଡ ଦେଖାଇ ପାରିନଥିଲେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯାହାକୁ ନେଇ କଡା ତାଗିଦ କରିବା ସହ ୭ଦିନ ମଧ୍ୟରେ ରେକର୍ଡ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଆଳଙ୍ଗପୁର ପଞ୍ଚାୟତ ହୋଇଥିବା ମନରେଗା କାର୍ଯ୍ୟର ମଷ୍ଟର ରୋଲ ଦର୍ଶାଇ ପାରିନଥିଲେ ଯାହାକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କଡା ତାଗିଦ କରିଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନିରେ ଅନିୟମିତତା ସାମ୍ନାକୁ ଆସିଛି। ସେହିପରି ଗରିବ ଲୋକଙ୍କ ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନିରେ ଆସୁଥିବା ଚାଉଳକୁ ମୃତ ବ୍ୟକ୍ତିଙ୍କ ନାମରେ ଉଠାଯାଇଛି, ତାହା ସମସ୍ତ ଙ୍କୁ ଚକିତ କରିଛି। ସରିପୁର, ଶିଶୁଅ ସମେତ ଅନ୍ୟ ଡିଲର ମାନେ ନିଜ ରେକର୍ଡ ପ୍ରଦାନ କରିନଥିଲେ। ଏହା ସହିତ ତିନିଜଣ ଯୋଗାଣ ସହାୟକ ସମୀକ୍ଷା ଟିମ୍‌କୁ ତଦନ୍ତରେ ସହଯୋଗ କରିନଥିବାରୁ ଅତିରିକ୍ତ ଜିଲ୍ଲାପାଳ ଉକ୍ତ ଯୋଗାଣ ସହାୟକଙ୍କୁ ଭର୍ତ୍ସନା କରିଥିଲେ। ଯାହା କିଛି ରେକର୍ଡ ପ୍ରଦାନ କରିଥିଲେ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ସାମଗ୍ରୀ ଲୁଟ ହୋଇଛି। ଏହାର ଉପଯୁକ୍ତ ତଦନ୍ତ କରିବା ପାଇଁ ଏକ ୩ ଜଣିଆ ଟିମ୍ (ତହସିଲଦାର, ଯୋଗାଣ ନିରୀକ୍ଷକ, ପୋଲିସ ଏ ଏସ ଆଇ) ପରିଦର୍ଶନ କରି ସମୀକ୍ଷା କରିବେ। ଯୋଗାଣ ସହାୟକଙ୍କ ଏଭଳି ଦୁର୍ନୀତି ହେତୁ ବ୍ଲକ ଯୋଗାଣ ଅଧିକାରୀଙ୍କୁ କଡା ତାଗିଦ କରିଥିଲେ। ବିଭିନ୍ନ ପଞ୍ଚାୟତରେ ମନରେଗା ହେଉ ଅବା ରାସନରେ ସବୁଠି ଅନିୟମିତତା ଛାପ ଜନଶୁଣାଣିରେ ଦେଖିବାକୁ ମିଳିଥିଲା। କେଉଁଠି କାର୍ଯ୍ୟ ଶେଷ ପରେ ବି ଫଳକ ଲାଗିନି ତ ଆଉ କେଉଁଠି ଜବକାର୍ଡ ହିତାଧିକାରୀଙ୍କ ଦସ୍ତଖତ ନ କରି ଟଙ୍କା ଉଠିଛି। ମନରେଗା ପ୍ରକଳ୍ପ ଗୁଡିକରେ ବ୍ୟାପକ ଅନିୟମିତତା ହୋଇଥିବାରୁ ଏହାକୁ ଲୁଚାଇବାକୁ ଜବକାର୍ଡଧାରୀ ଙ୍କୁ ସୂଚନା ଦିଆଯାଇ ନଥିବା ଚର୍ଚ୍ଚା ହେଉଛି। ସବୁଠି ଦୁର୍ନୀତି ଜଳଜଳ ହୋଇ ଦିଶୁଛି। ମଷ୍ଟର ରୋଲରେ ଜବକାର୍ଡଧାରୀଙ୍କ ଦସ୍ତଖତ ନ କରି ଟଙ୍କା ଉଠିଛି। ବିଭିନ୍ନ ପଞ୍ଚାୟତରେ ଯୋଗାଣ ସହାୟକ ମାନେ ଠିକ ଭାବେ ରେକର୍ଡ ପ୍ରଦାନ କରିନଥିଲେ। ଏଭଳି ଅବ୍ୟବସ୍ଥାକୁ ନେଇ ଖପ୍ପା ହୋଇଥିଲେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର। ରାସନ ବଣ୍ଟନ ସ୍ୱଛତା ଆଣିବା, ମୃତବ୍ୟକ୍ତି ଙ୍କୁ ବାଦ ଦେବା ସହ ୩ ଜଣିଆ ଟିମ୍ ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକ ରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଅଧକ୍ଷା ଆରତୀ ନାଏକ, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ସହକାରୀ ଯନ୍ତ୍ରୀ ସନ୍ତୋଷ ସେଠୀ, ଏପିଓ ଇତିଶ୍ରୀ ନାୟକ ପ୍ରମୁଖ ସମେତ ବିଭିନ୍ନ ଲାଇନି ଡିପାର୍ଟମେଣ୍ଟ ଅଧିକାରୀ, ଅଧିକାରିଣୀମାନେ ଉପସ୍ଥିତ ଥିଲେ।

## ଭସାଣିକୁ ନେଇ ଗଣ୍ଡଗୋଳ: ୨ ଆହତ

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ମାଣିବନ୍ଧ ଗ୍ରାମରେ ଗୁରୁବାର ଦିନ ବିଳମ୍ବିତ ରାତ୍ରରେ ଗଣେଶ ଭସାଣିକୁ ନେଇ ଗଣ୍ଡଗୋଳ ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀର ଦୁଇ ଜଣଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଅନ୍ୟ ଗୋଷ୍ଠୀର ଅଡି କାର ସହ ୪ଟିବାଇକ ବାଡେଇ ଭାଙ୍ଗିଥିବା ଅଭିଯୋଗ ହୋଇଛି। ତେବେ ଉଭୟ ପକ୍ଷରୁ ବେଗୁନିଆ ଥାନାରେ ଅଭିଯୋଗ ହୋଇଥିବା ସ୍ଥଳେ ଖବର ଲେଖା ବେଳକୁ କୌଣସି ସମାଧାନ ହୋଇ ପାରିନାହିଁ। ଗୋଟିଏ ଗୋଷ୍ଠୀର ସୂଚନା ଅନୁଯାୟୀ ଗୁରୁବାର ଦିନ ସନ୍ଧ୍ୟାରେ ଅନୁସୂଚିତ ଜାତିର ଯୁବକ ମାନେ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଭସାଣି ଯାଉଥିବା ସମୟରେ ଅନ୍ୟ ଗୋଷ୍ଠୀର ଲୋକମାନେ ସାହିରେ ମଧ୍ୟରେ ଯିବାକୁ ବିରୋଧ କରିଥିଲେ। ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ବେଳେ ଅନୁସୂଚିତଜାତି ସାହିର ଥିବା ବାଇକ, ଅଡି କାର ସମେତ ବିଭିନ୍ନ ସାମଗ୍ରୀ ଭଙ୍ଗା ରୁଜୁ କରିଥିଲେ। ତେବେ ଅନ୍ୟ ଗୋଷ୍ଠୀର ଦୁଇ ଜଣଙ୍କ ମୁଣ୍ଡ ଫାଟି ଆହତ ହୋଇଛନ୍ତି। ଏହି ଘଟଣା ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ପଚାରିବାରେ ଉଭୟ ପକ୍ଷରୁ ବସି ଆପୋଷ ସମାଧାନ କରିବା ପାଇଁ ଚେଷ୍ଟା ଜାରି ରହିଛି। ଯଦି ଆପୋଷ ସମାଧାନ ହୋଇ ନ ପାରିଲେ ତେବେ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି କେସ ରୁଜୁ କରାଯିବ ବୋଲି କହିଛନ୍ତି।

## ପୂର୍ବ ଶତୃତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଭଦ୍ରେଶ୍ୱର ଥାନା ଗୋପାଳପୁର ଗ୍ରାମପଞ୍ଚାୟତ ବେଗୁନିଆପଦା ଗ୍ରାମରେ ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ଜଣେ ଯୁବକ ଉପରେ ସଙ୍ଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଗ୍ରାମର ରଘୁନାଥ ଦାସ(୨୭) ଓ ଜ୍ୟୋତିରଞ୍ଜନ ଦାସଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହି ଆସିଥିଲା। ଗତକାଲି ରାତ୍ରରେ ସ୍ଥାନୀୟ ଗ୍ରାମରେ ଗଣେଷ ଭଷାଣୀ ଉତ୍ସବ ହେଉଥିଲା ବେଳେ ୨ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ସ୍ଥାନୀୟ ଗ୍ରାମବାସୀଙ୍କ ହସ୍ତକ୍ଷେପ ଯୋଗୁ ପରିସ୍ଥିତି ଶାନ୍ତ ପଡିଥିଲା। ଅପରପକ୍ଷରେ ରାତ୍ରର ବିଳମ୍ବିତ ପ୍ରହରରେ ୨ବ୍ୟକ୍ତିଙ୍କ ମଧ୍ୟରେ ପୁନର୍ବାର ବଚସା ହୋଇଥିଲା। ଏଥିରେ ପ୍ରତିହିଂସା ପରାୟଣ ହୋଇ ଜ୍ୟୋତି ରଞ୍ଜନ ଓ ତାଙ୍କର ପରିବାର ବର୍ଗ ରଘୁନାଥ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ରଘୁନାଥ ଲହୁ ଲୁହାଣ ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ଅବସ୍ଥା ଉଦବେଗଜନକ ଥିବାର ଜଣାଯାଇଛି। ତେବେ ଏସମ୍ପର୍କରେ ତାଙ୍କର ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତି କରି ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଏହିଘଟଣାରେ କାହାରିକୁ ଗିରଫ କରିନଥିବାର ଜଣାଯାଇଛି। ତେବେ ପୋଲିସ ପ୍ରଶାସନ ତରଫରୁ ତୁରନ୍ତ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଗ୍ରାମରେ ବଡ ଧରଣର ଅଘଟଣ ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଅର୍ଥ ଆତ୍ମସାତ ମାମଲାରେ ସହକାରୀ ଯନ୍ତ୍ରୀଙ୍କୁ ଦୁଇବର୍ଷ ଜେଲ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପକ୍ଷରୁ ଏକ ଅର୍ଥ ଆତ୍ମସାତ ମାମଲାର ବିଚାର କରି ଜଣେ ସହକାରୀ ଯନ୍ତ୍ରୀଙ୍କୁ ଦୁଇବର୍ଷ ସଶ୍ରମ କାରାଦଣ୍ଡ ହୋଇଛି। ୨୯।୦୯।୨୦୧୩ରେ ଏକ ଅର୍ଥ ଆତ୍ମସାତ ନେଇ ଅଭିଯୋଗ ହେବା ପରେ ୫ଜଣଙ୍କ ନାମରେ କେଶ ନଂ ୪୪/୨୯.୦୯.୨୦୧୩ରେ ଏକ ମାମଲା ରୁଜୁ ହୋଇଥିଲା। ଚମ୍ପୁଆ ବ୍ଲକର ସହକାରୀ ଯନ୍ତ୍ରୀ ଗୌରହରି ସାହୁ,ଚମ୍ପୁଆ ବ୍ଲକ ଷଡଙ୍ଗୀ ପଞ୍ଚାୟତ ସରପଞ୍ଚ ସଦାନନ୍ଦ ନାଏକ, ଠିକାଦାର ଚର୍ତୁଭୁଜ ମହାନ୍ତ, ଗ୍ରାମ ସଂଯୋଜକ ଶ୍ରୀପଦ ନାଏକ ଓ ସୁନାରାମ ମହାନ୍ତଙ୍କ ନାମରେ ମାମଲା ହେବା ପରେ ଭିଜିଲାନ୍ସ ପକ୍ଷରୁ ଏକ ଟେକ୍ନିକାଲ ଟିମ୍ ଦ୍ୱାରା କାମର ଯାଂଚ କରାଯାଇଥିଲା। ୨୦୦୯-୧୦ ମସିହାରେ ଷଡଙ୍ଗୀ ପଞ୍ଚାୟତର ଜହ୍ନେଇ ନାଳଠାରୁ ଷଡଙ୍ଗୀ ଗ୍ରାମ ପର୍ଯ୍ୟନ୍ତ ଡିପାର୍ଟମେଣ୍ଟାଲରେ ୫ଲକ୍ଷ ଟଙ୍କା ମାଟି ଓ ମୋରମ କାମ ହୋଇଥିଲା। ପୁଣି ଉକ୍ତ ରାସ୍ତାକୁ ୨୦୧୧-୧୨ରେ ସେହି ରାସ୍ତାକୁ ଦେଖାଇ ଆଉ ୫ଲକ୍ଷ ଟଙ୍କାର କାମ ହୋଇଥିଲା। ପ୍ରଥମ କାମରେ କମ୍ କାମ କରି ଅଧିକ ଟଙ୍କାର ବିଲ୍ ଉଠାଇଥିବା ବେଳେ ଦ୍ୱିତୀୟ ଥର କାମରେ କାମ ନକରି ବିଲ୍ ଉଠା ଯାଇଥିଲା। ଏହି ଦୁଇଟି ଯାକ କାମରେ ମୋଟ ୩ଲକ୍ଷ ୬୬ ହଜାର ୩୨୦ ଟଙ୍କା ଆତ୍ମସାତ ହୋଇଥିବା ଭିଜିଲାନ୍ସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ସହକାରୀ ଯନ୍ତ୍ରୀ ଏହି ୨ଟି କାମରେ ଚେକ ମେଜରମେଣ୍ଟ କରିଥିଲେ। ଏହି କେଶରେ ଆଜି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ମୋଟ ୩୧ ଜଣ ସାକ୍ଷୀ ଏବଂ ତଦନ୍ତ ରିପୋର୍ଟ ଆଧାରରେ ମାମଲାର ବିଚାର କରି ଚମ୍ପୁଆ ବ୍ଲକର ପୂର୍ବତନ ସହକାରୀ ଯନ୍ତ୍ରୀ ଗୌରହରୀ ସାହୁଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଦେବଦତ୍ତ ବିଶ୍ୱାଳ ପରିଚାଳନା କରୁଥିଲେ। ଏହି ମାମଲାରେ ପୂର୍ବରୁ ଗତ ୨୨।୧୨।୨୦୨୩ ରେ ଚମ୍ପୁଆ ବ୍ଲକ ଷଡଙ୍ଗୀ ପଞ୍ଚାୟତ ସରପଞ୍ଚ ସଦାନନ୍ଦ ନାଏକ, ଠିକାଦାର ଚର୍ତୁଭୁଜ ମହାନ୍ତ, ଗ୍ରାମ ସଂଯୋଜକ ଶ୍ରୀପଦ ନାଏକ ଓ ସୁନାରାମ ମହାନ୍ତଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ ହୋଇଥିଲା। ସେହି ସମୟରେ ସହକାରୀ ଯନ୍ତ୍ରୀ ଗୌରହରୀ ସାହୁ ଫେରାର୍ ଥିବାରୁ ମାମଲାର ବିଚାର ହୋଇପାରି ନଥିଲା। ପରେ ତାଙ୍କ ନାମରେ ୱାରେଣ୍ଟ କରାଯାଇ ଥିଲା।

## ଶିକ୍ଷାଦୂତଙ୍କୁ ହତ୍ୟା କଲେ ମାଓବାଦୀ


ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଓବାଦୀଙ୍କ ଦ୍ୱାରା ଆଉ ଜଣେ ଶିକ୍ଷକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ଶିକ୍ଷକ କର୍ଲୁତାତି ଗଙ୍ଗାଲୁର ଅଞ୍ଚଳର ନେଣ୍ଡେରା ସ୍କୁଲରେ କାର୍ଯ୍ୟରତ ଭାବେ ଶିକ୍ଷକତା କରୁଥିଲେ।ସୂଚନା ଅନୁଯାୟୀ, ସ୍କୁଲରୁ ଫେରିବା ସମୟରେ ମାଓବାଦୀଙ୍କ ଦ୍ୱାରା କର୍ଲୁତାତିରୁ ଶୁକ୍ରବାର ଦିନ ଅପହରଣ କରାଯାଇଥିଲା,ଶେଷରେ ବିଳମ୍ବିତ ରାତିରେ ତାଙ୍କୁ ହତ୍ୟା କରାଯାଇଥିଲା। ମୃତ ଶିକ୍ଷକ ଜଣକ କର୍ଲୁତାତି ବିଜାପୁରର ଟୁଟକା ଗ୍ରାମର ବାସିନ୍ଦା ଥିଲେ। ତେବେ ଏହି ଘଟଣାରୁ ଏହା ଜଣାଯାଉଛି ଯେ ବନ୍ଦ ବିଦ୍ୟାଳୟଗୁଡ଼ିକର ପୁନ-ଉନ୍ନତି ପରେ ମାଓବାଦୀମାନେ ଏପର୍ଯ୍ୟନ୍ତ ସମୁଦାୟ ୯ ଜଣ ଶୀକ୍ଷାଦାତାଙ୍କୁ ହତ୍ୟା କରିଛି। ଏହି ହତ୍ୟା ମଧ୍ୟରୁ ପାଞ୍ଚ ଜଣ ସିଫାପୁର ଏବଂ ସୁକମା ଜିଲ୍ଲାର ଥିଲେ। ଏପରି ମାଓବାଦୀଙ୍କ ନିରନ୍ତର ଜଘନ୍ୟ ଅପରାଧିକ ଘଟଣା ଯୋଗୁଁ ଶିକ୍ଷକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ରହିଛି।

## ମୁମ୍ବାଇରେ ଓଡ଼ିଆ ଯୁବକଙ୍କୁ ହତ୍ୟା, ୩ ଗିରଫ



ଭଦ୍ରକ, (ଭାସ୍କର ନ୍ୟୁଜ୍): ମୁମ୍ବାଇରେ ଝଗଡାକୁ ନେଇ ରଡ଼ ଭୂଷି ଓଡ଼ିଆ ଯୁବକଙ୍କୁ ୩ ଓଡ଼ିଆ ଯୁବକ ହତ୍ୟା କରି ଗିରଫ ହୋଇଛନ୍ତି। ମୁମ୍ବାଇରେ ଏକ ଘରୋଇ କମ୍ପାନରେ କିଛି କାର୍ଯ୍ୟରତ ଯୁବକ କମ୍ପାନୀର କାମ ଠିକ ଭାବେ କରୁ ନଥିଲେ। ସେହି କମ୍ପାନରେ ଇନଚାର୍ଜ ଭାବେ କାର୍ଯ୍ୟ କରୁଥିବା ଓଡ଼ିଆ ଯୁବକ ଜଣକ ମାଲିକଙ୍କୁ ସେମାନଙ୍କ ବିଷୟରେ ସମସ୍ତ କଥା ଅବଗତ କରାଇ ଦେଇଥିଲେ। ଏହି ଘଟଣାରେ ଉତ୍‌କ୍ଷିପ୍ତ ହୋଇ କମ୍ପାନୀର ଉକ୍ତ କର୍ମଚାରୀମାନେ ସଙ୍ଗବଦ୍ଧ ଭାବେ ଓଡ଼ିଆ ଯୁବକ ଜଣକଙ୍କୁ ଲୁହାରଡ଼ ଓ ବିଭିନ୍ନ ମରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଦଇସିଂ ପଞ୍ଚାୟତ, କୁସୁନନଗର ଗାଁ'ର ସନ୍ତୋଷ ପଣ୍ଡା ମୁମ୍ବାଇର କୋହଲାପୁର ଠାରେ ଏକ କପଡା କମ୍ପାନୀରେ ଦୀର୍ଘ ବର୍ଷରୁ ଇନ୍ ଚାର୍ଜ ଭାବେ କାର୍ଯ୍ୟ କରି ଆସୁଥିଲେ। ତେବେ ଢେଙ୍କାନାଳ ଅଞ୍ଚଳର କେତେକ ଯୁବକ କମ୍ପାନୀରେ ଡ୍ୟୁଟି ସମୟରେ କାମ କରୁନଥିବା ବେଳେ ସନ୍ତୋଷ ଏ ନେଇ ମାଲିକଙ୍କୁ ଜଣାଇଥିଲେ। ପରେ ଏହି ଘଟଣାକୁ ନେଇ କିଛି ଦିନ ପୂର୍ବରୁ ଝଗଡା ହୋଇଥିଲା। ତେବେ ଗଣେଶ ପୂଜା ପରଦିନ ରାତି ଡ୍ୟୁଟି ଥିବାରୁ ସନ୍ତୋଷ ପଣ୍ଡା ରୁମ୍‌ରୁ ବାହାରିଥିଲେ। କିନ୍ତୁ ରାତି ୧୦ ପରେ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ଖବର ମିଳିଥିଲା ଯେ ସନ୍ତୋଷଙ୍କୁ ରଡ଼ ରେ ଆକ୍ରମଣ କରି ୩ ଜଣ ହତ୍ୟା କରିଛନ୍ତି। ଥାନାରେ ହତ୍ୟା ନେଇ ଅଭିଯୋଗ ପରେ ସ୍ଥାନୀୟ ଲୋକଙ୍କ ବୟାନ ଆଧାରରେ ସ୍ଥାନୀୟ ପୋଲିସ କମ୍ପାନୀରେ କାମ କରୁଥିବା ଢେଙ୍କାନାଳ ଅଞ୍ଚଳର ତିନି ଜଣ ଯୁବକଙ୍କୁ ଅଟକ ରଖିଥିବା ପରିବାର ଲୋକେ ସୂଚନା ଦେଉଛନ୍ତି। ମୃତଦେହ ନିକଟରେ ସନ୍ତୋଷଙ୍କ ପୁଅ ଓ ସ୍ତ୍ରୀ ଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ଭଦ୍ରକ ଆସିବା ନେଇ ସୂଚନା ମିଳିଛି।

## ସାମ୍ବାଦିକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଲୁଟ୍



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଥାନା ପୋଲିସକୁ ଲୁଟେରାମାନେ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ ଦେଇଛନ୍ତି। ଲୁଟେରାମାନେ ଗୋଟିକ ପରେ ଗୋଟିଏ ଲୁଟି କରି ଚାଲିଥିଲେ ମଧ୍ୟ ଲୁଟେରା ଗ୍ୟାଙ୍ଗର ମୁଖ୍ୟଙ୍କୁ ଧରିବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗତ କାଲି ରାତ୍ରରେ କଟରପଡା ଗ୍ରାମ ପଞ୍ଚାୟତ ମୁରଦାବାଦ ଗ୍ରାମରେ ଏକ ବଡ ଧରଣର ଲୁଟ ହୋଇଥିବାର ଥାନାରେ ଅଭିଯୋଗ ହୋଇଛି। ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକ ତଥା ଜାତୀୟ ସାମ୍ବାଦିକ କଲ୍ୟାଣବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ତାଙ୍କର ଶ୍ୱଶୁର ସ୍ୱର୍ଗତ କିଶୋର ଚନ୍ଦ୍ର ମହାନ୍ତିଙ୍କ ମୁରଦାବାଦସ୍ଥିତ ବାସଭବନରେ ସପରିବାର ରହି ଆସୁଛନ୍ତି। ମହାନ୍ତି ଶୁକ୍ରବାର ରାତ୍ରରେ ଅନୁପସ୍ଥିତ ଥିବାର ସୁଯୋଗ ନେଇ ଲୁଟେରାମାନେ ତାଙ୍କ ଘରର କବାଟ ଭାଙ୍ଗି ଘରେ ଥିବା ଗଡ୍ରେଜ ତାଡି ୨୪ ଗ୍ରାମ ଓଜନର ସ୍ୱର୍ଣ୍ଣ ଅଳଙ୍କାର, ୫୦୦ଗ୍ରାମର ରୂପା ଅଳଙ୍କାର, କଂସାବାସନ, ମୂଲ୍ୟବାନ ପାଟଶାଢୀ, ଦରକାରୀ କାଗଜପତ୍ର ସମେତ ବହୁ ଆସବାପତ୍ର ଲୁଟି ନେଇଛନ୍ତି। ଏପରିକି ଘରେ ଥିବା ନଗଦ ୩ଲକ୍ଷ ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମହାନ୍ତି ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ସହ ବରିଷ୍ଠ ପୋଲିସ ଅଧିକାରୀ ଓ ଗୃହ ବିଭାଗର ବରିଷ୍ଠ ଅଧିକାରୀଙ୍କ ଅବଗତ କରାଇଛନ୍ତି। ତେବେ ଏହି ଥାନା ଅଞ୍ଚଳରେ ଗୋଟିକ ପରେ ଗୋଟିଏ ଲୁଟ୍ ଚାଲିଥିଲେ ମଧ୍ୟ ପୋଲିସ ଲୁଟେରା ଗ୍ୟାଙ୍ଗର ମୁଖ୍ୟଙ୍କୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅପରପକ୍ଷରେ ଏହି ଥାନା ଅଂଚଳରେ ଘନ ଘନ ଲୁଟ ହେଉଥିବା ଯୋଗୁ ଲୋକେ ନିଜର ଧନ ଜୀବନକୁ ସୁରକ୍ଷିତ ମଣୁନଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

## ସଂପୁର ନୂଆଁଖାଇ ମହୋତ୍ସବ ଉଦ୍‌ଯାପିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମରେ ଅନୁଷ୍ଠିତ ନୂଆଖାଇ ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି। ମହୋତ୍ସବ ରଙ୍ଗମଞ୍ଚ ରେ ଓଡ଼ିଶୀ, ସମ୍ବଲପୁରୀ, ବିହୁ, ଢେମସା ଆଦି ନୃତ୍ୟ ପରିବେଷଣ କରିଥିବାବେଳେ ପିଚୁକୁଳିର ନୃତ୍ୟ ଆକାଂକ୍ଷା ଦ୍ୟାନ୍ସ ଗ୍ରୁପ ପକ୍ଷରୁ ପ୍ରସ୍ତୁତ ରାଧାକୃଷ୍ଣଙ୍କ ରାସଲୀଳା ନୃତ୍ୟାଭିନୟ ଦର୍ଶକଙ୍କ ମନ ମୋହି ଥିବା ବେଳେ ଜଟଣୀ ନୀଳଶୈଳ ପାରମ୍ପରିକ ନୃତ୍ୟ ଟ୍ରୁପ୍‌ଓ ବେଗୁନିଆର କମେଡି ଅଲଓ୍ୱେଜ ଟିମର କମେଡି ଦର୍ଶକ ବିମୋହିତ ହୋଇଥିଲେ। ଏହି ଅବସରରେ ଗ୍ରାମ କଳାକାର ମାନେ ମଧ୍ୟ ଆକର୍ଷଣୀୟ ନୃତ୍ୟଗୀତ ପ୍ରଦର୍ଶନ କରିଥିଲେ। କୃଷି ଭିତ୍ତିକ ପର୍ବ ପବିତ୍ର ନୂଆଖାଇ ରାଜ୍ୟର ପଶ୍ଚିମାଞ୍ଚଳରେ ଗଣପର୍ବ ଭାବେ ପାଳିତ ହେଉଥିବା ବେଳେ ପୂର୍ବାଞ୍ଚଳର ଖୋର୍ଦ୍ଧାଜିଲ୍ଲା ବୋଲଗଡ଼ ବ୍ଲକ ସଂପୁର ଗ୍ରାମରେ ଏହା ଦୀର୍ଘ ଦୁଇଶହବର୍ଷରୁ ଉର୍ଦ୍ଧ କାଳ ଧରି ରୀତି ନୀତି ବିଧି ମୁତାବକ ପୁରୁଷାନୁକ୍ରମେ ପାଳିତ ହୋଇଆସୁଛି। ସମ୍ବଲପୁର ରାଣୀ ମୁକ୍ତ ଦେଇ ପାଞ୍ଚଗଡ଼ (ସଂପୁର)ଶାସିକା ଥିବାବେଳେ ୧୮୧୭ ମସିହାଠାରୁ ଆଜି ପର୍ଯ୍ୟନ୍ତ ୨୦୦ରୁ ଉର୍ଦ୍ଧ ବର୍ଷ ଧରି ଗ୍ରାମବାସୀମାନେ ଏହି ନୂଆଖାଇ ପର୍ବ ଉତ୍ସାହପୂର୍ବକ ଧୁମ୍ ଧାମ ରେ ପାଳନ କରିଆସୁଛନ୍ତି। ଏବେ ବିଗତ ୪ବର୍ଷ ଧରି ଗ୍ରାମର କିଛି ଉତ୍ସାହୀଯୁବକ ସ୍ଥାନୀୟ କଳା, ସଂସ୍କୃତିର ପ୍ରଚାରପ୍ରସାର ସହ ପଲ୍ଲୀ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବାକୁ ମହୋତ୍ସବ ଆୟୋଜନ କରି ଆସୁଛନ୍ତି। ନୂଆଖାଇ ପରିଚାଳନା କମିଟି ଆନୁକୁଲ୍ୟରେ ଆୟୋଜିତ ମହୋତ୍ସବ ନୃତ୍ୟ ଗୀତ କାର୍ଯ୍ୟକ୍ରମ ମଧ୍ୟଭାଗରେ ଅଞ୍ଚଳର ବିଶେଷ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆୟୋଜିତ ଉଦଯାପନୀ ସଭାରେ କମିଟି ସଭାପତି ନିରଞ୍ଜନ ନାୟକ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ଅନେକ ଖବରଦାତାଙ୍କ ସମେତ ସରପଞ୍ଚ ପ୍ରଦୀପ ବାରିକଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଜେଡି ପଞ୍ଚାୟତ ସଭାପତି ଚିତ୍ତରଞ୍ଜନ ମିଶ୍ର, ସାମାଜିକ କର୍ମୀ ଶୁଭେନ୍ଦ୍ର ସାହୁ,ପୂର୍ବତନ ସରପଂଚ ସୁବାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହୋତ୍ସବର ମୁଖପାତ୍ର ଅଭିନନ୍ଦନିକା ଉନ୍ମୋଚିତ ହୋଇଥିଲା। ପରେ ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ବାସୁଦେବ ସାହୁ, ମାନସ କୁମାର ବେହେରା, ଖୋର୍ଦ୍ଧା ଜିଲ୍ଲା ଭାଜପା ପୂର୍ବତନ ସଭାପତି ରଶ୍ମିରଂଜନ ମହାପାତ୍ର, ଇଂ କର୍ପୁର ସାହୁ, ହେମନ୍ତ କୁମାର ବେହେରା ଓ ଶରତ ବାରିକ ଓ ଭକ୍ତି କୁମାର ପ୍ରମୁଖ ଯୋଗଥିବା ବେଳେ ଗ୍ରାମର ବରିଷ୍ଠ ଭଦ୍ର ବ୍ୟକ୍ତି ବ୍ରଜବନ୍ଧୁ ବେହେରା, ଧନେଶ୍ୱର ସ୍ୱାଇ, ରବୀନ୍ଦ୍ର ଲେଙ୍କା, ଆଇନଜୀବ ରାମ ଚନ୍ଦ୍ରଜୟସିଂହ, ଶିକ୍ଷାବିତି ବେଣୁଧର ମହଲା, ଅରୁଣ ସାହୁ, ପ୍ରମୋଦ କୁମାର ଚୌଧୁରୀ ବୈକୁଣ୍ଠ ଜେନା, ନେପାଳ ସାମନ୍ତ ରାୟ ସମସ୍ତଙ୍କୁ ନୂଆଖାଇ ଶୁଭେଚ୍ଛା ପ୍ରଦାନ କରିଥିଲେ। ପରିଶେଷରେ ହରପ୍ରସାଦ ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏମ ଆଲୋକ କୁମାର, ବିଦେଶୀ ବଳବନ୍ତରାୟ, ହେମନ୍ତ କୁମାର ଦେଓ, ନରେନ୍ଦ୍ର କୁମାର ସାହୁ, ବାପି ଲେଙ୍କା, ପ୍ରିୟବ୍ରତ ଦାସ, ବାନୁ ବଳ୍ଦନ୍ତରାୟ, ଶିଶିର ବସ୍ତି, ବସନ୍ତ ଦେଓ, ଚିତ ସାହୁ, ଲୁଲୁ ମିଶ୍ର ସମେତ ଗ୍ରାମ ଯୁବଗୋଷ୍ଠୀ ଓ ଗ୍ରାମବାସୀ ମାନେ ସହଯୋଗ କରି ପରିଚାଳନା କରିଥିଲେ।

## ରାଜ୍ୟରେ ସାର ଅଭାବ ପାଇଁ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ସାରର ଅଭାବକୁ ନେଇ କୃଷକମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ, ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ କରିଛି। ଦଳର ବରିଷ୍ଠ ନେତା ତଥା ବିଧାୟକ ଡ. ଅରୁଣ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ସାରର ନିଅଣ୍ଟ ସ୍ଥିତି ଦେଖା ଦେଇଥିବା ବେଳେ, ସାର ବିକ୍ରିରେ ଅନିୟମିତତା, କଳାବଜାରୀ ଓ ଅତ୍ୟଧିକ ଦର ବୃଦ୍ଧି ଚାଷୀକୂଳକୁ ହନ୍ତସନ୍ତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ରାଜ୍ୟ ସରକାର ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଛନ୍ତି, କିନ୍ତୁ କୃଷକମାନେ କଣ ରାଜ୍ୟର ଲୋକ ନୁହଁନ୍ତି କି ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ସେ କହିଥିଲେ, ରାଜ୍ୟର ଚାଷୀକୂଳଙ୍କ ସମସ୍ୟାକୁ ବୁଝି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ମନ୍ତ୍ରୀଙ୍କୁ ଚିଠି ଲେଖି, ଏହାର ତ୍ୱରିତ ସମାଧାନ ପାଇଁ ଦାବି କରିଛନ୍ତି। ସେ ଆହୁରି କହିଥିଲେ, ଏକଦା ଚାଉଳ ନିଅଣ୍ଟିଆ ରାଜ୍ୟ ଭାବେ ପରିଚୟ ଥିବା ଓଡିଶା ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଚାଉଳ ବଳକା ରାଜ୍ୟରେ ପରିଣତ ହେବା ସହିତ ଚାଉଳ ଉତ୍ପାଦନ କ୍ଷେତ୍ରରେ ଦେଶର ତୃତୀୟ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଛି। ଏହି ସ୍ଥିତିରେ, ରାଜ୍ୟ ସରକାର କୃଷକ ମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକୀୟ ସାମଗ୍ରୀ ସୁବିଧାରେ ଯୋଗାଇ ଦେବାର ଆବଶ୍ୟକତା ରହିଛି। ସାର ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି, ଯାହାକୁ ନେଇ କୃଷକ ମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାର ଜନିତ ଯନ୍ତ୍ରଣାରୁ ମୁକ୍ତି ପାଇଁ, ସରକାର ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ, ନଚେତ ରାଜ୍ୟବ୍ୟାପୀ କୃଷକ ଆନ୍ଦୋଳନକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଡ.ସାହୁ କହିଥିଲେ।

## ଦେଶୀ ବନ୍ଧୁକ ସହ ୬ଗୁଳି ଜବତ, ମାଫିଆ ଗିରଫ


କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ପୋଲିସକୁ ମିଳିଛି ବଡ ସଫଳତା। ଜଣେ ଗଞ୍ଜେଇ ମାଫିଆ ନିକଟରୁ ଦେଶୀ ସେମି ଅଟୋମେଟେଡ଼ ବନ୍ଧୁକ ଓ ୬ଟି ଜୀବନ୍ତ ଗୁଳି ସହ ଗୋଟିଏ ମୋବାଇଲ, ୩୫୪୬ ଟଙ୍କା ଜବତ କରିଛି କନ୍ଧମାଳ ପୋଲିସ । ପୂର୍ବରୁ ଦୁଇଥର ଗଞ୍ଜେଇ ଚାଲାଣ ବେଳେ ପୋଲିସକୁ ଚକମା ଦେଇ ଖସିଯିବାରେ ସଫଳ ହୋଇ ଥିଲା ଅଭିଯୁକ୍ତ ଯୁବକ ହୃଷିକେଶ ପାତ୍ର। ଗତ ଶୁକ୍ରବାର କନ୍ଧମାଳ ଥାନା ଅନ୍ତର୍ଗତ ଲମ୍ବସରି ଏମ.ଇ ସ୍କୁଲରେ ମଦ୍ୟପାନ କରୁଥିବା ବେଳେ କନ୍ଧମାଳ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ପୋଲିସ ହୃଷିକେଶକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ବୌଦ୍ଧ ଏସଡ଼ିପିଓ ଲରେନ୍ସ ରାଉତରାୟ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, କନ୍ଧମାଳ ଥାନା ଏ.ଏସ.ଆଇ କୁମୁଦ ଚନ୍ଦ୍ର ଭୋଇ ଲମ୍ବସରୀ ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ମାରଡୋଲ ଗ୍ରାମର କୁଖ୍ୟାତ ଗଞ୍ଜେଇ ମାଫିଆ ହୃଷିକେଶ ପାତ୍ର ଲମ୍ବସରି ସ୍କୁଲ କ୍ୟାମ୍ପସରେ ବସି ମଦ୍ୟପାନ କରୁଥିଲା। ଖବର ପାଇବା ମାତ୍ରେ କନ୍ଧମାଳ ଥାନା ଏଏସଆଇ କୁମୁଦ ଚନ୍ଦ୍ର ଭୋଇ ଏକ ଟିମ ଗଠନ କରି ଘଟଣା ସ୍ଥଳରେ ପହଞ୍ଚି ସ୍କୁଲରେ ରେଡ଼ କରିଥିଲେ। ପୋଲିସକୁ ଦେଖି ହୃଷିକେଶ ପାତ୍ର ଖସି ଯିବା ପାଇଁ ପ୍ରୟାସ କରିଥିଲା। କିନ୍ତୁ ପୋଲିସ ହୃଷିକେଶକୁ ଧରିବାରେ ସଫଳ ହୋଇଥିଲା। ତା ନିକଟରୁ ଦେଶୀ ସେମି ଅଟୋମେଟିକ ବନ୍ଧୁକ ଓ ୬ଟି ଜୀବନ୍ତ ଗୁଳି ସହ ଗୋଟିଏ ମୋବାଇଲ ଫୋନ, ୩୫୪୬ ଟଙ୍କା ଜବତ କରିଥିଲା। ଆଜି ହୃଷିକେଶକୁ କନ୍ଧମାଳ ପୋଲିସ କୋର୍ଟ ଚାଲାଣ କରିଛି। ସୂଚନା ଥାଉକି ପୂର୍ବରୁ ଅଭିଯୁକ୍ତ ୨୦୨୩ ମସିହାରେ ୩୧ କୁଇଣ୍ଟାଲ ଗଂଜେଇ ଜବତ ମାମଲା ଓ ଚଳିତ ବର୍ଷ ମେ ମାସ ଆଉଥରେ ୬କୁଇଣ୍ଟାଲ ଗଞ୍ଜେଇ ଚାଲାଣ ବେଳେ ପୋଲିସ ରେଡ଼ କରିଥିଲା ।କିନ୍ତୁ ଗଞ୍ଜେଇ ମାଫିଆ ହୃଷିକେଶ ପୋଲିସକୁ ଚକମା ଦେଇ ଘଟଣା ସ୍ଥଳରୁ ଖସିଯିବାରେ ସଫଳ ହୋଇଥିଲେ। ଏହି ଦୁଇଟି ଘଟଣାରେ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶେଷରେ କନ୍ଧମାଳ ପୋଲିସ ଆଜି ହୃଷିକେଶକୁ ଗିରଫ କରିବାରେ ସଫଳ ହୋଇଛି। ଆଜି ମାଫିଆକୁ କନ୍ଧମାଳ ପୋଲିସ କୋର୍ଟ ଚାଲାଣ କରିଛି । ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନ ଦେଖି ମାଫିଆଙ୍କ ମଧ୍ୟରେ ଛନକା ପଶିଯାଇଛି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଆସନ୍ତା ୧୩ ତାରିଖ (ଶନିବାର) ଦିନ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା-ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ଟାଙ୍ଗୀ ଓ ବେଗୁନିଆଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ସୂଚନା ପ୍ରଦାନ କରିଥାଆନ୍ତି । ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମାମଲା ଯଥା-ଫୌଜଦାରୀ, ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ରାଜସ୍ୱ, ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ, ଜଳ, ବୈବାହିକ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ସମସ୍ତ ପ୍ରକାର ଜମିଜମା ବା ଦେୱାନି ମାମଲାର ଆପୋଷ ବୁଝାମଣା ଜରିଆରେ ମାମଲାର ସମାଧାନ କରାଯିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ଏବଂ ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ବିଭାଗ, ଅଦାଲତ ପରିସର, ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା ଓ ବେଗୁନିଆଙ୍କ ସହ ଯୋଗାଯୋଗ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ସଚିବ ପକ୍ଷରୁ ସୂଚନା ଦିଆଯାଇଛି ।

### ଏବର୍ଷ ହେବନି କଲେଜ ଇଲେକ୍ସନ !

# ପୁଣି ମଉଳିବ ଛାତ୍ର ସଂସଦ ନିର୍ବାଚନ ଆଶା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତବର୍ଷ ହେବନି କି ଛାତ୍ର ସଂସଦ ନିର୍ବାଚନ ? ଏପରି ଏକ ପ୍ରଶ୍ନ ସମସ୍ତଙ୍କ ମନରେ । ଲିଙ୍ଗଡୋ କମିଶନଙ୍କ ସୁପାରିସ ଆଧାରରେ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟା ଶିକ୍ଷାବର୍ଷ ଆରମ୍ଭର ଦୁଇମାସ ମଧ୍ୟରେ ହେବା କଥା । ଏମିତିରେ ୨୦୧୭ କଲେଜ ନିର୍ବାଚନକୁ ଦେଖିଲେ ନିର୍ବାଚନ ହେବାର ମାସକ ପୂର୍ବରୁ ନିର୍ବାଚନ ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରିବା କଥା । କିନ୍ତୁ ଏପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଲେଜ ଛାତ୍ରସଂସଦ ନିର୍ବାଚନ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ତେଣୁ ଚଳିତବର୍ଷ ନିର୍ବାଚନ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ୭ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ସରଗରମ ହୋଇ ଉଠିଥିଲା କଲେଜ କ୍ୟାମ୍ପସ । ନିର୍ବାଚନ ନେଇ ଅନେକ ଆଶା ମଧ୍ୟ ବାନ୍ଧିଥିଲେ ଛାତ୍ରଛାତ୍ରୀ । ତେବେ ଏଯାଏ ବିଜ୍ଞପ୍ତି ପ୍ରକାଶ ପାଇ ନଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି । ଉଚ୍ଚଶିକ୍ଷା ବିଭାଗ ନିର୍ବାଚନ ନେଇ କୌଣସି ବିଜ୍ଞପ୍ତି ଜାରି କରିନଥିବାବେଳେ ବିଭାଗ ପକ୍ଷରୁ ଚଳିତ ଶିକ୍ଷାବର୍ଷର କଲେଜ କ୍ୟାଲେଣ୍ଡର ମଧ୍ୟ ପ୍ରକାଶ ପାଇପାରି ନାହିଁ । ତେଣୁ ଚଳିତବର୍ଷ ସରକାର ନିର୍ବାଚନ କରିବା ମୁଡ୍‌ରେ ନଥିବା ଚର୍ଚ୍ଚା ଚାଲିଛି । କାରଣ ଆସନ୍ତା ସେପ୍ଟେମ୍ବର ୨୭ରେ କଲେଜଗୁଡ଼ିକରେ ପୂଜାଛୁଟି ହେବ । ୨୫ରେ ନିର୍ବାଚନ ହେବାକଥା । ୨୬ ତାରିଖରେ ନିର୍ବାଚିତ ପ୍ରତିନିଧିମାନେ ଶପଥ ଗ୍ରହଣ କରିବା କଥା । କିନ୍ତୁ ସରକାର ଓ ଉଚ୍ଚଶିକ୍ଷା ବିଭାଗ ଏ ନେଇ ସଂପୂର୍ଣ୍ଣ ନିରବ । ସେପଟେ କଲେଜ ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱରେ ଥିବା ଛାତ୍ର ସଂଗଠନ ଏବେ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି । ବିଜେଡି କହିଛି, ସରକାର ଭୟରେ ନିର୍ବାଚନ କରାଉନାହାନ୍ତି । ଅନୁରୂପ ଭାବେ କଂଗ୍ରେସ କହିଛି, ନିର୍ବାଚନ ପାଇଁ ସରକାର ଏ ଯାଏ ବିଜ୍ଞପ୍ତି ଜାରି କରିନାହାନ୍ତି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଚଳିତବର୍ଷ କଲେଜ ନିର୍ବାଚନ ହେବାର ସମ୍ଭାବନା ନାହିଁ । ଏପଟେ ଏବିଭିପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚଳିତବର୍ଷ କଲେଜ ନିର୍ବାଚନ ହେବ । ହେଲେ ଫଳ ଶୂନ । ୨୦୧୭ରେ ଶେଷ ଥରପାଇଁ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ୨୦୧୮ରେ କୋଭିଡ ଆଳ ଦେଖାଇ ପୂର୍ବ ସରକାର ନିର୍ବାଚନ କରାଇ ନଥିଲେ । ସେବେଠାରୁ ୭ବର୍ଷ ହେବ କଲେଜ ନିର୍ବାଚନ ହୋଇପାରି ନାହିଁ ।

## ଜିଲ୍ଲା ପ୍ରଶାସନର ବାଲିଯାତ୍ରା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ




କଟକ(ଭାସ୍କର ନ୍ୟୁଜ): ଐତିହାସିକ ବାଲିଯାତ୍ରା କଟକ ଉତ୍ସବ -୨୦୨୫ ଆୟୋଜନ ନିମନ୍ତେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରାଥମିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲିଯାତ୍ରାର ପ୍ରସ୍ତୁତିରେ ଚଳିତବର୍ଷ ବାଲିଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରିବା ପାଇଁ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ । ବାଲିଯାତ୍ରାର ଭିତ୍ତିଭୂମି ନିର୍ମାଣ, ପରିମଳ ବ୍ୟବସ୍ଥା, ଧୂଳି ନିୟନ୍ତ୍ରଣ ଆଦି କାର୍ଯ୍ୟକୁ ଅଧିକ ଉନ୍ନତ ମାନର କରିବା ସହ ପୂର୍ବାପେକ୍ଷା ଅଧିକ ଜନୋପଯୋଗୀ କରିବା ନିମନ୍ତେ ଗୁରୁତ୍ୱ ଦେବାକୁ ଆଲୋଚନା କରଯାଇଥିଲା । ବାଲିଯାତ୍ରା ପରିସରଭୁକ୍ତ ପଡିଆରରେ ଯାତ୍ରୀ ପରିବହନ ଓ ଯାନବାହନ ରଖିବା ବ୍ୟବସ୍ଥାକୁ ଅଧିକ ସୁବିଧାଜନକ କରିବା ଉପରେ ମଧ ଗୁରୁତ୍ୱାରୋପ କରଯାଇଥିଲା । ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ଉଭୟ ମଂଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ ଚିତାକର୍ଷକ କରିବା, କଟକ-ଇନ-କଟକକୁ ଅଧିକ ଜନାଦୃତ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ସୁରକ୍ଷା ପ୍ରମାଣପତ୍ର ମାନ ସୁନିଶ୍ଚିତ କରିବାକୁ କହିଥିଲେ । ବାଲିଯାତ୍ରା ସ୍ମରଣିକାକୁ ଅଧିକ ପାଠକାଦୃତ କରିବା ସହ ଏହାକୁ ଉଚିତ ସମୟରେ ପାଠକଙ୍କ ନିମନ୍ତେ ଉପଲବ୍ଧ କରାଇବା ପାଇଁ ସେ କହିଥିଲେ । ଉଠାଦୋକାନୀଙ୍କଠାରୁ ଆରମ୍ଭ କରି ସମସ୍ତବର୍ଗର ଭାଗୀଦାର ଏବଂ ଯାତ୍ରୀମାନଙ୍କ ନିମନ୍ତେ ସର୍ବୋପଯୋଗୀ ଯୋଜନାମାନ ପ୍ରସ୍ତୁତ କରି ଚଳିତ ବାଲିଯାତ୍ରାକୁ ସ୍ମରଣୀୟ କରିବା ନିମନ୍ତେ ସମସ୍ତେ କାର୍ଯ୍ୟକରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରଯାଇଥିଲା । ବୈଠକରେ କଟକ ମହାନଗର ନିଗମ ଆୟୁକ୍ତ କିରନଦିପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପ ଜିଲ୍ଲାପାଳ ପ୍ରଣବ କୁମାର ବେହେରା, ସଚିବ କଟକ ଉନ୍ନୟନ କର୍ତୃପକ୍ଷ ଶ୍ୱେତ କୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଗଣେଶ ପୂଜା ଭସାଣି ସମୀକ୍ଷା

କଟକ(ଭାସ୍କର ନ୍ୟୁଜ): ରବିବାର ପ୍ରଥମ ପର୍ଯ୍ୟାୟ ଗଣେଶ ପୂଜା ଭସାଣିର ଅନୁଷ୍ଠିତ ହେଉଛି । ମେୟର ସୁବାସ ସିଂହ, ଡେପୁଟି ମେୟର ଓ କର୍ପୋରେଟର ପ୍ରମୁଖ ଦେବୀଗଡାରେ ମୂର୍ତ୍ତି ବିସର୍ଜନ ନିମନ୍ତେ ନିର୍ମିତ ଅସ୍ଥାଇ ପୋଖରୀର ସମୀକ୍ଷା କରିଥିଲେ । ଅସ୍ଥାୟୀ ପୋଖରୀରେ ପର୍ଯ୍ୟାପ୍ତ ପରିମାଣର ପାଣି ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିସର୍ଜନସ୍ଥଳି ଅଞ୍ଚଳର ପରିମଳ, ସ୍ୱଚ୍ଛତା, ଆଲୋକୀକରଣ ଓ ଅସ୍ଥାୟୀ ପୋଖରୀ ପର୍ଯ୍ୟନ୍ତ ନିର୍ମିତ ଅସ୍ଥାୟୀ ରାସ୍ତାର ମଧ୍ୟ ସମୀକ୍ଷା କରିଥିଲେ । ମୂର୍ତ୍ତି ଗୁଡିକ ଯେପରି ବିନା ବାଧାବିଘ୍ନରେ ବିସର୍ଜନ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବାପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମେୟର ସୁବାସ ସିଂହଙ୍କ ସହ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, କର୍ପୋରେଟର ବନଲତା ପ୍ରଧାନ, କର୍ପୋରେଟର ସୁମିତ୍ରା ବସ୍ତିଆ, କର୍ପୋରେଟର ରବି ନାରାୟଣ ସାହୁ, ସିଏମସି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦାବିରେ ନାଗରିକ କନ୍‌ଭେନ୍‌ସନ୍




କଟକ(ଭାସ୍କର ନ୍ୟୁଜ): ଛାତ୍ରୀ ଓ ମହିଳାମାନଙ୍କ ଉପରେ ହେଉଥିବା କ୍ରମବର୍ଦ୍ଧମାନ ନିର୍ଯ୍ୟାତନା, ଦୁଷ୍କର୍ମ ଓ ଅସଦାଚରଣ ବିରୁଦ୍ଧରେ ତଥା ଛାତ୍ରୀ ଓ ମହିଳାମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ କଟକସ୍ଥ ଗାନ୍ଧୀ ଭବନଠାରେ ଏକ ନାଗରିକ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି । ଆଡଭୋକେଟ ଶର୍ମିଷ୍ଠା ନାଥଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କନ୍‌ଭେନ୍‌ସନରେ ରାଜ୍ୟରେ ଛାତ୍ରୀ, ମହିଳାଙ୍କ ଉପରେ ବର୍ବର ନିର୍ଯ୍ୟାତନା,ଦୁଷ୍କର୍ମ, ଗଣଦୁଷ୍କର୍ମ, ପୋଡି ଆଦି ଘଟଣା ବଢି ବଢି ଚାଲିଛି ବୋଲି ମତ ପ୍ରକାଶ ପାଇଥିଲା । ଏପରିକି, ଯେଉଁ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ଛାତ୍ରୀମାନଙ୍କ ପାଇଁ ନିରାପଦ ଆଶ୍ରୟସ୍ଥଳୀ ବୋଲି ବିବେଚନା କରାଯାଉଥିଲା, ସେଠାରେ ମଧ ସେମାନେ ଆଜି ଅସୁରକ୍ଷିତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଆଜି ସମସ୍ତ ପ୍ରକାରର ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ନାରୀର ଦେହକୁ ଏକ ଭୋଗ୍ୟ ବସ୍ତୁ ଭାବେ ପ୍ରଦର୍ଶିତ କରାଯାଉଛି । ଫଳରେ ଆଜି ଶିଶୁ କନ୍ୟା ଠାରୁ ଆରମ୍ଭ କରି ୮୦ ବର୍ଷର ବୃଦ୍ଧା ପର୍ଯ୍ୟନ୍ତ ଆଜି ଯୌନ ଶୋଷଣର ଶୀକାର ହେଉଛନ୍ତି । ଅନ୍ୟ ଦିଗରେ ରାଜ୍ୟରେ ଘଟିଚାଲିଥିବା ଏଭଳି ଅପରାଧକୁ ରୋକିବା ପାଇଁ କୌଣସି ଦୃଢ଼ ପଦକ୍ଷେପ ନେବା ତ ଦୂରର କଥା, ବରଂ ଦୋଷୀଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ବକ୍ତମାନେ ମତବ୍ୟକ୍ତ କରିଥିଲେ । ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡକ୍ଟର ସୁଶାନ୍ତ କୁମାର ଦାସ, ଦୈନିକ ଓଡିଆ ଖବର କାଗଜ ସମାଜର ପୂର୍ବତନ କାର୍ଯ୍ୟକାରୀ ସଂପାଦକ ଡକ୍ଟର ସତ୍ୟ ରାୟ, ଶିକ୍ଷାବିତ ଡକ୍ଟର ରାଜଶ୍ରୀ ସ୍ୱାଇଁ, ସମାଜସେବୀ ଲକ୍ଷ୍ମୀ ମହାନ୍ତି, ଡଲି ଦାସ, ଚିତ ରଞ୍ଜନ ମହାନ୍ତି, ଯୁଗଳ କିଶୋର ନାୟକ, ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ଅଧ୍ୟାପକ ଡକ୍ଟର ବିଭୁତି ଭୁଷଣ ନାୟକ, ନାରୀନେତ୍ରୀ ମାଳବିକା ସାମଲ ଓ ଛାତ୍ରନେତା ତରୁଣସେନ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରୀ ଓ ମହିଳାମାନଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ସୁନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିବା, ମଦ-ମାଦକ ଦ୍ରବ୍ୟର ପ୍ରସାର ତଥା ଗଣମାଧ୍ୟମରେ ଅଶ୍ଳୀଳତା-ନଗ୍ନତାର ପ୍ରଚାର ବନ୍ଦ କରିବା ଆଦି ଦାବିରେ ଆଗାମୀ ଦିନରେ ଐକ୍ୟବଦ୍ଧ ଆନ୍ଦୋଳନ ଗଢିତୋଳିବା ଉଦ୍ଦେଶ୍ୟରେ ଆଡଭୋକେଟ ଶର୍ମିଷ୍ଠା ନାଥଙ୍କ ଆବାହକତ୍ୱରେ ନାରୀହିଂସା ବିରୋଧି ସଚେତନ ନାଗରିକ ସମାଜ' ନାମରେ ଏକ କମିଟି ଗଠନ କରାଯାଇଛି ।

### ନବନିଯୁକ୍ତ ବିଜୁ ଯୁବ ଓ ଛାତ୍ର ବିଜେଡି ସଭାପତିଙ୍କ ସହ ଆଲୋଚନା କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ଛାତ୍ର ଓ ଯୁବ ସମାଜର ସ୍ୱର ସାଜି ତୃଣମୂଳସ୍ତରରେ ପହଞ୍ଚିବ ବିଜୁ ଜନତା ଦଳ । ରାଜ୍ୟର କୋଣଅନୁକୋଣ ବୁଲି ଲୋକଙ୍କ ପ୍ରକୃତ ସମସ୍ୟାର ସମାଧାନ ପାଇଁ ଏକ ହୋଇ କାମ କରିବାକୁ ନବନିଯୁକ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳର ସଭାପତି ଓ ଦାୟିତ୍ୱରେ ଥିବା ନେତାଙ୍କ ସହ ଆଲୋଚନା କରି ପରାମର୍ଶ ଦେଇଛନ୍ତି ନବୀନ ପଟ୍ଟନାୟକ । ଏହି ଅବସରରେ ନବୀନ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହି ଦଳର ନୀତିଆଦର୍ଶର ପ୍ରସାର ସହ ଓଡ଼ିଶାର ଛାତ୍ର ଓ ଯୁବ ସମାଜର ସ୍ୱର ସାଜିବାକୁ ଆହ୍ୱାନ କରିଛନ୍ତି ।

## ନୋବେଲ ପୁରସ୍କାର ବିଜେତା ପ୍ରଫେସର ମାଇକେଲ କ୍ରେମରଙ୍କ କୃଷି ଭବନ ପରିଦର୍ଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚିକାଗୋ ବିଶ୍ୱବିଦ୍ୟାଳୟର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମାଇକେଲ କ୍ରେମର ଏବଂ ୧୨ ଜଣିଆ ଦଳ ଶନିବାର କୃଷି ଭବନ ପରିଦର୍ଶନ କରିଛନ୍ତି । ରାଜ୍ୟର ଚାଷୀ ସମାଜ ମଧ୍ୟରେ ପାଣିପାଗ ପୂର୍ବାନୁମାନ ପ୍ରସାରଣ ଏବଂ ଏହାର ଆବଶ୍ୟକତା, ବୈଧତା ଏବଂ ଗ୍ରହଣୀୟତା ବିଷୟରେ ଆଲୋଚନା କରିବା ପାଇଁ କୃଷି ଭବନରେ ବୈଠକର ଆୟୋଜନ କରାଯାଇଥିଲା । କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀଙ୍କ ଉପସ୍ଥିତିରେ କୃଷି ଭବନ ସମ୍ମିଳନୀ କକ୍ଷରେ, ପ୍ରଫେସର କ୍ରେମର କୃଷି ସମୃଦ୍ଧି ହେଲ୍ପଲାଇନର ଭୂୟସୀ ପ୍ରଶଂସା କରିଥିଲେ । ପ୍ରମୁଖ ଶାସନ ସଚିବ ବିଭାଗର ବିଭିନ୍ନ ଜଳବାୟୁ ଅନୁକୂଳ କୃଷି ଯୋଜନା ଯେପରିକି ବ୍ୟାପକ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ଏବଂ ମୃତିକା-ଜୈବ ଅଙ୍ଗାରକୁ ବୃଦ୍ଧି କରିବାରେ ଏହାର ଲାଭ, ଫସଲ ବୀମା, କଷ୍ଟମାଇଜଡ୍ କୃଷି -ପରାମର୍ଶ, ଡିଜିଟାଲ ଫସଲ ସର୍ଭେ, କୃଷକ ରେଜିଷ୍ଟ୍ରି, କୃଷକ ଓଡ଼ିଶା ଡାଟା ବେସ୍, ଚାପ ସହନଶୀଳ ଫସଲ କିସମର ବ୍ୟବହାର, ଡିଜିଟାଲ ପଦ୍ଧତି ମାଧ୍ୟମରେ କୀଟପତଙ୍ଗ ନିରୀକ୍ଷଣ ତଥା ରାଜ୍ୟର କ୍ଷୁଦ୍ର ଏବଂ ନାମମାତ୍ର କୃଷକ ମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ସରକାରଙ୍କ ସାମଗ୍ରିକ ଢାଞ୍ଚା ଉପରେ ଆଲୋକପାତ କରିଥିଲେ । ବୈଠକରେ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଶୁଭମ ସକ୍ସେନା , ନିର୍ଦ୍ଦେଶକ ମୃତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ, ସୁବ୍ରତ ପଣ୍ଡା, ଅତିରିକ୍ତ ଶାସନ ସଚିବ ବରିଷ୍ଠ ବିଭାଗୀୟ ଅଧିକାରୀ, ଓୟୁଏଟିର ବୈଜ୍ଞାନିକ ଏବଂ ଜଳବାୟୁ ଅନୁଶୀଳନ କକ୍ଷର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ସେପ୍ଟେମ୍ବର ୧୭ରେ ବ୍ୟାଙ୍କଗୁଡିକ ୨ ଲକ୍ଷ ଚାରା ଲଗାଇବେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସେପ୍ଟେମ୍ବର ୧୭ରେ ବ୍ୟାଙ୍କଗୁଡିକ ୨ ଲକ୍ଷ ଚାରା ଲଗାଇବେ ଓ ଚାରା ରୋପଣ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଜିଲ୍ଲା, ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି । ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ କହିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନକୁ ସମ୍ମାନ ଜଣାଇବା ପାଇଁ 'ଏକ ପେଡ୍ ମା କେ ନାମ' ଅଭିଯାନର ଦ୍ୱିତୀୟ ସଂସ୍କରଣର ଅଂଶ ସ୍ୱରୂପ, ଓଡ଼ିଶା ସେପ୍ଟେମ୍ବର ୧୭ରେ ୭୫ ଲକ୍ଷ ଚାରା ରୋପଣ କରିବାକୁ ପ୍ରସ୍ତୁତ ହେଉଛି । ଏହି ବିଶାଳ ରୋପଣ ଅଭିଯାନ ପରିବେଶ ସଚେତନତା ଏବଂ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଅଭିଯାନ ଅଧୀନରେ ସେପ୍ଟେମ୍ବର ଶେଷ ସୁଦ୍ଧା ୭.୫ କୋଟି ଗଛ ଲଗାଇବା ପାଇଁ ଓଡ଼ିଶାର ଲକ୍ଷ୍ୟର ଏକ ଅଂଶ । ଏହି ଅଭିଯାନରେ ବହୁ ସରକାରୀ ବିଭାଗ, ପିଏସୟୁ, ଏନଜିଓ, ଯୁବ ସଂଗଠନ ଏବଂ ସ୍ଥାନୀୟ ଅନୁଷ୍ଠାନ ସାମିଲ ହେବେ, ଯେଉଁଠାରେ ରୋପଣ କରାଯାଇଥିବା ଚାରାର ବଞ୍ଚିବା ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ ଉପରେ ଗୁରୁତ୍ୱ ଦିଆଯିବ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ଗିରିଶ ଏସ. ଏନ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ସ୍ୱାଇଁ, ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଉମା ନନ୍ଦୁରୀ, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି. ରାଜେଶ, ପରିବେଶ ନିର୍ଦ୍ଦେଶକ କେ. ଏସ୍. ପ୍ରଦୀପ ଓ ସମସ୍ତ ଜିଲ୍ଲାପାଳ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଓ ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

## ନଭେମ୍ବର କିମ୍ବା ଡିସେମ୍ବରରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ନଭେମ୍ବର କିମ୍ବା ଡିସେମ୍ବର ମାସରେ ଓଡିଶା ଗସ୍ତରେ ଆସିବେ ରାହୁଲ ଗାନ୍ଧୀ । ଏନେଇ ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ସେ କହିଛନ୍ତି ରାହୁଲ ଗାନ୍ଧୀ ନଭେମ୍ବର କିମ୍ବା ଡିସେମ୍ବର ମାସରେ ଓଡ଼ିଶା ଗସ୍ତରେ ଆସିଲେ ରାଜ୍ୟରେ ବଡ଼ କାର୍ଯ୍ୟକ୍ରମ ହେବ । ଭୋଟ ଚୋରି, ଗରିବୀ, ନାରୀ ସୁରକ୍ଷା ଆଦି ପ୍ରସଙ୍ଗକୁ ନେଇ ବିଶାଳ କାର୍ଯ୍ୟକ୍ରମ ହେବ ।ରାହୁଲ ଗାନ୍ଧୀ ରୋଡ଼ ଶୋ କରିବେ ଓ ସଭାରେ ଯୋଗ ଦେବେ । ବିଭିନ୍ନ ଜିଲ୍ଲାରେ ମଧ କାର୍ଯ୍ୟକ୍ରମ ହେବ, ସେଠାରେ କାର୍ଯ୍ୟକ୍ରମରେ ମଧ ରାହୁଲ ଗାନ୍ଧୀ ଗସ୍ତ କରିବେ । ରାହୁଲ ଗାନ୍ଧୀ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି ।

### ଅକ୍ଟୋବର ୪ ଓ ୫ରେ ପୋଲିସ ଏସ୍‌ଆଇ ପରୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅକ୍ଟୋବର ୪ ଓ ୫ ତାରିଖରେ ପୋଲିସ ଏସଆଇ ପରୀକ୍ଷା ହେବ । ଶନିବାର ଦିନ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏସଆଇ ପଦବୀ ପାଇଁ ପରୀକ୍ଷା ତାରିଖ ପ୍ରକାଶ କରାଯାଇଛି ।ବିଜ୍ଞପ୍ତି ଅନୁଯାୟୀ ଏସ୍‌ଆଇ ପଦବୀ ପାଇଁ ଓଏମ୍ଆର୍ ଆଧାରିତ ନିଯୁକ୍ତି ପରୀକ୍ଷା ଚଳିତ ବର୍ଷ ଅକ୍ଟୋବର ୪ ଏବଂ ୫ ତାରିଖରେ ଅନୁଷ୍ଠିତ ହେବ । ପୂର୍ବରୁ ଏହି ପରୀକ୍ଷା ଦୁଇଥର ଘୁଞ୍ଚିଥିଲା ।ଓଡ଼ିଶା ପୋଲିସ ୱେବସାଇଟ୍ ରୁ ପରୀକ୍ଷା କେନ୍ଦ୍ର ଏବଂ ପରୀକ୍ଷା ସୂଚୀ ବିଷୟରେ ସବିଶେଷ ଜାଣିବା ପାଇଁ ସେପ୍ଟେମ୍ବର ୨୦ ପରେ ଆଡମିଟ୍ କାର୍ଡ ଡାଉନଲୋଡ୍ କରିବାକୁ ପରାମର୍ଶ ଦିଆଯାଇଛି ।

## ନାବାଳିକା ବଳତ୍କାର ମାମଲାରେ ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ): ଜଣେ ନାବାଳିକାକୁ ଯୌନ ନିର୍ଯାତନା ଦେବା ସହ ବଳତ୍କାର କରିବା ଅଭିଯୋଗରେ କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ଟ୍ ଏଣ୍ଡ୍ ସେସନ୍ ଜଜ୍ (ଫାଷ୍ଟ ଟ୍ରାକ୍ କୋର୍ଟ-୧) ଚୌଦ୍ୱାର ଥାନା ଅଧିନସ୍ଥ କୋଚିଲା ନୂଆଗାଁର ଆସାମୀ ରବିନ୍ଦ୍ର ମହାକୁଢ ଓରଫ ଦୀପୁ (୨୭)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଏଥିସହିତ କୋର୍ଟ ତାକୁ ୧୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଜରିମାନା ନ ଦେଇପାରିଲେ ଆସାମୀକୁ ଆଉ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏଥିସହିତ ପିଡିତାକୁ ୭ ଲକ୍ଷ ଟଙ୍କାର କ୍ଷତିପୁରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ମାମଲାର ବିବରଣୀ ମୁତାବକ ଗତ ୨୦୨୩ ମସିହା ଜୁନ୍ ମାସରେ ପିଡିତା ନାବାଳିକାକୁ ଆସାମୀ ଜଣକ ଯୌନ ନିର୍ଯାତନା ଦେବା ସହିତ ବଳତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା । ତେବେ ଘଟଣା ସମ୍ପର୍କରେ ୨୦୨୩ ମସିହା ଅକ୍ଟୋବର ୧୯ ତାରିଖରେ ଚୌଦ୍ୱାର ଥାନାରେ ଏତଲା ରୁଜୁ କରାଯାଇଥିଲା । ପୋଲିସ୍ ଏହାର ତଦନ୍ତ କରି ଆସାମୀ ବିରୋଧରେ ୨୦୨୪ ମସିହା ନଭେମ୍ବର ୧୬ ତାରିଖରେ କୋର୍ଟରେ ଅଭିଯୋଗପର୍ତ୍ତ ଦାଖଲ କରିଥିଲା । ଏହା ପରେ କୋର୍ଟରେ ଆସାମୀ ବିରୋଧରେ ୨୦୨୪ ମସିହା ଡିସେମ୍ବର ୨୧ ତାରିଖରେ ଚାର୍ଜଫ୍ରେମ୍ ହୋଇଥିଲା । ଆସାମୀ ଜଣକ ନାବାଳିକା ଜଣକୁ ବାରମ୍ବାର ବଳତ୍କାର କରିବା ପରେ ପିଡିତା ଜଣକ ଗର୍ଭବତୀ ହୋଇଥିଲା । ଘଟଣା ଜାଣିବା ପରେ ଆସାମୀ ଜଣକ ପିଡିତା ନାବାଳିକାକୁ ଗର୍ଭପାତ କରିବାକୁ ମେଡିସିନ୍ ଦେଇଥିଲା । ଉକ୍ତ ମେଡିସନ୍ ଖାଇବା ପରେ ପିଡିତାର ଅବସ୍ଥା ଗୁରୁତର ହୋଇଥିଲା । ଘଟଣା ଜଣା ପଡିବା ପରେ ପିଡିତାର ପରିବାର ପକ୍ଷରୁ ଚୌଦ୍ୱାର ଥାନାରେ ଆସାମୀ ବିରୋଧରେ ଏତଲା ରୁଜୁ କରାଯାଇଥିଲା । କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ଟ୍ ଏଣ୍ଡ୍ ସେସନ୍ ଜଜ୍ (ଫାଷ୍ଟ ଟ୍ରାକ୍ କୋର୍ଟ-୧) ମାମଲାର ସମସ୍ତ ପ୍ରାମାଣିକ ତଥ୍ୟ ଓ ପିଡିତାର ବୟାନ ଓ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରମାଣ ଆଧାରରେ ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ପରିଚାଳନା କରୁଥିଲେ ।

## ଶ୍ରମିକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦାବିରେ ଏଆଇୟୁଟିୟୁସିର ବିକ୍ଷୋଭ




କଟକ(ଭାସ୍କର ନ୍ୟୁଜ): ଅଲ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଣ୍ଟର(ଏଆଇୟୁଟିୟୁସି) ପକ୍ଷରୁ ଆସନ୍ତା ୪ ସେପଟ୍ଟେମ୍ବର ଦିଲ୍ଲୀ ପାର୍ଲାମେଣ୍ଟ ସମ୍ମୁଖରେ ଶ୍ରମିକ କର୍ମଚାରୀ ମାନଙ୍କର ଜ୍ୱଳନ୍ତ ସମସ୍ୟାକୁ ନେଇ ବିକ୍ଷୋଭ ଅନୁଷ୍ଠିତ ହେବ । ତାର ଅଂଶ ବିଶେଷ ଭାବେ ଆଜି ଏଆଇୟୁଟିୟସି କଟକ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଥାଉକି କେନ୍ଦ୍ର ସରକାର ସ୍କିମ୍ ଶ୍ରମିକ କର୍ମଚାରୀ ବିରୋଧି ଶ୍ରମକୋର୍ଡ ବାତିଲ କରିବା, ଆଶା, ଅଙ୍ଗନୱାଡି, ପାଚିକା, ସ୍ୱାବଲମ୍ବୀ କାରିଗର ମାନଙ୍କୁ ସରକାରୀ କର୍ମଚାରର ମାନ୍ୟତା ଦେବା, ନିର୍ମାଣ ଶ୍ରମିକମାନେ ପୂର୍ବରୁ ପାଉଥିବା ସହାୟତା ଅବିଳମ୍ବେ ପ୍ରଦାନ କରିବା, ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଆକାଶ ଛୁଆଁ ଦରଦାମ ବନ୍ଦ କରିବା, ସ୍ଥାୟୀ କାମରେ ଠିକା ନିଯୁକ୍ତି ବନ୍ଦ କରିବା, ବିଦ୍ୟୁତ ଆଇନ-୨୦୨୨ ବାତିଲ କରିବା, ସମସ୍ତ ଶ୍ରମିକ କର୍ମଚାରୀ ମାସିକ ମଜୁରୀ ସର୍ବନିମ୍ନ ୨୮ହଜାର କରିବା, ପାଚିକା ସହାୟିକାମାନଙ୍କୁ ମଧ୍ୟାହ୍ନ ଭୋଜନ କାମ ବ୍ୟତୀତ ଅନ୍ୟାନ୍ୟ କାମରେ ନିୟୋଜିତ ବନ୍ଦ କରିବା ଆଦି ଦାବିରେ ବିକ୍ଷୋଭ ଅନୁଷ୍ଠିତ ହୋଇ ପ୍ରଧାନମନ୍ତ୍ରୀଙ୍କୁ କଟକ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭରେ ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ, ସୌଭାଗ୍ୟ ସାମଲ,ପାଭେଲ ପ୍ରିୟଦର୍ଶନ, ସ୍ୱାଧିନୀ ବେହେରା, ପରମାନନ୍ଦ ସେଠୀ, ଭାଗିରଥି ଭୋଇ, ଦିଲ୍ଲୀପ ବାରିକ, ମାନଗୋବିନ୍ଦ ପଣ୍ଡା, ଇତିଶ୍ରୀ ଜେନା, ଶରତ ବେହେରା, ଲାବଣ୍ୟପ୍ରଭା ଦାସ, ଅକ୍ଷୟ ବେହେରା, ଲିଲି ଜେନା, ଯୋଗେନ୍ଦ୍ର ରାଉତ ପ୍ରମୁଖ ବ୍ୟକ୍ତବ୍ୟ କରିଥିଲେ । ପାଚିକା ସହାୟିକାମାନଙ୍କର ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସରକାର ଦାବି ପୂରଣ ନକଲେ ଆଗାମୀ ଦିନରେ ତୃଣମୂଳ ସ୍ତରରେ ଆନ୍ଦୋଳନ ସଂଗଠିତ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆରମ୍ଭ ହେଲା ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆଜିଠାରୁ ଆରମ୍ଭ ହୋଇଯାଇଛି ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକଳା ସଂଘର ମିଳିତ ସହଯୋଗରେ ଏହି ରାଜ୍ୟ ସ୍ତରୀୟ ନୃତ୍ୟ ମହୋତ୍ସବ ଆସନ୍ତା ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବରେ ୨୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ଇଲିଆନା ସିତାରିଷ୍ଟି, ଗୁରୁ ରାମହରି ଦାସ, ଡ଼. ଚିତରଞ୍ଜନ ମଲିଆ, ଗୁରୁ ଗୋବିନ୍ଦ ଗୋପାଳ, ସଙ୍ଗୀତଜ୍ଞ ଡ଼. ସଂଗୀତା ଗୋସାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ‘ଗୋଟିପୁଅ ଆମ ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ, ଏହା ଆମ ସମୃଦ୍ଧ ନୃତ୍ୟ ପରମ୍ପରା ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ । ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବର ଆୟୋଜନ ମାଧ୍ୟମରେ ନୃତ୍ୟ ପ୍ରତିଭାର ବିକାଶ ହେବା ସହିତ ଆମ ପାରମ୍ପରିକ ନୃତ୍ୟର ପ୍ରଚାର ଓ ପ୍ରସାର ହୋଇପାରୁଛି’, ବୋଲି କହିଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ । କାର୍ଯ୍ୟକ୍ରମରେ ‘ଗୋଟିପୁଅର ଗାୟନ, ବାଦନ ଓ ପରିବେଷଣ’କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆଜି ପ୍ରଥମ ଦିନରେ ଚନ୍ଦ୍ରଶେଖର ଗୋଟିପୁଅ କଳା ସଂସଦ, କୈଳାସ ଗୋଟିପୁଅ ନୃତ୍ୟ ପ୍ରତିଷ୍ଠାନ, ମା’ ଅଷ୍ଟଭୁଜା ଗୋଟିପୁଅ କଳା ପରିଷଦ, ମୂର୍ଚ୍ଛନା ଗୋଟିପୁଅ, ବାବା ଗୋରେଖନାଥ ଗୋଟିପୁଅ ଡ୍ୟାନ୍ସ ଆସୋସିଏସନ, ମା ସନ୍ତୋଷୀ ଗୋଟିପୁଅ, ବାଙ୍କେଶ୍ୱରୀ ଗୋଟିପୁଅ ନୃତ୍ୟ ପରିଷଦ ଆଦିର ନୃତ୍ୟଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ ।



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷାର ବିପ୍ରାତ ସରିବା ପରେ ବଜାରରେ ଶ୍ରାବଣ ଛତୁର ପସରା ଦେଖିବାକୁ ମିଳିଛି। ମାଲକାନଗିରି ସମେତ ସମସ୍ତ ବ୍ଲକ ସଦର ମହକୁମାରେ ଶ୍ରାବଣ ଛତୁ ବହୁ ପରିମାଣରେ ଦେଖିବାକୁ ମିଳିଛି। ପ୍ରବଳ ଛତୁ ବଜାରକୁ ଆସୁଥିଲେ ମଧ୍ୟ ଦର କମିବାର ନାମ ନେଉନି । ବର୍ଷକ ମଧ୍ୟରେ ଏଇ ଶ୍ରାବଣ- ଭାଦ୍ରବ ମାସରେ ଏହି ଛତୁ ମିଳୁଥିବାରୁ ଦର ଅଧିକ ଥିଲେ ମଧ୍ୟ ଗ୍ରାହକ କିଣି ନେଉଥିବା ଦେଖିବାକୁ ମିଳୁଛି। ମାଲକାନଗିରି ବଜାରରେ ଛତୁ କିଲୋ ପିଛା ପ୍ରଥମେ ୮୦୦ ରୁ ୧୦୦୦/- ଟଙ୍କା ରହିଥିବା ବେଳେ ବର୍ତ୍ତମାନ ୫ ଶହ ଟଙ୍କା ଏବଂ ଶେଷ ମୁହୂର୍ତ୍ତରେ ୪୦୦ ଟଙ୍କାରୁ ୩୫୦ ଟଙ୍କାକୁ ଖସି ଆସିଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶ୍ରାବଣ ଛତୁ ଅନ୍ୟ ଛତୁଠାରୁ ବେଶ୍ ସୁସ୍ୱାଦୁ । ତେଣୁ ଯେତେ ଅଧିକ ଦର ଥିଲେ ମଧ୍ୟ ଥରେ ପରିବାର ଲୋକଙ୍କ ସହ ମିଶି ଖାଇବାର ମଜା ନିଆରା । ଆଦିବାସୀ ଗାଁ ଗୁଡ଼ିକରେ ଲୋକେ ସକାଳୁ ଉଠି ଜଙ୍ଗଲରୁ ଏହି ଛତୁ ସଂଗ୍ରହ କରିଥାନ୍ତି । ପରେ ଏହାକୁ ବିଭିନ୍ନ ରାସ୍ତାର ଛକ ଗୁଡ଼ିକରେ ଚାଙ୍ଗୁଡ଼ିରେ ରଖି ବିକ୍ରି କରିଥାନ୍ତି। ସ୍ଥାନୀୟ ବେପାରୀମାନେ ସେମାନଙ୍କ ଠାରୁ କମ୍ ଦରରେ ଛତୁ କିଣି ବଜାରରେ ଚଢ଼ା ଦରରେ ବିକ୍ରି କରିଥାନ୍ତି। ଆଉ ଦିନେ କିମ୍ବା ଦୁଇ ଦିନ ଏହି ଛତୁ ମିଳିବ ବୋଲି ବେପାରୀମାନେ କହିଛନ୍ତି। ତେଣୁ ଯେତିକି ଛତୁ ଆସିଲେ ମଧ୍ୟ ସବୁ ସରି ଯାଉଥିବା ସ୍ଥାନୀୟ ବ୍ୟବସାମୀନେ କହୁଛନ୍ତି। ଏହି ଛତୁ ବହୁ ସମୟ ପର୍ଯ୍ୟନ୍ତ ଯଦି ବିକ୍ରି ନହୁଏ କଢ଼ଗୁଡ଼ିକ ଫୁଟି ଯାଇଥାଏ । ଛତୁ ଫୁଟିଯିବା ପରେ ଦର କମିଯାଇଥାଏ। ତେଣୁ ଯେତେ ଦର ମିଳିଲେ ବି ବ୍ୟବସାୟୀ ସନ୍ତୁଷ୍ଟ ହୋଇଥାନ୍ତି। ଏହି ଛତୁର ସ୍ୱାଦ ଏବେ ନଚାଖିଲେ ପୁଣି ଆଉ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ବୋଲି ସ୍ଥାନୀୟ ବାସିନ୍ଦା ମାନେ କହିଚନ୍ତି ।

# ବ୍ରହ୍ମପୁରରେ ଆଞ୍ଚଳିକ ପରିବହନ ଶାଖା କାର୍ଯ୍ୟାଳୟ ଖୋଲିବାକୁ ଦାବି କଲେ ଓକିଲ ସଂଘ ସଭାପତି



ହିଞ୍ଜିଳି (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ସହରରେ ଆଞ୍ଚଳିକ ପରିବହନ ଶାଖା ଖୋଲିବାକୁ ଦାବି ହୋଇଛି । ଜନସାଧାରଙ୍କ ଅସୁବିଧା ଦୃଷ୍ଟିରୁ ରାଜ୍ୟ ପରିବହନ ମନ୍ତ୍ରି ବିଭୁତି ଭୂଷଣ ଜେନା ଙ୍କୁ ପତ୍ର ଲେଖି ଏହି ଦାବି ଜଣାଇଛନ୍ତି ଗଞ୍ଜାମ ଓକିଲ୍ ସଙ୍ଗ ସଭାପତି ମନୋଜ ପଟ୍ଟନାୟକ । ସେ କହିଛନ୍ତି, ବ୍ରହ୍ମପୁର ସହର ଦକ୍ଷିଣ ଓଡ଼ିଶାର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଓ ଜାନବହୁଳ ସହର । ଏହା ବ୍ୟତୀତ ସାମଗ୍ର ଦକ୍ଷିଣ ଓଡିଶାର ପରିବହନର ସୁପରିଚାଳନା କ୍ଷେତ୍ରରେ ବ୍ରହ୍ମପୁର ଏକ ନିର୍ଣ୍ଣାୟକ ସ୍ଥଳି ହୋଇଥିବା ଯୋଗୁଁ ଏଠାରେ ଆଞ୍ଚଳିକ ପରିବହନ ଶାଖା କାର୍ଯ୍ୟାଳୟ ଖୋଲିବା ନିତ୍ୟାନ୍ତ ଆବଶ୍ୟକ ରହିଛି । ଗଞ୍ଜାମ ଜିଲ୍ଲା ର ଲକ୍ଷ୍ୟାଧିକ ମୋଟର ଯାନ ମଧ୍ୟରୁ ଅର୍ଦ୍ଧାଧିକ ବ୍ରହ୍ମପୁର ସହର ସମେତ ଆଖ ପାଖ ଅଞ୍ଚଳରେ ରହିଛି । ତେବେ ଉକ୍ତ ଯାନବାହନ ଗୁଡିକର ଫିଟନଏସ ସାର୍ଟିଫିକେଟ, ପଞ୍ଜିକରଣ, ଡ୍ରାଇଭିଙ୍ଗ ଲାଇସେନ୍ସ, ରୋଡ୍ ପରିମେଟ, ଟିକସ ପୈଠ ମଞ୍ଜୁରୀ କିମ୍ବ ନବୀକରଣ କରିବା ଆଦି କାର୍ଯ୍ୟ ପାଇଁ ଆଜିକାର ବ୍ୟସ୍ତ ବହୁଳ ଜୀବନରେ ସମୟ ବାହାରକରି ଛତ୍ରପୁର ଯିବା ସମ୍ଭବପର ହଉନାହିଁ । ଏଠାରେ ପରିବହନ କାର୍ଯ୍ୟଳୟ ନଥିବାରୁ ସରକାରଙ୍କ ରାଜସ୍ୱ ହନି ଘଟୁଥିବା ଅନୁମାନ କରାଯାଉଛି । ତେଣୁ ଅତ୍ୟନ୍ତ ଏପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

# ଭୁଶୁଡିଲା ଚିତ୍ରୋତ୍ପଳା ନଦୀର ନବନିର୍ମିତ ପଥର ପ୍ୟାକିଂ

- ନିମ୍ନମାନର କାର୍ଯ୍ୟନେଇ ପୂର୍ବରୁ ହୋଇଥିଲା ଅଭିଯୋଗ
- ଯନ୍ତ୍ରୀ, ଠିକାଦାରଙ୍କ ମଧୁଚନ୍ଦ୍ରିକା
- ପ୍ରଭାବିତ ହେବ ଅନେକ ପଞ୍ଚାୟତ
- ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି



ଗରଦପୁର(ଭାସ୍କର ନ୍ୟୁଜ୍): ଜଳସମ୍ପଦ ବିଭାଗର ଚରମ ଅବହେଳା ଯୋଗୁଁ ଚିତ୍ରୋତ୍ପଳା ନଦୀର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ପଥର ପ୍ୟାକିଂ କାମ ଏବେ ଭୁଶୁଡିବା ଆରମ୍ଭ କଲାଣି । ଚିତ୍ରୋତ୍ପଳା ନଦୀର ପାଟକୁରା ବ୍ରିଜ ନିକଟରେ ୩ ମାସ ତଳେ ହୋଇଥିବା ଏକ ପଥର ପ୍ୟାକିଂ କାର୍ଯ୍ୟ ଆଜି ଭୁଶୁଡି ପଡ଼ିଥିବା ଦେଖିବାକୁ ମିଳିଛି। ବିଭିନ୍ନ ଘାଟରେ ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପଥର ପ୍ୟାକିଂ କାମ ଜଳସମ୍ପଦ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିଲା। କିନ୍ତୁ ଅତ୍ୟନ୍ତ ନିମ୍ନମାନର କାମ ଯୋଗୁଁ ଏହା ଏବେ ନଷ୍ଟ ହେଉଛି । କୋଟି କୋଟି ଟଙ୍କା ବ୍ୟୟରେ ତିଆରି ହୋଇଥିବା ପଥର ପ୍ୟାକିଂ ଏବେ ଭୁଶୁଡ଼ି ପଡୁଛି। ଫଳରେ ବନ୍ୟା ପ୍ରତିରୋଧକ ବନ୍ଧ ପ୍ରତି ବିପଦ ସୃଷ୍ଟି କରିଛି । ଏହି ନଦୀ ବନ୍ଧ ପ୍ରତି ବିପଦ ସୃଷ୍ଟି ହେଲେ ଗରଦପୁର ବ୍ଲକର ଅନେକ ପଞ୍ଚାୟତ ପ୍ରଭାବିତ ହେବ ବୋଲି କୁହାଯାଇଛି। ନଦୀବନ୍ଧକୁ ସୁରକ୍ଷା ଦେବା ପାଇଁ ସ୍ପର ଓ ପଥର ପ୍ୟାକିଂ ପାଇଁ ଜଳସେଚନ ବିଭାଗ ପକ୍ଷରୁ ଟଙ୍କା ଯୋଗାଇ ଦିଆଯାଇଥିଲା। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ପିସି କାରବାର ଓ ମିଳିଭଗତ ଯୋଗୁଁ ଅତି ନିମ୍ନମାନର କାମ ନିର୍ମାଣ ହୋଇଥିବାରୁ ସ୍ପର ଭୁଶୁଡି ପଡିଛି । ସ୍ପର୍ ଭୁଶୁଡିବା ପରେ ଏହାକୁ ଲୁଚାଇବା ପାଇଁ ବିଭାଗ ପ୍ରୟାସ ଆରମ୍ଭ କରିଛି । ଗରଦପୁର ବ୍ଲକରେ ହୋଇଥିବା ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ।

# ବିଭିନ୍ନ ସ୍ଥାନରେ ଜାତୀୟ କ୍ରୀଡା ଦିବସ ପାଳିତ



ଭୁବନ(ଭାସ୍କର ନ୍ୟୁଜ୍): ବିଜୁ ପଟ୍ଟନାୟକ ଖେଳ ଭବନ ଠାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନ ମହିଳା ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଧ୍ୟାନ ଚାନ୍ଦଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ। ପରେ ପ୍ରଶିକ୍ଷଣ ନେଉଥିବା ଛାତ୍ର ଛାତ୍ରୀଙ୍କୁ କ୍ରୀଡ଼ା ର ମହତ୍ତ୍ୱ ଓ ଦେଶର ଗୌରବରେ କ୍ରୀଡ଼ା ଭୂମିକା ବିଷୟରେ ଆଲୋଚନା କରିଥିଲେ । ତିନି ଦିନ ଧରି ଆୟୋଜିତ ହେବାକୁ ଥିବା କ୍ରୀଡ଼ା ଉତ୍ସବ ର ପ୍ରଥମ ଦିନରେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଗୋପବନ୍ଧୁ ସେବା ସଂଗଠନ ସହଯୋଗରେ ଆୟୋଜିତ ହୋଇଥିବା ଖେଳ ଭବନ ପରିଚାଳକ ବିଶ୍ୱଜିତ ସାହୁ ଓ ବ୍ୟାଡମିଣ୍ଟନ ପ୍ରଶିକ୍ଷକ ହଳଧର ବେହେରାଙ୍କ ନେତୃତ୍ୱ ରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଅନ୍ୟତମ ଅତିଥି ରୂପେ ଭୁବନ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ସାଗର ରାଉତ, କ୍ରୀଡ଼ା ଶିକ୍ଷକ ବିକାଶ ସାହୁ ଯୋଗଦେଇ ଥିଲେ। ଟୁର୍ଣ୍ଣାମେଣ୍ଟରେ ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟ ଅତିଥି ରୂପେ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଦାୟିତ୍ୱରେ ଥିବା ମୁଖ୍ୟ କିରାଣୀ କୈଳାଶ ଚନ୍ଦ୍ର ବେହେରା, ଓଏଭି ଶିକ୍ଷକ ପ୍ରଦୀପ ବେହେରା ଉପସ୍ଥିତ ରହି ଚାମ୍ପିଅନ ଯୋଡ଼ି ହଳଧର ବେହେରା,ପ୍ରକାଶ ଚନ୍ଦ୍ର ରାଉତ ଓ ରନର୍ସ ଅପ ଯୋଡ଼ି ଚିନ୍ମୟ ବାରିକ ଓ ରତିକାନ୍ତ ବେହେରାଙ୍କୁ ଟ୍ରଫି ପ୍ରଦାନ କରିଥିଲେ ।




ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡା, ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଆଜି ଜଗତସିଂହପୁର ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ , ଇଣ୍ଡୋର୍ ଷ୍ଟାଡିୟମ୍, ପାରାଦୀପ ଓ ଜଗତସିଂହପୁର, ଖେଲୋ ଇଣ୍ଡିଆ ସେଣ୍ଟର୍ ଠାରେ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନିଜନିଜ ପରିବାର ବର୍ଗ ଓ ବନ୍ଧୁ ପରିଜନଙ୍କୁ ଖେଳ ଓ ଫିଟନେସ କାର୍ଯ୍ୟକଳାପରେ ଉତ୍ସାହିତ କରିବା ପାଇଁ ଶପଥ ପାଠ କରିଥିଲେ। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ମୁଖ୍ୟ ଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗ ଦେଇ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଉପସ୍ଥିତ ସମସ୍ତଙ୍କୁ ଫିଟ୍ ଇଣ୍ଡିଆ ଶପଥ ପାଠ କରାଇଥିଲେ। ଏହା ପରେ ଏକ ପ୍ରଦର୍ଶନୀ ଭଲିବଲ ମ୍ୟାଚ୍ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ, ବର୍ତ୍ତମାନର ବ୍ୟସ୍ତ ବହୁଳ ଆଧୁନିକ ଜୀବନଶୈଳୀ ଓ ଖାଦ୍ୟପେୟ ଯୋଗୁଁ ଅନେକ ସମୟରେ ହଠାତ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି। ତେଣୁ ରୋଗ ଠାରୁ ଦୂରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଆଥଲେଟିକ ଆସୋସିଏସନ୍ ସମ୍ପାଦକ,ଦୋଳଗୋବିନ୍ଦ ଦାଶ, ଉପସଭାପତି ସାଧୁ ଚରଣ ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ଭଲିବଲ ମ୍ୟାଚରେ ନାଲିବର ଭଲିବଲ କ୍ଲବ୍ ବିଜେତା ଓ ଜଗତସିଂହପୁର ଭଲିବଲ କ୍ଲବ୍ ରନର ଅପ ଭାବେ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ଚଳିତ ବର୍ଷ ସେପ୍ଟେମ୍ବର ୨୧ରେ ଶୁଭାରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ବିଷୟରେ ଘୋଷଣା କରିଥିଲେ। ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ସଂସ୍ଥାର ପଦାଧିକାରୀ, ସହରର ବହୁ ବରିଷ୍ଠ କ୍ରୀଡ଼ାବିତଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।




ବାରିପଦା(ଭାସ୍କର ନ୍ୟୁଜ) : ଅଗଷ୍ଟ ୨୯ ରୁ ୩୧ ତାରିଖ ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡା,ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଆଜି ବାରିପଦା ଠାରେ ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କ୍ରୀଡା ଛାତ୍ରବାସ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ମୟୁରଭଞ୍ଜ ଏଥେଲେଟିକ ଆସୋସିଏସନ ର ସମ୍ପାଦକ ବିଜୟ କୁମାର ଦାସ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ବେଡ଼ମିଣ୍ଟନ ଖେଳାଳୀ ଆୟୁଷ ପଟ୍ଟନାୟକ ଯୋଗ ଦେଇଥିଲେ।ପ୍ରାରମ୍ଭରେ ଅବସରପ୍ରାପ୍ତ ବରିଷ୍ଠ କ୍ରୀଡା ଅଧିକାରୀ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଜାତୀୟ କ୍ରୀଡା ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି, ଆକ୍ରା( ଘାନା) ଠାରେ ଅନୁଷ୍ଠିତ ମେନ ଡବଲସ ବେଡ଼ମିଣ୍ଟନ ଗ୍ରାଣ୍ଡସ୍ଲାମ-୨୦୨୫ ରେ ରୌପ୍ୟ ପଦକ ହାସଲ କରିଥିବା ଅନ୍ତର୍ଜାତୀୟ ଖେଳାଳି ତଥା ଆମ ଜିଲ୍ଲା ପାଇଁ ଗର୍ବ ଆଣିଥିବା ଆୟୁଷ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ ଏବଂ ଚଳିତ ବର୍ଷ ସେପ୍ଟେମ୍ବର ୨୧ରେ ଶୁଭାରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ବିଷୟରେ ଘୋଷଣା କରିଥିଲେ। ଏହାପରେ ଉପସ୍ଥିତ ସମସ୍ତେ ନିଜନିଜ ପରିବାର ବର୍ଗ ଓ ବନ୍ଧୁ ପରିଜନଙ୍କୁ ଖେଳ ଓ ଫିଟନେସ କାର୍ଯ୍ୟକଳାପରେ ଉତ୍ସାହିତ କରିବା ପାଇଁ ଶପଥ ପାଠ କରିଥିଲେ। ପରିଶେଷରେ ବରିଷ୍ଠ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ନିମନ୍ତ୍ରିତ ଅତିଥି ବୃନ୍ଦ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଉକ୍ତ ରାଲିରେ କ୍ରୀଡା ଛାତ୍ରାବାସର ଛାତ୍ର ଛାତ୍ରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ, କ୍ରୀଡା ପ୍ରତିଭା, ସ୍ୱେଚ୍ଛାସେବୀମାନେ ଅଂଶ ଗ୍ରହଣ କରି ହକିରେ ଧ୍ୟାନଚାନ୍ଦଙ୍କ ଯାଦୁକରୀ ପ୍ରତିଭା ପ୍ରତି ସମ୍ମାନ ଜଣାଇ ଧ୍ୟାନଚାନ୍ଦ ଅମର ରହେ ସ୍ଲୋଗାନ ସହ ସହର ପରିକ୍ରମା କରିଥିଲେ। ସେହିପରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଭାରତର ମହାନ କ୍ରୀଡ଼ାବିତ୍ ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ୨୯ ଅଗଷ୍ଟ ୨୦୨୫ରେ ଜାତୀୟ କ୍ରୀଡ଼ା ଦିବସ ୨୦୨୫ ବହୁତ ଉତ୍ସାହ ଓ ଦେଶପ୍ରେମ ଭାବନା ସହିତ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଅଧ୍ୟକ୍ଷତା କରିଥିଲେ । ନିଜ ଅଭିଭାଷଣରେ ପ୍ରଫେସର ବାରିକ ମେଜର ଧ୍ୟାନ ଚାନ୍ଦଙ୍କର ହକି କ୍ଷେତ୍ରରେ ଅସାଧାରଣ ସଫଳତାକୁ ଉଲ୍ଲେଖ କରି ଭାରତର ଆନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ତାଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିୟମିତ କ୍ରୀଡ଼ାରେ ଅଂଶଗ୍ରହଣ କରି ଶାରୀରିକ ସୁସ୍ଥତା ବଜାୟ ରଖିବା, ମାନସିକ ସ୍ୱାସ୍ଥ୍ୟ ବୃଦ୍ଧି କରିବା ଏବଂ ଶୃଙ୍ଖଳା ଓ ଦଳଗତ କାର୍ଯ୍ୟ ଭଳି ଗୁଣଗୁଡ଼ିକୁ ବିକଶିତ କରିବାକୁ ଉତ୍ସାହିତ କରିଥିଲେ ।

# ବିଶ୍ୱ ବନ୍ଧୁତ୍ୱ ଦିବସରେ ରକ୍ତଦାନ ଶିବିର



ଆଳି(ଭାସ୍କର ନ୍ୟୁଜ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳ ସ୍ଥିତ ବ୍ରହ୍ମାକୁମାରିଜ, ଆଦ୍ୟାଶକ୍ତି ଭବନ ତରଫରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ମୁଖ୍ୟ ପ୍ରଶାସକ ରାଜଯୋଗିନୀ ଦାଦୀ ପ୍ରକାଶମଣିଙ୍କ ର ୧୮ ତମ ପୁଣ୍ୟତିଥି ଉପଲକ୍ଷେ ଆଜି ବିଶ୍ୱ ବନ୍ଧୁତା ଦିବସ ଅବସରରେ ବ୍ରହ୍ମାକୁମାରିଜ ଏବଂ ସମାଜ ସେବା ପ୍ରଭାଗ ସଂଯୋଜନାରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଆଳି ବ୍ଲକ ନିଆଳ ହାଟଠାରେ ଥିବା ବ୍ରହ୍ମାକୁମାରିଜ, ଆଦ୍ୟାଶକ୍ତି ଭବନ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ରକ୍ତଦାନ ରାଷ୍ଟ୍ର ପାଇଁ ସର୍ବୋଚ୍ଚ ସମର୍ପଣ ବୋଲି ଆହ୍ୱାନ ଦିଆଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତରୀ ଟିମ୍ ରକ୍ତ ସଂଗ୍ରହ କରିଥିବା ବେଳେ ଆଳି ତଥା ଆଖପାଖ ଅଞ୍ଚଳ ର ପ୍ରାୟ ସମସ୍ତ ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବି, କଲେଜର ଛାତ୍ରଛାତ୍ରୀ ମାନଙ୍କ ସହିତ ବ୍ରହ୍ମାକୁମାରିଜ ମାନେ ଏହି ବିଶାଳ ରକ୍ତଦାନ ଶିବିର ରେ ଯୋଗ ଦେବା ସହ ମୋଟ ୧୦୧ ୟୁନିଟ ରକ୍ତଦାନ କରିଥିଲେ। ଆଜିର ଏହି ବିଶାଳ ରକ୍ତଦାନ ଶିବିରକୁ ସହ ସଂଯୋଜିକା ବ୍ରହ୍ମାକୁମାରୀ ସଂଯୁକ୍ତା ଙ୍କ ସହ ବ୍ରହ୍ମକୁମାରୀ ସ୍ୱର୍ଣ୍ଣ, ଅନିତା, ଶୁଭସ୍ମିତା, ପ୍ରଗତିକା, ବନ୍ଦନା ଏବଂ ବ୍ରାହ୍ମକୁମାର ବିଦ୍ୟାଧର, ଅଭିନ୍ନ, ମନୋଜ, ଲକ୍ଷ୍ମଣ, ପ୍ରତାପ, ହମିଦ ପାତ୍ର ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ସିଭିପିର ଗୁରୁପୂଜନ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



କଣ୍ଟାପଡ଼ା (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବ ବିକାଶ ପରିଷଦ ପକ୍ଷରୁ ଆସନ୍ତା ୫ ସେପ୍ଟେମ୍ବର ଅପରାହ୍ନ ୨ ଘଟିକା ସମୟରେ ବରାହୀପୁର ଏକ ଘରୋଇ ମଣ୍ଡପରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ କିଭଳି ସଫଳ ଭାବରେ ପରିଚାଳନା କରାଯିବ ସେଥିପାଇଁ ପରିଷଦର ସଭାପତି ଗାୟକ ସିଦ୍ଧାନ୍ତ ଡ଼. ମଦନ ମୋହନ ଜେନାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅଡଶପୁର ସ୍ଥିତ ଜୟଦେବ ମଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶିକ୍ଷାବିତ୍ ଦିଲୀପ କୁମାର ମହାନ୍ତି, ଅଧାପକ ପିତାମ୍ବର ସାହୁ, ଶିକ୍ଷକ ସଂଗଠକ ବାପୁଜୀ ମହାରଣା, ସିଭିପି ସଂଯୋଜକ ସଂଗ୍ରାମ ବାରିକ ଓ ପ୍ରାକ୍ତନ ସମ୍ପାଦକ ଉମେଶ ଚନ୍ଦ୍ର ପାଢ଼ୀଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧାପକ, ଅଧାପିକା ଓ ବର୍ତ୍ତମାନର ଶିକ୍ଷାଦାନ କରୁଥିବା ଶିକ୍ଷକମାନେ ଯେପରି ଅଧିକ ସଂଖ୍ୟାରେ ଯୋଗ ଦେବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ପରିଷଦର ମୁଖ୍ୟ ଆଡ଼ଭୋକେଟ ସରୋଜ କୁମାର ସ୍ୱାଇଁ ପରାମର୍ଶ ଦେଇଥିଲେ। ଶେଷରେ ଆୟୁଷ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶୁଭାଶିଷ ଶୁଭଙ୍କର, ସ୍ମୃତି ରଂଜନ ଓ ବିଶ୍ୱଜିତ ପୁହାଣ ଉପସ୍ଥିତ ରହିଥିଲେ।

# ଜଇପୁର ମହାନଦୀ ପୋଲ ପାଲଟିଛି ଅପରାଧୀଙ୍କ ଆଡ୍ଡାସ୍ଥଳୀ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତଥା ତିର୍ତ୍ତୋଲ ଅଞ୍ଚଳର ପ୍ରମୁଖ ବଜାର ଜଇପୁର ବଜାର ଯାହାକି ଜଗତସିଂହପୁର, କେନ୍ଦ୍ରାପଡା, ପାରାଦୀପ,କଟକକୁ ସଂଯୋଗ କରୁଥିବା ସ୍ଥାନ। ଏଠାରେ ରହିଛି ପ୍ରସିଦ୍ଧ ବିଭୁତିକ୍ଷେତ୍ର ପ୍ରଭୁ ଗୋରଖନାଥଙ୍କ ମନ୍ଦିର। ଏହାର ଅନତି ଦୂରରେ ରହିଛି ବାଣୀକ୍ଷେତ୍ର ଝଙ୍କଡ ମା' ଶାରଳାଙ୍କ ପୀଠ।ଦୈନନ୍ଦିନ ଜଇପୁର ବଜାର ଦେଇ ହଜାର ହଜାର ଲୋକ ପୀଠକୁ ଆସୁଥିବାରୁ ଜଇପୁର ବଜାରରେ ଭିଡ ପରିଲିକ୍ଷିତ ହୋଇଥାଏ। ଲୋକମାନଙ୍କ ସୁବିଧା ଦୃଷ୍ଟିରୁ ସରକାର ଜଇପୁରଠାରେ ମହାନଦୀରେ ଏକ ପୋଲ ନିର୍ମାଣ କରିଛନ୍ତି। ଏହି ପୋଲଟି ନିର୍ଜନିଆ ସ୍ଥାନରେ ହୋଇଥିବାରୁ ଏହା ଉପରେ ପ୍ରତିଦିନ ବିଭିନ୍ନ ଅସାମାଜିକ ଓ ମଦ୍ୟପ ଯୁବକମାନଙ୍କ ପ୍ରମୁଖ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ଏଠାରେ ଯୁବକ ମାନେ ବିଭିନ୍ନ ନିଶାଦ୍ରବ୍ୟ ଖାଇବା ସହ ଏହି ପୋଲ ଉପରେ ବିଭିନ୍ନ ନିଶାଦ୍ରବ୍ୟ ବିକ୍ରି କରାଯାଉଛି ବୋଲି ଅଭିଯୋଗ ଉଠିଛି। ଜଇପୁର ଅଞ୍ଚଳ ତିର୍ତ୍ତୋଲ ଥାନା ଅଧିନରେ ରହିଛି। ଏଠାରେ ତିର୍ତ୍ତୋଲ ପୋଲିସ ସବୁଜାଣୁଥିଲେ ବି ନିରବଦ୍ରଷ୍ଟା ସାଜିଛି କାହିଁକି ? ନା ପୋଲିସର ଅନ୍ୟକିଛି ମନ୍ଦ ଉଦ୍ଦେଶ୍ୟ ରହିଛି ତାହାବୁଝାପଡୁନାହିଁ। ଦିନକୁ ଦିନ ଏହି ପୋଲ ଉପରେ ନିଶା କାରବାର ବଢିବା ଘଟଣାକୁ ନେଇ ବିଜେପି ଯୁବନେତା ବଳରାମ ଦଳାଇ ଚିନ୍ତାପ୍ରକଟ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଫିସ ଓ ଜିଲ୍ଲା ପୋଲିସଙ୍କୁ ଟୁଇଟର(ଏକ୍ସ)ରେ ଅବଗତ କରିଥିବା କହିଛନ୍ତି।

# ପ୍ରପର୍ତ୍ତିଜୀଙ୍କ ଜନ୍ମ ଶତବାର୍ଷିକୀ ପାଳିତ



ଫୁଲନଖରା(ଭାସ୍କର ନ୍ୟୁଜ): ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଘାଟକୂଳ ମଧୁପାଟଣା ନେତାଜୀ ନଗର ମଧୁପାଟଣା କଟକ ପରିସରରେ ବିଶିଷ୍ଟ ମାତୃ କର୍ମୀ ପ୍ରଫେସର ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ମହାନ୍ ଗବେଷକ କାଙ୍ଗାଳି ଚରଣ ପତି (ପ୍ରପର୍ତ୍ତିଜୀ)ଙ୍କ ଜନ୍ମ ଶତବାର୍ଷିକ ପାଳନ ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ବିଶିଷ୍ଟ ଶିକ୍ଷାବିତ୍ ଅମ୍ବରିଶ ମିଶ୍ର,ଅଧ୍ୟକ୍ଷ ମହେଶ୍ୱର ନନ୍ଦ ଓ ସମସ୍ତ ଅପା ଭାଇ ରୀନାରାଣୀ ପୃଷ୍ଟି, ନନ୍ଦକିଶୋର ଆଚାର୍ଯ୍ୟ,ବିଶ୍ୱ ରଞ୍ଜନ ମଲ୍ଲ,ଲୀଳାବତୀ ନାୟକ,ନିରୁପମା ସାହୁ, ନିରୁପମା ବାରିକ, ଜହ୍ନା ଜେନା, ବନ୍ଦନା ସରସ୍ୱତୀ, ପୂଜା ହଜାର,ଦୀପିକା ପଟ୍ଟନାୟକ, ସୌଦାମିନୀ ମିଶ୍ର ଓ ପାୟଲ ପ୍ରିୟଦର୍ଶିନୀ, ବିଦ୍ୟାର୍ଥୀ ଓ ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ । ସଭାପତି ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର ଶ୍ରୀ ଅରବିନ୍ଦ ଓ ଶ୍ରୀ ମା'ଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାର ମହତ୍ତ୍ୱ ତଥା ଓଡ଼ିଶାରେ ମାତୃ ସଂଗଠନ ଗଠନ କରିବା ସହ ସାରା ରାଜ୍ୟରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ ଶ୍ରୀ ପ୍ରପତିଜୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ ।

# ଭଜନ ସମାରୋହ ସହ ନରନାରାୟଣ ସେବା



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ସ୍ଥିତ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟାଳୟ ଠାରେ ମହା ଆଡମ୍ବର ସହ ବିଘ୍ନ ବିନାଶକ ଅଗ୍ରପୂଜ୍ୟ ପ୍ରଭୁ ଗଣେଶଙ୍କ ପୂଜା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସଂଘ କାର୍ଯ୍ୟାଳୟ ଠାରେ ଭଜନ ସମାରୋହ, ନର ନାରାୟଣ ସେବା ଓ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଜୟ ବଜରଙ୍ଗ ବାଲି ସାଂସ୍କୃତିକ କଳା ପରିଷଦର ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ନେତୃତ୍ୱ ରେ ବରିଷ୍ଠ କଳାକାରମାନେ ଭଜନ ଓ ଜଣାଣ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ନାୟକ ଉଦଘୋଷକ ଭାବେ ମଞ୍ଚ ପରିଚାଳନା କରିଥିଲେ। ଲଗାତର ଭାବେ ୫ ବର୍ଷ ଧରି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏହି ପୂଜା ପାଳନ ହୋଇ ଆସୁଛି, ଚଳିତ ବର୍ଷ ଆଡ଼ମ୍ବର ସହ ପୂଜା ଓ ଭଜନ ସମାରୋହ ହୋଇଛି, ସଂଘ ସଭାପତି ଅଶୋକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସଂଘର ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ ବ୍ଲକରୁ ବହୁ ସଦସ୍ୟମାନେ ଭଜନ ସମାରୋହରେ ଯୋଗ ଦେଇଥିଲେ। ସଂଘ ସମ୍ପାଦକ ଶ୍ରୀନିବାସ ପାତ୍ର, ଯୁଗ୍ମ ସମ୍ପାଦକ ଶିବଦତ୍ତ ସାହୁ, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାଶ , ରାହୁଲ ଗଲୋରୀ, ପ୍ରଦୀପ ମହାରଣା, ଚନ୍ଦ୍ରକାନ୍ତ ପଣ୍ଡା, ରାଜେଶ ବେପାରୀ, ସୁଧାଂଶୁ ଶେଖର ମହାନ୍ତି, ପଙ୍କଜ ଖରା, ବିଜନ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ସୂଚାରୁ ଭାବେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାସ୍ତା ପାର୍ଶ୍ୱ ଖୋଳି ନର୍ଦ୍ଦମା କରି ଛାଡିଦେଲେ ଜମୁଛି ପାଣି, ଦୁର୍ଘଟଣା ଆଶଙ୍କା



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ଘଡଘଡି ମନ୍ଦିରକୁ ଯାଇଥିବା ରାସ୍ତାକଡରେ ଯିଏ ଯେତେବେଳେ ପାରିଲା ଯେମିତି ଚାହିଁଲା ମାଟି ଖୋଳି ଗାତ କରି ଛାଡି ଯାଉଛନ୍ତି। ଏହି ରାସ୍ତାରେ ଗ୍ୟାସ ପାଇପ ଲାଇନ କାମ କରୁଥିବା ସଂସ୍ଥା ଦୀର୍ଘ ଏକ ବର୍ଷ ହେବ କାମ ଚଳାଇ ସାରୁନଥିବା ବେଳେ ଅସୁରକ୍ଷିତ ଭାବରେ ରାସ୍ତା ଉପରେ ପଥର ମାଟି ଗଦାଇ ଦୁର୍ଘଟଣାକୁ ନିମନ୍ତ୍ରଣ ଦେଉଥିବାବେଳେ ଏବେ ଏକ ଘରୋଇ ମୋବାଇଲ ସେବା ଯୋଗାଉଥିବା କମ୍ପାନୀ ଅପ୍‌ଟିକ ଫାଇବର ବିଛାଇବା ପାଇଁ ଗାତ ଖୋଳି ମାସାଧିକ କାଳ ଛାଡି କୁଆଡେ ଚାଲିଯାଇଛି। ଏହି କାର୍ଯ୍ୟ ପାଇଁ କୌଣସି ଏସଓପି ପାଳନ କରାଯାଉନଥିବାବେଳେ ମନ୍ଦିର ଓ ବିଜେପି ଜିଲା ଅଫିସକୁ ଆସୁଥିବା ଲୋକେ ଅନେକ ସମୟରେ ସଂଧ୍ୟା ପରେ କୌଣସି ସୂଚନା ଫଳକ ନଥିବାରୁ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଠାରେ କହିବ କାହାକୁ ଶୁଣିବ ବା କିଏ ? ସ୍ଥାନୀୟ ଲୋକେ କାହାକୁ ଅଭିଯୋଗ କରିବେ ଜାଣି ପାରୁନଥିବା ନେଇ କହୁଥିବା ବେଳେ ଏହି ଗାତରେ ଏକ ଗାଇ ପଡି ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ସ୍ଥାନୀୟ ଯୁବକ ମାନେ ତାକୁ ଶୁକ୍ରବାର ଉଦ୍ଧାର କରିଥିଲେ। କେଉଁ ସଂସ୍ଥା ଏହି କାର୍ଯ୍ୟ କରୁଛି ଓ କାହିଁକି ବିନା ଦୁର୍ଘଟଣା ସତର୍କତା ସୂଚନାରେ ଦଶ ଫୁଟ ଗଭୀରର ଗାତ ଖୋଳି ଛାଡି ଚାଲି ଯାଇଛି, ତାହାର ତଦନ୍ତ କରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି

# ପଣ୍ଡାଦର-ଗୋନାସିକା ରାସ୍ତା ଘାଟିରୁ ଖସୁଛି ଅତଡ଼ା

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ଗୋନାସିକା ବିଶିଷ୍ଟ ଶୈବପୀଠ ଏବଂ ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ହୋଇଥିବାରୁ ଏହାର ମହତ୍ୱ ଜିଲ୍ଲା ତଥା ରାଜ୍ୟରେ ସ୍ୱତନ୍ତ୍ର ରହିଛି । ଗୋନାସିକା ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ଜଣାଶୁଣା । ଗୋନାସିକାକୁ ଜିଲ୍ଲା ଏବଂ ଜିଲ୍ଲା ବାହାରର ଲକ୍ଷାଧିକ ଦର୍ଶନାର୍ଥୀ ଏବଂ ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ପର୍ଯ୍ୟଟକମାନଙ୍କ ପାଇଁ ଏଠାରେ କୌଣସି ସୁବିଧା ନଥିବାବେଳେ ଗୋନାସିକାର ସେଭଳି କିଛି ଉନ୍ନୟନ ହୋଇ ପାରିନାହିଁ । ଶ୍ରାବଣ ମାସରେ ଏଠାକୁ ହଜାର ହଜାର ଭକ୍ତ ବାବା ବ୍ରହ୍ମେଶ୍ୱରଙ୍କ ନିକଟରେ ଜଳାଭିଷେକ କରିବାକୁ ଆସିଥାନ୍ତି । ସେମାନଙ୍କ ପାଇଁ ମଧ୍ୟ କୌଣସି ବିଶେଷ ବ୍ୟବସ୍ଥା କରାଯାଉନାହିଁ । କେବଳ ଏତିକି ନୁହଁ ଗୋନାସିକାକୁ ଆସିବା ପାଇଁ ବାୟାପଣ୍ଡାଦର ଠାରୁ ଗୋନାସିକା ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଥିବା ଦୁଇଟି ଘାଟି ଅବସ୍ଥା ମଧ୍ୟ ବିପଦସଂକୁଳ ରହିଛି । ଗୋନାସିକା ଠାରୁ ପଣ୍ଡାଦର ପର୍ଯ୍ୟନ୍ତ ୯ କିଲୋମିଟର ରାସ୍ତାରେ ଦୁଇଟି ବଡ ଘାଟି ରହିଛି । ଏହି ଘାଟି ଦୁଇଟିର ରାସ୍ତା ଭଲ ଥିଲେ ମଧ୍ୟ ଘାଟିରୁ ମାଟିଅତଡା ଏବଂ ପଥର ଖସିବା ସାଧାରଣ ଘଟଣାରେ ପରିଣତ ହେଲାଣି। ବର୍ଷାଦିନ କଥା ନକହିଲେ ଭଲ । ବର୍ଷାଦିନେ ଏଠାରେ ପାହାଡରୁ ବଡବଡ ପଥର ରାସ୍ତା ଉପରେ ଖସିବା ଦେଖାଯାଉଛି । ରାସ୍ତା କଡରୁ ମାଟି ଖସି ଆସି ରାସ୍ତା ଉପରେ ଜମା ହେଉଥିବାରୁ ବାଟୋଇ ମାନଙ୍କ ନିମନ୍ତେ ବିପଦ ସୃଷ୍ଟି କରୁଛି । ଅନେକ ଦିନ ତଳୁ ଏହି ଘାଟି ଦୁଇଟିକୁ କାଟି ରାସ୍ତା ଓସାରିଆ କରାଯାଇଥିଲା । କିନ୍ତୁ ଘାଟିର ରାସ୍ତାକଡରେ ସୁରକ୍ଷା ଘେରା ନକରିବା କାରଣରୁ ସବୁବେଳେ ମାଟି ଅତଡା ଏବଂ ପଥର ଖସୁଛି । ଏହି ରାସ୍ତାରେ ପର୍ଯ୍ୟଟକ, କାଉଡିଆ ଭକ୍ତଙ୍କ ସହିତ ଏ ଅଞ୍ଚଳରେ ହଜାର ହଜାର ଲୋକ ନିର୍ଭରଶୀଳ ଅଟନ୍ତି । ରାତ୍ରିରେ ମଧ୍ୟ ଗାଡିମୋଟର ସାଙ୍ଗକୁ ସାଧାରଣ ବାଟୋଇ ଚଳପ୍ରଚଳ କରିଥାନ୍ତି । କେତେବେଳେ ପାହାଡରୁ ଖସୁଥିବା ପଥର ଯୋଗୁଁ ବାଟୋଇ ଓ ପର୍ଯ୍ୟଟକ ମାନଙ୍କର ଜୀବନ ଯିବ କହିହେବ ନାହିଁ। ତେଣୁ ଜିଲ୍ଲା ପ୍ରଶାସନ ପଣ୍ଡାଦର ଛକରୁ ଗୋନାସିକା ପର୍ଯ୍ୟନ୍ତ ରାସ୍ତାରେ ଥିବା ଏହି ଦୁଇଟି ଘାଟିରେ ମାଟି ଅତଡା ଏବଂ ପଥର ନଖସିବା ନିମନ୍ତେ ସୁରକ୍ଷା ଘେରା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।



# ଆମ କଳାହାଣ୍ଡି





## ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ଭବାନୀପାଟଣାସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିଅମ ଠାରେ ଜାତୀୟ କ୍ରୀଡ଼ା ଦିବସ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇ ଯାଇଅଛି। ପ୍ରଧାନମନ୍ତ୍ରୀଙ୍କ ଖେଲୋ ଇଣ୍ଡିଆ ତରଫରୁ ରାଜ୍ୟ ସରକାରଙ୍କ ସହଯୋଗକ୍ରମେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା କ୍ରୀଡାବିଭାଗ ପକ୍ଷରୁ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମତିଥି ଅବସରରେ ଏହି'ଜାତୀୟ କ୍ରୀଡା ଦିବସ' ପାଳିତ ହୋଇଥିଲା। କଳାହାଣ୍ଡି ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର କୋଷାଧ୍ୟକ୍ଷ ସରୋଜ କୁମାର ମହାରଣା ସଂଯୋଜନା କରିଥିଲେ ଓ ଏହି କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଉପସ୍ଥିତ ରହିଥିବାବେଳେ ସମ୍ମାନିତ ଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ଭେଟେରାନ ବ୍ୟାଡ଼ମିଣ୍ଟନ ଖେଳାଳି ମନୋରଞ୍ଜନ ଦାସ, ପୂର୍ବତନ ଖେଳାଳୀ ତଥା କଳାକାର ସଂଘର ଜିଲ୍ଲା ସଭାପତି ଅବଦୁଲ କାଦିର, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଏବଂ ବ୍ୟାଡ଼ମିଣ୍ଟନ ସଂଘର ଜିଲ୍ଲା ସଭାପତି ପ୍ରଦୀପ କୁମାର ଦାସ ମଞ୍ଚାସୀନ ଥିଲେ। ସର୍ବପ୍ରଥମେ ଅତିଥିଗଣଙ୍କ ଦ୍ୱାରା ଧ୍ୟାନଚାନ୍ଦଙ୍କ ଫୋଟୋ ଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ ପରେ ସାମୂହିକ ଜାତୀୟ ସଂଗୀତ ଗାନ କରାଯାଇଥିଲା ଓ କେନ୍ଦ୍ର ସରକାରଙ୍କ ଫିଟ ଇଣ୍ଡିଆ ତରଫରୁ ସମସ୍ତେ ସୁସ୍ଥ ରହିବା ନିମନ୍ତେ ରିଲିଜ ହୋଇଥିବା ଏକ ବାର୍ତ୍ତାକୁ ସାମୂହିକ ଭାବେ ଶପଥ ପାଠ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସେମାନଙ୍କର ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସଂସଦଙ୍କ ପ୍ରତିନିଧି ଶ୍ରୀନାଏକ ଆଗାମୀ ସେପ୍ଟେମ୍ବର ୨୧ ତାରିଖରୁ ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଖେଳ ମହୋତ୍ସବରେ ସମସ୍ତ ସଂସଦୀୟ କ୍ଷେତ୍ରରେ କନଭେନସନାଲ ଗେମ୍‌ରେ ଅନ୍ତର୍ଭୁକ୍ତ ଆରଚେରୀ, ଆଥଲେଟିକ, ଫୁଟବଲ, କ୍ରିକେଟ ଏବଂ ଭଲିବଲ ରହିଥିବାବେଳେ ପାରମ୍ପରିକ ଖେଳରେ କବାଡି, ଖୋଖୋ ଏବଂ ଗିଲିଦଣ୍ଡଓକୁ ଅନ୍ତର୍ଭୁକ୍ତ କରାଯିବା ନେଇ ସାଂସଦ ମାଳବିକା ଦେବୀଙ୍କ ଦ୍ୱାରା ଘୋଷଣା କରାଯାଇଅଛି ବୋଲି ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ୧୩ ବର୍ଷରୁ କମ ବ୍ୟାଡ଼ମିଣ୍ଟନ ଯୁଗ୍ମ ପ୍ରତିଯୋଗିତାର ଉଭୟ ବାଳକ ଓ ବାଳିକା ବିଭାଗର ଖେଳ,ଦୌଡିଡିଆଁ ପ୍ରତିଯୋଗିତା, ପୁସ୍ ଅପ୍ , ବଲ ଥ୍ରୋ,ଖେଳ ଏବଂ କ୍ୱିଜ ପ୍ରତିଯୋଗିତା ଆଦି ବିଭିନ୍ନ ପ୍ରତିଯୋଗିତାମାନ କରାଯାଇ କୃତୀ ଖେଳାଳୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ମାଣିକେଶ୍ୱରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ କାର୍ଯ୍ୟକ୍ରମରେ ସଂଘର ଅନ୍ୟାନ୍ୟ ପଦାଧିକାରୀ ଏବଂ ସଦସ୍ୟବୃନ୍ଦ ସହଯୋଗ କରିଥିଲେ। କଳାହାଣ୍ଡି ଜିଲ୍ଲାରେ ଥିବା ଜିଲ୍ଲା କ୍ରୀଡା ଅଧିକାରୀଙ୍କ ଦ୍ୱାରା ପ୍ରତିବର୍ଷ କଳାହାଣ୍ଡି ଜିଲ୍ଲା କ୍ରୀଡାସଂସ୍ଥା ସହଯୋଗରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଏ ଓ ଏହି ଅବସରରେ ଜଣେ କୃତୀ କ୍ରୀଡ଼ାବିତଙ୍କୁ ସମ୍ମାନିତ କର। ଯାଇଥାଏ ମାତ୍ର ଚଳିତ ବର୍ଷ କୃତୀ ଖେଳାଳୀ ବାଛିବା ତ ଦୂରର କଥା ଜାତୀୟ ଦିବସ ପାଳନ ଅବସରରେ କୌଣସି ସାମ୍ବାଦିକଙ୍କୁ ଡାକିବା ପାଇଁ ଉଚିତ ମଣିଲେ ନାହିଁ ଜିଲ୍ଲା କ୍ରୀଡା ଅଧିକାରୀ। ଯେଉଁଠି କି ନିଜେ କ୍ରୀଡା ଅଧିକାରୀ ଓ ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଏ ନେଇ ଜନସାଧାରଣ ଓ କ୍ରୀଡ଼ାପ୍ରେମୀ ତଥା ସାମ୍ବାଦିକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।




### ବେଆଇନ ମଦ ଦୋକାନରେ ପୋଲିସର ଚଢ଼ଉ

## ବିପୁଳ ପରିମାଣର ମଦ ଜବତ, ଜଣେ ଗିରଫ

ଧର୍ମଗଡ, (ଭାସ୍କର ନ୍ୟୁଜ୍): ବେଆଇନ ମଦ ବିକ୍ରି ହେଲା କାଳ। ଧର୍ମଗଡ ପୋଲିସର ବଡ଼ ସଫଳତା। ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରିଛି ପୋଲିସ। କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା ଗୋଡ଼ଭଞ୍ଜା ସ୍ଥିତ ଗୋପାଳ ମେହେରଙ୍କ ବେଆଇନ ମଦ ଦୋକାନ ଉପରେ ପୋଲିସ ଚଢ଼ାଉ କରିଥିଲା। ଗୋପାଳ ମେହେର ଖୁଲମଖୁଲା ଦେଶୀ ଓ ବିଦେଶୀ ମଦ କାରବାର ଚଳେଇ ଥିବା ବେଳେ ପୋଲିସ ଚଢ଼ାଓ କରିଛି ଏବଂ ପୋଲିସ ର ତନାଘନା ଜାରିରହିଛି। ମଦ ଦୋକାନ ରୁ ୧୮୭.୪୭ ଲିଟର ମଦ ଜବତ କରିଥିବା ଥିବା ବେଳେ ମଦ ବ୍ୟବସାୟୀ ଗୋପାଳ ମେହେରକୁ ପୋଲିସ ଗିରଫ କରିଥିଲା। ଚଢ଼ାଉ ସମୟରେ ପୋଲିସ ଏସଆଇ ସନ୍ତୋଷ କୁମାର ସେଠୀ, ଏଏସଆଇ ପ୍ରବୀଣ କୁମାର ରଥ,ଏଏସଆଇ ଲକ୍ଷ୍ମୀକାନ୍ତ ପଣ୍ଡା ଏବଂ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଧର୍ମଗଡ ଥାନା କେଶ ନମ୍ବର ୨୨୩/୨୫ ରେ ଏକ ମାମଲା ରୁଜୁ କରି ଓଡିଶା ଏକସାଇଜ ଆକ୍ଟ ୫୨( ଏ) ରେ ନୋଟିସ ଦେଇ ଅଭିଯୁକ୍ତ ଗୋପାଳ ମେହେର କୁ ଛାଡି ଦିଆଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ସନ୍ତୋଷ ସିର୍କା ସୂଚନା ଦେଇଛନ୍ତି।



## ଜାତୀୟ ଖେଳ ଦିବସ ପାଳିତ




ଜୁନାଗଡ଼, (ଭାସ୍କର ନ୍ୟୁଜ୍ ): ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅବସରରେ ଜୁନାଗଡ ବ୍ୟାଡମିଣ୍ଟନ ଇଣ୍ଡୋର ହଲ୍‌ରେ ଜାତୀୟ ଖେଳ ଦିବସ ପାଳନ କରାଯାଇଛି। ଉକ୍ତ ଦିବସରେ ଖେଳାଳିମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇଥିଲା। ଏହି ଦିବସରେ ହିମାଂଶୁ ଶେଖର ବରାଡଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉଇଂ କମାଣ୍ଡର କ୍ୟାପଟେନ ବିନୟ ଭୂଷଣ ମେହେର ଓ ସମ୍ମାନିତ ଅତିଥି ଭାବେ ସରୋଜ କୁମାର ପଣ୍ଡା, ସମୀର କୁମାର ସାହୁ, ସତୀଶ ପ୍ରଧାନ, ପପୁ ପଣ୍ଡା, ଶେଷଦେବ ପାଢୀ, କାଳିଆ କନ୍ଧପାନ, ଅକ୍ଷୟ ମେହେର, ତାପସ ରଞ୍ଜନ ସାହୁ, ସୁମନ ପାଣିଗ୍ରାହୀ, ଶିବାନୀ ଭାଟି, ରୋଜାଲିନ ନାୟକ ଓ ଟ୍ରେନର ଜଲି ପରାଭୋଇ ପ୍ରମୁଖ ଉପସ୍ଥିତ ଥିଲେ ତଥା ଷ୍ଟାଡିୟମ୍‌ର ସମସ୍ତ ସିକ୍ୟୁରିଟି କର୍ମଚାରୀ ଉପସ୍ଥିତ ଥିଲେ। ସଭା ପରିଚାଳନା କରିଥିଲେ ହିମାଂଶୁ ଶେଖର ବରାଡ ସଭାପତି ବ୍ୟାଡମିଣ୍ଟନ ଏସୋସିଏସନ, ଜୁନାଗଡ଼ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ସତୀଶ ପ୍ରଧାନ। ଖେଳାଳିମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବ୍ୟାଡମିଣ୍ଟନ, ଦୌଡି ଦିଆ, କୁଇଜ, ୪୦୦ ମିଟର ରନ୍, ପୁସ୍ ଅପ୍, ସ୍ଲୋ ସାଇକେଲ ରେସ୍ ଇତ୍ୟାଦି ପ୍ରତିଯୋଗୀତା କରାଯାଇଥିଲା।

## ପଞ୍ଜୀକରଣ ମାଧ୍ୟମରେ କପା ବିକିବେ ଚାଷୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି କିମ୍ବା ଧାନ କ୍ରୟ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଠାରେ ପଞ୍ଜୀକରଣ କରୁଥିବାବେଳେ କପାଚାଷୀ କିନ୍ତୁ କପାମଣ୍ଡିରେ ବିକ୍ରି କରିବା ପାଇଁ କୌଣସି ପଞ୍ଜୀକରଣ କରୁନଥିଲେ। ସେମାନେ ସିଧାସଳଖ କପା ଉତ୍ପାଦନକରି ମଣ୍ଡିକୁ ଯାଇ ବିକ୍ରି କରୁଥିଲେ। ଏଥର କିନ୍ତୁ ଭାରତୀୟ କପାସ ନିଗମ ଲିମିଟେଡ୍ କପାଚାଷୀଙ୍କ ପାଇଁ ନୂଆ ନିୟମ ଆଣିଛି। କପାମଣ୍ଡିରେ ବିକ୍ରି କରିବାକୁ ହେଲେ ଚାଷୀଙ୍କୁ ଆଗୁଆ ପଞ୍ଜୀକରଣ କରିବାକୁ ପଡ଼ିବ। ଆସନ୍ତା ସେପ୍ଟେମ୍ବର ୧ରୁ କପାଚାଷୀମାନେ ମୋବାଇଲ ଆପ୍ 'କପାସ କିଷାନ' ଜରିଆରେ କପା ବିକ୍ରିକରିବା ପାଇଁ ପଞ୍ଜୀକରଣ କରିପାରିବେ। ଏହି ପଞ୍ଜୀକରଣ ସେପ୍ଟେମ୍ବର ୩୦ ଯାଏ ଚାଲିବ ବୋଲି ଆରଏମ୍‌ସିକୁ ଆସିଥିବା ଏକ ଚିଠିରୁ ଜଣାପଡ଼ିଛି। କପା ଉତ୍ପାଦନରେ ପ୍ରଥମ ସ୍ଥାନରେ କଳାହାଣ୍ଡିର ନାମ ରହିଛି। ଜିଲ୍ଲାରେ ଉତ୍ପାଦିତ ହେଉଥିବା କପା ଏସିଆରେ ଉତ୍କୃଷ୍ଟ ମାନର ରହିଛି। ବାର୍ଷିକ ପ୍ରାୟ ୫ଶହ କୋଟିରୁ ଅଧିକ ମୂଲ୍ୟର କପା ଉତ୍ପାଦନ ହେଉଥିବାବେଳେ ଭିତ୍ତିଭୂମି ଅଭାବ ଯୋଗୁ ଆନୁସଙ୍ଗିକ ଶିଳ୍ପ ନାହିଁ। ଏହାକୁ ନେଇ କପାଚାଷୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। କୃଷି ବିଭାଗର ତଥ୍ୟ ଅନୁଯାୟୀ, ଗତବର୍ଷ ୭୧ ହଜାର ୭୦୦ ହେକ୍ଟର ଜମିରେ କପା ଚାଷ ହୋଇଥିବାବେଳେ ସେଥିରୁ ୧ ଲକ୍ଷ ୫୦ ହଜାର ୪୨୬ ମେଟ୍ରିକ ଟନ୍ କପା ଉତ୍ପାଦନ ହୋଇଥିଲା। ଚଳିତବର୍ଷ ଜିଲାରେ ୭୨ ହଜାର ୧୦ ହେକ୍ଟର ଜମିରେ କପାଚାଷ ହୋଇଛି। ସେହିପରି ଜିଲାରେ କପା ବିକ୍ରିକରିବା ପାଇଁ ଆରଏମ୍‌ସି ପକ୍ଷରୁ ୪ଟି ମଣ୍ଡି ରହିଛି। ସେଗୁଡିକ ହେଲା ଭବାନୀପାଟଣା ଆର୍‌ଏମ୍‌ସି ଅଧୀନରେ ଥିବା କର୍ଲାପଡ଼ା ଓ ଟୁଟିଙ୍ଗ, ଜୁନାଗଡ଼ ଆର୍‌ଏମ୍‌ସି ଅଧୀନରେ ଥିବା ଗୋଲାମୁଣ୍ଡା ବ୍ଲକ୍‌ର ଉଛଲା ଓ କେସିଙ୍ଗା ଆର୍‌ଏମ୍‌ସି ଅଧୀନରେ ଥିବା ଉତ୍କେଲା। ସରକାରୀ ମୂଲ୍ୟ ଅନୁଯାୟୀ କପାର ଏମ୍‌ଏସ୍‌ପି ୭୧୨୧ ରହିଥିବାବେଳେ ଖୋଲା ବଜାରରେ ଏହାର ମୂଲ୍ୟ ଅଧିକ ଦେଇ ଚାଷୀଙ୍କ ଠାରୁ ବେପାରୀ କପା କିଣିନେଇଥାନ୍ତି। କଳାହାଣ୍ଡି ଜିଲାରୁ ଉତ୍ପାଦିତ କପା ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଆଦି ରାଜ୍ୟର ବିଭିନ୍ନ କମ୍ପାନୀ ଓ ଦଲାଲମାନେ କ୍ରୟକରି ଦେଶବିଦେଶକୁ ପଠାଇ ମୁନାଫା କମାଉଛନ୍ତି। ଜିଲାରେ ସ୍ପିନିଂ ମିଲ୍ କିମ୍ବା ବୟନ ଶିଳ୍ପର ଭିତ୍ତିଭୂମି ନ ଥିବା ଯୋଗୁ କଞ୍ଚାମାଲ ଥାଇ ମଧ୍ୟ କଳାହାଣ୍ଡି ଜିଲା ପଛରେ ରହିଛି। ଜିଲାର କେସିଙ୍ଗାଠାରେ ସରକାରଙ୍କ ଦ୍ୱାରା ନିର୍ମିତ କୋଣାର୍କ ସ୍ପିନିଂ ମିଲ୍ ଦେଖି ଜିଲାର ଚାଷୀ କପାଚାଷ ଆରମ୍ଭ କରିଥିଲେ। ସମୟକ୍ରମେ ଜିଲାର କପାଚାଷ ରାଜ୍ୟରେ ୧ ନମ୍ବର ହୋଇଥିଲା। ହେଲେ କୋଣାର୍କ ସ୍ପିନିଂ ମିଲ୍ ବନ୍ଦ ହୋଇଗଲା। ଓଡ଼ିଶାର କେବଳ କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ଏକମାତ୍ର ଗବେଷଣା କେନ୍ଦ୍ର ଅଲ ଇଣ୍ଡିଆ କଟନ ରିସର୍ଚ୍ଚ ପ୍ରୋଗ୍ରାମ ରହିଛି। ଓଡ଼ିଶାରେ ରାଶି ୫୬୯, ତୁଳସୀ ତାକତ, କନକ, ବନ୍ଦୀ ଓ ରାଜା ପ୍ରଜାତିର ବିଟି କଟନ ବିହନ ଚାଷ ହେଉଛି। ରାଜ୍ୟ ସରକାର ବିଟି କଟନକୁ ସ୍ୱୀକୃତି ଦେଇ ନ ଥିବାବେଳେ ଚାଷୀମାନେ କିନ୍ତୁ ଏଥିପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି। କଳାହାଣ୍ଡିର ଚାଷୀ ବିଟି କଟନ ଚାଷକରି ଓଡ଼ିଶା ଜାତୀୟ କପା ଉତ୍ପାଦନ ହାର ସହ ସମାନ ଥିବା ବେଳେ ଏଠାରେ ସମଗ୍ର ଏସିଆର ଉତ୍କୃଷ୍ଟ ମାନର କପା ଉତ୍ପାଦନ କରିଥାନ୍ତି। ଧାନର ବିକଳ୍ପ ଭାବରେ ଚାଷ କରୁଥିବା ଚାଷୀମାନେ କପା ଅମଳ ପରେ ଅଧିକ ଲାଭ ପାଇବେ ବୋଲି ଆଶା ବାନ୍ଧିଥାନ୍ତି। କିନ୍ତୁ ଜିଲାରେ ସରକାରଙ୍କ ଜିନିଂ ଓ ସ୍ପିନିଂ ମିଲ୍ ନ ଥିବା ଯୋଗୁ ବାହାର ଦଲାଲ ରାଜ୍ୟ ବାହାରକୁ ନେଉଛନ୍ତି। କେସିଙ୍ଗାଠାରେ ଥିବା କୋଣାର୍କ ସ୍ପିନିଂ ମିଲ୍ ପୁନଶ୍ଚ କାର୍ଯ୍ୟକାରୀ ହେଲେ ଚାଷୀଙ୍କ ପାଇଁ ସୁଯୋଗ ସୃଷ୍ଟିହେବ ଏଥିରେ ସନ୍ଦେହ ନାହିଁ।

## ନର୍ଲାରେ ନୂଆଁଖାଇ ଭେଟଘାଟ




ନର୍ଲା, (ଭାସ୍କର ନ୍ୟୁଜ୍): ବିଘ୍ନରାଜ୍ ଗଣେଶଙ୍କ ପୂଜା ଓ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ଗାଁ ଠୁ ସହର ଚଳ ଚଞ୍ଚଳ ଥିବା ବେଳେ ରାଜ୍ୟ ସରକାର ମଧ୍ୟ ନୂଆଁଖାଇ ପାଇଁ ଦୁଇ ଦିନର ଛୁଟି ଘୋଷଣା କରିସାରିଛନ୍ତି। ସେଥିପାଇଁ ପଶ୍ଚିମ ଓଡ଼ିଶାବାସୀ ଅନ୍ୟ ବର୍ଷ ଅପେକ୍ଷା ଅଧିକ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ନର୍ଲା ସହରବାସୀ ଲଗ୍ନ ଅନୁସାରେ ନବାନ୍ନ ଭକ୍ଷଣ କରି ଜୁହାର ଭେଟ ମାଧ୍ୟମରେ ନିଜ ଭାବର ଆଦାନ ପ୍ରଦାନ୍ ଦୃଶ୍ୟ ଦେଖିବାକୁ ମିଳିଥିଲା। ପରେ ସନ୍ଧ୍ୟା ୪ ଟା ସମୟରେ ନର୍ଲା ପାଇକ୍ ପଡ଼ାରେ ଏକ ନୂଆଖାଇଁ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନର୍ଲା ଅଞ୍ଚଳର ଲୋକ ପ୍ରିୟ କବି ତଥା ସମାଜସେବୀ ଅରୁଣ ପ୍ରଧାନୀ ଓ ତାଙ୍କ ଝିଅ ଝରଣା ପ୍ରଧାନୀଙ୍କ ପ୍ରଚେଷ୍ଟାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନର୍ଲା ଅଞ୍ଚଳର ଅନେକ୍ ବୁଦ୍ଧିଜୀବୀ, ରାଜନେତା, ସମାଜସେବୀ, ସାମ୍ବାଦିକମାନେ ଯୋଗ ଦେଇ ଥିଲେ। ଠାକୁରଙ୍କ ପାଖରେ ଦୀପ ପ୍ରଜ୍ଜ୍ୱଳନ ସହ ଝରଣାଙ୍କ ସୁମଧୁର କଣ୍ଠରେ ମାଁଙ୍କ ଭଜନରୁ କାର୍ଯ୍ୟକ୍ରମଟି ଆରମ୍ଭ ହୋଇ ଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜିତ ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହିତ ସମ୍ମାନିତ କରାଯାଇଥିଲା। ଏଠାରେ ସାମ୍ବାଦିକ ସାମ୍ବାଦିକ ଲିଙ୍ଗରାଜ ମିଶ୍ର, ଜଗତରାମ୍ ସାହୁ, ସନ୍ତୋଷ କୁମାର ପାତ୍ର ଓ ନୀଳକଣ୍ଠ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ନର୍ଲାର ଶତାଧିକ ଲୋକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ୍ କରିଥିଲେ।

### ମୌଳିକ ସବୁିଧାରୁ ବଞ୍ଚିତ ରଇନଗୁଡା ଗ୍ରାମବାସୀ


## କାଦୁଅ ରାସ୍ତାରେ ସ୍କୁଲ ଯାଉଛନ୍ତି ଛାତ୍ରଛାତ୍ରୀ

ଧର୍ମଗଡ, (ଭାସ୍କର ନ୍ୟୁଜ୍): ସ୍ୱାଧୀନତାକୁ ୭୯ବର୍ଷ ହୋଇଥିଲେ ବି ସ୍ୱାଦ ଚାଖିନି ଏହି ଗାଁ। ସେହି ୭୯ବର୍ଷ ତଳକୁ ଖସିଆସିଛି ଏହି ଗ୍ରାମବାସୀ। ଏବେ ବି ସାଧାରଣ ମୌଳିକ ସୁବିଧାରୁ ବଞ୍ଚି ରହିଛନ୍ତି। ବଦଳିପାରୁନି ଭାଗ୍ୟ ହେଲେ ବଦଳି ଚାଲିଛି ସରକାର। ଏବେ ବି ଗାଁ କୁ ଯିବାକୁ ନାହିଁ ଖଣ୍ଡେ ପକ୍କା ରାସ୍ତା। ଆଣ୍ଠୁଏ କାଦୁଅ ପାଣିରେ ଗାଁ ଲୋକେ ଯାତାୟାତ କରୁଥିବା ଅଭିଯୋଗ ହୋଉଛି। ଏପରିକି ତ୍ରେତୟା ଯୁଗର ବାନର ସେନା ସାଜି ଛାତ୍ରଛାତ୍ରୀ ଓ ଅଙ୍ଗନବାଡ଼ି କେନ୍ଦ୍ର କୋମଳ ଶିଶୁ କାଦୁଅରାସ୍ତା ପାର ହେଉଥିବା ନଜରକୁ ଆସୁଛି। ଆଣ୍ଠୁଏ ପାଣି ପାର ହେବାକୁ ପଥର ପକେଇ ରାସ୍ତା ପାର ହୋଉଥିବା ଦୃଶ୍ୟ ଏବେ ଦେଖିବାକୁ ମିଳିଛି। ଘଟଣାଟି ଧର୍ମଗଡ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡା ଗ୍ରାମର ହୋଇଥିବା ଜଣାପଡ଼ିଛି। ଅନେକ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଆସୁଛନ୍ତି ଏହି ଗାଁ। ଗାଁ ମୁଣ୍ଡ ଆଉ ଶେଷ ଯାଏ କଞ୍ଚା ରାସ୍ତା ଇତି ପୂର୍ବରୁ ରହି ଆସୁଛି। ବର୍ଷା ଋତୁରେ ଆଣ୍ଠୁଏ ପାଣି ସାଙ୍ଗକୁ କାଦୁଅ ପଚ ପଚ ରାସ୍ତାରେ ଯାତାୟାତ କରନ୍ତି ଗ୍ରାମବାସୀ। ଅନେକ ଦୁର୍ଘଟଣା ବି ଘଟି ସାରିଛି। ଗାଁ ବାହାରେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର। କୋମଳ ଶିଶୁ ସମେତ ଗର୍ଭବତୀ, ପ୍ରସୂତି ସଭେ ଏଭଳି ରାସ୍ତା ଦେଇ ଅଙ୍ଗନବାଡି କେନ୍ଦ୍ରକୁ ଯାଇଥାନ୍ତି। ଏପରିକି ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯିବା ଆସିବା କରୁଥିବା ବେଳେ ଅନେକ ଅସୁବିଧାର ସମ୍ମୁଖୀନ ହୋଉଥିବା ନଜର ରହିଛି।ଗାଁ କୁ ଖଣ୍ଡେ ପକ୍କା ରାସ୍ତା ପାଇଁ ନେତା ମନ୍ତ୍ରୀ ଠାରୁ ଆରମ୍ଭ କରି ଗୋଷ୍ଠି ଉନ୍ନୟନ ଅଧିକାରୀ ଉପଜିଲ୍ଲାପାଳଙ୍କୁ ଜଣାଇ ଥିଲେ ହିଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ନେଇ ଉତ୍ତେଜନା ପ୍ରକାଶ ପାଇଛି। ସାଧାରଣ ଭାବେ ଆଦିବାସୀ ସମ୍ପ୍ରଦାୟ ଲୋକ ଗାଁରେ ବସବାସ କରୁଛନ୍ତି। ଗାଁରେ ପ୍ରାଥମିକ ବିଦ୍ୟାଳୟ ସାଙ୍ଗକୁ ମାଧ୍ୟମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ରହିଛି। ଜୟନ୍ତପୁର -ବେହେରା ମୁଖ୍ୟ ରାସ୍ତା ରୁ ପୂର୍ବ ରେ ରହିଛି କେବଳ ୧କିମି ଦୂର।ମୁଖ୍ୟ ରାସ୍ତା ଠାରୁ ଗାଁ ଯାଏ କେବଳ କାଦୁଅ ଓ ଆଣ୍ଠୁଏ ପାଣି। ନା ପଞ୍ଚାୟତ ଦେଖୁଛୁ ନା ବ୍ଲକ ପ୍ରଶାସନ ର ନଜର ପଡୁଛି। ଇତି ପୂର୍ବରୁ ରାସ୍ତାଟି ପଞ୍ଚାୟତ ଅଧୀନରେ ଥିବା ବେଳେ ତାହା ବ୍ଲକ ଅଧୀନରେ ଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଦୁହିଁଙ୍କ କାଦୁଅ ଫିଙ୍ଗା ନୀତିରେ ବଳି ପଡୁଛନ୍ତି ଗ୍ରାମବାସୀ। ତୁରନ୍ତ ପ୍ରଶାସନ ରାସ୍ତା ପ୍ରତି ଦୃଷ୍ଟି ଦେଇ ଯୁଦ୍ଧ କାଳୀନ ଭିତ୍ତି ରେ ମରାମତି କରିବାକୁ ଗ୍ରାମବାସୀଙ୍କ ଦାବି ହେଉଛି।



## ରାଶିଫଳ

**ରବିବାର, ୩୧ ଅଗଷ୍ଟ ୨୦୨୫**



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୈଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।




**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।




**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ।




**କର୍କଟ:** ଆଜି ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ। ଆପଣଙ୍କର କାମ ଆଗକୁ ବଢିବ।




**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। କିଛି କାମକୁ ନେଇ ଟେନସନ ହେବ। ଛାତ୍ରମାନେ ସଫଳତା ପାଇବେ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୌଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନୋନିବେଶ କରିବେ ନାହିଁ। ଅଳସୁଆ ପଣ ଦେଖାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ। ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ। ଶରୀର ସୁସ୍ଥ ରହିବ।ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନ ଦେବେ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯